ଧରିତ୍ରୀ
DHARITRI

ଶୁକ୍ରବାର, ଜୁନ୍ ୧୨/୨୦୨୦ (୨୧ ପୃଷ୍ଠା) Friday, June 12/2020

୪୬ଶ ଭାଗ ୧୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ପୁଣିଥରେ ସହଯୋଗର ହାତ ବଢ଼ାଇଲେ କ୍ୟାଟ୍ରିନା

ପ୍ରବାସୀ ଶ୍ରମିକମାନେ ରୋଜଗାର ହରାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କ ଲାଗି ପୁଣି ଥରେ ସହଯୋଗର ହାତ ବଢାଇଛନ୍ତି ବଲିଉଡ୍ ନାୟିକା କ୍ୟାଟ୍ରିନା କୈଫ୍।

୧୦ ୧୧

ନୂଆ ଶିକ୍ଷାନୀତିରେ କ୍ରୀଡ଼ା ସ୍ଥାନ ପାଇବ

ନୂଆ ଶିକ୍ଷାନୀତିରେ କ୍ରୀଡ଼ା ଏକ ପାଠ୍ୟକ୍ରମ ଭାବେ ସ୍ଥାନ ପାଇବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି।

ତିନି ଅଧ୍ୟାଦେଶ, ଫଳ ଶୂନ

ମୋଦି ସରକାରଙ୍କ ୩ ତରବରିଆ ଅଧ୍ୟାଦେଶ କୃଷିକୁ ସହାୟକ ହୋଇପାରେ, ଚାଷୀଙ୍କୁ ନୁହେଁ। କୃଷି ମାର୍କେଟିଂ ଆଇନଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏର କରୋନା ଭାଇରସ୍ କିମ୍ବା ଲକ୍‌ଡାଉନ୍ ସହ କିଛି ସମ୍ପର୍କ ନାହିଁ। କିନ୍ତୁ ମୋଦି ସରକାର ସେଗୁଡ଼ିକୁ ଏଭଳି ସମୟରେ ଆଣିଛନ୍ତି, ଯେତେବେଳେ କି ପାର୍ଲାମେଣ୍ଟ ବନ୍ଦ ଅଛି।

କେନ୍ଦ୍ରର ପଦକ୍ଷେପ କୃଷିକୁ ସହାୟକ ହୋଇପାରେ, ଚାଷୀଙ୍କୁ ନୁହେଁ

ନୂଆଦିଲ୍ଲୀ,୧୧।୬

ଭାରତ କୃଷକ ସମାଜ ଅଧ୍ୟକ୍ଷ ତଥା ପଞ୍ଜାବ ଫାର୍ମର୍ସ କମିଶନ ଚେୟାରମ୍ୟାନ୍ ଅଜୟ ବୀର ଜାଖଡ଼ ଏକ ଚାଲାକି ଟୁଇଟ୍ କରିଛନ୍ତି। ଏଥିରେ ସେ କୃଷି କ୍ଷେତ୍ର ପାଇଁ ସଦ୍ୟ ମଞ୍ଜୁର ୩ 'ଐତିହାସିକ' ଅଧ୍ୟାଦେଶକୁ ସମର୍ଥନ କରୁଥିବା କୃଷକ ସଙ୍ଗଠନଗୁଡ଼ିକର ନାମ ଓ ଯୋଗାଯୋଗ ବିବରଣୀ ମାଗିଛନ୍ତି। ଏହାକୁ କେହି ସମର୍ଥନ କରୁନାହାନ୍ତି ବୋଲି ଜାଣି ସୁଦ୍ଧା ସେ ଏପରି ପ୍ରଶ୍ନ କରିଛନ୍ତି। ଜନାଧାର ଥିବା ଅସଂଖ୍ୟ କୃଷକ ସଙ୍ଗଠନ, ୟୁନିୟନ, ମେଣ୍ଟ ମଧ୍ୟରୁ କୌଣସି ସଙ୍ଗଠନ ଏହାକୁ ସ୍ୱାଗତ କରିନାହାନ୍ତି। ଏପରି କି ଭାରତୀୟ ଜନତା ପାର୍ଟି (ଭାଜପା)ର ନିଜ କିଷାନ ସଂଘ ମଧ୍ୟ କୃଷି ମାର୍କେଟିଂ ଉପରେ ମୋଦି ସରକାରଙ୍କ ୩ ଆଇନକୁ ସମର୍ଥନ କରିନାହିଁ। ସମସ୍ତ ସଙ୍ଗଠନ ଏହାକୁ ଦୃଢ଼ ବିରୋଧ କରିଛନ୍ତି, ଯାହାକୁ ନେଇ ସମସ୍ତେ ଚିନ୍ତାରେ ପଡ଼ିବା ସ୍ୱାଭାବିକ। ଏଠାରେ ପ୍ରଶ୍ନ ଉଠେ ଏହି 'ଐତିହାସିକ' ପଦକ୍ଷେପଗୁଡ଼ିକ ଯୋଗୁ ପ୍ରକୃତରେ କୃଷକଙ୍କ ହିତ ସାଧନ ହେବ କି?

ଏହି ସଂସ୍କାରମୂଳକ ପ୍ୟାକେଜରେ ୩ଟି ଆଇନ ରହିଛି, ଯାହାକୁ ଅଧ୍ୟାଦେଶ ବାଟ ଦେଇ ଅଣାଯାଇଛି। ପ୍ରଥମରେ ମୋଦି ସରକାର ଖାଦ୍ୟଶସ୍ୟ ମହଜୁଦ ରଖିବା ଉପରେ ଥିବା କଟକଣାକୁ ହଟାଇବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ଆଣିଲେ। ଦ୍ୱିତୀୟରେ ଏକ ନୂଆ ଆଇନ ଆଣିଲେ, ଯାହାକୁ ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ) ଅର୍ଡିନାନ୍ସ, ୨୦୨୦ ବା ଏଫ୍‌ପିଟିସି ଅଧ୍ୟାଦେଶ କୁହାଯାଉଛି। କୃଷି ଉତ୍ପାଦ ବଜାର କମିଟି (ଏପିଏମ୍‌ସି)ଗୁଡ଼ିକର ଏକଚାଟିଆ କାରବାରକୁ ଶେଷ କରିବା ଏବଂ ଖାଦ୍ୟଶସ୍ୟ କିଣାବିକା ପାଇଁ ସମସ୍ତଙ୍କୁ ସୁଯୋଗ ଦେବା ହେଉଛି ଏହି ଅଧ୍ୟାଦେଶର ଲକ୍ଷ୍ୟ। ତୃତୀୟରେ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ଆଶ୍ୱାସନା ଓ କ୍ଷେତ୍ର ସେବା ଉପରେ ଚୁକ୍ତିନାମା ଅଧ୍ୟାଦେଶ, ୨୦୨୦ ବା ଏଫ୍‌ଏପିଏଏଫ୍‌ଏସ୍ ନାମରେ ଆଉ ଏକ ଆଇନ ଅଣାଯାଇଛି। କଣ୍ଟ୍ରାକ୍ଟ ଫାର୍ମିଂକୁ ବୈଧ କରିବା ପାଇଁ ଏହି ଆଇନ ହୋଇଛି, ଯଦ୍ୱାରା ବଡ଼ ବଡ଼ ବ୍ୟବସାୟ ସଂସ୍ଥା ଓ କମ୍ପାନୀଗୁଡ଼ିକ ଠିକାରେ ବିସ୍ତୃତ ଜମିରେ ଚାଷ କରିପାରିବେ। କୃଷକ ସଙ୍ଗଠନଗୁଡ଼ିକ ଏହି ପ୍ରସଙ୍ଗରେ କିଛି ନିଷ୍ପତ୍ତି ନେଇସାରିଛନ୍ତି ବୋଲି ଏଠାରେ କୁହାଯାଉନାହିଁ। ଏସବୁ ଉପରେ କୃଷକ ସଙ୍ଗଠନଗୁଡ଼ିକର ବିରୋଧ ☞ ପୃଷ୍ଠା–୪

ନିୟମ ଅନୁଯାୟୀ ମାସ୍କ କିଣା: ସସ୍ମିତ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ସସ୍ମିତ୍ ପାତ୍ର

କରୋନା(କୋଭିଡ୍-୧୯) ମହାମାରୀ ସମଗ୍ର ବିଶ୍ୱ ପାଇଁ ବିପର୍ଯ୍ୟୟ ସୃଷ୍ଟିକରିଛି। ଲକ୍‌ଡାଉନ ଯୋଗୁ ମାସ୍କ ଦର ବଢିଥିଲା। ଉତ୍ପାଦନ ଦାମ୍ ବଢିବାରୁ ୧୦ ଟଙ୍କାର ମାସ୍କ ୧୬ ଟଙ୍କାରେ କିଣିବାକୁ ପଡ଼ିଲା। କେବଳ ଓଡ଼ିଶା ନୁହେଁ ଲୋକଙ୍କ ଜୀବନ ରକ୍ଷା ଲାଗି ମହାରାଷ୍ଟ୍ର ୧୬ ଟଙ୍କାରେ ମାସ୍କ କିଣିଥିବା ବେଳେ କେରଳ ୧୬, ଗୁଜରାଟ ୨୦, କର୍ନାଟକ ୧୮ ଟଙ୍କା ୭୪ ପଇସା, ପଶ୍ଚିମବଙ୍ଗ ୧୮ ଟଙ୍କା ୭୪ ପଇସା ଏବଂ ତାମିଲନାଡୁ ୧୫ ଟଙ୍କା ୯୬ ପଇସାରେ ମାସ୍କ ଖରିଦ କରିଛନ୍ତି। ମାସ୍କ କିଣାରେ କୌଣସି ଦୁର୍ନୀତି ହୋଇନାହିଁ । ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ କ୍ରୟ କରାଯାଇଛି ବୋଲି ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି।

ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାତ୍ର କହିଛନ୍ତି ଯେ, ଫେବୃୟାରୀରେ ଗୋଟିଏ ମାସ୍କର ଦର ୧ ଟଙ୍କା ଥିଲା। କିନ୍ତୁ କରୋନାଜନିତ ଲକ୍‌ଡାଉନ ଯୋଗୁ ଯୋଗାଣରେ ଗୁରୁତର ସମସ୍ୟା ଦେଖା ଦେଇଥିଲା। ମାସ୍କ ଉତ୍ପାଦନ କରୁଥିବା କମ୍ପାନୀଗୁଡିକ କଞ୍ଚାମାଲ ଯୋଗାଇ ପାରି ନ ଥିଲେ। କର୍ମଚାରୀ ସଙ୍କଟର ସମ୍ମୁଖୀନ ହୋଇଥିଲେ। ସେହି ସମୟରେ ଦେଶର ସମସ୍ତ ରାଜ୍ୟ ଅଧିକରୁ ଅଧିକ ସଂଖ୍ୟାରେ ମାସ୍କ ଖରିଦ କରି ମହଜୁଦ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ହଠାତ୍ ବଜାରରେ ୩-ପ୍ଲାଇ ମାସ୍କ ସହତ ପିପିଇ ଓ ଭେଣ୍ଟିଲେଟର ଆଦିର ଘୋର ଅଭାବ ପରିଲକ୍ଷିତ ହେଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବାଧ୍ୟ ହୋଇ ୩- ପ୍ଲାଇ ମାସ୍କ ଦର ୧୦ ଟଙ୍କା ସ୍ଥିର କରି ବିଜ୍ଞପ୍ତି ଜାରି କଲେ। ଦର ବଢିଥିଲେ ମଧ୍ୟ ଆବଶ୍ୟକତା ଅନୁଯାୟୀ ମାସ୍କ ଯୋଗା ଯାଇ ପାରି ନ ଥିଲା। ଉକ୍ତ ବିଜ୍ଞପ୍ତିର ତିନିଦିନ ମଧ୍ୟରେ ଅର୍ଥାତ୍ ମାର୍ଚ୍ଚ ୨୪ ତାରିଖରେ କେନ୍ଦ୍ର ସରକାର ମାସ୍କ ଦର ୧୬ ଟଙ୍କାକୁ ବଢ଼ାଇବା ସହିତ ପୁଣି ଏକ ବିଜ୍ଞପ୍ତି ଜାରି କରିଥିଲେ। ମାର୍ଚ୍ଚ ଓ ଏପ୍ରିଲରେ ଦେଶର ଅଧିକାଂଶ ରାଜ୍ୟ ମାସ୍କ କିଣିବାକୁ ବାଧ୍ୟ ହୋଇଥିଲେ ବୋଲି ପାତ୍ର କହିଛନ୍ତି। ଏଥିରୁ ଏହା ସ୍ପଷ୍ଟ ଯେ କରୋନା ମହାମାରୀ ସମୟରେ ଆବଶ୍ୟକ ମେଡିକାଲ ଉପକରଣ ଅଭାବ ପରିଲକ୍ଷିତ ହୋଇଥିଲା। କରୋନା ମୁକାବିଲା ପାଇଁ ସମ୍ମୁଖ ଭାଗରେ ରହି ଲଢୁଥିବା କରୋନା ଯୋଦ୍ଧା ବିଶେଷ କରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପୋଲିସ ଆଦିଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ରାଜ୍ୟ ଚଢା ଦରରେ ଡାକ୍ତରୀ ଉପକରଣ ଖରିଦ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଦର ଅନୁଯାୟୀ ସାମଗ୍ରୀ କିଣିଛନ୍ତି। ମହାମାରୀ ସମୟରେ ଅର୍ଥ ସଞ୍ଚୟ ଅପେକ୍ଷା ଲୋକଙ୍କ ଜୀବନ ରକ୍ଷାକୁ ଓଡ଼ିଶା ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହା ସତ୍ତ୍ୱେ ବି କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ୧୬ ଟଙ୍କା ଦରକୁ ରାଜ୍ୟ ସରକାର କେଉଁ ପରିସ୍ଥିତିରେ ବି ଅତିକ୍ରମ କରିନାହାନ୍ତି କିମ୍ବା ଅଧିକ ଦରରେ ମାସ୍କ କିଣି ନାହାନ୍ତି ବୋଲି ସସ୍ମିତ କହିଛନ୍ତି।

ପ୍ରତ୍ୟେକ ରାଜ୍ୟ ଲୋକଙ୍କ ଜୀବନ ରକ୍ଷା ପାଇଁ ଆବଶ୍ୟକ ସାମଗ୍ରୀ କିଣିବାକୁ ପରସ୍ପର ମଧ୍ୟରେ ପ୍ରତିଯୋଗିତା ଚଳାଇଥିଲେ। ଲୋକଙ୍କ ଜୀବନ ରକ୍ଷା ରାଜ୍ୟ ସରକାରଙ୍କର ଏକମାତ୍ର ଲକ୍ଷ୍ୟ ଥିବାରୁ ପର୍ଯ୍ୟାପ୍ତ ପରିମାଣରେ ଏହା ଖରିଦ କରାଯାଇଥିଲା। ଲୋକଙ୍କ ଜୀବନ ପାଇଁ ଦର ହ୍ରାସକୁ ଅପେକ୍ଷା କରାଯାଇ ନ ଥିଲା। ☞ ପୃଷ୍ଠା–୪

ଆଜ ରାତ୍ରିକାଳୀନ କର୍ଫ୍ୟୁ କୋହଳ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ରଜପର୍ବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦିନକ ପାଇଁ ରାତ୍ରିକାଳୀନ କର୍ଫ୍ୟୁକୁ କୋହଳ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ୭ଟା ପରିବର୍ତ୍ତେ ରାତି ୧୦ଟାରୁ ସକାଳ ୫ଟା ଯାଏ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ। ଲୋକମାନେ ରଜପର୍ବ ପାଇଁ ଜିନିଷପତ୍ର କିଣାକିଣି କରିବାକୁ ଥିବାରୁ ଏହି କର୍ଫ୍ୟୁ କୋହଳ କରାଯାଇଥିବା କୁହାଯାଇଛି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଏକ ସଂଶୋଧିତ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ☞ ପୃଷ୍ଠା–୪

ରଜ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା

ସମସ୍ତ ୟୁଜି, ପିଜି ପରୀକ୍ଷା ବାତିଲ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

- ମୂଲ୍ୟାୟନର ବିକଳ୍ପ ବ୍ୟବସ୍ଥା ଅନୁସରଣ ଜରୁରୀ
- ୨ଟି ଫର୍ମୁଲାରେ ଫାଇନାଲ ସେମିଷ୍ଟର ମୂଲ୍ୟାୟନ ହେବ

ରାଜ୍ୟରେ କରୋନା ସ୍ଥିତିକୁ ଲକ୍ଷ୍ୟ କରି ଉଚ୍ଚଶିକ୍ଷା ବିଭାଗ ଗୁରୁବାର ସମସ୍ତ ସ୍ନାତକ(ୟୁଜି) ଓ ସ୍ନାତକୋତ୍ତର(ପିଜି) ପରୀକ୍ଷା ବାତିଲ କରିଛନ୍ତି। ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ। କରୋନା ସ୍ଥିତିକୁ ଦେଖି ୟୁଜି ଓ ☞ ପୃଷ୍ଠା–୪

ଆଜିର ସମ୍ପାଦକୀୟ

ସହରୀ ଗରିବଙ୍କ ଉପରେ ମାଡ଼

ଓଡ଼ିଶା ଛୁଇଁଲା ମୌସୁମୀ

- କୋରାପୁଟ, ମାଲକାନଗିରିରେ ଅତି ପ୍ରବଳ ବର୍ଷା ସମ୍ଭାବନା
- ୧୦ ଜିଲାରେ ପ୍ରବଳ ବର୍ଷା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟରେ ଓଡ଼ିଶାକୁ ପ୍ରବେଶ କରିଛି। ପୂର୍ବ ଆକଳନ ଅନୁଯାୟୀ ଗୁରୁବାର ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ ଜିଲାକୁ ସମ୍ପୂର୍ଣ୍ଣ ପ୍ରବେଶ କରିଥିବା ବେଳେ ନବରଙ୍ଗପୁର, ରାୟଗଡ଼ା, ଗଜପତି ଏବଂ ଗଞ୍ଜାମ ଜିଲାର କେତେକ ଅଂଶକୁ ମୌସୁମୀ ପ୍ରବେଶ କରିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ☞ ପୃଷ୍ଠା–୪



୨୦ ହଜାର ପଞ୍ଜାବୀ ଶ୍ରମିକ ୟୁଏଇରେ ଅଟକି ରହିଥିବା ବେଳେ ସେମାନଙ୍କୁ ଆଣିବା ଲାଗି ସରକାର ପଦକ୍ଷେପ ନିଅନ୍ତୁ।
-ସୁଖବୀର ସିଂ ବାଦଲ, ଶିରୋମଣି ଅକାଳୀ ଦଳ ମୁଖ୍ୟ

ଥମୁନି ସୀମା ବିବାଦ

ନୂଆଦିଲ୍ଲୀ, ୧୧।୬

ପୂର୍ବ ଲଦାଖ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ଲାଗି ଭାରତ ଓ ଚାଇନା ଆଲୋଚନା ଟେବୁଲକୁ ଯାଇ ସୈନ୍ୟ ପ୍ରତ୍ୟାହାର କରିଥିଲେ। ସେନା ଅଧିକାରୀସ୍ତରୀୟ ଆଲୋଚନା ମଧ୍ୟ କରାଯାଇ ସୀମାରେ ଶାନ୍ତିରକ୍ଷା ଲାଗି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଉଭୟେ ଚାଇନା ଓ ଭାରତୀୟ ସେନା ପଛକୁ ଫେରିଥିଲେ ଓ ଆପୋସ ସମାଧାନ ଲାଗି ଏକପ୍ରକାର ବାଟ ଫିଟିଥିଲା। ହେଲେ ଚାଇନା ପକ୍ଷରୁ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ନିଜର ସୈନ୍ୟ ଠୁଳକରିବାରେ ଲାଗିଛି। ସମସ୍ତ ୪ ହଜାର କି.ମି. ଏଲ୍‌ଏସି ଅଞ୍ଚଳରେ ଚାଇନା ସୈନ୍ୟ ମୁତୟନ କରିଥିବା ବେଳେ ଭାରତ ପକ୍ଷରୁ ଅନୁରୂପ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତ ମଧ୍ୟ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ, ଅରୁଣାଚଳ ପ୍ରଦେଶ ସୀମାରେ ରଣକୌଶଳ ପ୍ରସ୍ତୁତି ଚଳାଇବା ସହ ଅତିରିକ୍ତ ସେନା ମୁତୟନ କରିଥିବା ଜଣାପଡ଼ିଛି।

ସୀମା ବିବାଦ ବର୍ଷ ବର୍ଷ ଧରି ଲାଗିରହିଥିବା ବେଳେ ଚାଇନା ସୈନ୍ୟ ଗତ ମେ'ରେ ଲଦାଖ ସେକ୍ଟର ଓ ସିକିମ ସୀମାକୁ ଲାଗି ସାମରିକ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ନକୁ ଲା ଅଞ୍ଚଳରେ ପ୍ରବେଶ କରିବା ପରେ ଭାରତୀୟ ସେନା ଏହାକୁ ବିରୋଧ କରିବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। କେବଳ ଲଦାଖ ନୁହେଁ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଓ ଅରୁଣାଚଳ ପ୍ରଦେଶର ବିଭିନ୍ନ ସେକ୍ଟର୍ ସୀମାରେ ମଧ୍ୟ ଚାଇନା ସାମରିକ ନିର୍ମାଣ ଆରମ୍ଭ କରିଛି। ସୀମାର ଅତି ନିକଟରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ମୁତୟନ କରିଛି। ଚାଇନା ଆଡୁ ବିପଦ ଆଶଙ୍କାରେ ଭାରତ ସୀମାର ବିଭିନ୍ନ ସେକ୍ଟର୍‌ରେ ସେନା ପ୍ରସ୍ତୁତି ଚଳାଇ ରଣକୌଶଳ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଚାଇନା ହେଲିକପ୍ଟର ପଇଁତରା ମାରିଥିବା ହିମାଚଳ ପ୍ରଦେଶ ଅଞ୍ଚଳରେ ଅତିରିକ୍ତ ଯୁଦ୍ଧ ପ୍ରସ୍ତୁତି ଚାଲିଛି। ଉତ୍ତରାଖଣ୍ଡର ହର୍ସିଲ-ବରହୋଟି-ନେଲାଙ୍ଗ ଉପତ୍ୟକାରେ ଅତିରିକ୍ତ ସେନା ମୁତୟନ କରାଯାଇଛି। ଭାରତ ଓ ଚାଇନା ଶାନ୍ତି ଲଶଗି ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଭିତରେ ଯୁଦ୍ଧପ୍ରସ୍ତୁତି ଜାରି ରଖିଥିବା ପ୍ରକାଶ।

୪ ହଜାର କି.ମି. ଏଲ୍‌ଏସିରେ ଚାଇନାର ସେନା ମୁତୟନ
ଅରୁଣାଚଳ ପର୍ଯ୍ୟନ୍ତ ଭାରତ କଲା ରଣକୌଶଳ ପ୍ରସ୍ତୁତି

ହେଲିକପ୍ଟରରେ ପହଞ୍ଚିଲା ମେଶିନ

ପିଥୋରାଗଡ଼, ୧୧।୬(ପି.ଟି.)

ଭାରତ-ଚାଇନା ସୀମା ନିକଟରେ ମୁନ୍‌ସିୟାରୀ-ବୋଗଡିୟାର-ମିଲାମ୍ ସଡ଼କ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ହେଲିକପ୍ଟର ସହାୟତାରେ ଓଜନଦାର ମେଶିନ ଉତ୍ତରାଖଣ୍ଡର ଜୋହର ଭ୍ୟାଲି ଅଞ୍ଚଳରେ ପହଞ୍ଚିଛି। ଏହି ରାସ୍ତା ନିର୍ମାଣ ହେଲେ ସୀମାନ୍ତ ଘାଟି ପର୍ଯ୍ୟନ୍ତ ସେନା ପରିବହନ ସହଜ ହୋଇପାରିବ। ପୂର୍ବରୁ ଏକାଧିକ ଥର ଉଦ୍ୟମ ବିଫଳ ହୋଇଥିଲାବେଳେ ଏଥର ସୀମା ସଡ଼କ ସଂଗଠନ (ବିଆର୍‌ଓ) ଓଜନଦାର ରାସ୍ତା ନିର୍ମାଣ ଉପକରଣ ସେଠାରେ ପହଞ୍ଚାଇବାରେ ସଫଳ ହୋଇଛି। ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ

ତ୍ୱରାନ୍ୱିତ ହେବ ସୀମାନ୍ତ ରାସ୍ତା ନିର୍ମାଣ

ଶୀଘ୍ର ଶେଷ ହେବା ଆଶା କରାଯାଉଛି ବୋଲି ବିଆର୍‌ଓର ମୁଖ୍ୟ ଇଞ୍ଜିନିୟର ବିମଲ ଗୋସ୍ୱାମୀ କହିଛନ୍ତି। ପଥରକଟା ମେସିନ ନ ଥିବାରୁ ପିଥୋରାଗଡ଼ ଜିଲାର ଜୋହାର ଭ୍ୟାଲିରେ ୬୫ କିଲୋମିଟର ମୁନସିୟାରୀ-ବୋଗଡିୟାର-ମିଲମ୍ ରାସ୍ତା ନିର୍ମାଣ ବିଳମ୍ବ ହୋଇଛି। ୨୦୧୦ରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଭୟ ପାର୍ଶ୍ୱରୁ ନିର୍ମାଣ ହୋଇଥିଲେ ହେଁ ୨୨ କିଲୋମିଟର ଅତ୍ୟନ୍ତ ପଥର କାଟିବା ସମ୍ଭବ ହେଉ ନ ଥିବାରୁ ନିର୍ମାଣ କାର୍ଯ୍ୟ ଅଟକି ରହିଥିଲା।

ପଶ୍ଚିମବଙ୍ଗର ନଦୀୟା ଜିଲା କ୍ରିଷ୍ଣାନଗରରେ ରଥଯାତ୍ରା ପୂର୍ବରୁ ମାଟିରେ ତିଆରି ଜଗନ୍ନାଥଙ୍କ ମୂର୍ତ୍ତିଗୁଡ଼ିକୁ ସଜାଡ଼ି ରଖୁଛନ୍ତି ଜଣେ କଳାକାର।

ଆତ୍ମନିର୍ଭର ଭାରତ ନିର୍ମାଣରେ କୋଭିଡ୍ ଏକ ସୁଯୋଗ: ମୋଦି

କୋଲକାତା, ୧୧।୬(ପି.ଟି.)

ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି କୋଭିଡ୍-୧୯ ସଙ୍କଟକୁ ଏକ ସୁଯୋଗରେ ରୂପାନ୍ତରିତ କରାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁରୁବାର ଭିଡିଓ କନ୍‌ଫରେନ୍ସ କରିଆରେ କୋଲକାତାରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ୯୫ତମ ବାର୍ଷିକ ଅଧିବେଶନକୁ ସମ୍ବୋଧିତ କରି ମୋଦି କହିଥିଲେ, ବର୍ତ୍ତମାନ ସାହସିକ ନିଷ୍ପତ୍ତି ନେବା ଓ ନିବେଶ କରିବାର ପ୍ରକୃଷ୍ଟ ସମୟ। ବିଦେଶରୁ ଆମଦାନି ହେଉଥିବା ସାମଗ୍ରୀ ଯେପରି ଦେଶରେ ଉତ୍ପାଦନ ହେବ, ତାହା ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନେବାକୁ ହେବ।

ଗତ ୫/୬ ବର୍ଷରେ ଭାରତର ଆତ୍ମନିର୍ଭର ଲକ୍ଷ୍ୟ ଦେଶର ନୀତି ଓ କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ପାଇଆସିଛି। ଏଦିଗରେ ଉଦ୍ୟମକୁ କିପରି ତ୍ୱରାନ୍ୱିତ କରିବାକୁ ହେବ, କୋଭିଡ୍-୧୯ ସଙ୍କଟ ଆମକୁ ସେ ଦିଗରେ ଶିକ୍ଷା ଦେଇଛି। ଏବେ ରକ୍ଷଣଶୀଳ ଦୃଷ୍ଟିଭଙ୍ଗୀ ନୁହେଁ, ସାହସିକ ନିଷ୍ପତ୍ତି ନେବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଅର୍ଥନୀତିକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ବ୍ୟବସାୟକୁ ବଢ଼ାଇବାକୁ ହେବ ଏବଂ ପ୍ରତିଯୋଗିତାମୂଳକ ବିଶ୍ୱ ଯୋଗାଣ ଶୃଙ୍ଖଳ ପ୍ରସ୍ତୁତ କରିବାକୁ ହେବ। ଲୋକକୈନ୍ଦ୍ରିକ, ଲୋକ ପରିଚାଳିତ ତଥା ପରିବେଶ ଅନୁକୂଳ ବିକାଶ ଭାଜପା ନେତୃତ୍ୱାଧୀନ ସରକାରଙ୍କର ଶାସନର ଅଙ୍ଗ ହୋଇଛି। ନିକଟରେ ସରକାର ନେଇଥିବା ନିଷ୍ପତ୍ତି କୃଷକ ଏବଂ ଗ୍ରାମୀଣ ଅର୍ଥନୀତିକୁ ଦୀର୍ଘବର୍ଷର ଦାସତ୍ୱରୁ ମୁକ୍ତ କରିପାରିଛି। ଏବେ କୃଷକ ନିଜ ଉତ୍ପାଦିତ ଶସ୍ୟକୁ ଯେକୌଣସି ସ୍ଥାନରେ ବିକ୍ରି କରିବାର ସ୍ୱାଧୀନତା ପାଇଛି।

ଭାରତ କେବଳ କୋଭିଡ୍-୧୯ ସଙ୍କଟ ନୁହେଁ, ବନ୍ୟା, ବାତ୍ୟା, ପଙ୍ଗପାଳ ଆକ୍ରମଣ, ଭୂକମ୍ପ ଆଦି ଚ୍ୟାଲେଞ୍ଜର ମଧ୍ୟ ସାମନା କରୁଛି। ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ସଙ୍କଟକୁ ସୁଯୋଗରେ ପରିଣତ



କରିବାକୁ ହେବ। ସେଥିପାଇଁ ମହାମାରୀକୁ ଏକ ବଡ଼ ଟର୍ନିଂ ପଏଣ୍ଟରେ ପରିଣତ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏମ୍‌ଏସ୍‌ଏମ୍‌ଇର ସଂଜ୍ଞାରେ ପରିବର୍ତ୍ତନ ସମେତ କମ୍ପାନୀ ଆଇନ ଅଧୀନରେ ଥିବା ଅନେକ ନିୟମ ବଦଳିଛି। କୋଇଲା ଉତ୍ତୋଳନ କ୍ଷେତ୍ରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ସୃଷ୍ଟି କରାଯାଇଛି। ଏପିଏମ୍‌ସି ଏବଂ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନରେ ପରିବର୍ତ୍ତନ ହୋଇଛି। ସୌରଶକ୍ତି ସେକ୍ଟରରେ ପ୍ରବେଶ ଲାଗି ପ୍ରଧାନମନ୍ତ୍ରୀ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଆହ୍ୱାନ ଦେଇଥିଲେ। ବ୍ୟାଙ୍କ ବ୍ୟବସ୍ଥା ଏବେ ଗରିବଙ୍କ ପାଖରେ ପହଞ୍ଚିବା ସହ ଲକ୍ଷ ଲକ୍ଷ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



୮୦ ଦିନର ଲକ୍‌ଡାଉନ୍ ହଟିବା ପରେ ବେଙ୍ଗାଲୁରୁସ୍ଥିତ ବନ୍ନେରଘଟ୍ଟା ଜୈବିକ ଉଦ୍ୟାନରେ ହରିଣଙ୍କୁ ଦେଖିବାକୁ ମିଳିଛି।

ଅଭିନେତା ଜଗେଶ ମୁକାତିଙ୍କ ଦେହାନ୍ତ

ମୁମ୍ବାଇ, ୧୧।୬

ଟେଲିକଳାକାର ତଥା ଶ୍ରୀ ଗଣେଶ ଫେମ୍ ଅଭିନେତା ଜଗେଶ ମୁକାତିଙ୍କ ନିଧନ ହୋଇଛି। ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ୩-୪ ଦିନ ହେବ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ବୁଧବାର ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ଅଚାନକ ମୃତ୍ୟୁରେ ପୂରା ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳିଯାଇଛି। ଜଗେଶଙ୍କ ମୃତ୍ୟୁକୁ ନେଇ ତାରକ୍ ମେହେତା କା ଉଲଟା ଚଷମା ଫେମ୍ ଅଭିନେତ୍ରୀ ଅମିକା ରଞ୍ଜନକର ସୋସିଆଲ ମିଡିଆରେ ଶୋକ ପ୍ରକାଶ କରିଛନ୍ତି। ଜଗେଶଙ୍କ ସହ ନିଜର ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରି ଅମିକା ଏକ ଭାବପ୍ରବଣ ମେସେଜ ଲେଖିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଜଗେଶ ଓ ଅମିକା ଏକାସାଙ୍ଗେ କାମ କରିସାରିଛନ୍ତି। ସୂଚନାଯୋଗ୍ୟ, ଟିଭି ଶୋ ସହ ଜଗେଶ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ କାମ କରିଛନ୍ତି। ଏଥିସହ ଗୁଜରାଟ ଥିଏଟରରେ ମଧ୍ୟ କାମ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ

ସୃଷ୍ଟି କରିପାରିଛନ୍ତି। ଅମିତା କା ଅମିତ, ଶ୍ରୀ ଗଣେଶ ଭଳି ଶୋ'ରୁ ତାଙ୍କୁ ଏକ ନୂଆ ପରିଚୟ ମିଳିଥିଲା। ଏଥିରେ ଜଗେଶଙ୍କ ଅଭିନୟକୁ ପ୍ରଶଂସକ ବେଶ୍ ପସନ୍ଦ କରିଥିଲେ।

ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଘୋଡ଼ାବେପାର

ଜୟପୁର, ୧୧।୬

ମଧ୍ୟପ୍ରଦେଶରେ କମଳନାଥ ସରକାର ପରେ ଭାଜପା ଏବେ ରାଜସ୍ଥାନ ସରକାରକୁ ଭାଙ୍ଗିବା ଲାଗି ପ୍ରୟାସ ଜାରି ରଖିଛି। ବିଶେଷକରି ଜୁନ୍ ୧୯ରେ ରାଜ୍ୟ ସଭା ଭୋଟ ପୂର୍ବରୁ ଭାଜପା କଂଗ୍ରେସ ବିଧାୟକଙ୍କୁ ହାତେଇବା ଲାଗି ଘୋଡ଼ାବେପାର ଆରମ୍ଭ କରିଦେଇଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଅଭିଯୋଗ କରିଛନ୍ତି। ବିଧାୟକଙ୍କୁ ୨୫ କୋଟି ଟଙ୍କାର ଲୋଭ ଦେଖାଯାଇଥିବା ବେଳେ ୧୦ କୋଟି ଲେଖାଏ ଆଗୁଆ

ଅଶୋକ ଗେହଲଟ

ଯଚାଯାଇଥିବା ସେ କହିଛନ୍ତି। ରାଜ୍ୟ ସରକାରକୁ ଭାଙ୍ଗିବା ସହ ରାଜ୍ୟ ସଭା ନିର୍ବାଚନ ଜିତିବା ଲାଗି ଭାଜପା ପ୍ରୟାସ ଜାରି ରଖିଥିବା ସେ ଖବରଦାତାଙ୍କ

- **ବିଧାୟକଙ୍କୁ ଭାଜପା ୨୫ କୋଟି ଯାଚୁଛି: ଗେହଲଟ**
- **ମଧ୍ୟପ୍ରଦେଶ ପରେ ଟାର୍ଗେଟରେ ରାଜସ୍ଥାନ**

ଆଗରେ ଅଭିଯୋଗ କରିଛନ୍ତି। କଂଗ୍ରେସ ୧୦୭ ବିଧାୟକଙ୍କ ସହ ୧୩ ସ୍ୱାଧୀନ ବିଧାୟକଙ୍କୁ ଜୟପୁର ବାହାରେ ଥିବା ଏକ ରିସର୍ଟକୁ ନେବା ଲାଗି ଯୋଜନା କରୁଛି। ସେଠାରେ ରାଜ୍ୟ ସଭା ନିର୍ବାଚନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବ ବୋଲି ଗେହଲଟ ପ୍ରକାଶ କରିଛନ୍ତି। କେତେଜଣ କଂଗ୍ରେସ ଓ ସ୍ୱାଧୀନ ବିଧାୟକଙ୍କୁ ଭାଜପା ପକ୍ଷରୁ ଅର୍ଥଲୋଭ ଦେଖାଯାଇଥିଲେ ହେଁ ସେମାନେ ଦୃଢ଼ ଥିବା ସେ ମତ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜସ୍ଥାନ ଓ ଗୁଜରାଟରେ ଆବଶ୍ୟକ ସଂଖ୍ୟା ନ ଥିବାରୁ ଚତୁରତା ସହ ନିର୍ବାଚନକୁ ଦୁଇମାସ ଘୁଞ୍ଚାଇ ଦେଇଥିଲେ ବୋଲି ଗେହଲଟ ଅଭିଯୋଗ କରିଛନ୍ତି। ଏହି ସମୟ ମଧ୍ୟରେ ବିକାକିଣା ସମ୍ଭବ ହୋଇପାରିବ ବୋଲି ସେ ଆଶା ରଖିଥିଲେ। ଏବେ ସେ ସମୟ ଆସିଛି।

କଶ୍ମୀରୀଙ୍କୁ ଭାରତ ବିରୋଧୀ କରିବା ପାଇଁ ଇମ୍ରାନ୍‌ଙ୍କ ମେଧାବୃତ୍ତି ଯୋଜନା

ନୂଆଦିଲ୍ଲୀ, ୧୧।୬

ପାକିସ୍ତାନ ଓ ଏହା ଅଧିକୃତ ଅଞ୍ଚଳରେ ପେସାଦାରି ଶିକ୍ଷାଗ୍ରହଣ ଲାଗି ୧,୬୦୦ କଶ୍ମୀର ପିଲାଙ୍କୁ ଛାତ୍ରବୃତ୍ତି ଯୋଗାଇଦେବା ନିମନ୍ତେ ଇମ୍ରାନ୍ ଖାନ୍‌ଙ୍କ ସରକାର ଯୋଜନା କରିଥିବାବେଳେ ଭାରତୀୟ ସୁରକ୍ଷା ସଂସ୍ଥା ଏହାକୁ ଅଟକାଇଛି। କଶ୍ମୀର ଯୁବକମାନଙ୍କୁ କଟ୍ଟରପନ୍ଥୀ କରାଇବା ଓ ସେମାନଙ୍କୁ ଭାରତ ବିରୋଧରେ ମତାଇବା ଲାଗି ଏହା ପାକିସ୍ତାନ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। କଶ୍ମୀର ଯୁବକମାନେ ୱାଘା-ଅଟ୍ଟାରୀ ସୀମାନ୍ତ ପୋଷ୍ଟ ଦେଇ ପଢ଼ିବା ପାଇଁ ପାକିସ୍ତାନ ଯାଇଥାନ୍ତି। ସେଠାରୁ ସେମାନେ ଆତଙ୍କବାଦୀ ହୋଇ ଏଲ୍‌ଓସି ଦେଇ ଭାରତ ଫେରୁଥିବାର ବହୁ ଦୃଷ୍ଟାନ୍ତ ରହିଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି। ଇସ୍‌ଲାମାବାଦ କଶ୍ମୀର ଯୁବକମାନଙ୍କୁ କିଛିବର୍ଷ ହେଲା ସ୍ୱଳ୍ପ ପରିମାଣର ଛାତ୍ରବୃତ୍ତି ଦେଇଆସୁଛି।

ପାକ୍ ସେନାର ସେଲ୍ ମାଡ଼ରେ ଭାରତୀୟ ଯବାନ ଶହୀଦ

ଜମ୍ମୁ, ୧୧।୬(ପି.ଟି.)

ଜମ୍ମୁ-କଶ୍ମୀରର ରାଜୌରୀ ଓ ପୁଞ୍ଚ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ପାର୍ଶ୍ୱରେ ଥିବା ଜନବସତି ଓ ଆଗୁଆ ଘାଟିକୁ ଟାର୍ଗେଟ କରି ପାକିସ୍ତାନୀ ସୈନ୍ୟ ଗୁରୁବାର ଜୋର୍‌ଦାର ସେଲ୍ ମାଡ଼ କରିବାରୁ ଜଣେ ଭାରତୀୟ ଯବାନ ଶହୀଦ ହେବା ସହ ଅନ୍ୟଜଣେ ସାଧାରଣ ନାଗରିକ ଆହତ ହୋଇଛନ୍ତି। ପାକିସ୍ତାନ ସୈନ୍ୟ କ୍ରମାଗତ ୪ ଦିନ ହେଲା ସୀମାରେ ଗୁଳି ବର୍ଷଣ କରିବା ସହ ସେଲ୍ ମାଡ଼ ଜାରି ରଖିଛନ୍ତି।

୧୦୦ କୋଟିର ହେରୋଇନ ଜବତ

ନୂଆଦିଲ୍ଲୀ/ଶ୍ରୀନଗର, ୧୧।୬

ପାକିସ୍ତାନ ପ୍ରାୟୋଜିତ ଏକ ବଡ଼ ଧରଣର ନିଶାଦ୍ରବ୍ୟ କାରବାର ର୍ୟାକେଟର ପର୍ଦ୍ଦାଫାସ୍ କରିଛି ଜମ୍ମୁ-କଶ୍ମୀରର ହଣ୍ଡୱାରା ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ୩ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଗିରଫ ହୋଇଥିବାବେଳେ ସେମାନଙ୍କଠାରୁ ୨୧ କିଲୋଗ୍ରାମ ହେରୋଇନ ଏବଂ ୧.୩୪ କୋଟି ଟଙ୍କା ମୂଲ୍ୟର ଭାରତୀୟ ମୁଦ୍ରା ଜବତ ହୋଇଛି। ଜବତ ହେରୋଇନ୍ ମୂଲ୍ୟ ୧୦୦ କୋଟି ଟଙ୍କା ହେବ। ଗିରଫ

୩ ଲଶ୍କର ଆତଙ୍କବାଦୀ ଗିରଫ

ଆତଙ୍କବାଦୀ ସେମାନଙ୍କ ପାକିସ୍ତାନୀ ପରିଚାଳକଙ୍କ ସହ ଯୋଗାଯୋଗରେ ଥିଲେ। ଗିରଫ ମୁଖ୍ୟ ଅଭିଯୁକ୍ତ ଇଫ୍‌ତିଖାର ଇନ୍ଦ୍ରାବି ଜଣେ କୁଖ୍ୟାତ ନିଶା ଚୋରାବେପାରୀ, ଯାହାଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି। ଅନ୍ୟ ଜଣେ ତାଙ୍କ କ୍ୱଇଁ ମୋମିନ ପୀର୍ ଓ ତୃତୀୟ ବ୍ୟକ୍ତି ଇକ୍‌ବାଲ-ଉଲ୍ ଇସ୍‌ଲାମ ବୋଲି ଜଣାପଡିଛି।

ବ୍ରିଟେନକୁ ଟପି ଚତୁର୍ଥ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୧୧।୬

ମହାମାରୀ କରୋନା ଲୋକଙ୍କ ଜୀବନ ଜୀବିକା ଛଡ଼ାଇ ନେବା ସହ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ବିଶ୍ୱରେ ୭୫ ଲକ୍ଷରୁ ଅଧିକ ଲୋକ ଭୂତାଣୁ ଆକ୍ରାନ୍ତ ହୋଇଥିବା ବେଳେ ଚତୁର୍ଥ ସର୍ବାଧିକ ଆକ୍ରାନ୍ତ ତାଲିକାରେ ଥିବା ଭାରତରେ ଏହି ସଂଖ୍ୟା ବଢ଼ି ୨ ଲକ୍ଷ ୯୭ ହଜାର ଟପିଛି। ଆମେରିକା, ବ୍ରାଜିଲ ଓ ରୁଷିଆ ପରେ ଏବେ ବିଶ୍ୱର ସର୍ବାଧିକ ଆକ୍ରାନ୍ତ ତାଲିକାରେ ବ୍ରିଟେନକୁ ଟପିଛି ଭାରତ। ଦେଶରେ ମୋଟ ୮,୪୭୩ ଜଣ ପ୍ରାଣ ହରାଇଛନ୍ତି। ବୁଧବାର ଭାରତରେ ୯,୯୯୬ ନୂଆ ମାମଲା ଦେଖିବାକୁ ମିଳିଥିବା ବେଳେ ଗୁରୁବାର ଏହା ୯,୮୪୬ ରହିଛି। ବୁଧବାର ୩୫୭ ଜଣଙ୍କ ଜୀବନ ଯାଇଥିବା ବେଳେ ଗୁରୁବାର ୩୬୫ ଜଣଙ୍କ ପ୍ରାଣ ଯାଇଥିବା ଜଣାପଡ଼ିଛି। ଗୋଟିଏ ଗୋଟିଏ ଦିନରେ ଏତେ ମାମଲା ଚିନ୍ତା ବଢ଼ାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ

- **୮,୪୭୩ ଜୀବନ ଗଲାଣି**
- **ଆକ୍ରାନ୍ତଙ୍କ ସଂଖ୍ୟା ୨.୯୭ ଲକ୍ଷ ଟପିଲା**

୧.୪୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସୁସ୍ଥ ହୋଇଥିବା ବେଳେ ୧.୪୨ ଲକ୍ଷ ଆକ୍ଟିଭ୍ ମାମଲା ରହିଛି।

ମହାରାଷ୍ଟ୍ର କରୋନା ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ୯୭ ହଜାରରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୩,୫୯୦ ଜଣ ଏଠାରେ ପ୍ରାଣ ହରାଇ ସାରିଲେଣି। ତାମିଲନାଡୁରେ ଆକ୍ରାନ୍ତଙ୍କ ସଂଖ୍ୟା ୩୮,୭୧୬କୁ ବୃଦ୍ଧିପାଇଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ି ୩୪୯ରେ ପହଞ୍ଚିଛି। ରାଜଧାନୀ ଦିଲ୍ଲୀ ଓ ଗୁଜରାଟରେ ଯଥାକ୍ରମେ ସଂକ୍ରମିତଙ୍କ ସଂଖ୍ୟା ୩୨,୮୧୦ ଓ ୨୨,୦୬୭ ଥିବାବେଳେ ୨,୩୬୯ ଲୋକ ଜୀବନ ହରାଇଛନ୍ତି। ଉତ୍ତରପ୍ରଦେଶରେ ୧୨ ହଜାର, ରାଜସ୍ଥାନରେ ୧୧ ହଜାର ଓ ମଧ୍ୟପ୍ରଦେଶରେ ୧୦ ହଜାରରୁ ଅଧିକ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ି ଯଥାକ୍ରମେ ୩୪୫, ୨୬୪ ଓ ୪୨୭ରେ ପହଞ୍ଚିଛି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଲକ୍‌ଡାଉନ୍ ଉଠିବା ଓ ପ୍ରବାସୀଙ୍କ ଆଗମନ ପରେ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଇଛି। ପଶ୍ଚିମବଙ୍ଗରେ ୪୪୨, କର୍ନାଟକରେ ୭୨, ତେଲଙ୍ଗାନାରେ ୧୫୬, ଆନ୍ଧ୍ରପ୍ରଦେଶରେ ୮୦, ହରିୟାଣା ଓ ଜମ୍ମୁ-କଶ୍ମୀର ପ୍ରତ୍ୟେକ ରାଜ୍ୟରେ ୫୨ ଲେଖାଏ, ପଞ୍ଜାବରେ ୫୯ ଜଣ

ଟ୍ରେନ୍‌ରେ କଟି ମହିଳାଙ୍କ ମୃତ୍ୟୁ

ଯୋଡ଼ା,(ଡି.ଏନ.ଏ.): ଦକ୍ଷିଣ-ପୂର୍ବ ରେଳପଥ ଅନ୍ତର୍ଗତ କେନ୍ଦୁଝର ଜିଲା ଯୋଡା ସହରର ବାବୁ ହଟିଂ କ୍ୟାବିନ୍ ନିକଟବର୍ତ୍ତୀ ରେଳ ଧାରଣାରେ ବୁଧବାର ରାତିରେ ଟ୍ରେନ୍ ରେ କଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳାଙ୍କ ନାମ ରାସ ନାଏକ (୪୫) । ତାଙ୍କ ଘର ସ୍ଥାନୀୟ ରାମଜାନ ହାଟିଂରେ ବୋଲି ଜଣାପଡିଛି । ଯୋଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଏହା ପାରିବାରିକ କଳହ କାରଣରୁ ଆତ୍ମହତ୍ୟା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

ସଂକ୍ଷେପରେ

ମାସ୍କ ଦୁର୍ନୀତି: ରାଜ୍ୟପାଳଙ୍କୁ କଂଗ୍ରେସର ସ୍ମାରକପତ୍ର

ଭୁବନେଶ୍ୱର, ୧୧।୬(ବ୍ୟୁରୋ): କରୋନା ମହାମାରୀ ସମୟରେ ମାସ୍କ କିଣାରେ ହୋଇଥିବା ଦୁର୍ନୀତି ଅଭିଯୋଗର ନିରପେକ୍ଷ ତଦନ୍ତ ଦାବିରେ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମାସ୍କ କିଣିବା ପାଇଁ କେନ୍ଦ୍ର ସରକାର ମାର୍ଚ୍ଚ ୨୧ ଏବଂ ୨୪ ତାରିଖରେ ଦୁଇଟି ନିର୍ଦ୍ଦେଶନାମା ଜାରି କରିଥିଲେ। ତଦନୁଯାୟୀ ମାସ୍କର ସର୍ବୋଚ୍ଚ ପାଇକାରି ମୂଲ୍ୟ ୧୦ରୁ ୧୬ ଟଙ୍କା ମଧ୍ୟରେ ରଖାଯାଇଥିଲା। ଓଡ଼ିଶା ଔଷଧ ନିଗମ ତାମିଲନାଡୁର ଏକ କମ୍ପାନୀ (ବିଷ୍ଣୁ ଡିସ୍‌ପୋଜାଲ ପ୍ରାଇଭେଟ ଲିମିଟେଡ୍)ଠାରୁ ୧୬ ଟଙ୍କାରେ ୩୦ ଲକ୍ଷ ମାସ୍କ କିଣିଛନ୍ତି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ସରକାର ଇ-ପୋର୍ଟାଲ ମାଧ୍ୟମରେ ମାର୍ଚ୍ଚ ୩ରେ ୩୦ ଲକ୍ଷ ମାସ୍କ କିଣିବା ପାଇଁ ଅର୍ଡର କରିଥିଲେ। ତେବେ ୧୮ ତାରିଖରେ ସେଥିରୁ ଓହରିଗଲେ। କିନ୍ତୁ ସେହି ୩୦ ଲକ୍ଷ ମାସ୍କ କିଣିବା ପାଇଁ ବିଷ୍ଣୁ ଡିସ୍‌ପୋଜାଲ ପ୍ରାଇଭେଟ୍ ଲିମିଟେଡ୍‌କୁ ୧୬ ଟଙ୍କାରେ ଅର୍ଡର ଦେଲେ। ରାଜ୍ୟ ସରକାର ଅର୍ଡର ଦେଇଥିବା ସମାନ ଧରଣର ୩ ଲେୟାର ବିଶିଷ୍ଟ ମାସ୍କକୁ ଦିଲ୍ଲୀ ୮.୪୭, ପଣ୍ଡିଚେରୀ, ୭.୮୮, ଆଣ୍ଡାମାନ ନିକୋବର ୭.୫୦, ଗୁଜୁରାଟ ୨.୪୦ ଏବଂ ତେଲେଙ୍ଗାନା ୧.୩୪ ଟଙ୍କାରେ କିଣିଛନ୍ତି। ଅନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏତେ କମ୍ ଟଙ୍କାରେ ମାସ୍କ କିଣୁଥିବାବେଳେ ରାଜ୍ୟ ସରକାର କେଉଁ ପରିପ୍ରେକ୍ଷୀରେ ସମାନ ଧରଣର ମାସ୍କକୁ ୧୬ ଟଙ୍କାରେ କିଣିଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି କଂଗ୍ରେସ ଦାବି କରିଛି। ଏହାର ନିରପେକ୍ଷ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପିସିସି ସଭାପତି ରାଜ୍ୟପାଳଙ୍କୁ ସ୍ମାରକପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଏହି ଅବସରରେ ପିସିସିର ନିର୍ଦ୍ଦେଶକ୍ରମେ ସମସ୍ତ ଜିଲା କଂଗ୍ରେସ କମିଟି ପକ୍ଷରୁ ମଧ୍ୟ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସମ୍ପୃକ୍ତ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଏସୀୟ ସିଂହ ସଂଖ୍ୟା ୨୮.୮୭% ବଢ଼ିଛି

ନୂଆଦିଲ୍ଲୀ,୧୧।୬

ଏକଦା ଗୁଜରାଟରେ ଏସୀୟ ସିଂହ ବଂଶ ଆସନ୍ନ ବିଲୁପ୍ତ ସ୍ଥିତିକୁ ଚାଲିଯାଇଥିବାବେଳେ ଏବେ ସେଥିରେ ଉନ୍ନତି ପରିଲକ୍ଷିତ ହୋଇଛି। ଗତ ସପ୍ତାହରେ ଜଙ୍ଗଲ ବିଭାଗ ପକ୍ଷରୁ ନିଆଯାଇଥିବା ପୂନମ୍ ଅବଲୋକନ ଅଭିଯାନରୁ ଜଣାପଡିଛି, ଏସୀୟ ସିଂହ ସଂଖ୍ୟାରେ ୨୮.୮୭ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୫ରେ ଗିର୍ ଜଙ୍ଗଲରେ ୫୨୩ ସିଂହ ରହିଥିବାବେଳେ ଏବେ ସଂଖ୍ୟା ୬୭୪ରେ ପହଞ୍ଚିଛି। ଚଳିତ ମାସରେ ୧୫ତମ ସିଂହ ଗଣନା ହେବାକୁ ଥିବାବେଳେ କରୋନା ମହାମାରୀ ଲାଗି ଏହାକୁ ବାତିଲ କରାଯାଇଛି।

ପୂନମ୍ ଅବଲୋକନ ଅଭିଯାନରେ ପାଖାପାଖି ୧୪୦୦ ବନ କର୍ମଚାରୀ ସାମିଲ ହୋଇଥିଲେ। ସୌରାଷ୍ଟ୍ରର ୯ଟି ଜିଲାରେ ବନ ବିଭାଗ ବ୍ଲକ୍ କାଉଣ୍ଟ ପଦ୍ଧତି ଅବଲମ୍ବନ କରିଥିଲା। ସିଧା ଗଣନା ବ୍ୟତୀତ ଜିପିଏସ୍ ଲୋକେଶନ, ସିଂହଙ୍କ ପରିଚୟ ଚିହ୍ନ, ରେଡିଓ କଲାର ଆଦିର ସହାୟତା ନିଆଯାଇଥିଲା। ସିଂହ ବସବାସ କରୁଥିବା ଅଞ୍ଚଳ ୩୬ ପ୍ରତିଶତ ବୃଦ୍ଧି ପାଇଥିବା ଏହି ଅଭିଯାନରୁ ଜଣାପଡିଛି। ୨୦୧୫ରେ ଗିର୍ ଜଙ୍ଗଲର ୨୨ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ସିଂହ ଦେଖିବାକୁ ମିଳୁଥିବାବେଳେ ସମ୍ପ୍ରତି ତାହା ୩୦ ହଜାର ବର୍ଗ କିଲୋମିଟରକୁ ବୃଦ୍ଧି ପାଇଛି। ଏସୀୟ ସିଂହ ସଂରକ୍ଷଣ ଲାଗି ଏକାଧିକ କୌଶଳ ଅବଲମ୍ବନ କରାଯାଉଥିବା ଗିର୍ ଜଙ୍ଗଲ ଜୁନାଗଡ଼ ଡିଭିଜନର ମୁଖ୍ୟ ବନ ସଂରକ୍ଷକ ଦୁଶ୍ୟନ୍ତ ବାସବଦା କହିଛନ୍ତି।

ଶ୍ରେଷ୍ଠ ୧୦୦ରେ ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ

- ଓଡ଼ିଶାରେ ଏନ୍‌ଆଇଟି ଶ୍ରେଷ୍ଠ
- ଟପ୍-୧୦୦ ଶିକ୍ଷାନୁଷ୍ଠାନ ତାଲିକାରେ ଓଡ଼ିଶାର ୪
- ଏନ୍‌ଆଇଟି, ସୋଆ, କିଟ୍, ଆଇଆଇଟି ଭୁବନେଶ୍ୱର
- ସବୁବର୍ଗରେ ଶ୍ରେଷ୍ଠ ଆଇଆଇଟି ମାଡ୍ରାସ

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର 'ନ୍ୟାଶନାଲ ଇନଷ୍ଟିଚ୍ୟୁସନାଲ ର୍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ' (ଏନ୍‌ଆଇଆର୍‌ଏଫ୍) ପକ୍ଷରୁ ପ୍ରକାଶିତ ଶ୍ରେଷ୍ଠ-୧୦୦ ଶିକ୍ଷାନୁଷ୍ଠାନ ତାଲିକାରେ ଏଥର ମଧ୍ୟ ଓଡ଼ିଶାର ୪ ଶିକ୍ଷାନୁଷ୍ଠାନ ରହିଛି। ରାଉରକେଲାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ଏଥର ବି ଓଡ଼ିଶାର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ଆଗରେ ରହିଥିବା ବେଳେ ଗତବର୍ଷ ତୁଳନାରେ ଉନ୍ନତ ପ୍ରଦର୍ଶନ କରି ୩୮ରୁ ୩୨ତମ ସ୍ଥାନରେ ପହଞ୍ଚିଛି। ସେହିଭଳି ଗତବର୍ଷ ୪୧ତମ ସ୍ଥାନରେ ରହିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ବିଶ୍ୱବିଦ୍ୟାଳୟ ଏଥର ୩ଟି ସ୍ଥାନ ଉପରକୁ ଉଠି ୩୮ତମ ସ୍ଥାନରେ ରହିଛି। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ଡିମ୍‌ଡ ବିଶ୍ୱବିଦ୍ୟାଳୟ ମଧ୍ୟ ଭଲ ପ୍ରଦର୍ଶନ କରି ଚଳିତବର୍ଷ ୫୦ରୁ ୪୪ତମ ସ୍ଥାନକୁ ଉନ୍ନୀତ ହୋଇଛି। କିନ୍ତୁ ଆଇଆଇଟି ଭୁବନେଶ୍ୱର ଏଥର ୬ଟି ସ୍ଥାନ ତଳକୁ ଖସିଛି। ଗତବର୍ଷ ୪୬ତମ ସ୍ଥାନରେ ଥିବା ଏହି ଅନୁଷ୍ଠାନ ଏଥର ୫୬ତମ ସ୍ଥାନରେ ରହିଛି। ଉପରୋକ୍ତ ୪ଟି ଶିକ୍ଷାନୁଷ୍ଠାନ ବ୍ୟତୀତ ରାଜ୍ୟର ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ ଶ୍ରେଷ୍ଠ ୧୦୦ ମଧ୍ୟରେ ସ୍ଥାନ ପାଇନାହାନ୍ତି।

ଅନ୍ୟପକ୍ଷରେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ପ୍ରସ୍ତୁତ ହୋଇଥିବା 'ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ' ତାଲିକାରେ ଓଡ଼ିଶାରୁ ୩ଟି ବିଶ୍ୱବିଦ୍ୟାଳୟ ରହିଛି। ଶିକ୍ଷା ଓ ଅନୁସନ୍ଧାନ ଏଥର ୨୦ତମ ସ୍ଥାନରେ ରହିଥିବା ବେଳେ କିଟ୍ ୨୪ତମ ସ୍ଥାନରେ ରହିଛି। ଏହି ଦୁଇ ବିଶ୍ୱବିଦ୍ୟାଳୟ ଗତବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିଥିବା ବେଳେ ପ୍ରଥମଥର ପାଇଁ ଓଡ଼ିଶାର ଏକମାତ୍ର ସରକାରୀ ଶିକ୍ଷାନୁଷ୍ଠାନ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ-୧୦୦ ତାଲିକାର ୯୬ତମ ସ୍ଥାନରେ ରହିଛି। ସେହିଭଳି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ବୁର୍ଲାସ୍ଥିତ ଭିଏସ୍‌ଏସ୍‌ୟୁଟି ଏହି ତାଲିକାରେ ୧୦୧ରୁ ୧୫୦ତମ ସ୍ଥାନରେ ରହିଛନ୍ତି। ଏହାବ୍ୟତୀତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ୧୫୧ରୁ ୨୦୦ ର୍ୟାଙ୍କ ମଧ୍ୟରେ ରହିଛନ୍ତି। ଇଞ୍ଜିନିୟରିଂ ବର୍ଗରେ ଦେଶର ଶ୍ରେଷ୍ଠ ୧୦୦ ମଧ୍ୟରେ ଓଡ଼ିଶାରୁ ୫ଟି ଶିକ୍ଷାନୁଷ୍ଠାନ ରହିଛି। ଏନ୍‌ଆଇଟି ରାଉରକେଲା ୧୬ତମ ସ୍ଥାନ ବଜାୟ ରଖିଥିବା ବେଳେ ଆଇଆଇଟି ଭୁବନେଶ୍ୱର ୨୨, ସୋଆ ୨୪, କିଟ୍ ୪୨, ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ୯୩ତମ ସ୍ଥାନରେ ରହିଛି। ଭିଏସ୍‌ଏସ୍‌ୟୁଟି ୧୧୯ତମ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ୧୭୯ତମ ସ୍ଥାନରେ ରହିଛି। ମ୍ୟାନେଜମେଣ୍ଟ ବିଭାଗରେ ଓଡ଼ିଶାରୁ ୪ଟି ଶିକ୍ଷାନୁଷ୍ଠାନ ଶ୍ରେଷ୍ଠ ୧୦୦ ତାଲିକାରେ ରହିଛନ୍ତି। ଭୁବନେଶ୍ୱରସ୍ଥିତ ଏକ୍ସଆଇଏମ୍‌ବି ୩୧ତମ ସ୍ଥାନରେ ରହିଥିବା ବେଳେ କିଟ୍‌୩୨, ଆଇଏମ୍‌ଆଇ ଭୁବନେଶ୍ୱର ୬୩, ଆଇଆଇଏମ୍ ସମ୍ବଲପୁର ୭୬ରୁ ୧୦୦ ର୍ୟାଙ୍କ ମଧ୍ୟରେ ରହିଛି। ସେହିପରି ମେଡିକାଲ କ୍ଷେତ୍ରରେ ଶିକ୍ଷା ଓ ଅନୁସନ୍ଧାନ ୨୩ତମ ସ୍ଥାନରେ ରହିଥିବା ବେଳେ କିଟ୍ ୩୨ତମ ସ୍ଥାନରେ ରହିଛି। ଡେଣ୍ଟାଲ ବିଭାଗରେ ଦେଶର ଶ୍ରେଷ୍ଠ ୩୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ ୧୨ ଓ କିଟ୍ ୧୭ତମ ସ୍ଥାନରେ ରହିଛି। ଲ' ତଥା ଆଇନ୍ ଶିକ୍ଷାକ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପୂର୍ବବର୍ଷ ଭଳି ଏଥର ମଧ୍ୟ ଦ୍ୱାଦଶ ସ୍ଥାନରେ ରହିଛି। ଫାର୍ମାସୀ ଓ ଆର୍କିଟେକ୍ ବିଭାଗରେ ଓଡ଼ିଶାରୁ କୌଣସି ଗୋଟିଏ ବି ଶିକ୍ଷାନୁଷ୍ଠାନ ଶ୍ରେଷ୍ଠ-୧୦୦ରେ ସ୍ଥାନ ପାଇନାହାନ୍ତି।

ସର୍ବଭାରତୀୟ ସ୍ତରରେ ଆଇଆଇଟି ମାଡ୍ରାସ ପୁଣିଥରେ ସବୁବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ଓଭରଅଲ୍ ର୍ୟାଙ୍କିଙ୍ଗର ୧ନଂ ସ୍ଥାନରେ ରହିଛି। ଇଞ୍ଜିନିୟରିଂ ଶିକ୍ଷାକ୍ଷେତ୍ରରେ ଆଇଆଇଟି ମାଡ୍ରାସ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟରେ ଆଇଆଇଟି ଦିଲ୍ଲୀ ଓ ତୃତୀୟରେ ଆଇଆଇଟି ବମ୍ବେ ରହିଛି। ବିଶ୍ୱବିଦ୍ୟାଳୟ ତାଲିକାର ପ୍ରଥମ ସ୍ଥାନରେ ଆଇଆଇଏସ୍‌ସି ବେଙ୍ଗାଲୁରୁ ରହିଥିବା ବେଳେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଦ୍ୱିତୀୟ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୩ୟ ସ୍ଥାନରେ ରହିଛି। ଶ୍ରେଷ୍ଠ ମହାବିଦ୍ୟାଳୟ ର୍ୟାଙ୍କିଙ୍ଗର ପ୍ରଥମ ୩ଟି ଯାକ ସ୍ଥାନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ କଲେଜଗୁଡ଼ିକ ରହିଛି।

ଶପଥ ନେଲେ ଜଷ୍ଟିସ୍ ସାବିତ୍ରୀ ରଥ

ହାଇକୋର୍ଟର ତୃତୀୟ ମହିଳା ବିଚାରପତି

ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ଶପଥପାଠ କରାଉଛନ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି।

କଟକ ଅଫିସ,୧୧।୬

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଗୁରୁବାର ପୂର୍ବାହ୍ନରେ ଶପଥ ନେଇଛନ୍ତି ଜଷ୍ଟିସ୍ ସାବିତ୍ରୀ ରଥ। ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ପ୍ରାରମ୍ଭରେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ରାଷ୍ଟ୍ରପତି ଭବନରୁ ଆସିଥିବା ଜଷ୍ଟିସ ରଥଙ୍କ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପାଠ କରିଥିଲେ। ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କରୋନା ଦୃଷ୍ଟିରୁ ହାଇକୋର୍ଟର ବିଚାରପତି ଓ ଅଳ୍ପ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କିନ୍ତୁ ଆଇନଜୀବୀଙ୍କ ପାଇଁ କାର୍ଯ୍ୟକ୍ରମର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଛି।

ଜଷ୍ଟିସ ରଥଙ୍କ ଶପଥ ଗ୍ରହଣ ସହ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ହାଇକୋର୍ଟରେ ୨୭ଟି ବିଚାରପତି ପଦବୀ ରହିଥିବା ବେଳେ ଆହୁରି ୧୧ଟି ପଦବୀ ଖାଲି ପଡ଼ିଛି। ଜଷ୍ଟିସ ରଥ ହେଉଛନ୍ତି ତୃତୀୟ ମହିଳା ବିଚାରପତି। ପ୍ରଥମ ମହିଳା ବିଚାରପତି ଜଷ୍ଟିସ ଅମୀୟ କୁମାରୀ ପାଢ଼ୀ ୧୯୮୮ ଏପ୍ରିଲ୍ ୧୮ରୁ ୧୯୯୫ ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସେହିପରି ଦ୍ୱିତୀୟ ମହିଳା ବିଚାରପତି ଭାବେ ଜଷ୍ଟିସ କୁମାରୀ ସଞ୍ଜୁ ପଣ୍ଡା ୨୦୦୭ ମାର୍ଚ୍ଚ ୧ରେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରତ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ହାଇକୋର୍ଟର ବିଚାରପତି ପଦରେ ନିଯୁକ୍ତି ପାଇଁ ଗତ ବର୍ଷ ମେ' ୭ରେ ମୁଖ୍ୟ ବିଚାରପତି ଓ ଅନ୍ୟ ତିନି ଜଣ ବିଚାରପତିଙ୍କୁ ନେଇ ଗଠିତ ହାଇକୋର୍ଟ କଲେଜିୟମ୍ ୮ଜଣ ଆଇନଜୀବୀଙ୍କ ନାମ ସୁପ୍ରିମକୋର୍ଟ କଲେଜିୟମ୍‌କୁ ସୁପାରିସ କରିଥିଲେ। ଏଥିରେ ଥିଲେ ଆଇନଜୀବୀ ଗୌତମ ମୁଖାର୍ଜୀ, ସମୀର ମିଶ୍ର, ପ୍ରସନ୍ନ ପାଢ଼ୀ, ସାବିତ୍ରୀ ରଥ, ପ୍ରଫୁଲ୍ଲ ରଥ, ଦୁର୍ଗା ପ୍ରସାଦ ନନ୍ଦ, ପ୍ରଭାତ ମୁଦୁଲି ଓ ସଞ୍ଜୀବ ପାଣିଗ୍ରାହୀ। ସୁପ୍ରିମ୍‌କୋର୍ଟ କଲେଜିୟମ୍ ସଞ୍ଜୀବ ପାଣିଗ୍ରାହୀଙ୍କ ନାମ ଅକ୍ଟୋବର ୪ରେ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିବା ବେଳେ ସାବିତ୍ରୀ ରଥଙ୍କ ନାମ ବିଚାରାଧୀନ ଥିଲା। ଫେବୃୟାରୀ ୭ରେ ସଞ୍ଜୀବ ପାଣିଗ୍ରାହୀଙ୍କୁ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ଗତ ଜାନୁୟାରୀ ୨୨ରେ ଅନୁଷ୍ଠିତ ସୁପ୍ରିମ୍‌କୋର୍ଟ କଲେଜିୟମ୍ ବୈଠକରେ ସାବିତ୍ରୀ ରଥଙ୍କ ନାମକୁ ଅନୁମୋଦନ ମିଳିବା ପରେ ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଥିଲା। ରାଷ୍ଟ୍ରପତିଙ୍କ ମୋହର ପରେ ଗତ ମଙ୍ଗଳବାର ହାଇକୋର୍ଟର ବିଚାରପତି ଭାବେ ତାଙ୍କ ନାମକୁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଥିଲା।

ଆଦିବାସୀ ହଷ୍ଟେଲକୁ ଆଇଏସ୍‌ଓ ମାନ୍ୟତା

ଓଡ଼ିଶା ପ୍ରଥମ ରାଜ୍ୟ

ଭୁବନେଶ୍ୱର (ବ୍ୟୁରୋ)/କେନ୍ଦୁଝର (ସ୍ୱପ୍ନ/ଡି.ଏନ୍.ଏ.)୧୧।୬: ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ 'ମିଶନ ସୁବିଦ୍ୟା' ଆରମ୍ଭ କରାଯାଇଛି। ରାଜ୍ୟର ସମସ୍ତ ଆଦିବାସୀ ହଷ୍ଟେଲରେ ସମାନ ଧରଣର ଭିତ୍ତିଭୂମି, ସୁବିଧା ସୁଯୋଗ ଓ ମାନବ ସମ୍ବଳ ସୃଷ୍ଟି ଏହାର ମୁଖ୍ୟ ଉଦ୍ଦେଶ୍ୟ। କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ସହାୟତାରେ, ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗ ଅନ୍ତର୍ଭୁକ୍ତ ସମସ୍ତ ହଷ୍ଟେଲର ବ୍ୟାପକ ଆକଳନ ଓ ମୂଲ୍ୟାୟନ କରାଯାଇଛି। ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପ୍ରାପ୍ତି ନିମନ୍ତେ ହଷ୍ଟେଲଗୁଡ଼ିକର ଗୁଣାତ୍ମକମାନର ଉନ୍ନତୀକରଣ କରାଯାଇଛି। ଆଦିବାସୀ ହଷ୍ଟେଲଗୁଡ଼ିକ ଆଇଏସ୍‌ଓ ମାନ୍ୟତା ପାଇବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ।

ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଓ ସମ୍ବଲପୁର ଜିଲାର ସମସ୍ତ ହଷ୍ଟେଲର ମୂଲ୍ୟାଙ୍କନ କାର୍ଯ୍ୟ ହାତକୁ ନିଆଯାଇଥିଲା। କେନ୍ଦୁଝରର ୧୫୬ ହଷ୍ଟେଲ ମଧ୍ୟରୁ ୬୦ ଓ ସମ୍ବଲପୁରର ୯୦ ହଷ୍ଟେଲ ମଧ୍ୟରୁ ୧୨ଟିକୁ ମନୋନୀତ କରାଯାଇଥିଲା। ତିନିମାସ ମଧ୍ୟରେ କ୍ୱାଲିଟି ମାନ୍ୟତା ପାଇବା ଭଳି ହଷ୍ଟେଲଗୁଡ଼ିକୁ ଯୋଗ୍ୟ କରିବା ନିମନ୍ତେ ଦୁଇ ଜିଲାର ଜିଲାସ୍ତରୀୟ ଟିମ୍ କଠିନ ପରିଶ୍ରମ କରିଥିଲେ। ଗତ ମାର୍ଚ୍ଚରେ ହଷ୍ଟେଲଗୁଡ଼ିକର ମୂଲ୍ୟାଙ୍କନ ନିମନ୍ତେ ଅଡିଟ୍ ଟିମ୍ କେନ୍ଦୁଝର ଜିଲାର ୩୨ ଏବଂ ସମ୍ବଲପୁରର ୧୨ ହଷ୍ଟେଲ ପରିଦର୍ଶନ କରିଥିଲେ। ସମସ୍ତ ହଷ୍ଟେଲ ଆସେସ୍‌ମେଣ୍ଟ ପାରାମିଟର କ୍ୱାଲିଫାଏ କରିଥିଲେ ଏବଂ ଭାରତୀୟ ମାନକ ସଂସ୍ଥା ଦ୍ୱାରା ଆଇଏସ୍‌ଓ ମାନ୍ୟତା ପାଇଥିଲେ। ଲକ୍‌ଡାଉନ୍ ଓ କୋଭିଡ୍ ପରେ ଅବଶିଷ୍ଟ ୨୮ ହଷ୍ଟେଲ ମାନର ମୂଲ୍ୟାୟନ କରାଯିବ।

ଶ୍ରୀକ୍ଷେତ୍ର ପୁରୀରେ ଗୁରୁବାର ଅପରାହ୍ନରେ ମେଘାଚ୍ଛନ୍ନ ଆକାଶ।

ଦୁର୍ଘଟଣାରେ ୨ ଛାତ୍ରଙ୍କ ମୃତ୍ୟୁ

ଠାକୁରମୁଣ୍ଡା,୧୧।୬(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଟାଙ୍ଗୁରସାହି ନିକଟରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାରେ ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଠାକୁରମୁଣ୍ଡା ଥାନା ଅଧୀନ ଗୁହାଳଡିହି ଗ୍ରାମର ବାସୁଦେବ ପାଲଟାଙ୍କ ପୁଅ ସୁନୀଲ ଏବଂ ରାମ ଦାସଙ୍କ ପୁଅ ନିର୍ମଳ। ସୁନୀଲ ଯୁକ୍ତ ୩ ଓ ନିର୍ମଳ ଯୁକ୍ତ ୨ରେ ପଢୁଥିଲେ। କରଞ୍ଜିଆ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ସୁନୀଲ ଓ ନିର୍ମଳ ନିଜ ଗ୍ରାମରୁ ବାଇକ୍ ଯୋଗେ କୌଣସି କାମରେ କରଞ୍ଜିଆ ଯାଇ ଅପରାହ୍ନ ୩ଟା୩୦ ସମୟରେ ଫେରୁଥିଲେ। ଟାଙ୍ଗୁର ସାହି ନିକଟରେ ଭାରସାମ୍ୟ ହରାଇ ରାସ୍ତା

ଆଜିର ଗନ୍ତବ୍ୟ

ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ କୋଭିଡ୍-୧୯କୁ ଏକ ସୁଯୋଗରେ ପରିଣତ କରି କଠୋର ନିଷ୍ପତ୍ତି ଓ ପୁଞ୍ଜିନିବେଶ କରାଯିବାର ବେଳ ଆସିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଆଲୋକ
ପରିବାରବର୍ଗ

ଅମନ୍
ପରିବାରବର୍ଗ

ନିକୁଞ୍ଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

ଓଡ଼ିଶା ଝୁଇଁଲା...

ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏଥିଯୋଗୁ ପାଗ ଅନୁକୂଳ ରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ମୌସୁମୀ ରାଜ୍ୟର ଆହୁରି ଅଧିକାଂଶ ଅଞ୍ଚଳକୁ ଘେରିଯିବ ବୋଲି ସୂଚନା ଦିଆଯାଇଛି। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। କୋରାପୁଟ ଏବଂ ମାଲକାନଗିରି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

ଏଥିସହିତ ୧୦ ଜିଲା ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହା ଛଡ଼ା ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା, ବାଲେଶ୍ୱର, ଭଦ୍ରକ, କଟକ, ଯାଜପୁର ଏବଂ ଖୋର୍ଦ୍ଧା ଜିଲାରେ ମଧ୍ୟ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ସେହିପରି ୧୨ ତାରିଖରେ ନବରଙ୍ଗପୁର ଏବଂ ନୂଆପଡା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଜଣାପଡ଼ିଛି। ଏହି ସମୟରେ କୋରାପୁଟ, କନ୍ଧମାଳ, ବଲାଙ୍ଗୀର ଏବଂ ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ୧୪ ତାରିଖରୁ ବର୍ଷା ପରିମାଣ ହ୍ରାସ ପାଇବ। ପୁଣି ୧୭ରୁ ଦୁଇଦିନ ମୌସୁମୀଜନିତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ୧୨ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ମୌସୁମୀ ପ୍ରବେଶ କରିବା ପରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଲାଗି ରହିଛି। ଉପକୂଳରେ କମ୍ ବର୍ଷା ହେଉଥିଲେ ମଧ୍ୟ ଦକ୍ଷିଣ ଓଡ଼ିଶାରେ ବର୍ଷା ପରିମାଣ ଅଧିକ ରହିଥିବା ଜଣାପଡିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦାରିଙ୍ଗବାଡିରେ ସର୍ବାଧିକ ୫୪ ମି.ମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡି ୨୩, ରାୟଗଡ଼ା ୨୪, ବଲାଙ୍ଗୀର ୨୨, ଫୁଲବାଣୀ ୧୨.୨, ଛତ୍ରପୁର ୧୦, ବାରିପଦା ୧୦.୨, ଗୋପାଳପୁର ୧୨.୬, ଭୁବନେଶ୍ୱର ୯.୯, ପାରାଦୀପ ୬.୨ ଏବଂ ବାଲେଶ୍ୱରରେ ୪.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି କୋରାପୁଟ ଜିଲାର ପଟାଙ୍ଗୀରେ ୬ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ମୟୂରଭଞ୍ଜର ବାଙ୍ଗିରିପୋଷୀରେ ୭, କଟକ ନିଆଳିରେ ୬, ତେଲକୋଇରେ ୫ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

ସମସ୍ତ ୟୁଜି, ପିଜି...

ପିଜି ପାଠ୍ୟକ୍ରମର ଫାଇନାଲ ପରୀକ୍ଷା କିପରି ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ମାତ୍ର ଅଧିକାଂଶ କୁଳପତି ଏବଂ ଅଧ୍ୟକ୍ଷ ଫାଇନାଲ ପରୀକ୍ଷା କରିବା ଦ୍ୱାରା ବର୍ତ୍ତମାନ ପରିସ୍ଥିତିରେ ଯେଉଁସବୁ ଅସୁବିଧା ସୃଷ୍ଟି ହେବ ସେନେଇ ନିଜର ମତ ରଖିଥିଲେ। କରୋନା ମାର୍ଗଦର୍ଶିକା ପରିବର୍ତ୍ତନ କରିବା ସମ୍ଭବ ନୁହେଁ, ତେଣୁ ସାମାଜିକ ଦୂରତା ଏବଂ ସାନିଟାଇଜେଶନ ଆଦିକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏଭଳି ସ୍ଥିତିରେ ମୂଲ୍ୟାୟନର ବିକଳ୍ପ ବ୍ୟବସ୍ଥା ଅନୁସରଣ କରିବା ଜରୁରୀ ହୋଇପଡ଼ିବ ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଅନ୍ୟ ରାଜ୍ୟଗୁଡ଼ିକ ନେଇଥିବା ପରୀକ୍ଷା ବାତିଲ ନିଷ୍ପତ୍ତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ଆଲୋଚନା ପରେ ଶେଷରେ ଜୁନ୍ ଏବଂ ଅଗଷ୍ଟ ମଧ୍ୟରେ ହେବାକୁ ଥିବା ୟୁଜି, ପିଜି ଫାଇନାଲ ସେମିଷ୍ଟରକୁ ସରକାର ବାତିଲ କରିବା ପାଇଁ ବୃଢ଼ାନ୍ତ ନିଷ୍ପତ୍ତି ନେଇଛନ୍ତି।

ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ କଲେଜଗୁଡିକ ୟୁଜିସି ସୁପାରିସ ଅନୁଯାୟୀ ବିକଳ୍ପ ମୂଲ୍ୟାୟନ ଜରିଆରେ ୟୁଜି, ପିଜିର ଫାଇନାଲ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶ କରିବେ। ଦୁଇଟି ଫର୍ମୁଲାରେ ୟୁଜି, ପିଜି ଛାତ୍ରୀଛାତ୍ରଙ୍କ ଫାଇନାଲ ସେମିଷ୍ଟର ମୂଲ୍ୟାୟନ କରାଯିବ। ପୂର୍ବ ସେମିଷ୍ଟରଗୁଡ଼ିକର ଫଳାଫଳକୁ ଦେଖି ମାର୍କିଂ କରାଯାଇପାରିବ। ଯଦି କୌଣସି ଛାତ୍ରୀଛାତ୍ର ନୂତନ ମୂଲ୍ୟାୟନ ବ୍ୟବସ୍ଥାରେ ପାଇଥିବା ମାର୍କରେ ଖୁସି ନ ଥିବେ ସେମାନଙ୍କ ଲାଗି ଆସନ୍ତା ନଭେମ୍ବରରେ ସାଧାରଣ ରୀତିରେ ପରୀକ୍ଷା କରାଯିବ। ସେହି ଅନୁସାରେ ଡିସେମ୍ବରରେ ପରିବର୍ତ୍ତିତ ଫଳ ପ୍ରକାଶ କରାଯିବ। ଯେଉଁ ବିଶ୍ୱବିଦ୍ୟାଳୟ ବା କଲେଜଗୁଡ଼ିକରେ ପରୀକ୍ଷା ଶେଷ ହୋଇଯାଇଛି ସେସବୁ ସ୍ଥାନରେ ସାଧାରଣ ବ୍ୟବସ୍ଥାରେ ମୂଲ୍ୟାୟନ ହେବ। ଯେଉଁମାନଙ୍କ ଗୋଟିଏ, ଦୁଇଟି ବ୍ୟାକ୍ ପେପର ରହିଯାଇଛି ସେହି ପରୀକ୍ଷା ହେବ ନାହିଁ। କୌଣସି ନୂତନ ବ୍ୟବସ୍ଥାରେ ସେମାନଙ୍କ ପାଇଁ ମୂଲ୍ୟାୟନ କରାଯିବ। ଅନ୍ୟପଟେ ଯେଉଁ ଛାତ୍ରୀଛାତ୍ରଙ୍କ ଦୁଇରୁ ଅଧିକ ବ୍ୟାକ୍ ପେପର ଥିବ ସେମାନେ ସାଧାରଣ ରୀତିନୀତିରେ ପରୀକ୍ଷା ଦେବେ। କରୋନା ସ୍ଥିତିକୁ ଦେଖି ବିଶ୍ୱବିଦ୍ୟାଳୟ ଏବଂ କଲେଜ ସେନେଇ ନିଷ୍ପତ୍ତି ନେବେ। ମେଡିକାଲ ପାଠ୍ୟକ୍ରମ ବ୍ୟତୀତ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ କଲେଜଗୁଡ଼ିକରେ ସମସ୍ତ ପାଠ୍ୟକ୍ରମ ଲାଗି ଏହି ନିଷ୍ପତ୍ତି ଲାଗୁ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଆଜି ରାତ୍ରିକାଳୀନ...

ତେବେ ୧୩ ତାରିଖ ଠାରୁ ପୂର୍ବଭଳି ରାତ୍ରିକାଳୀନ କର୍ଫ୍ୟୁ ଓ ଅନ୍ୟାନ୍ୟ କଟକଣା ଜାରି ରହିବ ବୋଲି ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି। ଆସନ୍ତା ୧୩ ତାରିଖରୁ ରଜପର୍ବ ଆରମ୍ଭ ହେବ। କରୋନା (କୋଭିଡ୍-୧୯) ସଂକ୍ରମଣ ଯୋଗୁ ଚଳିତବର୍ଷ ରଜପର୍ବ ପାଳନ ମଧ୍ୟ ଫିକା ପଡିଯାଇଛି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଯୋଗୁ ଦୋକାନବଜାର ବନ୍ଦ ସାଙ୍ଗକୁ ଲୋକମାନେ ନିଜ ପସନ୍ଦର ସାମଗ୍ରୀ କିଣି ପାରିନାହାନ୍ତି। ଏହାଛଡ଼ା ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରୁ ସକାଳ ୫ଟା ଯାଏ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିଛି। ଏଥିଯୋଗୁ ରାତିରେ କିଣାକିଣି କରିବା ସମ୍ଭବ ହେଉ ନାହିଁ।

ତିନି ଅଧ୍ୟାଦେଶ,...

ମୋଦି ସରକାରଙ୍କ ବିପକ୍ଷରେ ଟ୍ରେଡ୍ ୟୁନିୟନ୍‌ର ପ୍ରତିରୋଧ, ପକ୍ଷପାତ କିମ୍ବା ଝଟ୍‌କା ଦେବା ଭଳି ବିରୋଧବାଦ (ଅପୋଜିଶନ୍-ଇଜମ୍)କୁ ବଦଳାଇବା ପାଇଁ ଏକ ପରିଣାମ ହୋଇପାରେ। ଅନେକ କୃଷକ ସପକ୍ଷବାଦୀ ବିଶ୍ଳେଷକ ଏହି 'ସଂସ୍କାର'ଗୁଡ଼ିକୁ ସମର୍ଥନ କରିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଫେସର ଅଶୋକ ଗୁଲାଟି, ପୂର୍ବତନ କୃଷି ସଚିବ ସିରାଜ ହୁସେନଙ୍କ ଭଳି ଅର୍ଥନୀତିଜ୍ଞ ଓ ହରିଶ ଦାମୋଦରନ୍‌ଙ୍କ ପରି ବିଶ୍ଳେଷକ ଅଛନ୍ତି। ତେଣୁ ଏହି ପ୍ରସଙ୍ଗ ଉପରେ ଖୋଲା ମନରେ ବିଚାର କରାଯିବା ଜରୁରୀ।

ପଛଦ୍ୱାର ଆଇନଃ

ଏହି ୩ ଅଧ୍ୟାଦେଶକୁ କେଉଁ ସମୟ ଓ କିପରି ଭାବେ ଅଣାଗଲା ତା' ଉପରେ ଆଲୋଚନା ଆରମ୍ଭ କରାଯାଉ। ଏହି ଆଇନଗୁଡ଼ିକ ପାଇଁ ଓକିଲାତି କରୁଥିବା ବ୍ୟକ୍ତିମାନେ ମଧ୍ୟ ମାନିଛନ୍ତି ଯେ, କରୋନା ଭାଇରସ୍ କିମ୍ବା ଲକ୍‌ଡାଉନ୍ ସହିତ ଏସବୁର କିଛି ସମ୍ପର୍କ ନାହିଁ। ବର୍ତ୍ତମାନର ସଙ୍କଟମୟ ସମୟରେ ଏହି ପରିବର୍ତ୍ତନ ଚାହିଦା ପୂରଣ କରିବ ନାହିଁ କି କୃଷକମାନଙ୍କ ଉତ୍କଟ ସମସ୍ୟା ଦୂର କରିବା ଭଳି ମନେହେଉ ନାହିଁ। ତେଣୁ ଏହାର ଉପସଂହାର ହେଉଛି କୋଭିଡ୍ 'ରିଲିଫ୍ ପ୍ୟାକେଜ' ସମ୍ପୂର୍ଣ୍ଣ ଭାବେ ଏକ ବ୍ୟାକୁଳ ପଦକ୍ଷେପ। ପାର୍ଲାମେଣ୍ଟକୁ ବାଇପାସ୍ କରି ଅଧ୍ୟାଦେଶ ବଳରେ ଆଣିବା ଭଳି ଏହି ତିନୋଟି ଯାକ ଆଇନରେ କିଛି ଜରୁରୀ ବିଷୟ ନାହିଁ। ଏହି ଉପାୟଗୁଡ଼ିକୁ ନେଇ ଦଶନ୍ଧି ଦଶନ୍ଧି ଧରି ବିତର୍କ ହୋଇଛି। ତେଣୁ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବା ଲାଗି ଆଉ କିଛି ମାସ ଅପେକ୍ଷା କରାଯାଇ ପାରିଥାନ୍ତା। ଏହାବାଦ୍ ମୋଦି ସରକାରଙ୍କୁ କୃଷି ଓ ଅନ୍ତଃ-ରାଜ୍ୟ ବାଣିଜ୍ୟ (ଯାହାକି ରାଜ୍ୟଗୁଡ଼ିକର ବିଷୟ) ଉପରେ ଆଇନ ପ୍ରଣୟନ କରିବା ପାଇଁ କ'ଣ କ୍ଷମତା ଦେଇଛି ତାହା ମଧ୍ୟ ସ୍ପଷ୍ଟ ନୁହେଁ। ଖାଦ୍ୟ ସାମଗ୍ରୀଗୁଡ଼ିକର ବେପାର ଓ ବାଣିଜ୍ୟ କେନ୍ଦ୍ର-ରାଜ୍ୟର ଯୁଗ୍ମ ତାଲିକାରେ ରହିଛି ସତ। କିନ୍ତୁ ଯଦି ରାଜ୍ୟଗୁଡ଼ିକ ନିକଟରେ ଏପିଏମ୍‌ସି ଆଇନ ଗୃହୀତ କରିବା ଅଧିକାର ରହିଛି ତେବେ କୃଷି ଉତ୍ପାଦ ବଜାର କମିଟିଗୁଡ଼ିକୁ ମଧ୍ୟ ବାଇପାସ୍ କରିବା ସେମାନଙ୍କ ଅଧିକାର କ୍ଷେତ୍ର ପରିସରରେ ଆସୁଛି। କେନ୍ଦ୍ର ସରକାରଙ୍କୁ ଅସୁବିଧା ଦୂର କିମ୍ବା ଲଜ୍ଜା ନିବାରଣ କରିବା ପାଇଁ ସମ୍ବିଧାନ ଏପରି କୌଣସି କ୍ଷମତା ଦେଇନାହିଁ, ଯାହା ବଳରେ କଣ୍ଟ୍ରାକ୍ଟ ଫାର୍ମିଂକୁ ନେଇ ଆଇନ ପ୍ରଣୟନ କରିପାରିବେ। ମୋଟାମୋଟି ଭାବେ ଦେଖିଲେ ଏଫ୍‌ଏପିଏଏପିଏସ୍ ହେଉଛି ଅସାମ୍ବିଧାନିକ। ଯଦି ମୋଦି ସରକାର ପ୍ରକୃତରେ କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ କୃଷି ଆଇନରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ ତେବେ ଜନସାଧାରଣଙ୍କ ଦ୍ୱାରା ବା ପାର୍ଲାମେଣ୍ଟାରି ଯାଞ୍ଚକୁ ଫାଙ୍କିବା ଆବଶ୍ୟକତା କାହିଁକି ପଡ଼ିଲା? ଜାତୀୟ ମେଡିକାଲ ଜରୁରୀ ସ୍ଥିତି ଭଳି ଏକ ଅନ୍ଧକାରମୟ ସମୟରେ ଏହି ସଂଶୋଧନ ପଛଦ୍ୱାର ପଟୁ କାହିଁକି ଅଣାଗଲା, ତାହା ପୁଣି ସମ୍ବିଧାନ ଦ୍ୱାରା କ୍ଷମତାପ୍ରାପ୍ତ ରାଜ୍ୟ ସରକାରଗୁଡ଼ିକୁ ପଦଚ୍ୟୁତ କରି?

ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାରଃ

ଏହି ୩ ଅଧ୍ୟାଦେଶର ସମର୍ଥକମାନଙ୍କ ସହିତ ସହମତ ହୋଇ ଗୋଟିଏ ମୌଳିକ ବିନ୍ଦୁ ଉପରେ ଆଲୋଚନା କରାଯାଇପାରେ। କୃଷି ମାର୍କେଟଗୁଡ଼ିକ ପୁରୁଣା ଆଇନଗୁଡ଼ିକର ଏକ ଜାଲରେ ଛନ୍ଦିହୋଇ ଚାପଗ୍ରସ୍ତ ହୋଇଯାଇଛନ୍ତି, ଯାହାକି ଖାଦ୍ୟାଭାବ ଚିନ୍ତାଧାରାକୁ ନେଇ ଗଢ଼ାଯାଇଥିଲା। ପ୍ରତିଟି ପାଦରେ ସରକାରଙ୍କ ହସ୍ତକ୍ଷେପ ଏକ ଉଚିତ ବିଚାର ନୁହେଁ ଏବଂ ଏହା ଉତ୍ପାଦନରେ ବାଧକ ସାଜିପାରେ। ଖାଦ୍ୟ ବଜାରରେ ସ୍ଥିରତା ଆଣି କୃଷି ଅଭିବୃଦ୍ଧିରେ ସହାୟକ ହେବା ପାଇଁ ଆମକୁ କୃଷି ସାମଗ୍ରୀଗୁଡ଼ିକର ବାଣିଜ୍ୟ ଉପରେ ଲଗାଯାଇଥିବା କଟକଣାଗୁଡ଼ିକୁ ହଟାଇବାକୁ ପଡ଼ିବ। ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ଏହି କାର୍ଯ୍ୟ କରୁଥିବାରୁ ତାକୁ ସ୍ୱାଗତ କରାଯିବା ଉଚିତ। କିନ୍ତୁ ମହଜୁଦ ଉପରେ କଟକଣା ହେଉଛି ୧୯୫୦ ଦଶକରେ ଦେଖାଦେଇଥିବା ଖାଦ୍ୟ ସଙ୍କଟର ଏକ ଲିଗାସି। ଏହାକୁ ବର୍ତ୍ତମାନର ଜାତୀୟ ଖାଦ୍ୟ ସଙ୍କଟ ସମୟକୁ ବାଦ୍ ଦେଲେ ଏବେ ଦେଶ ଆବଶ୍ୟକ କରୁନାହିଁ। ଏଗୁଡ଼ିକୁ ହଟାଇଦେବା ଫଳରେ ବେପାରୀ ଓ ମହଜୁଦକାରୀ ଲାଭବାନ ହେବେ। ଖାଦ୍ୟ ଶସ୍ୟର ମୂଲ୍ୟ ହ୍ରାସ ପାଇବାରେ ମଧ୍ୟ ଏହା ସହାୟକ ହୋଇପାରେ। ସମାନ ଯୁକ୍ତି ଆଧାରରେ ସରକାର କୃଷି ସାମଗ୍ରୀ ଉପରୁ ରପ୍ତାନି କଟକଣା ହଟାଇବା ଉଚିତ ଥିଲା। କିନ୍ତୁ ଉକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏହି ସଂସ୍କାରଗୁଡ଼ିକରୁ ବାଦ୍ ଦିଆଯାଇଛି।

ଏପିଏମ୍‌ସି ଭଚ୍ଛେଦଃ

ଏଫ୍‌ପିସି ଅଧ୍ୟାଦେଶକୁ ନେଇ କୌଣସି ସନ୍ଦେହ ନାହିଁ ଯେ, ବର୍ତ୍ତମାନର ଏପିଏମ୍‌ସିଗୁଡ଼ିକ ବହୁ ସମସ୍ୟା ଦେଇ ଗତିକରୁଛନ୍ତି। ଚାଷୀମାନଙ୍କଠାରୁ ଅଧିକ ଅର୍ଥ ନିଆଯାଇ ସେମାନଙ୍କୁ ଶୋଷଣ କରାଯାଉଛି। ସେମାନେ ତୀବ୍ର ପ୍ରତିଯୋଗିତାର ସାମ୍ନା କରିପାରନ୍ତି। କିନ୍ତୁ ଏହି ଅଧ୍ୟାଦେଶରେ ପ୍ରସ୍ତାବିତ ସଂଶୋଧନ ବିଶେଷକରି ଏପିଏମ୍‌ସିଗୁଡ଼ିକ ବାହାରେ ଜିରୋ-ଟ୍ୟାକ୍ସ ଟ୍ରେଡ୍ ଏପିଏମ୍‌ସିର ଇକୋ-ସିଷ୍ଟମ୍‌କୁ ବିପର୍ଯ୍ୟସ୍ତ କରିପାରେ ବୋଲି ସିରାଜ ହୁସେନ୍ ମାନିଛନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ଉକ୍ତ ଅଧ୍ୟାଦେଶ ବଡ଼ ବଡ଼ ବ୍ୟବସାୟୀଙ୍କୁ କୃଷକମାନଙ୍କ ସହ ପ୍ରତ୍ୟକ୍ଷ କାରବାର ପାଇଁ ସହାୟକ ହେବ। କିନ୍ତୁ ମୂଲଚାଲ କ୍ଷମତା ପ୍ରାୟ ନ ଥିବା ଚାଷୀମାନଙ୍କୁ ଏହା କେତେ ସହାୟକ ହେବ ତାହା ସ୍ପଷ୍ଟ ନୁହେଁ। କେନ୍ଦ୍ର ସରକାରଙ୍କ ଉକ୍ତ ପଦକ୍ଷେପ ବର୍ତ୍ତମାନର ତ୍ରୁଟିପୂର୍ଣ୍ଣ ଢାଞ୍ଚାକୁ ବଦଳାଇ ଉନ୍ନତ ବ୍ୟବସ୍ଥା ଆଣିବା ପରିବର୍ତ୍ତେ ଏହାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତବିଧ୍ୱସ୍ତ କରିଦେଇପାରେ।

କୃଷକଙ୍କ ପାଇଁ ନୁହେଁଃ

ଅନୁରୂପ ଭାବେ କଣ୍ଟ୍ରାକ୍ଟ ଫାର୍ମିଂକୁ ଆଇନଗତ ବୈଧତା ପ୍ରଦାନ କରିବା ଦ୍ୱାରା କୃଷି କ୍ଷେତ୍ରକୁ ଶିଳ୍ପୋଦ୍ୟୋଗୀମାନେ ପ୍ରବେଶ କରିବେ। ଏହା ସେମାନଙ୍କ ଉତ୍ପାଦନ କ୍ଷମତାକୁ ବଢ଼ାଇପାରେ, କିନ୍ତୁ କୃଷକମାନଙ୍କ ପାଇଁ ସହାୟକ ହେବ ନାହିଁ। ମୌଖିକ ସହମତିରେ କଣ୍ଟ୍ରାକ୍ଟ ଫାର୍ମିଂରେ ନିୟୋଜିତ ଲକ୍ଷ ଲକ୍ଷ ଭାଗଚାଷୀଙ୍କ ପାଇଁ ଏଫ୍‌ଏପିଏଏପିଏସ୍ ଅଧ୍ୟାଦେଶରେ କିଛି ସୁବିଧା କରାଯାଇ ନାହିଁ। ଅନୁପସ୍ଥିତ ଥିବା ଜମି ମାଲିକ ସ୍ଥାନୀୟ ଭାଗଚାଷୀଙ୍କୁ ଜମି ନ ଦେଇ କମ୍ପାନୀଗୁଡ଼ିକ ସହ ଲିଖିତ ଭାବେ ଚୁକ୍ତିନାମାରେ ସ୍ୱାକ୍ଷର କରିବାକୁ ପସନ୍ଦ କରିବେ। ତେଣୁ ଏହା ବର୍ତ୍ତମାନର ଭାଗଚାଷ ପରମ୍ପରାକୁ ବିପର୍ଯ୍ୟସ୍ତ କରିପାରେ। ଆଇନ ଶୂନ୍ୟରେ କାର୍ଯ୍ୟକାରୀ ହୁଏନାହିଁ ବୋଲି ଇତିହାସ ଆମକୁ ଶିକ୍ଷା ଦିଏ। କେଉଁ ସ୍ଥିତିରେ ସମ୍ପୃକ୍ତ ଆଇନ ପ୍ରଣୟନ ଓ କାର୍ଯ୍ୟକାରୀ ହେଉଛି ତା' ଉପରେ ସବୁକିଛି ନିର୍ଭର କରେ। କୃଷି ଓ ମଣ୍ଡି ଉପରେ ଅଭିଜ୍ଞ ବ୍ୟକ୍ତିମାନେ ସତର୍କ କରାଇଥିବାରୁ ଅର୍ଥନୈତିକ ସ୍ୱାଧୀନତା ଓ ପରିଣାମ ସୁନିଶ୍ଚିତ ନିମନ୍ତେ ଉଦ୍ଦିଷ୍ଟ ଆଇନଗତ ସଂସ୍କାରର କ୍ଷମତା ସମ୍ପର୍କରେ ଅତିରଞ୍ଜିତ କରିବା ଅନୁଚିତ। ବର୍ତ୍ତମାନ ସମୟରେ ଅଣାଯାଇଥିବା ୩ଟି ଅଧ୍ୟାଦେଶରୁ ବେପାରୀ, ବଡ଼ କୃଷି ବ୍ୟବସାୟିକ ସଂସ୍ଥା ଓ କର୍ପୋରେଟ ହାଉସ୍‌ଗୁଡ଼ିକୁ ସୁବିଧା ମିଳିବ। ଏଥିରୁ ଚାଷୀ, ନାମମାତ୍ର ଚାଷୀ ଓ ଭାଗଚାଷୀଙ୍କ କିଛି ଲାଭ ହେବା ଭଳି ଦେଖାଯାଉନାହିଁ। ଏହି ସଂସ୍କାରଗୁଡ଼ିକ କୃଷି ଉତ୍ପାଦନଶୀଳତା ବୃଦ୍ଧି କରିପାରେ, ଖାଦ୍ୟ ବଜାରରେ ଉନ୍ନତି ଆଣିପାରେ। କିନ୍ତୁ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ। ମୋଟାମୋଟି ଭାବେ ଏହା ଦେଶରେ କୃଷକଙ୍କ ପରିବର୍ତ୍ତେ କୃଷିରେ ସହାୟକ ହେବା ଭଳି ନୀତିଗୁଡ଼ିକୁ ନେଇ ଦୀର୍ଘ ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ବୋଲି କୁହାଯାଇପାରେ।

ନିୟମ ଅନୁଯାୟୀ...

ରାଜ୍ୟର ଆବଶ୍ୟକତାକୁ ଦେଖି ବୈଷୟିକ କମିଟିର ଆକଳନ ଅନୁଯାୟୀ ସରକାର ସଫଳତାର ସହ ସାମଗ୍ରୀ ମହଜୁଦ ରଖିଥିଲେ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ବୈଷୟିକ କମିଟି କରୋନା ମୁକାବିଲା ପାଇଁ କେତେ ପରିମାଣରେ ଡାକ୍ତରୀ ଉପକରଣ ଆବ୍ୟଶକ ତାହା ଆକଳନ କରିଥିଲା। କରୋନା ଯୋଦ୍ଧାଙ୍କ ଜୀବନ ବଞ୍ଚାଇବା ଲାଗି ପ୍ରାଥମିକତାଭିତ୍ତିରେ ରାଜ୍ୟ ସରକାର ମାସ୍କ ଖରିଦ କରିଛନ୍ତି।

ଏହି ବିପର୍ଯ୍ୟୟ ସମୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା କ'ଣ ରାଜ୍ୟ ସରକାରଙ୍କ ଦାୟିତ୍ୱ ନୁହେଁ କି ବୋଲି ଅଭିଯୋଗ କରୁଥିବା ବିରୋଧୀ ଦଳକୁ ସମ୍ବିତ ପ୍ରଶ୍ନ କରିଛନ୍ତି। ରୋଗୀ ସଂଖ୍ୟା ବଢିବା ସହିତ ସଂକ୍ରମଣ ବଢୁଥିବାରୁ ଅନ୍ୟ ରାଜ୍ୟରେ ବହୁ ସଂଖ୍ୟାରେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହୋଇଛି। ରାଜ୍ୟ ସରକାର ସ୍ୱ

ସଂକ୍ଷେପରେ

ଡିଇଓ ଅଫିସ୍ ଆଗରେ ମୌନ ପ୍ରତିବାଦ
ନାମଲେଖା ଆଦେଶ ପ୍ରତ୍ୟାହାର ଦାବି

କଟକ ଅଫିସ,୧୧।୬: ନାମଲେଖା ଆଦେଶ ପ୍ରତ୍ୟାହାର ଦାବିରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ମୌନ ପ୍ରତିବାଦ ଜଣାଇଛି ଓଡ଼ିଶା ଅଭିଭାବକ ମହାସଂଘର କଟକ ଶାଖା। ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସଂଘ ଅଭିଯୋଗ କରିଛି ଯେ, ସରକାରୀ ଓ ବେସରକାରୀ ସ୍କୁଲରେ ନାମଲେଖା ଆରମ୍ଭ ହେବା ପରେ କେତେକ ବେସରକାରୀ ସ୍କୁଲ ଅଭିଭାବକଙ୍କୁ ରିଆଡ଼ମିଶନ କରିବା, ଫି' ଆଦାୟ କରିବା, ଅନଲାଇନ କ୍ଲାସ ପାଇଁ ଅର୍ଥ ମାଗିବା, ବହି କିଣିବା ପାଇଁ ଫୋନ, ମେସେଜ କରୁଛନ୍ତି। ଫି' ନ ଦେଲେ ପିଲାଙ୍କ ପାଠପଢ଼ାରେ ସମସ୍ୟା କରିବା ପାଇଁ ଧମକ ଦିଆଯାଉଛି। ଘରୋଇ ସ୍କୁଲକୁ ଫାଇଦା ପାଇଁ ନିଆଯାଇଥିବା ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ ଆବାହକ ମନୀଷା ମିଶ୍ର ଦାବି କରିଛନ୍ତି। ନାମଲେଖା ସମୟରେ ପିଲା ଓ ଅଭିଭାବକଙ୍କ ସମାଗମରେ ସଂକ୍ରମଣ ବଢ଼ିଲେ କିଏ ଦାୟୀ ରହିବେ ବୋଲି ସଂଘ ପ୍ରଶ୍ନ କରିଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଓ ସହ ଅଧ୍ୟକ୍ଷ ପ୍ରସନ୍ନ ବିଶୋୟୀ ଏଭଳି ନିଷ୍ପତ୍ତିକୁ ଜନବିରୋଧୀ ବୋଲି କହିଛନ୍ତି। ସରକାର ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ନିଆରା ରଜ ପାଇଁ ସଜବାଜ

ଅନ୍‌ଲାଇନରେ ହେବ ରଜ ମହୋତ୍ସବ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

କରୋନା ଲାଗି ଏଥର ଫିକା ପଡ଼ିପାରେ ରଜ। ନା ହେବ ଦୋଳିଖେଳ ନା ଜମିବ ରଜଖଟି। ଶଟ୍‌ଡାଉନ୍ ଓ ଅନ୍‌ଲକ୍ ମଧ୍ୟରେ ରଜ ମଉଜ କିପରି ହେବ ସେନେଇ ସମସ୍ତଙ୍କ ମଧ୍ୟରେ ଚିନ୍ତା। ଓଡ଼ିଆଙ୍କ ଏହି ୩ଦିନିଆ ପର୍ବର ପହିଲି ରଜ ରବିବାର ଶଟଡାଉନରେ ପଡୁଛି। କରୋନା ଲାଗି ଏଥର ଜନଗହଳିପୂର୍ଣ୍ଣ ସ୍ଥାନରେ ଦୋଳିଖେଳର ଆୟୋଜନ କରାଯିବନି କି ରଜ ଫିଲ୍ମ ରିଲିଜ ହେବନି। ସେହିଭଳି ପାର୍କ, ସପିଂମଲ୍, ମଣ୍ଡପ, ପର୍ଯ୍ୟଟନସ୍ଥଳୀ ସବୁକିଛି ବନ୍ଦରହିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ହେଲେ ଏସବୁ କଟକଣା ସତ୍ତ୍ୱେ ସରକାରଙ୍କ ସମସ୍ତ ନିୟମ ଓ ପରାମର୍ଶ ମାନି ଓଡ଼ିଆଙ୍କ ଏହି ଗଣପର୍ବକୁ କିଭଳି ପାଳନ କରିହେବ ଓ ରଜ ପିଠା, ମିଠାର ମଜା ନେଇହେବ ସେଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଓଡ଼ିଆମାନେ ଏକାଠି ହୋଇଛନ୍ତି। ଘରେ ରହି ସୁରକ୍ଷିତ ରହି ରଜପର୍ବକୁ ପାଳନ କରିବାକୁ ସୋସିଆଲ ମିଡିଆର ସାହାଯ୍ୟ ନେଇଛନ୍ତି।

ଅନ୍‌ଲାଇନରେ ହେବ ରଜ ମହୋତ୍ସବ। ରଜପିଠା ଓ ଗୀତନାଚର ଆସର ବିଜମିବ। କୋଭିଡ୍-୧୯ ଲାଗି ପ୍ରଥମଥର ପାଇଁ ଭର୍ଚୁଆଲ ରଜର ଆୟୋଜନ କରାଯିବ। ପୂର୍ବରୁ ଦୋଳିଖେଳ ସହ ରଜ ମହୋତ୍ସବର ଆୟୋଜନ କରୁଥିବା ଅନୁଷ୍ଠାନ ଓ ସଂସ୍ଥାମାନେ ଏଥର ବିଭିନ୍ନ ଅନ୍‌ଲାଇନ୍ ରଜ ପ୍ରତିଯୋଗିତା ଆୟୋଜନ କରିବେ, ଯେଉଁଥିରେ ରଜ ଲୁକ୍ ଓ ରଜ କୁଇନ୍ ପ୍ରତିଯୋଗିତାରୁ ଆରମ୍ଭକରି ସ୍ୱତନ୍ତ୍ର କୋଭିଡ୍-୧୯ ପ୍ରତିଯୋଗିତା ରହିବ। ନିକଟରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନରେ ସମଗ୍ର ଦେଶରେ କାର୍ଯ୍ୟରତ ଓଡ଼ିଆ ଅଧିକାରୀଙ୍କ ପତ୍ନୀମାନେ ଭର୍ଚୁଆଲ ରଜ ପାଳନ କରିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ଭିଡିଓରେ ରଜ ପୋଡ଼ପିଠା ସହ ପାରମ୍ପରିକ ଓଡ଼ିଆ ଖାଦ୍ୟର ପସରା ଦେଖିବାକୁ ମିଳିଥିଲା। ଆଗକୁ ହେଲ୍ପମେଟ୍ ପକ୍ଷରୁ ଭର୍ଚୁଆଲ୍ ରଜ କୁଇନ୍ ପ୍ରତିଯୋଗିତା ଆୟୋଜିତ ହେବାକୁ ଥିବାବେଳେ ଆମ ଟିଭି ପକ୍ଷରୁ ରାଜକୁମାରୀ ସିଜନ୍-୩ ଏଥର ଡିଜିଟାଲ ପ୍ଲାଟଫର୍ମରେ ହେବ।

ଓଟିଡିସିର 'ପିଠା ଅନ୍ ହ୍ୱିଲ୍'

ଚଳିତ ବର୍ଷ ରଜରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଏହାର ପ୍ରସିଦ୍ଧ ପୋଡ଼ପିଠା ସହ ଅନ୍ୟାନ୍ୟ ପିଠା, ମିଠାର ହୋମ୍ ଡେଲିଭରି କରିବ। ରାଜ୍ୟର ସମସ୍ତ ପାନ୍ଥନିବାସ ଲୋକଙ୍କ ଘରେ ସୁସ୍ୱାଦୁ ପିଠା ପହଞ୍ଚାଇବ। ଏଥିଲାଗି ଓଟିଡିସି ପକ୍ଷରୁ 'ପିଠା ଅନ୍ ହ୍ୱିଲ୍' ଓ 'ହୋମ ଡେଲିଭରି' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜୁନ୍ ୧୩ ଓ ୧୪ ଶଟଡାଉନ୍ ରହୁଥିବାରୁ ଭୁବନେଶ୍ୱର ପାନ୍ଥନିବାସ ପକ୍ଷରୁ ୩ରୁ ୫କିମି ଅଞ୍ଚଳ ମଧ୍ୟରେ ରଜପିଠା 'ହୋମ୍ ଡେଲିଭରି' ହେବ। ମୋବାଇଲ ନଂ ୯୦୭୮୮୮୫୫୧୬, ୯୪୩୮୨୪୩୫୭୯ ଓ ୯୪୩୭୧୧୫୪୩୭ ଯୋଗେ ପିଠା ଅର୍ଡର କରିହେବ। ସେହିପରି ୧୫ରୁ ୧୭ତାରିଖ ମଧ୍ୟରେ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ମାଧ୍ୟମରେ ଭୁବନେଶ୍ୱରର ୬ଟି ସ୍ଥାନ ତଥା ଜୟଦେବ ଭବନ, ରୂପାଲି ଛକ, ଖଣ୍ଡଗିରି ଛକ, ସିଆରପି ଛକ, ପୋଖରୀପୁଟ ଛକ ଓ ନୀଳାଦ୍ରୀ ବିହାର ଛକ ନିକଟରେ ସ୍ୱତନ୍ତ୍ର ଗାଡ଼ିରେ ପିଠା ଉପଲବ୍ଧ କରାଯିବାର ବ୍ୟବସ୍ଥା ହୋଇଛି। ସମ୍ବଲପୁର ସହରରେ ମଧ୍ୟ 'ପିଠା ଅନ୍ ହ୍ୱିଲ୍' ମାଧ୍ୟମରେ ଲୋକଙ୍କୁ ପିଠା ଯୋଗାଇ ଦିଆଯିବ। ପ୍ରଥମଥର ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ମଧ୍ୟ ଏଥର ପିଠା ପ୍ରସ୍ତୁତି ଓ ବିକ୍ରି କାର୍ଯ୍ୟରେ ଓଟିଡିସି ନିୟୋଜିତ କରିଛି। ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ, ସମ୍ବଲପୁର ଓ ରାଉରକେଲା ପାନ୍ଥନିବାସରେ ରଜପିଠା ବିକ୍ରି ନିମନ୍ତେ ସ୍ୱତନ୍ତ୍ର କାଉଣ୍ଟର ଖୋଲା ରହିବ। ମାସ୍କ ପିନ୍ଧି ଓ ସାମାଜିକ ଦୂରତ୍ୱ କଟକଣା ପାଳନ କରି ଗ୍ରାହକମାନେ ଏସବୁ କାଉଣ୍ଟରରୁ ରଜପିଠା କିଣିପାରିବେ ବୋଲି ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି।

'ଜୋମାଟୋ', 'ସ୍ୱିଗି'ରେ ମିଳିବ ରଜପାନ

ରଜରେ ରଜପାନର ସ୍ୱତନ୍ତ୍ରତା ରହିଥିବା ବେଳେ କରୋନା ଲାଗି ଏଥର ପାନର ହୋମ୍ ଡେଲିଭରି କରିବାକୁ ବହୁ ଦୋକାନୀ ଏବଂ ସଂସ୍ଥା ଅଣ୍ଟା ଭିଡ଼ିଛନ୍ତି। ୱାନ୍‌କ୍ଲିକ୍‌ରେ ଯେପରି ଘରେ ବସି ଗ୍ରାହକ ହାତପାଆନ୍ତାରେ ପାନ ପାଇପାରିବେ ସେଥିଲାଗି ବିଭିନ୍ନ ପାନ ଦୋକାନୀ 'ଜମାଟୋ' ଓ 'ସ୍ୱିଗି' ସହ ସହବନ୍ଧିତା କରିଛନ୍ତି। ଅର୍ଥାତ୍ ଖାଦ୍ୟ ସାମଗ୍ରୀ ଭଳି ରଜରେ 'ରାୱାଡି ପାନ', ମୁଖୱାସ ବରଫି ପାନ', 'ମିଠା ଚେରୀ ପାନ', 'ମିଠା ପାନ', 'କେଶର', 'ଦିଲ୍‌ଖୁସ୍', 'ଦିଲ୍‌ୱାଲେ ମିଠା' ପାନ, 'ଓଡ଼ିଶା ରଜ ପାନ' ସହ ବିଭିନ୍ନ ଫ୍ଲେଭର୍‌ର ପାନ ଘରେବସି ପାଇହେବ। ଗୋଟା ପିଛା ଏହି ପାନର ଦାମ୍ ୫୦ଟଙ୍କାରୁ ଆରମ୍ଭ ହୋଇ ୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି 'ଉପହାର ଡଟ୍ କମ୍' ଏଥର ମଧ୍ୟ ଲୋକଙ୍କ ଘରେ କଲିକତା ଓ ବାଙ୍ଗାଲୋରର ସ୍ୱତନ୍ତ୍ର ପାନ ପହଞ୍ଚାଇବ। ୫୦ରୁଉର୍ଦ୍ଧ୍ୱପ୍ରକାରରମସଲା ଦେଇପ୍ରସ୍ତୁତକରାଯାଉଥିବାଏହିପାନଗୁଇନ୍‌ସିଟିରଲୋକଅର୍ଡରକରିପାରିବେ।

ଏସ୍‌ପିଙ୍କୁ ରିପୋର୍ଟ ମାଗିଲେ ମହିଳା କମିଶନ

ପୋଲିସ କ୍ୟାଣ୍ଟିନରେ ମହିଳାଙ୍କୁ ଗଣବଳାତ୍କାର, ହତ୍ୟା ମାମଲା

ଆବଶ୍ୟକ ପଡ଼ିଲେ ଅଞ୍ଚଳକୁ ଯାଇ ତଦନ୍ତ କରିବେ

ଭୁବନେଶ୍ୱର, ୧୧।୬(ବ୍ୟୁରୋ)

ମାଲକାନଗିରି ସଦର ମହକୁମା ପୋଲିସ କ୍ୟାଣ୍ଟିନରେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲାରେ ରାଜ୍ୟ ମହିଳା କମିଶନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହି ମାମଲାର ତଦନ୍ତ ରିପୋର୍ଟ ତୁରନ୍ତ ଦେବାକୁ ମାଲକାନଗିରି ଏସ୍‌ପିଙ୍କୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରା ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପାଇବା ପରେ ତାହାକୁ ସେ ଅନୁଧ୍ୟାନ କରିବେ। ଯଦି ଆବଶ୍ୟକ ପଡ଼େ ତେବେ ସେ ନିଜେ ଉକ୍ତ ଅଞ୍ଚଳକୁ ଯାଇ ତଦନ୍ତ କରିବା ସହ ପୀଡ଼ିତାଙ୍କ ପରିବାରବର୍ଗକୁ ଭେଟିବେ ବୋଲି କମିଶନ ଅଧ୍ୟକ୍ଷା କହିଛନ୍ତି।

ଅନ୍ୟପକ୍ଷରେ ବୁଧବାର ଏ ନେଇ କଂଗ୍ରେସ ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ପୋଲିସ ଉପରେ ବର୍ଷିଥିଲା। ଉକ୍ତ ଘଟଣାରେ ପୋଲିସର ହାତ ରହିଥିବା ଓ ସେଥିପାଇଁ ପୋଲିସ ଜାଣିଶୁଣି ଚୁପ ବସିଥିବା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେ ଦାବି କରିଥିଲେ। ଏହି ଖବରଦାତା ସମ୍ମିଳନୀ ଯୋଗୁ ଚାପ ପଡ଼ିବାରୁ ମହିଳା କମିଶନ ଉପରୋକ୍ତ ନିଷ୍ପତ୍ତି ନେଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ଗତ ମେ ୭ତାରିଖରେ ପୀଡ଼ିତାଙ୍କୁ ଗଣବଳାତ୍କାର କରାଯାଇଥିଲା। ଅଚେତ ଅବସ୍ଥାରେ ସେ ପୋଲିସ କ୍ୟାଣ୍ଟିନ୍‌ରେ ପଡ଼ିଥିବାବେଳେ ତାଙ୍କୁ ପୋଲିସ ଉଦ୍ଧାରକରିମାଲକାନଗିରିସଦର ହସ୍ପିଟାଲକୁନେଇଥିଲା। ଏଥିସହ ମହିଳାଙ୍କ ସ୍ୱାମୀଙ୍କୁ ଖବର ଦେଇଥିଲା। ସେ ହସ୍ପିଟାଲକୁ ଯାଇ ତାଙ୍କ ସ୍ତ୍ରୀ ଅଚେତ ଅବସ୍ଥାରେ ପଡ଼ିଥିବା ଓ ଶରୀରରେ କ୍ଷତଚିହ୍ନ ଥିବା ଦେଖିବାକୁ ପାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ ହେବାରୁ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲା। ତେବେ ସ୍ଥାନାନ୍ତର ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ପୀଡ଼ିତାଙ୍କ ସ୍ୱାମୀ ଅଭିଯୋଗ ଆଣିଛନ୍ତି ଯେ, ବାଟରେ ପୋଲିସ ତାଙ୍କଠାରୁ ସାଦା କାଗଜରେ ୬ଟି ଦସ୍ତଖତ କରାଇନେବା ସହ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲା। ଏହି ମାମଲାରେ ପୋଲିସ ସମ୍ପୃକ୍ତ ଥିବାରୁ ଜାଣିଶୁଣି ଏହାକୁ ଚପାଇ ଦିଆଯାଉଛି।

୧୫ ଦୋକାନ, ମଲ୍ ସିଲ୍ କଲା ବିଏମ୍‌ସି

କାରଣ ଦର୍ଶାଅ ନୋଟିସ ପରେ ନିଦ ଭାଙ୍ଗିଲା

ଭୁବନେଶ୍ୱର, ୧୧।୬ (ବ୍ୟୁରୋ)

ବର୍ତ୍ତମାନ ସାରା ଦେଶ ଅନ୍‌ଲକ୍ ପର୍ଯ୍ୟାୟ ୧ରେ ଗତି କରୁଛି। କିନ୍ତୁ ଓଡ଼ିଶାରେ ଏବେ ବି ଲକ୍‌ଡାଉନ୍ ଜାରି ରହିଛି। ଅବଶ୍ୟ ରାଜ୍ୟ ସରକାର ଲକ୍‌ଡାଉନ୍-୫ରେ ନିୟମକୁ ଅନେକ ମାତ୍ରାରେ କୋହଳ କରିଛନ୍ତି। ଯାହାଫଳରେ ଏବେ ଜନସାଧାରଣ କରୋନା କଟକଣାକୁ ଖିଲାପ କରୁଥିବା ନଜରକୁ ଆସୁଛି। ବିଶେଷ କରି ବଜାର, ହାଟରେ ଗହଳିକୁ ଏଡ଼ାଇବା ଓ ଦୋକାନ ବଜାରରେ ସାମାଜିକ ଦୂରତ୍ୱ ନିୟମ ନ ମାନିବା ନଜରକୁ ଆସିଛି। ତେବେ ଏନେଇ ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅତିରିକ୍ତ କମିଶନର (୨) ଅବନୀ ପଟ୍ଟନାୟକ ଉତ୍ତର, ଦକ୍ଷିଣ-ପଶ୍ଚିମ, ଦକ୍ଷିଣ-ପୂର୍ବ ଜୋନାଲ ଡେପୁଟି କମିଶନରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାପରେ ଏବେ ଜୋନାଲ ଡେପୁଟି କମିଶନରଙ୍କ ନିଦ ଭାଙ୍ଗିଛି। ଗୁରୁବାର ଗୋଟିଏ ଦିନରେ ବିଏମ୍‌ସି, ବିଡିଏ ମିଳିତ ଟିମ୍ ପକ୍ଷରୁ ୩ ଜୋନ୍‌ରେ ୬ଟି ସ୍କ୍ୱାଡ ୧୫ ଦୋକାନ ଓ ମଲ୍ ସିଲ୍ କରିଥିବା ଜଣାପଡ଼ିଛି। ବିଶେଷ କରି କୋଭିଡ୍-୧୯ ନିୟମ ନ ମାନିବା, ସାମାଜିକ ଦୂରତ୍ୱ ନିୟମ ପାଳନ ନ କରିବା ଓ ମାସ୍କ ଏବଂ ସାନିଟାଇଜର ବ୍ୟବହାରକୁ ନେଇ ସ୍କ୍ୱାଡ୍ ପକ୍ଷରୁ ଏହି ସିଲ୍ ପ୍ରକ୍ରିୟା କରାଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ସମସ୍ତ ଜୋନ୍‌ର ଜୋନାଲ ଡେପୁଟି କମିଶନରଙ୍କ ନେତୃତ୍ୱରେ ୨ଟି ଟିମ୍ ଏହି ସିଲ୍ ପ୍ରକ୍ରିୟା ଜାରି ରଖିଥିଲେ। ଏହି ପ୍ରକ୍ରିୟାରେ ମୁଖ୍ୟତଃ ଲୁଗା ଦୋକାନ, ହୋଟେଲ୍‌ର ନାମ ସର୍ବାଧିକ ରହିଛି। ଜନପଥରେ ଥିବା ଅମ୍ବର ଶାଢ଼ୀ ଶୋ ରୁମ୍ ସହ ସ୍ପୋର୍ଟସ ଏମ୍ପୋରିଅମ୍ ଏବଂ ଫ୍ୟାବ୍ ଇଣ୍ଡିଆ ଶୋ'ରୁମ୍, କଳ୍ପନା ମା' ତାରିଣୀ ବସ୍ତ୍ରାଳୟ, ବିନୋଦ ଟେକ୍ସଟାଇଲ୍ସ, ନୟାପଲ୍ଲୀରେ ଥିବା ବିଶାଲ ମେଗା ମାର୍ଟ ସହ ଏକାମ୍ରକାନନ ରାସ୍ତାରେ ଥିବା ଗୋଟିଏ ଓମ୍‌ଫେଡ୍, ଶହୀଦ ନଗରର ୨ ହୋଟେଲ ସହ ଲିଙ୍ଗରାଜ ଲସି ଦୋକାନ, ମଞ୍ଚେଶ୍ୱରର ୨ଟି ଦୋକାନ (ଷ୍ଟେଶନାରୀ, ଲୁଗା ଦୋକାନ), ଚନ୍ଦ୍ର

ଶେଖରପୁରରେ ଥିବା ଗୋଟିଏ ଲୁଗା ଦୋକାନ ସହ ରବି ଟକିଜ୍ ଛକ ସ୍ଥିତ ଏକ ଟିଫିନ୍ ଦୋକାନକୁ ସିଲ୍ କରାଯାଇଛି। ଉଲ୍ଲେଖଯୋଗ୍ୟ, କୋଭିଡ-୧୯ ଏସ୍‌ଓପିକୁ ଭୁବନେଶ୍ୱରରେ କଡ଼ାକଡ଼ି ପାଳନ ହେଉ ନ ଥିବାରୁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଲୋକମାନେ ଫାଷ୍ଟଫୁଡ୍, ଠେଲା ଦୋକାନ ଆଦିରେ ଗାଇଡଲାଇନ୍ ନ ମାନିବା, ସାମାଜିକ ଦୂରତା ନ ରଖିବା, ମାସ୍କ ନ ପିନ୍ଧିବା କମିଶନର ଜାଣିବାକୁ ପାଇଥିଲେ। ପରେ ଏନେଇ ବିଏମ୍‌ସି ଅତିରିକ୍ତ କମିଶନର ଅବନୀ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିବା ସହ ଜୋନାଲ ଡେପୁଟି କମିଶନରଙ୍କୁ ଚିଠି ଯୋଗେ ଏନେଇ ଅବଗତ କରାଇଥିଲେ। ଫଳସ୍ୱରୂପ ଗୁରୁବାର ଏହି ସିଲ୍ ପ୍ରକ୍ରିୟା ଜାରି ରହିଥିଲା। ଆସନ୍ତାକାଲି ମାର୍କେଟ ବିଲ୍ଡିଂ ଓ ମୁଖ୍ୟ ମୁଖ୍ୟ ହାଟ ଉପରେ ମିଳିତ ସ୍କ୍ୱାଡ୍ ଚଢ଼ାଉ କରିବ ବୋଲି ସୂଚନା ମିଳିଛି। ତେବେ ଜୁନ୍ ମାସରେ ଅଧିକ ସତର୍କ ରହିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଭିଡିଓ ବାର୍ତ୍ତା ମାଧ୍ୟମରେ କହୁଥିବାବେଳେ ଲୋକଙ୍କ ଏପରି ବେପରୁଆ କାର୍ଯ୍ୟକଳାପ ସଂକ୍ରମଣ ବୃଦ୍ଧି କରାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି।

OFFICE OF THE CHIEF DISTRICT AND PUBLIC HEALTH OFFICER, SUBARNAPUR

Advt. No. 3053/NHM/SUBARNAPUR **Dtd.08.06.2020**

No. E-52: Applications are invited from the contractual employees of NHM already engaged in the following posts under OSH & FWS in other district and desiring to be posted in Subarnapur district.

ADVERTISEMENT

Sl. No.	Name of the Post	Vacancy
1	AYUSH Doctor (Homeopathic) PHC	5
2	District Data Manager - IDSP	1
3	Block Data Manager	1
4	Optometrist - DEIC	1
5	Social Worker - DEIC	1
6	Clinical Psychologist - NMHP	1
7	Psychiatric Social Worker - NMHP	1
8	District PPM Coordinator - RNTCP	1
9	Senior Treatment Supervisor - RNTCP	1
10	Case Registry Assistant - NMHP	1
11	Medical Record Assistant - IDSP	1
12	Medical Officer (DEIC)	1
13	Medical Officer (NPCDCS)	1
14	Medical Officer (SNCU)	3
15	Medical Officer-DTC-RNTCP	1
16	Dental Technician - DEIC	1
17	Paediatrician - DEIC	1
18	AYUSH Homeopathy (Female) RBSK	5
19	AYUSH Homeopathy (Male) RBSK	1
20	AYUSH Ayurvedic (Female) RBSK	3
21	ANM / Staff Nurse (RBSK)	3
22	Pharmacist (RBSK)	3

Interested in-house canddiates of NHM are requested to apply in the prescribed format with NOC and experience certificate issued by concerned CDM & PHO. Selection shall be made on the highest length of incumbency under the Society, as per the reservation category applicable, if any. The application format & other details can be obtained from the district website **www.subarnapur.nic.in** and the application should reach to the Office of the undersigned by Dt.18.06.2020 (Upto 5 P.M.) through Regd./Speed Post only. Applications received after due date will not be considered. **Vacancies shown above are provisional and subject to change during the time of selection/appointment. Incomplete application in any form is liable for rejection.** The undersigned reserves the right to accept/reject any application and modify/cancel the advertisement without assigning any reason thereof.

Sd./- Chief District Medical and Public Health Officer, Subarnapur

OIPR-10118/11/0001/2021

BHUBANESWR MUNICIPAL CORPORATION

E-PROCUREMENT NOTICE

E-Mail ID-ee2@bmc.gov.in and Sethyshyamsundar@gmail.com

No.C-44:-

1. Bid reference No. : BMC-EED-II-03/2020-21 Dt.10.6.2020
2. Tender Call Notice No. : No.22134 Dt.10.06.2020
3. No. of work : 5 Nos.
4. Bid value : Rs.2,54,990/- to Rs.17,85,637/-
5. Period of completion : 30 days

Date and time schedule

Start	End	Opening
11.00 A.M. of 12.6.20	5 P.M. of 22.6.20	11.00 A.M. 24.6.20

6. Tender details: Can be seen for the procurement portal: https://www.tendersodisha.gov.in, BMC website https://www.bmc.gov.in

Sd./- Executive Engineer, Div-II
Bhubaneswar Municipal Corporation

OIPR-13002/11/0010/2021

OFFICE OF THE EXECUTIVE ENGINEER MARKONA CANAL DIVISION, MARKONA

QUOTATION CALL NOTICE NO. 02 OF 2020-21

No. A-122: Sealed quotations are invited in the prescirbed format from Travel Agencies/Tour Operators/Individual vehicle owners having valid uptodate PAN/GST Registration Number for providing 2 Nos. of vehicles for engagement in the Office of the Asst. Executive Engineer, Markona Canal Sub-Division No.-I, Markona & Asst. Executive Engineer, Markona Canal Sub-Division No.-III, Nilgiri on monthly rent basis. The details of terms and conditions for the above service along with the application form of quotation containing General Bid Information and other documents will be available in the Office of the Executive Engineer, Markona Canal Division, Markona or can be downloaded from the State Government website **www.odisha.gov.in** from 12.06.2020 to 24.06.2020 upto 2.00 P.M. The authority reserves the right to cancel the quotation without assigning any reason thereof.

Sd./- Executive Engineer
Markona Canal Division, Markona

OIPR-32397/11/0001/2021

ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

କିଲ୍ଲା ମୈଦାନ, କଟକ-୭୫୩୦୦୧

ଦୂରଭାଷ- 0671-2301892, ଫାକ୍ସ- 0671-2301227

ଇ-ମେଲ୍- diorissa@nic.in

ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା 4336/ Ind. ତାରିଖ: 11.06.2020

No. P-01:- ରାଜ୍ୟରେ ତାଲାବନ୍ଦର ପରବର୍ତ୍ତୀ ପର୍ଯ୍ୟାୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର କାର୍ଯ୍ୟକାରିତାର ପୁନରାରମ୍ଭ ପାଇଁ ନଗଦ ଅର୍ଥର ପ୍ରାଧାନ୍ୟତାକୁ ଦୃଷ୍ଟିରେ ରଖି ସେମାନଙ୍କର ରାଜ୍ୟ ସରକାରଙ୍କ ଅଧୀନସ୍ଥ ବିଭାଗ ଓ ସଂସ୍ଥାରେ ବକେୟା ଦେୟର ନିର୍ଦ୍ଧାରଣ ଅତ୍ୟନ୍ତ ଜରୁରୀ ।

ଏହି ପରିପ୍ରେକ୍ଷୀରେ ରାଜ୍ୟର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୁଡିକ ରାଜ୍ୟ ସରକାରଙ୍କ ଅଧୀନସ୍ଥ ବିଭାଗ ଓ ସଂସ୍ଥାମାନଙ୍କୁ ଯୋଗାଇଥିବା ଉତ୍ପାଦ ଓ ସେବା ସମ୍ବନ୍ଧୀୟ ସବିଶେଷ ତଥ୍ୟ ନିମ୍ନ ସାରଣୀରେ ଉପଲବ୍ଧ କରାଯାଉଛି ।

କ୍ରମିକ ସଂଖ୍ୟା	ଉଦ୍ୟୋଗର ନାମ	ସମ୍ପୃକ୍ତ ବିଭାଗର ନାମ	ସମ୍ପୃକ୍ତ କାର୍ଯ୍ୟାଳୟର ନାମ	କାର୍ଯ୍ୟାଦେଶ ସଂଖ୍ୟା ଓ ତାରିଖ	ବିଲ୍ ନମ୍ବର ଓ ତାରିଖ	ଯୋଗାଇ ଦିଆଯାଇଥିବା ଉତ୍ପାଦ/ସେବା	ବକେୟା ଦେୟ (ଟଙ୍କା)
(୧)	(୨)	(୩)	(୪)	(୫)	(୬)	(୭)	(୮)

ରାଜ୍ୟର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ଅନୁର

ମହାନ୍ ଆତ୍ମାମାନଙ୍କୁ ଏକ ନିଃସଙ୍ଗ ଜୀବନ ମଧ୍ୟ ବଂଚିବାକୁ ପଡ଼ିଥାଏ। ଯେଉଁମାନେ ସାରାବିଶ୍ୱର ପୂଜନୀୟ– ସେମାନେ ଏକୁଟିଆ ବିଚରଣ କରୁଥାନ୍ତି। ସେମାନଙ୍କର ସର୍ବବିଧ୍ ମହତ ଚେଷ୍ଟା ବ୍ୟର୍ଥ ମଧ୍ୟ ହୋଇ ଯାଇପାରେ। କିନ୍ତୁ ଅବିଚଳିତ ରହନ୍ତି ସେମାନେ। ସେମାନଙ୍କ ନିଜ ଅନ୍ତରର ଶକ୍ତି ହିଁ ଏକମାତ୍ର ବନ୍ଧୁ। –ଶ୍ରୀଅରବିନ୍ଦ

ସହରୀ ଗରିବଙ୍କ ଉପରେ ମାଡ଼

ପ୍ରତ୍ୟେକ ରାଜ୍ୟ ସରକାର ସେମାନଙ୍କ ପ୍ରବାସୀ ଶ୍ରମିକମାନଙ୍କୁ ଘରକୁ ଫେରାଇ ଆଣିବାର ଦାୟିତ୍ୱ ହାତକୁ ନେଇଛନ୍ତି। କୋଭିଡ–୧୯ ବ୍ୟାପିବା ଓ ଶିଳ୍ପ–କାରଖାନାଗୁଡ଼ିକ ବନ୍ଦ ହେବା ପରେ ପ୍ରବାସୀ ଶ୍ରମିକମାନେ ବେକାର ହୋଇଯାଇଥିଲେ। ଏହି ସଙ୍କଟକୁ ଆହୁରି ଜଟିଳ କରିଦେଇଥିଲା ପ୍ରଧାନମନ୍ତ୍ରୀଙ୍କ ହଠାତ୍ ଜାତୀୟ ଲକ୍‌ଡାଉନ୍ ଘୋଷଣା। ବେକାର ଶ୍ରମିକମାନଙ୍କୁ ଏଥିପାଇଁ ପ୍ରସ୍ତୁତ ହେବାକୁ ଅତି ବେଶିରେ ଚାରିଘଣ୍ଟା ସମୟ ମିଳିଥିଲା। ଟ୍ରେନ୍ ଓ ବିମାନ ସେବା ବନ୍ଦ କରି ଲକ୍ଷ ଲକ୍ଷ ଶ୍ରମିକଙ୍କୁ ସେମାନଙ୍କ କର୍ମକ୍ଷେତ୍ରରେ ଅଟକି ରହିବାକୁ ବାଧ୍ୟ କରାଯାଇଥିଲା। ଫଳରେ ଶ୍ରମିକମାନେ ହତାଶ ହୋଇ ହଜାର ହଜାର କିଲୋମିଟର ପାଦରେ ଚାଲିଚାଲି କିମ୍ବା ସାଇକେଲ ଚଳାଇ ଘରେ ପହଞ୍ଚିବାକୁ ଚେଷ୍ଟା କରିବାର ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ବସ୍ ଓ ଟ୍ରେନ୍ ମାଧ୍ୟମରେ ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ ସୁଗମ କରିବା ପାଇଁ ରାଜ୍ୟ ସରକାରଗୁଡ଼ିକ ସମୟୋଚିତ ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଅଟକି ରହିଥିବା ପ୍ରବାସୀମାନଙ୍କୁ ଚିହ୍ନଟ କରି ୧୫ ଦିନ ମଧ୍ୟରେ ସେମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟବସ୍ଥା କରିବାକୁ କହିଛନ୍ତି। ଲକ୍‌ଡାଉନ୍ ନିୟମ ଉଲ୍ଲଂଘନକାରୀ ପ୍ରବାସୀଙ୍କ ବିରୋଧରେ ପୋଲିସ ପଞ୍ଜୀକୃତ କରିଥିବା ମାମଲା ପ୍ରତ୍ୟାହାର କରିବାକୁ ମଧ୍ୟ କୋର୍ଟ ଆଦେଶ ଦେଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ପ୍ରବାସୀ ଶ୍ରମିକଙ୍କ ଦକ୍ଷତା ଅନୁଯାୟୀ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମଧ୍ୟ କୁହାଯାଇଛି। ରାଜ୍ୟକୁ ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ପରେ ଦେଶରେ କୋଭିଡ୍ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇଛି। ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ ସରକାର ଠିକ୍ କରିଛନ୍ତି କି ନାହିଁ ତାହା ଉପରେ ବିଚାର କରିବାର ସମୟ ଏହା ନୁହେଁ। କିନ୍ତୁ ଯେଉଁଭଳି ଭାବରେ ଏହି କାର୍ଯ୍ୟ କରାଗଲା ତାହା ଆହୁରି ଭଲରେ କରାଯାଇପାରିଥାନ୍ତା। ରାଜ୍ୟ ସରକାରଗୁଡ଼ିକ ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ ଓ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ସାମୟିକ ରହଣି ପାଇଁ ଯେଉଁସବୁ ବ୍ୟବସ୍ଥା କରିଥିଲେ ତାହା ପର୍ଯ୍ୟାପ୍ତ ନୁହେଁ।

ଆଜିର ଅର୍ଥନୀତି

ଉଦାହରଣ ସ୍ୱରୂପ, ହାତରେ ଅନେକ ସମସ୍ୟା ଥିବାରୁ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପ୍ରବାସୀଙ୍କ ରହଣି ବିଷୟ ବୁଝିବା ପାଇଁ ସରପଞ୍ଚମାନଙ୍କ ଉପରେ ଓଡିଶା ସରକାରଙ୍କ ଦାୟିତ୍ୱ ହସ୍ତାନ୍ତର ଏକ ବାଧ୍ୟବାଧକତା ହୋଇଥାଇପାରେ। କିନ୍ତୁ ପ୍ରଶାସନ ଦ୍ୱାରା ଏହାର ନିରନ୍ତର ମନିଟରିଂ କରାଯିବା ଦରକାର ଥିଲା। ଅନେକ ସ୍ଥାନରେ ଏହାର ବିପରୀତ ଫଳ ମିଳିଥିବାର ପ୍ରମାଣିତ ହୋଇଛି। ଓଡ଼ିଶା ଏ ପର୍ଯ୍ୟନ୍ତ ପାଞ୍ଚ ଲକ୍ଷରୁ ଅଧିକ ପ୍ରବାସୀ ଶ୍ରମିକଙ୍କୁ ଫେରାଇ ଆଣିଛି।

ସେମାନଙ୍କୁ ଏବେ କାମ ଯୋଗାଇଦେବା ରାଜ୍ୟ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଉପା ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ପ୍ରମୁଖ କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଗ୍ରାମାଞ୍ଚଳର ଗରିବ ଓ ଭୂମିହୀନଙ୍କ ପାଇଁ ସହାୟକ ହୋଇଛି। ଗ୍ରାମାଞ୍ଚଳରେ ଏହି ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା ଶ୍ରମ ଦିବସ ବହୁମାତ୍ରାରେ ବୃଦ୍ଧି ଘଟିଛି। ଏହି ଯୋଜନା ପ୍ରବାସୀ ଶ୍ରମିକମାନଙ୍କୁ ଉପକୃତ କରିଛି। କିନ୍ତୁ ସହରାଞ୍ଚଳର ଗରିବମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମରେ କିଛି ନାହିଁ, ଯେଉଁମାନେ କୋଭିଡ୍–୧୯ ଯୋଗୁ ଦୁର୍ଦ୍ଦଶାଗ୍ରସ୍ତ ହୋଇଛନ୍ତି। ଲକ୍ଷ ଲକ୍ଷ ଲୋକ ଯେଉଁମାନେ ସହରାଞ୍ଚଳରେ ରାସ୍ତାକଡ଼ରେ କ୍ୟାବିନ୍ ପକାଇ ଓ ଠେଲାଗାଡ଼ି କିମ୍ବା ସାଇକେଲରେ ବା ଋତୁକାଳୀନ ବେପାର କରି ଜୀବିକା ନିର୍ବାହ କରୁଥିଲେ ସେମାନେ ବେକାର ହୋଇଯାଇଛନ୍ତି। ବାରମ୍ବାର ଲକ୍‌ଡାଉନର ଅବଧି ବଢ଼ାଯିବା ଦ୍ୱାରା ସେମାନଙ୍କର ଦୁର୍ଦ୍ଦଶା ବୃଦ୍ଧି ପାଇଛି। ନିକଟରେ କେନ୍ଦ୍ର ଦ୍ୱାରା ଘୋଷିତ ନଗଦ ରାଶି ଏବଂ ଖାଦ୍ୟ ଶସ୍ୟ ପ୍ରଦାନ ଯୋଜନା କେବଳ ରାଶନ୍ କାର୍ଡ ଥିବା ଲୋକଙ୍କ ପାଇଁ ସୀମିତ ରହିଛି। ବହୁ ସଂଖ୍ୟକ ଲୋକ ଯେଉଁମାନେ ସହରାଞ୍ଚଳରେ ଉନ୍ନତ ସୁଯୋଗ ଖୋଜିବା ପାଇଁ ଗ୍ରାମାଞ୍ଚଳ ଛାଡିଛନ୍ତି, ଏହିପରି ଜରୁରୀ ପରିସ୍ଥିତିରେ ସେମାନଙ୍କ ପାଇଁ କିଛି ସୁଯୋଗ ନାହିଁ। ଅର୍ଥନୀତି ପୂର୍ବରୁ ବିପର୍ଯ୍ୟସ୍ତ ଥିଲା, କରୋନା ସଂକ୍ରମଣଜନିତ ଲକ୍‌ଡାଉନ ପୂର୍ବରୁ ମଧ୍ୟ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ଶୁଷ୍କ ହୋଇଯାଇଥିଲା। ସହରାଞ୍ଚଳର ମଜୁରିକୁ ଅଧିକ ରଖୁଥିବା କୌଣସି ନିର୍ମାଣ କାର୍ଯ୍ୟ କିମ୍ବା ଏକ ଚଳଚଞ୍ଚଳ ସେବା ଶିଳ୍ପ ସେମାନଙ୍କ ପାଇଁ ନ ଥିଲା। ଲକ୍‌ଡାଉନ ସେମାନଙ୍କ ଜୀବିକା ଛଡ଼ାଇ ନେଇଛି। ସହରାଞ୍ଚଳର ଗରିବମାନେ ଗ୍ରାମାଞ୍ଚଳକୁ ଯିବାକୁ ବାଧ୍ୟ ହୋଇଛନ୍ତି କାରଣ ସହରଗୁଡ଼ିକରେ ସେମାନଙ୍କ ଲାଗି ରୋଜଗାର ସୃଷ୍ଟି ପାଇଁ କୌଣସି ଯୋଜନା ନାହିଁ। ସହରୀ ଗରିବଙ୍କ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି ଏକ କାର୍ଯ୍ୟକ୍ରମ ଆରମ୍ଭ କରିବା ବିଷୟରେ ସରକାର ଚିନ୍ତା କରିବାର ଏହା ହେଉଛି ଉପଯୁକ୍ତ ସମୟ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟକାରିତାରେ ତ୍ରୁଟି ରହିବା ସତ୍ତ୍ୱେ ଏହା ଗ୍ରାମାଞ୍ଚଳର ଭୂମିହୀନ ଓ ଗରିବ ଲୋକଙ୍କୁ ସାହାଯ୍ୟ କରିଆସୁଛି। ସହରୀ ଗରିବଙ୍କ ପାଇଁ ଅନୁରୂପ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପ୍ରବର୍ତ୍ତନ ପାଇଁ ଏହାଠାରୁ ଆଉ ଭଲ ସମୟ ଆସିବ ନାହିଁ।

କରୋନା ପ୍ୟାକେଜ୍ ଓ ଓଡ଼ିଶାର ଖଣି ସମ୍ପଦ

ଡ. ଅସୀମା ସାହୁ

କୋଭିଡ୍–୧୯ ମହାମାରୀରୁ ଅର୍ଥବ୍ୟବସ୍ଥାକୁ ସଜାଡ଼ିବା ପାଇଁ କେନ୍ଦ୍ର ସରକାର ୨୦ ଲକ୍ଷ କୋଟି ଟଙ୍କାର 'ଆତ୍ମନିର୍ଭର ଭାରତ ଅଭିଯାନ' ପ୍ୟାକେଜ୍ ଘୋଷଣା କଲେ। ଏହି ଘୋଷଣାରେ ଅର୍ଥନୈତିକ ସଂସ୍କାର କ୍ଷେତ୍ରରେ ଏକ ବଡ଼ ଧରଣର ଲମ୍ଫ ପ୍ରଦାନର ଆଶା ରଖାଯାଇଥିଲା। କାରଣ ସବୁଜ ବିପ୍ଳବ ପରଠାରୁ ୧୯୯୧ ମସିହାର ପ୍ରଥମ ପିଢ଼ି ସଂସ୍କାର ପର୍ଯ୍ୟନ୍ତ ଦେଖାଯାଇଛି ଯେ ସଙ୍କଟ ବେଳେ ହିଁ ଆମେ ସଂସ୍କାରମୁଖୀ ହୋଇଥାଉ।

ଏହାର ସବିଶେଷ ତଥ୍ୟ ବିଶିଷ୍ଟ ଅର୍ଥଶାସ୍ତ୍ରୀ ଶଙ୍କର ଆୟାର ତାଙ୍କ ପୁସ୍ତକ 'ଆତ୍ମନିର୍ଭରଶୀଳ ଇଣ୍ଡିଆ: ଏ ହିଷ୍ଟ୍ରି ଅଫ୍ ନେସନ୍‌ସ ପ୍ୟାକେଜ ଥ୍ରୁ କ୍ରାଇସିସ୍ ଏଣ୍ଡ୍ ଚେଞ୍ଜ'ରେ ଆଲୋକପାତ କରିଛନ୍ତି। ତେଣୁ ଆଜିର ଦୁର୍ଦ୍ଦିନରେ ଘୋଷିତ ଚତୁର୍ଥ ଆର୍ଥିକ ପ୍ୟାକେଜରେ ସେହିପରି ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଏଥିରେ ସାମିଲ ଥିବା ୮ଟି କ୍ଷେତ୍ର ମଧ୍ୟରୁ କେନ୍ଦ୍ର ସରକାର ଖଣି ଉତ୍ପାଦନକୁ ଦୃଷ୍ଟିରେ ରଖି କୋଇଲା ଓ ବକ୍ସାଇଟ୍ କ୍ଷେତ୍ରରେ ଏକ ବୃହତ୍ ସଂସ୍କାର ଆଣିବାକୁ ପ୍ରୟାସ କରିଛନ୍ତି। ମୁଖ୍ୟ କାରଣଟି ହେଲା ଏ ଦୁଇଟିଯାକ କ୍ଷେତ୍ରରେ ଉଭୟ ଉତ୍ପାଦନ ତଥା ଶ୍ରମ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ଓ ସମ୍ଭାବନା ରହିଛି। ଭାରତୀୟ ଆର୍ଥିକ ବଜାରରେ ମଧ୍ୟ ଖଣିଜ ସମ୍ପଦର ଯଥେଷ୍ଟ ଅବଦାନ ଅଛି। ଆମ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଖଣିଜ କ୍ଷେତ୍ରରୁ ୨୦୧୮–୧୯ ମସିହାରେ ୪.୧ ଲକ୍ଷ କୋଟି ଟଙ୍କା ଆସିଥିଲା ବେଳେ ୨୦୨୪ ମସିହା ସୁଦ୍ଧା ତାହା ୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି। ରାଷ୍ଟ୍ରାୟତ୍ତ 'କୋଲ୍ ଇଣ୍ଡିଆ'ର ଉତ୍ପାଦନ ୨୦୧୯–୨୦ ମସିହାରେ ୬୦ କୋଟି ୨୨ ଲକ୍ଷ ଟନ୍ ଥିଲାବେଳେ ସେଥିରେ ୧୦୦ କୋଟି ଟନ୍ ହେବାର ଆଶା କରାଯାଇଛି। ପୁଣି ଘରୋଇ ଉଦ୍ୟୋଗର ଉତ୍ପାଦନ ୫୬ ନିୟୁତ ଟନ୍ ହୋଇଥିବା ବେଳେ ସେଥିରେ ଅତିକମ୍‌ରେ ଦୁଇଗୁଣ ବୃଦ୍ଧିର ଲକ୍ଷ୍ୟ ରହିଛି। ତେଣୁ ସରକାରଙ୍କ ଏ କ୍ଷେତ୍ରରେ ମହତ୍ ଆକାଂକ୍ଷା ବେଶ୍ ସ୍ପଷ୍ଟ।

ଘୋଷିତ ପ୍ୟାକେଜ୍‌ରେ କେନ୍ଦ୍ର ସରକାର ଖଣି ଉତ୍ପାଦନକୁ ଦୃଷ୍ଟିରେ ରଖି ଭିତ୍ତିଭୂମିର ବିକାଶ ପାଇଁ ୫୦,୦୦୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଏଥିସହିତ ଏହା ପରଠାରୁ ସମ୍ପୂର୍ଣ୍ଣ ଆବିଷ୍କୃତ ହୋଇ ନ ଥିବା ଖଣିଗୁଡ଼ିକ ମଧ୍ୟ ନିଲାମ ଓ ଲିଜର ପରିସରଭୁକ୍ତ ହୋଇପାରିବ, ଯାହା କି ଆଗରୁ କେବଳ ଆବିଷ୍କୃତ ଖଣି ଉପରେ ସୀମାବଦ୍ଧ ଥିଲା। ସେହିପରି ପୂର୍ବରୁ ଖଣିମାନଙ୍କଠାରୁ ସାମାନ୍ୟ ରାଜଭାଗ (ରୟାଲିଟି) ଓ ଟିକସ ଆଦାୟ ଆଧାରରେ ଖଣି ଲିଜ୍ ଦିଆଯାଉଥିବା ବେଳେ ଏବେ ଲିଜ୍‌ଧାରୀଙ୍କ ବିକ୍ରୟ ମୂଲ୍ୟର ଅଂଶକୁ ଭିତ୍ତିକରି ନିଲାମ ଟଙ୍କା ଧାର୍ଯ୍ୟ କରାଯିବ। ଧାର୍ଯ୍ୟ ହୋଇଥିବା ସମୟସୀମା ପୂର୍ବରୁ ଯଦି ଖନନ ଓ ଉତ୍ପାଦନ କାର୍ଯ୍ୟ ସମାପ୍ତ ହୋଇଯାଏ ତେବେ ରାଜସ୍ୱ ଆଦାୟ ଉପରେ ରିହାତିର ବନ୍ଦୋବସ୍ତ କରାଯିବ। କୋଇଲା ଖଣିରୁ ଗ୍ୟାସ୍ ନିର୍ଗତ କରାଗଲେ ସେଥିପାଇଁ ସ୍ୱତନ୍ତ୍ର ରିହାତି ମିଳିବ। ପୂର୍ବରୁ କେବଳ କାରଖାନା ମାଲିକ ଖଣି ଲିଜ୍ ନେଇପାରୁଥିବା ବେଳେ ଏବେ କିନ୍ତୁ ଖଣି ନିଲାମରେ କାରଖାନା ନ ଥିବା ସାଧାରଣ ବ୍ୟକ୍ତି ଯିଏ କି ତୁରନ୍ତ ଆଗୁଆ ପଇସା ପଇଠ କରିବାର କ୍ଷମତା ରଖୁଥିବେ ସେମାନେ ବି ନିଲାମ ବେଳେ ଅଂଶଗ୍ରହଣ କରିପାରିବେ। ରାଷ୍ଟ୍ରାୟତ୍ତ କୋଇଲା ଖଣି କ୍ଷେତ୍ରରେ ମିଥେନ ଉତ୍ପାଦନ କରିବା ପାଇଁ ଘରୋଇ ଉଦ୍ୟୋଗପତିଙ୍କୁ ମଧ୍ୟ ଏଥର ସୁଯୋଗ ଦିଆଯିବ। ଅନୁସନ୍ଧାନ, ଖଣି ଖନନ ଓ ଉତ୍ପାଦନର ମିଳିତ ଲାଇସେନ୍ସ ଯୋଗାଇ ଦିଆଯିବ, ଯାହାଦ୍ୱାରା ଖଣି ମାଲିକମାନେ ଆଉ ଅଯଥା ସରକାରୀ ନାଲିଫିତାର ଶିକାର ହେବେ ନାହିଁ। ଆଲୁମିନିୟମ ପାଇଁ ବକ୍ସାଇଟ୍ ଖଣି ନିଲାମ ବେଳେ ଏକ ସଙ୍ଗେ କୋଇଲା ଖଣି ନିଲାମକୁ ଧାର୍ଯ୍ୟ କରାଯାଇଛି। ତାହାହେଲେ ଆଲୁମିନିୟମ ଶିଳ୍ପ ପାଇଁ ଆବଶ୍ୟକ ବିଦ୍ୟୁତ୍ ଉତ୍ପାଦନର ଅନିଶ୍ଚିତତା ଆଗପରି ଆଉ ରହିବ ନାହିଁ। ଏ ସମସ୍ତ ଖଣି ସଂସ୍କାରରେ ସରକାରଙ୍କର କୋହଳ ମନୋଭାବ ସ୍ପଷ୍ଟ ହୋଇଛି।

ସବୁଠାରୁ ବଡ଼ କଥା ହେଲା କେନ୍ଦ୍ର ସରକାର ଏହି ଖଣି ସଂସ୍କାରରେ କେବଳ କୋଇଲା ଓ ବକ୍ସାଇଟ୍ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ତେଣୁ ଅନୁଭବ ହେଉଛି ସତେ ଅବା ଓଡ଼ିଶାର ଖଣି ସମ୍ପଦକୁ ଆଖିରେ ରଖି ଏ ଦୁଇଟି କ୍ଷେତ୍ରକୁ ଏତେ ପ୍ରାଧାନ୍ୟ ଦିଆଯାଇଛି। କାରଣ ଭାରତୀୟ ଆର୍ଥିକ ବଜାରରେ କୋଇଲାର ଗଚ୍ଛିତ ଓ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ସମଗ୍ର ଦେଶରେ ଝାଡ଼ଖଣ୍ଡ (ପ୍ରଥମ) ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହା ଆନୁମାନିକ ୮୦.୮୪୦ ବିଲିୟନ ଟନ ଓ ଭାରତର ମୋଟ ଗଚ୍ଛିତ କୋଇଲାର ୨୪.୭୬ ପ୍ରତିଶତ। ପୁଣି ଦେଶର ସର୍ବବୃହତ୍ କୋଇଲା ଖଣି ଆମ ତାଳଚେରରେ ଅଛି। ତା'ର ଗଚ୍ଛିତ ପରିମାଣ ଆନୁମାନିକ ୫୧.୯୨୦ ବିଲିୟନ ଟନ। ୨୯.୬୨୦ ବିଲିୟନ ଟନ କୋଇଲା ଗଚ୍ଛିତ ଥାଇ ଓଡ଼ିଶାର ଲିବ୍ ଉପତ୍ୟକା ଦେଶର ତୃତୀୟ ସର୍ବବୃହତ ସ୍ଥାନ ଅଧିକାର କରିଛି। ମାତ୍ର ଏହା ମଧ୍ୟ ସତ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଭାରତରେ ଛତିଶଗଡ଼ (ପ୍ରଥମ), ଝାଡ଼ଖଣ୍ଡ (ଦ୍ୱିତୀୟ) ପଛକୁ ୧୧୨.୯୧୭ ନିୟୁତ ଟନ ଉତ୍ପାଦନ କରି ତୃତୀୟ ସ୍ଥାନରେ ଅଛି। ପରିବହନ ଭିତ୍ତିଭୂମିର ଅଭାବ, ଶ୍ରମିକ ଅଶାନ୍ତି ତଥା ସରକାରଙ୍କ ଏକଚାଟିଆ ଖଣି କାରବାର ଏସବୁ ପାଇଁ ଦାୟୀ। ଏଥି ସହ ଭାରତରେ ସମ୍ଭାବ୍ୟ ଖଣି ଅଞ୍ଚଳର ନଗଣ୍ୟ ୧୦ ଶତାଂଶ ଆବିଷ୍କୃତ ଓ ତତ୍‌ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ହୋଇଥିବା ବେଳେ ଅଷ୍ଟ୍ରେଲିଆରେ ତାହା ୯୫ ଶତାଂଶ।

ଓଡ଼ିଶାର ବକ୍ସାଇଟ ଭଣ୍ଡାର ମଧ୍ୟ ଯଥେଷ୍ଟ ଗୁରୁତ୍ୱ ବହନ କରେ। ସମଗ୍ର ବିଶ୍ୱରେ ଏହା ଚତୁର୍ଥ ସ୍ଥାନ ଅଧିକାର କରିଛି। ବକ୍ସାଇଟ୍ ଉତ୍ପାଦିତ ହେଉଥିବା ଆଲୁମିନିୟମ କ୍ଷେତ୍ରରେ ଓଡ଼ିଶାକୁ ଦକ୍ଷିଣ ଏସିଆର 'ରାଜଧାନୀ' ବୋଲି କୁହାଯାଏ। ସମଗ୍ର ରାଜ୍ୟରେ ଆନୁମାନିକ ୧୫୩୦ ନିୟୁତ ଟନ ବକ୍ସାଇଟ ଗଚ୍ଛିତ ଅଛି। ସେଥିରୁ କେବଳ କେନ୍ଦୁଝର, ସୁନ୍ଦରଗଡ଼ ଓ ଫୁଲବାଣୀରେ ୨୦ ନିୟୁତ ଟନ୍ ରହିଛି। ଅବଶିଷ୍ଟ ୧୫୧୦ ନିୟୁତ ଟନ୍ କଳାହାଣ୍ଡି, କୋରାପୁଟ, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, ବରଗଡ଼ ଓ ରାୟଗଡ଼ା ଜିଲାଗୁଡ଼ିକ ମଧ୍ୟରେ ଥିବା ୩୦୦ କିଲୋମିଟର ଦୈର୍ଘ୍ୟ ତଥା ୪୦ରୁ ୧୦୦ କିଲୋମିଟର ପ୍ରସ୍ଥର ଏକ ବେଲ୍ଟ ମହଜୁଦ ଅଛି। ଏଥିସହ ଆମ ରାଜ୍ୟରେ ଥିବା ନାଲ୍‌କୋ, ହିଣ୍ଡାଲକୋ ଓ ବେଦାନ୍ତ ଆଲୁମିନିୟମ କମ୍ପାନୀଗୁଡ଼ିକର ବାର୍ଷିକ ଉତ୍ପାଦନ କ୍ଷମତା ୬ ଲକ୍ଷ ଟନ, ଯାହା କି ସମଗ୍ର ଦେଶରେ ହେଉଥିବା ଉତ୍ପାଦନ କ୍ଷମତାର ୫୪ ଶତାଂଶ। ଏଥିରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ, ସାରା ଭାରତବର୍ଷର ୫୨ ଶତାଂଶ ବକ୍ସାଇଟ ଓଡ଼ିଶାରେ ଥିଲାବେଳେ ଉତ୍ପାଦନ ମାତ୍ର ଏକ ତୃତୀୟାଂଶ।

ଏ ସମସ୍ତ ତଥ୍ୟରୁ ଏତିକି ନିଶ୍ଚିତ ଯେ ଆମ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ କୋଇଲା ଓ ବକ୍ସାଇଟ ଗଚ୍ଛିତ ଅଛି। ଦେଶରେ ଆଲୁମିନିୟମ ବ୍ୟବହାର ପ୍ରତିବର୍ଷ ୧୭ରୁ ୧୮ ଶତାଂଶ ବୃଦ୍ଧି ପାଇବା ଆମ ପାଇଁ ଏକ ଶୁଭ ସଙ୍କେତ। କୋଇଲା ଖଣିର ଠିକ୍ ପରିଚାଳନା ଦ୍ୱାରା ଆମଦାନୀ ଖର୍ଚ୍ଚ ନ୍ୟୂନ ହେବା ସହ ୨ କୋଟି ଲୋକ ନିଯୁକ୍ତି ପାଇବାର ଆଶା ରଖାଯାଏ। ତେଣୁ ଖଣି ସମ୍ବନ୍ଧୀୟ ଏହିପରି ଏକ ଆର୍ଥିକ ପ୍ୟାକେଜ ଯଦି ଠିକ ଭାବେ କାର୍ଯ୍ୟକାରୀ ହୁଅନ୍ତା ତେବେ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ଥଇଥାନ ଚିନ୍ତା ଯଥେଷ୍ଟ ନ୍ୟୂନ ହେବା ସହ କୃଷି ଉପରେ ଆଗକୁ ହେବାକୁ ଥିବା ଅଯଥା ବୋଝର ଆଶଙ୍କା କମିଯାଆନ୍ତା। ମାନ୍ଦାଥିବା ଆର୍ଥିକ ଅଭିବୃଦ୍ଧି ହାରରେ ମଧ୍ୟ ଯଥେଷ୍ଟ ଉନ୍ନତି ହୁଅନ୍ତା। ମାତ୍ର ଏପରି କ୍ଷେତ୍ରରେ ବୃହତ ସଫଳତା ପାଇଁ ଶିଳ୍ପୋଦ୍ୟୋଗୀଙ୍କ ଆନ୍ତରିକତା, ରାଜନୈତିକ ଇଚ୍ଛାଶକ୍ତି, ସର୍ବୋପରି ଜନସାଧାରଣଙ୍କ ସହଯୋଗ ଯେ ଏକାନ୍ତ କାମ୍ୟ ଏ କଥାକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ।

ଅଧ୍ୟକ୍ଷା, ଏସ୍‌ସିବି ଡିଗ୍ରୀ ମହାବିଦ୍ୟାଳୟ,
ରାଗଡ଼ା, ମୟୂରଭଞ୍ଜ,
ମୋ: ୯୪୩୭୩୮୦୭୭୦

ପରିବେଶ ଅର୍ଥନୀତି

ପ୍ରଫେସର ଡ. ଅଜୟ କୁମାର ପାତ୍ର

ଆଜି ସାରା ପୃଥିବୀର ଅର୍ଥନୀତି ବିପର୍ଯ୍ୟସ୍ତ, ବିପର୍ଯ୍ୟସ୍ତ ମଣିଷର ଜୀବନ ପ୍ରଣାଳୀ। କରୋନା ଭୂତାଣୁର ଜୀବନନାଶକ ସଂକ୍ରମଣରେ ସାରା ବିଶ୍ୱରେ କୃଷି କାର୍ଯ୍ୟ ବାଧାପ୍ରାପ୍ତ। ଭବିଷ୍ୟତରେ କ'ଣ ଘଟିବ, ପୃଥିବୀ କେଉଁବିପର୍ଯ୍ୟୟର ସାମ୍ନା କରିବ ଆଜିଠୁ କଳନା କରିବା ମୁସ୍କିଲ। ତା'ହେଲେ ବିପର୍ଯ୍ୟସ୍ତ ହୋଇଯିବ କି ଆମର ଅର୍ଥନୀତି? ମୁଖ୍ୟତଃ ପ୍ରାଦେଶିକ ଓ ଜାତୀୟ ସ୍ତରରେ ଅର୍ଥନୀତି ଦୁର୍ବଳ ହୋଇ ପଡ଼ିବ। ଏସବୁକୁ ଦୃଷ୍ଟିରେ ରଖି ଆଜିଠୁ ପ୍ରତ୍ୟେକେ ସଚେତନ ହେବା ଉଚିତ। ସବୁବେଳେ ଆମେ ସରକାରଙ୍କ ଉପରେ ନିର୍ଭରଶୀଳ ହେବା ଉଚିତ ହେବ କି? ଆମ ଦୈନନ୍ଦିନ ଜୀବନର ସମସ୍ତ ଅତ୍ୟାବଶ୍ୟକ ପଦାର୍ଥ ଯୋଗାଇ ଦେବାପାଇଁ ସରକାରଙ୍କ ଉପରେ ଚାପ ଦେବା କ'ଣ ଉଚିତ? ଆମର ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ଆମେ ପ୍ରତ୍ୟେକେ ଜଣେ ଜଣେ ସୁଦକ୍ଷ ସୈନିକ ଭଳି କାର୍ଯ୍ୟ କରିବା ଉଚିତ। ଦେଖିବେ ଆମର ଅର୍ଥନୀତି ସାମୂହିକ ଚେଷ୍ଟାରେ ଧୀରେ ଧୀରେ ସୁଧୁରିଯିବ। ସେଥିପାଇଁ ଜଣେ ପରିବେଶବିତ୍, ଜଣେ ପ୍ରାଣୀବିତ୍ ଓ ବୈଜ୍ଞାନିକ ହିସାବରେ ମୁଁ ଏଠାରେ ପରିବେଶୀୟ ଅର୍ଥନୀତି ଉପରେ ଏକ ବୈଜ୍ଞାନିକ ତଥ୍ୟ ପ୍ରକାଶ କରୁଛି। ଆଶା କରୁଛି ଏହି ତଥ୍

ସଂକ୍ଷେପରେ

ସମୀରଙ୍କ ନୂଆ ଟିମ୍
ବଦଳିଲେ ୬ ମୋର୍ଚ୍ଚା ସଭାପତି

ଭୁବନେଶ୍ୱର,୧୧।୬(ବ୍ୟୁରୋ): ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଅନୁମୋଦନକ୍ରମେ ଗୁରୁବାର ଓଡିଶା ପ୍ରଦେଶର ପଦାଧିକାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ତାଲିକା ପ୍ରକାଶ କରାଯାଇଛି। କରୋନା ଯୋଗୁ ବିଳମ୍ବ ହେଲେ ମଧ୍ୟ ବର୍ତ୍ତମାନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନୂଆ ଟିମ୍ ପ୍ରକାଶ କରାଯାଇଛି। ସମୀରଙ୍କ ନୂଆ ଟିମ୍‌ରେ ୧୦ଜଣ ଉପସଭାପତିଙ୍କୁ ଦାୟିତ୍ୱ ମିଳିଛି। ଏଥିରେ ଏମ୍‌ପି ସଙ୍ଗୀତା ସିଂ ଦେଓ, ଅପରାଜିତା ଷଡଙ୍ଗୀ, ବଳଭଦ୍ର ମାଝୀ, ଭାସ୍କର ମଢ଼େଇ, ନାଉରୀ ନାୟକ, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁକେଶି ଓରାମ, ଭୃଗୁବକ୍ସି ପାତ୍ର, ପ୍ରଭାତି ପରିଡ଼ା ପ୍ରମୁଖ ଅଛନ୍ତି। ସେହିପରି ୫ଜଣଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ମାନସ କୁମାର ମହାନ୍ତିଙ୍କୁ ସଙ୍ଗଠନ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ୯ଜଣଙ୍କୁ ଦଳର ସମ୍ପାଦକ ଦାୟିତ୍ୱ ମିଳିଛି। ସେହିଭଳି ୬ଟି ମୋର୍ଚ୍ଚାର ସଭାପତି ପରିବର୍ତ୍ତନ ହୋଇଛନ୍ତି। ଭାଜପା ଯୁବ ମୋର୍ଚ୍ଚା ସଭାପତି ଇରିଶ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି, ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡାଙ୍କ ସ୍ଥାନରେ ସ୍ମୃତି ପଟ୍ଟନାୟକଙ୍କୁ ଦାୟିତ୍ୱ, ପ୍ରଦୀପ ପୁରୋହିତଙ୍କୁ ଭାଜପା କୃଷକ ମୋର୍ଚ୍ଚା ସଭାପତି, ଏସ୍‌ଟି ମୋର୍ଚ୍ଚା ସଭାପତି ଭାବେ ବିଶେଶ୍ୱର ଟୁଡୁ, ବିଭୁ ପ୍ରସାଦ ତରାଇଙ୍କୁ ଏସ୍‌ସି ମୋର୍ଚ୍ଚା ସଭାପତି, ପଛୁଆ ବର୍ଗ ସଭାପତି ସିକନ୍ଦର ଅଲ୍ଲି ଦାୟିତ୍ୱ ନେଇଛନ୍ତି। ସେହିପରି ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଭାବେ ଦେବେନ୍ଦ୍ର ନନ୍ଦ ଦାୟିତ୍ୱ ପାଇଛନ୍ତି। ଦଳର ମୁଖପାତ୍ର ତାଲିକାରେ ୧୦ ନାମ ପ୍ରକାଶ ପାଇଛି। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ତାଲିକା ୧୬୧ଜଣ ରହିଥିଲା ବେଳେ ସ୍ଥାୟୀ ନିମନ୍ତ୍ରିତ ଅତିଥି ତାଲିକାରେ ୧୨୫ଜଣ ରହିଛନ୍ତି।

ପ୍ରବାସୀ ଓଡ଼ିଆଙ୍କୁ ଘରକୁ ପଠାଇବା ଆଳରେ ଠକେଇ

ଭୁବନେଶ୍ୱର,୧୧।୬ (ବ୍ୟୁରୋ): ରାଜ୍ୟ ବାହାରେ ଫସି ରହିଥିବା ପ୍ରବାସୀ ଓଡିଆଙ୍କୁ ରାଜ୍ୟକୁ ଫେରିବା ନେଇ ସମସ୍ତେ ସହଯୋଗର ହାତ ବଢାଉଛନ୍ତି। ହେଲେ କୋଇମ୍ବାଟୁର ଅଞ୍ଚଳରେ ଫସି ରହିଥିବା ପ୍ରବାସୀ ଓଡ଼ିଆ ଘରକୁ ଫେରିବା ନେଇ ଠକେଇ କରିବାକୁ ଲୋକେ ପଛାଉନାହାନ୍ତି। ସହଯୋଗର ହାତ ବଢାଉଥିବା ଅଭିନେତା ସବ୍ୟସାଚୀ ଓ ସରକାରଙ୍କ ନାମରେ ପ୍ରବାସୀ ଓଡ଼ିଆ ସଂଘ କରି ୬୫୦୦ ଟଙ୍କାରେ ଲୋକଙ୍କୁ ଘରେ ପହଞ୍ଚାଇବା ଆଳରେ ଠକେଇ କରୁଥିବା ଜଣେ ଅଭିଯୁକ୍ତଙ୍କୁ କୋଇମ୍ବାଟୁରରେ ପୋଲିସ ଗିରଫ କରିଛି। ଅଭିନେତା ସବ୍ୟସାଚୀ ଓ ଭୁବେନଶ୍ୱର ଡିସିପି ଅନୁପ ସାହୁଙ୍କ ଉଦ୍ୟମରେ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ନୟାଗଡ଼ ଅଞ୍ଚଳର ଗୋପାଳ ଚନ୍ଦ୍ର ସାହୁଙ୍କୁ କୋଇମ୍ବାଟୁର ପୋଲିସ ଗିରଫ କରିଛି।

୬ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ୍

ଢେଙ୍କାନାଳ ଅଫିସ, ୧୧।୬

- ଆକ୍ସନ ମୁଡ୍‌ରେ ଢେଙ୍କାନାଳ ଜିଲା ପ୍ରଶାସନ
- ପଥର, ବାଲି ଚାଲାଣ ରୋକିବାକୁ ବ୍ଲୁ ପ୍ରିଣ୍ଟ
- ପୋଲିସ ଅପାରଗତା ଉପରେ ଉଠିଲା ପ୍ରଶ୍ନ

ଢେଙ୍କାନାଳ ଜିଲାର ଏକ ବେଆଇନ ପଥର ଖାଦାନ।

ଢେଙ୍କାନାଳ ଜିଲାରେ ଚୋରା ବାଲି ଏବଂ ପଥର ବ୍ୟବସାୟୀଙ୍କ ଦୌରାତ୍ମ୍ୟ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଇଛି। ଏହାକୁ ରୋକିବାରେ ପୋଲିସ ଏବଂ ତହସିଲ କର୍ତ୍ତୃପକ୍ଷ ବିଫଳ ହେବା ପରେ ଆକ୍ସନ ମୁଡ୍‌କୁ ଆସିଛି ଜିଲା ପ୍ରଶାସନ। ଅଧିକାରୀଙ୍କ ଅବହେଳା ଏବଂ ଅପାରଗତା ପଦାରେ ପଡ଼ିବା ପରେ ଓଡ଼ାପଡ଼ା, ଗଁଦିଆ, ସଦର, ଭୁବନ, କାମାକ୍ଷାନଗର, ପରଜଙ୍ଗ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆସନ୍ତା ୧୮ ତାରିଖରେ ଏସ୍‌ପି, ଡିଏଫ୍‌ଓ, ପୋଲିସ ଏବଂ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନେଇ ଏକ ଜରୁରୀ ବୈଠକ ବସିବ ଏବଂ ମିଳିତ ଚଢ଼ାଉ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ଜିଲାର ବ୍ରାହ୍ମଣୀ, ରାମିଆଳ ନଦୀଘାଟ ସମେତ ନିହଲପ୍ରସାଦ, କାଶୀପୁର, ଛୋଟତେନ୍ତୁଳି, ମାଣିପୁର, ବଳଦିଆବନ୍ଧ ଅଞ୍ଚଳରୁ ଲଘୁ ଖଣିଜ ଦ୍ରବ୍ୟର ଅବାଧ ଚାଲାଣ ହେଉଛି। ପୋଲିସ, ତହସିଲ ପ୍ରଶାସନ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଚୋରା ବ୍ୟବସାୟୀମାନେ ସକ୍ରିୟ ହୋଇଉଠିଛନ୍ତି। ଏହାକୁ ରୋକିବାକୁ ଗୁରୁବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜରୁରୀ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଆଇନ ବାଲି ଏବଂ ପଥର ଖାଦାନରେ ଚଢ଼ାଉ ବେଳେ ପ୍ରଶାସନିକ ଅଧିକାରୀମାନେ ମାଫିଆଙ୍କ ଆକ୍ରମଣର ଶିକାର ହେଉଛନ୍ତି। ପୋଲିସ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ପୋଲିସ ଉପସ୍ଥିତିରେ ମାଫିଆମାନେ ଚଢ଼ାଉରେ ସାମିଲ ଥିବା ଅଧିକାରୀଙ୍କୁ ବନ୍ଧୁକ ଦେଖାଇ ହତ୍ୟାଧମକ ଦେଉଛନ୍ତି। ପୋଲିସ ଏବଂ ଚୋରା ଚାଲାଣକାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ଏପରି କାରବାର ବଢ଼ିଚାଲିଥିବା ତହସିଲଦାର ଏବଂ ଆର୍‌ଆଇମାନେ ଅଭିଯୋଗ ଆଣିଥିଲେ। ନିକଟରେ ଗଁଦିଆ ତହସିଲର ଛୋଟତେନ୍ତୁଳି, ସଦର ତହସିଲର ମାଣିପୁରସ୍ଥିତ ବେଆଇନ ପଥର ଖଦାନରେ ଚଢ଼ାଉ ବେଳେ ପ୍ରଶାସନିକ ଅଧିକାରୀମାନେ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଉଭୟ ଘଟଣାରେ ପୋଲିସର କୋହଳ ମନୋଭାବ ଏବଂ ଅସହଯୋଗ ଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ଅଭିଯୁକ୍ତମାନେ ଧରାପଡ଼ିବେ ବୋଲିଆଲୋଚନା ହେଉଛି।

ଏ ନେଇ ଜିଲାପାଳ କୁହନ୍ତି, ଜିଲାରେ ବଢୁଥିବା ବାଲି ଏବଂ ପଥର ଚୋରା ଚାଲାଣ ରୋକିବାକୁ ଏହି ବୈଠକ ଡକାଯାଇଥିଲା। ଏ ନେଇ ୬ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଉତ୍ତର ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏପ୍ରିଲରେ ମିଳିତ ଚଢ଼ାଉ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କରୋନା ଯୋଗୁ ଏଥିରେ ବିଳମ୍ବ ହୋଇଛି। ଚଢ଼ାଉ ସମୟରେ ଅନେକ ସ୍ଥାନରେ ପୋଲିସ ସହଯୋଗ ମିଳୁ ନ ଥିବା ଅଭିଯୋଗ ହେଉଛି। ପଥର ମାଫିଆମାନେ ଚଢାଉ ପୂର୍ବରୁ ସୂଚନା ପାଇଯାଉଛନ୍ତି। ଅଭିଯୁକ୍ତମାନେ ଅତର୍କିତ ଅଧିକାରୀଙ୍କ ଉପରକୁ ଆକ୍ରମଣ କରୁଛନ୍ତି। ଏହାକୁ ରୋକିବା ଲାଗି ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ବାର୍ଷିକ ୧୮ କୋଟିର ରାଜସ୍ୱ ହାନି

ଢେଙ୍କାନାଳ ଜିଲାର ଲିଜ୍ ହୋଇ ନ ଥିବା ଅଧିକାଂଶ ବାଲିଘାଟ ଚୋରା ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ମାଇନିଂ ବିଭାଗର ଦ୍ୱାରା ପ୍ରସ୍ତାବ ଅନୁମୋଦିତ ହେଉ ନ ଥିବାରୁ ଅନେକ ବାଲିଘାଟ ନିଲାମ ହୋଇପାରୁନାହିଁ। ଲିଜ୍ ହୋଇ ନ ଥିବା ବାଲିଘାଟରୁ ଦୈନିକ ୨୦୪୦ ଟ୍ରିପ୍ ବାଲି ଚାଲାଣ ହେଉଛି, ଯାହାର ପରିମାଣ ପାଖାପାଖି ୨୪,୪୮୦ କ୍ୱିବିକ୍। ଏହାକୁ ଆକଳନ କଲେ ବାର୍ଷିକ ପ୍ରାୟ ୧୮ କୋଟି ଟଙ୍କାର ରାଜସ୍ୱ ହାନି ଘଟୁଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

ମ୍ୟାଜିକ୍ ପେନ୍‌ରେ ଜାଲିଆତି

ବାଲି ଚାଲାଣକାରୀମାନେ ନିଜର ଉଦ୍ଦେଶ୍ୟ ପୂରଣ କରିବାକୁ ମ୍ୟାଜିକ୍ ପେନ୍‌ର ସହାୟତା ନେଉଛନ୍ତି। ତହସିଲ ପକ୍ଷରୁ ଲିଜ୍‌ଧାରୀଙ୍କୁ ତହସିଲଦାରଙ୍କ ଦସ୍ତଖତ ଥାଇ ଦିଆଯାଉଥିବା ୱାଇ ଫର୍ମରେ ଜାଲିଆତି କରାଯାଉଛି। ତହସିଲଦାରଙ୍କ ଦସ୍ତଖତ ଥିବା ଗୋଟିଏ ୱାଇ ଫର୍ମ ବଜାରରେ ୧୫ ଟଙ୍କାରେ ମିଳୁଛି। ହେଲେ ମ୍ୟାଜିକ୍ ପେନ୍ ମାଧ୍ୟମରେ ଏହି ଫର୍ମ ପୂରଣ କରାଯାଉଛି। ଗୋଟିଏ ଟ୍ରିପ୍ ବାଲି ଚାଲାଣ ପରେ ଦିଆସିଲି ଜଳାଇ ଅକ୍ଷର ଲିଭାଇ ଦିଆଯାଉଛି। ଏପରି କାଇଦାରେ ବ୍ୟବସାୟୀମାନେ ବାଲି ଚାଲାଣ କରୁଥିବା ଅଭିଯୋଗ ଆସିଛି। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର, ଉପଜିଲାପାଳଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସିବିଆଇରେ ମାମଲା ରୁଜୁ ପରେ ଚଢ଼ାଉ ଜାରି

ଭୁବନେଶ୍ୱର,୧୧।୬(ବ୍ୟୁରୋ): ପଞ୍ଜାବ ନ୍ୟାଶନ୍ୟାଲ ବ୍ୟାଙ୍କ(ପିଏନ୍‌ବି) ଭୁବନେଶ୍ୱର ଷ୍ଟେଶନ ସ୍କୋୟାର ଶାଖାରୁ ଏକ ଘରୋଇ ସଂସ୍ଥା ଜାଲ୍ କାଗଜପତ୍ର ଜରିଆରେ ୩୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସିସି(କ୍ୟାଶ କ୍ରେଡିଟ୍) ଋଣ ଜରିଆରେ ଠକେଇ କରିଛି। ଭୁବନେଶ୍ୱର ଲୁଇସ୍ ରୋଡସ୍ଥିତ ଗ୍ଲୋବାଲ ଟ୍ରେଡିଂ ସଲ୍ୟୁଶନ୍ସ ଲିମିଟେଡ ନାମକ ସଂସ୍ଥାର ଅଧିକାରୀମାନେ ବ୍ୟାଙ୍କ ଅଧିକାରୀଙ୍କୁ ହାତ କରି ୨୦୧୦ ରୁ ୨୦୧୫ ମଧ୍ୟରେ ୩୧କୋଟି ୯୨ ଲକ୍ଷ ଟଙ୍କା ଠକେଇ କରିଥିଲେ। ସଂସ୍ଥା ପକ୍ଷରୁ ଦାଖଲ ହୋଇଥିବା ଜାଲ୍ କାଗଜପତ୍ର ବଳରେ ମୋଟା ଅଙ୍କର ହାତଗୁଞ୍ଜା ନେଇ ବ୍ୟାଙ୍କର ତତ୍କାଳୀନ ଅଧିକାରୀ ନିଜ କ୍ଷମତାର ଅପବ୍ୟବହାର କରି ଉକ୍ତ ଋଣ ଟଙ୍କା ମଞ୍ଜୁର କରିଥିବା ପରବର୍ତ୍ତୀ ସମୟରେ ସ୍ପଷ୍ଟ ହୋଇଥିଲା। ବ୍ୟବସାୟ ପରିଚାଳନା କରୁଥିବା ସଂସ୍ଥା ଲୁହାପଥର ରପ୍ତାନୀ ସହ ଅନ୍ୟ କାରବାରରେ ଜଡ଼ିତ ଥିଲା। ଋଣ ଦେବାବେଳେ ବ୍ୟାଙ୍କ ଅଧିକାରୀମାନେ ଏହାର ଠିକ୍‌ଭାବେ ଯାଞ୍ଚ କରି ନ ଥିଲେ। ଏହି ଅନିୟମିତତା ଜଣାପଡ଼ିବା ପରେ ଭୁବନେଶ୍ୱର ପିଏନ୍‌ବି ସର୍କଲ ମୁଖ୍ୟ ଗଣପତି ଲାଲ୍ ସିବିଆଇରେ ବ୍ୟାଙ୍କର ୪ଜଣ ଅଧିକାରୀ ଯଥା ତତ୍କାଳୀନ ମୁଖ୍ୟ ପରିଚାଳକ ନାଗମଣୀ ସତ୍ୟନାରାୟଣ, ସହଯୋଗୀ ପରିଚାଳକ ଏସ୍.ସି. ଶାମା, ମୁଖ୍ୟ ପରିଚାଳକ ମନୋରଞ୍ଜନ ଦାସ, ବରିଷ୍ଠ ପରିଚାଳକ ପ୍ରତ୍ୟୋଶ ଦାସଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଥିସହ ଭୁବନେଶ୍ୱର ଗ୍ଲୋବାଲ ଟ୍ରେଡିଙ୍ଗ ସଲ୍ୟୁଶନ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅବିନାଶ ମହାନ୍ତି, ନିର୍ଦ୍ଦେଶକ ବିଧୁଭୂଷଣ ନାୟକ, ପୂର୍ବତନ ନିର୍ଦ୍ଦେଶକ କୌଶିକ ମହାନ୍ତି ଓ ଅଂଶୁମାନ ସାମନ୍ତରାୟଙ୍କ ସମେତ ଠକେଇ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ନାମରେ ମଧ୍ୟ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ସିବିଆଇ ଆଇପିସି ଦଫା ୧୨୦(ବି),୪୨୦ ଓ ୧୩(୨), ପିସି ଆକ୍ଟର ୧୩(୧)(ଡି) ଦଫାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିବିଆଇ ପକ୍ଷରୁ ଭୁବନେଶ୍ୱରସ୍ଥିତ କମ୍ପାନୀର କାର୍ଯ୍ୟାଳୟ ଓ ସହଯୋଗୀ ସଂସ୍ଥା ସମେତ ଠକେଇ କରିଥିବା ସଂସ୍ଥା ଓ ବ୍ୟାଙ୍କ ଅଧିକାରୀଙ୍କ ବିଭିନ୍ନ ସ୍ଥାନରେ ଥିବା ବାସଭବନରେ ଚଢ଼ାଉ ହୋଇଛି। ଏଥିସହ ଠକେଇରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ନେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାମ୍, ପଶ୍ଚିମବଙ୍ଗର କଲିକତା, ଜମ୍ମୁ ଓ ରାଜ୍ୟର କଟକ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଚଢ଼ାଉ ସମୟରେ ବ୍ୟାଙ୍କ ସମ୍ପର୍କିତ ଜରୁରୀ କାଗଜପତ୍ର, କମ୍ପ୍ୟୁଟର ହାର୍ଡଡିସ୍କ ଓ ଲକର ଚାବି ଜବତ କରାଯାଇଛି। ଠକେଇ ସମ୍ପର୍କରେ ଅଧିକ ତଥ୍ୟ ହାସଲ ନେଇ ତଦନ୍ତ ଜାରି ରହିଥିବା ସିବିଆଇ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ପିଏନ୍‌ବିରେ ୩୨ କୋଟିର ଋଣ ଠକେଇ
ଜରୁରୀ କାଗଜପତ୍ର ସମେତ ଲକର ଚାବି ଜବତ

ପଞ୍ଚାୟତ ପ୍ରତିନିଧିଙ୍କ ଭତ୍ତା ବଢ଼ିଲା

- ଜିଲା ପରିଷଦ ସଭାପତି ୯୩୮୦
- ପଞ୍ଚାୟତ ସମିତି ଅଧ୍ୟକ୍ଷ ୩୫୩୦
- ସରପଞ୍ଚ ୨୩୫୦ ଟଙ୍କା

ଭୁବନେଶ୍ୱର,୧୧।୬(ବ୍ୟୁରୋ: ରାଜ୍ୟ ସରକାର ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲା ପରିଷଦ ପ୍ରତିନିଧିମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। ଏ ନେଇ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସରପଞ୍ଚମାନଙ୍କ ଭତ୍ତା ୧୮୮୦ରୁ ୨୩୫୦ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ନାଏବ ସରପଞ୍ଚଙ୍କ ଭତ୍ତା ୭୫୦ରୁ ୯୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବ୍ଲକ୍ ଅଧ୍ୟକ୍ଷଙ୍କ ଭତ୍ତା ୨୮୨୦ରୁ ୩୫୩୦ଟଙ୍କାକୁ ବଢ଼ାଯାଇଥିବା ବେଳେ ଉପାଧ୍ୟକ୍ଷଙ୍କର ୧୮୮୦ରୁ ୨୩୫୦ ଏବଂ ସମିତି ସଭ୍ୟଙ୍କର ୧୮୮୦ରୁ ୨୩୫୦ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲା ପରିଷଦ ସଭାପତିଙ୍କର ଭତ୍ତା ୭୫୦୦ରୁ ୯୩୮୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଉପସଭାପତିଙ୍କ ଭତ୍ତା ୫୬୩୦ରୁ ୭୦୪୦ଟଙ୍କାକୁ ଏବଂ ସଦସ୍ୟମାନଙ୍କର ଭତ୍ତା ୨୮୨୦ ଟଙ୍କାରୁ ୩୫୩୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଭତ୍ତା ପିଛିଲା ଭାବେ ୨୦୨୦ ଏପ୍ରିଲ ପହିଲାରୁ ଲାଗୁ ହେବ। ଦରଦାମ୍ ବୃଦ୍ଧିକୁ ନେଇ ସମୟାନୁଯାୟୀ ଏହି ଭତ୍ତା ବୃଦ୍ଧି କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ଭତ୍ତା ବୃଦ୍ଧିକୁ ସରପଞ୍ଚ ମହାସଂଘର ପୂର୍ବତନ ସଭାପତି ସମୀର ସାମନ୍ତରାୟ ଏବଂ ସରପଞ୍ଚ ପ୍ରଦ୍ୟୁମ୍ନ ଜେନା ସ୍ୱାଗତ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଆକାଉଣ୍ଟରୁ ୧.୩ ଲକ୍ଷ ଗାଏବ

ବ୍ରହ୍ମପୁର ଅଫିସ,୧୧।୬

ଅନ୍‌ଲାଇନରେ ଖାଦ୍ୟ ମଗାଇବା ମହଙ୍ଗା ପଡିଲା

ବ୍ରହ୍ମପୁରରେ ପୁଣି ଥରେ ସାଇବର ଅପରାଧୀ ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛନ୍ତି। ଅନ୍‌ଲାଇନ୍‌ରେ ଖାଦ୍ୟ ଅର୍ଡର କରି ମଗାଇବା ଭଉଣୀ ଭାଇଙ୍କ ପାଇଁ ମହଙ୍ଗା ପଡିଛି। ଠକ ଗ୍ୟାଙ୍ଗ କୌଶଳ କ୍ରମେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମହରି ନଗରରେ ରହୁଥିବା ଜଣେ ବ୍ୟବସାୟୀ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ପୁଅ ଅଭିଷେକ ଓ ତାଙ୍କ ଝିଅଙ୍କ ଆକାଉଣ୍ଟରୁ ୧ ଲକ୍ଷ ୩ ହଜାର ୮୦୦ ଟଙ୍କା ଠକି ନେଇଛନ୍ତି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି ଅଭିଷେକ। ପୋଲିସ ନଂ.୧୨୩/୨୦ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ଅଭିଷେକ ଦୁଇ ଦିନ ତଳେ ଅନ୍‌ଲାଇନ୍‌ରେ ଏକ ସଂସ୍ଥାର ଆପ୍ ଜରିଆରେ ୧୧୧ ଟଙ୍କାର ଖାଦ୍ୟ ମଗାଇଥିଲେ। ଉକ୍ତ ସଂସ୍ଥାର ଜଣେ କର୍ମଚାରୀ ଅର୍ଡର ମୁତାବକ ଖାଦ୍ୟ ବ୍ରହ୍ମପୁର ଗାନ୍ଧୀ ନଗର ଅଞ୍ଚଳରେ ଥିବା ଏକ ରେଷ୍ଟୁରାଣ୍ଟରୁ ଆଣି ଅଭିଷେକଙ୍କୁ ଦେଇଥିଲେ। ଖାଦ୍ୟ ପୁଡ଼ିଆରୁ ଦୁର୍ଗନ୍ଧ ବାହାରୁଥିବାରୁ ସେ ତାହା ଗ୍ରହଣ କରି ନ ଥିଲେ। ପରେ ଛାତ୍ର ଜଣଙ୍କ ଉକ୍ତ ଅନ୍‌ଲାଇନ୍ ସଂସ୍ଥାକୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଅଭିଷେକଙ୍କୁ ତାଙ୍କ ଆକାଉଣ୍ଟ ନମ୍ବର ଦେବାକୁ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ପରେ ସେ ତାଙ୍କ ଆକାଉଣ୍ଟ ନମ୍ବର ସଂସ୍ଥାକୁ ପଠାଇଥିଲେ। କିଛି ସମୟ ପରେ ସଂସ୍ଥା ତରଫରୁ ଅଭିଷେକଙ୍କୁ ଫୋନ ଆସିଥିଲା ତୁମ ଆକାଉଣ୍ଟ ନମ୍ବର କାମ କରୁନାହିଁ। ଏଣୁ ଘରର ଅନ୍ୟ କାହାର ଆକାଉଣ୍ଟ ନମ୍ବର ପଠାନ୍ତୁ। ଅଭିଷେକ ତାଙ୍କ ଭଉଣୀଙ୍କ ଏସ୍‌ବିଆଇ ଆକାଉଣ୍ଟ ନମ୍ବର ପଠାଇଥିଲେ। ଦୁଇଟି ଯାକ ଆକାଉଣ୍ଟ ନମ୍ବର ପାଇଯିବା ପରେ ଉକ୍ତ ସଂସ୍ଥା ଅଭିଷେକଙ୍କ ଆକାଉଣ୍ଟରୁ ୪୩୦୦ ଓ ତାଙ୍କ ଭଉଣୀଙ୍କ ଆକାଉଣ୍ଟରୁ ୯୯ ହଜାର ୫୦୦ ଟଙ୍କା ଗାଏବ କରିଦେଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଛାତ୍ର ଜଣଙ୍କ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

ବର୍ଷ ତମାମ ଅର୍ବାନ ହାଟରେ ପ୍ରଦର୍ଶନୀ, କାରବାର ସୁବିଧା

ଭୁବନେଶ୍ୱର,୧୧।୬(ବ୍ୟୁରୋ): ଲକ୍‌ଡାଉନ ପରବର୍ତ୍ତୀ ସ୍ଥିତିରେ ବୁଣାକାର ଏବଂ ହସ୍ତଶିଳ୍ପୀମାନଙ୍କ ଜିବୀକା ନିର୍ବାହରେ ଦୃଢ ବିକାଶ ବୟନ ଓ ହସ୍ତଶିଳ୍ପ ଉତ୍ପାଦ ପଦାର୍ଥର ବିପଣୀ ବୃଦ୍ଧି ଉପରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗୁରୁତ୍ୱ ଆରୋପ କରିଛନ୍ତି। ଏହାର ଏକ ଆନୁଷ୍ଠନିକ ବ୍ୟବସ୍ଥା ଭାବେ ଅର୍ବାନ ହାଟଗୁଡିକୁ ଅଧିକ ଆକର୍ଷଣୀୟ ଓ କ୍ରୀୟାଶୀଳ କରିବା ପାଇଁ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋସେବା ଭବନଠାରେ ଆୟୋଜିତ ଏ ସମ୍ବନ୍ଧୀୟ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବୟନ, ହସ୍ତ

ସଂକ୍ଷେପରେ

୪୦ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ପୁରୁଣା ଭୁବନେଶ୍ୱର, ୧୧।୬ : ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ଗୁରୁବାର କ୍ୟୁଏଟି ଟିମ୍ ସହାୟତାରେ ଲିଙ୍ଗରାଜ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କପିଳେଶ୍ୱର ଅଞ୍ଚଳର ରାକେଶ ଓରଫ ରାଖୀ ମଲିଆ(୩୧) ଏବଂ ସୁଜିତ୍ ପଣ୍ଡା(୧୯)। ଏମାନଙ୍କ ନିକଟରୁ ୪୦ଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ୍, ୨ ମୋବାଇଲ ଫୋନ, ଗୋଟିଏ ଘଣ୍ଟା ଏବଂ ସୁନାଅଳଙ୍କାର ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୮୬/୨୦)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମୁକ୍ତେଶ୍ୱର ମନ୍ଦିର ପରିସରରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଏବଂ କ୍ୟୁଏଟି ଟିମ୍ ଚଢ଼ାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଧରିଥିଲା।

୧୫ ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ,୧୧।୬ : ଖୋର୍ଦ୍ଧା ଉପଖଣ୍ଡରେ ଗୁରୁବାର ପୁଣି ୧୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବାଣପୁର ବ୍ଲକର ୩, ବାଳକାଟୀର ୧, ଖୋର୍ଦ୍ଧା ବ୍ଲକର ୧, ବାଲୁଗାଁ ଓ ଟାଙ୍ଗୀ ବ୍ଲକର ଜଣେ ଲେଖାଏଁ, ବୋଲଗଡ଼ର ୨ ଓ ଭୁବନେଶ୍ୱର ବ୍ଲକରୁ ସର୍ବାଧିକ ୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତ ପଜିଟିଭ୍ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଚିକିତ୍ସା ପାଇଁ ସମସ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି।

ଓଷୁଅ ଲାଗି ହେଲେ ଠାକୁର

ପୁରୀ ଅଫିସ,୧୧।୬: ପବିତ୍ର ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ୧୦۸ ଗଡୁ ଜଳରେ ସ୍ନାନ କରିବା ପରେ ଏବେ ଜ୍ୱରରେ ପୀଡ଼ିତ। ଜ୍ୱରରୁ ଉପଶମ ପାଇବା ପାଇଁ ଅଣସର ଘରେ ଚତୁର୍ଦ୍ଧାବିଗ୍ରହଙ୍କର ଚାଲିଛି ଗୁପ୍ତ ସେବା। ଭିତର ଅଣସର ପିଣ୍ଡିରେ ଚାଲିଥିବା ଏହି ଗୁପ୍ତ ସେବାରେ ବୁଧବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରିଛନ୍ତି ଦଇତାପତି ସେବାୟତ। ଗୁରୁବାର ଷଷ୍ଠୀରେ ପରମ୍ପରା ଅନୁଯାୟୀ ଶ୍ରୀବିଗ୍ରହଙ୍କୁ ଓଷୁଅ ଲାଗି କରାଯାଇଛି। ଏ ସମ୍ପର୍କରେ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଅଣସର ସମୟରେ ମହାପ୍ରଭୁଙ୍କୁ ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷୁଅ ଲାଗି କରାଯାଇଥାଏ। ଏହି ଚାରିଦିନ ମଧ୍ୟାହ୍ନ ଧୂପ ସରିବା ପରେ ଅଣସର ଘର ଖୋଲିଥାଏ। ଅଣସର ଶୁଦ୍ଧ ସୁଆର ଝୁଣା, ରାଶିତେଲରେ ପ୍ରସ୍ତୁତ କରିଥିବା ଓଷୁଅ ଦଇତାପତିମାନେ ନେଇ ଶ୍ରୀଅଙ୍ଗରେ ଲେପ ଦିଅନ୍ତି। ଏହାପରେ ଠାକୁରଙ୍କ ଚକଟା ଭୋଗ, ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି କରାଯାଏ।

ପୁରୀ: ୩ ପଜିଟିଭ ଚିହ୍ନଟ

ପୁରୀ ଅଫିସ,୧୧।୬: ପୁରୀ ଜିଲାରୁ ପୁଣି ୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁବାର ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୧୮ ଛୁଇଁଛି। ଏମାନଙ୍କ ମଧ୍ୟରୁ ୯୨ ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୨୬ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂଆ ସଂକ୍ରମିତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନାହିଁ। କିନ୍ତୁ ସମସ୍ତ ୩ ଆକ୍ରାନ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ ବୋଲି କୁହାଯାଉଛି। କିଛିଦିନ ଧରି ଜିଲାର ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ଗତ ୪ ଦିନରେ ପୁଣି ୧୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଏହି ସମୟ ମଧ୍ୟରେ ୭ଜଣ ସୁସ୍ଥ ହୋଇଥିବା ତଥ୍ୟ ରହିଛି। ମୋଟାମୋଟି ଜିଲାର ସୁସ୍ଥ ହାର ଭଲ ରହିଥିବା କୁହାଯାଉଛି।

ଜୁଲାଇ ୧୫ ଯାଏ ବଳବତ୍ତର ସମସ୍ତ ଅନ୍ତରୀଣ ରହିତାଦେଶ

କଟକ ଅଫିସ,୧୧।୬: କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ପଞ୍ଚମ ପର୍ଯ୍ୟାୟ ଲକ୍‌ଡାଉନ୍ ଘୋଷଣା ପରେ ହାଇକୋର୍ଟଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଗତ ମେ' ୫ରେ ବିଭିନ୍ନ ବିଷୟରେ ଦେଇଥିବା ନିର୍ଦ୍ଦେଶନାମାକୁ ଜୁଲାଇ ୧୫ ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ହାଇକୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ବିଭିନ୍ନ ମାମଲାରେ ଯେଉଁ ସବୁ ରହିତାଦେଶ ବା ଅନ୍ତରୀଣ ସୁରକ୍ଷା ଦେଇଥିଲେ, ତାହା ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଏବଂ ବିଚାରପତି ଜଷ୍ଟିସ ସାବିତ୍ରୀ ରଥଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ମେ' ୫ରେ ହାଇକୋର୍ଟ ସମସ୍ତ ପ୍ରକାର ରହିତାଦେଶକୁ ଜୁନ୍ ୧୮ ପର୍ଯ୍ୟନ୍ତ ବଳବତ୍ତର ରଖିଥିଲେ।

ଜୀବନ, ଭବିଷ୍ୟତ ପାଇଁ ଆଶ୍ୱସ୍ତ

ୟୁଜି, ପିଜି ପରୀକ୍ଷା ବାତିଲ ନିଷ୍ପତ୍ତି

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଦେଶରେ କୋଭିଡ୍-୧୯ ପରିସ୍ଥିତି ଲାଗି ଗୁରୁବାର ଉଚ୍ଚଶିକ୍ଷା ବିଭାଗ ବାକି ଥିବା ସମସ୍ତ ୟୁଜି ଓ ପିଜି ପରୀକ୍ଷାକୁ ବାତିଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ପରୀକ୍ଷା ବାତିଲ ହୋଇଛି। କିଛିଦିନ ଧରି ପରୀକ୍ଷାକୁ ନେଇ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସରେ ଅଶାନ୍ତି ଓ ଛାତ୍ରୀଛାତ୍ରଙ୍କ ଭିତରେ ଯେଉଁ ଅସନ୍ତୋଷ ଉପୁଜିଥିଲା, ଉଚ୍ଚଶିକ୍ଷା ବିଭାଗର ଘୋଷଣା ପରେ ତାହାକୁ ସ୍ୱାଗତ କରାଯାଇଛି। ନିଜ ଜୀବନ ଓ ଭବିଷ୍ୟତକୁ ନେଇ ଆଶ୍ୱସ୍ତ ହୋଇଛନ୍ତି ଛାତ୍ରୀଛାତ୍ର। ତେବେ ଏଥିରେ ଉଚ୍ଚଶିକ୍ଷା ଆଶାୟୀ ନିରାଶ ହେବା ସହ ମେଧାର ସଠିକ୍ ମୂଲ୍ୟାୟନ ହୋଇ ନ ପାରିବା ଆଶଙ୍କା ମଧ୍ୟ ପ୍ରକାଶ ପାଇଛି।

ଛାତ୍ରୀଛାତ୍ରଙ୍କ ସପକ୍ଷରେ ନିଷ୍ପତ୍ତି

ୟୁଜି, ପିଜି ପରୀକ୍ଷା ବାତିଲ କରିବା ନିଷ୍ପତ୍ତିରେ ଆମେ ବହୁତ ଖୁସି। ସରକାର ଆମକୁ ହଇରାଣ କରିନାହାନ୍ତି। ଆମେ ଦାବି ରଖିଲୁ ଓ ସଙ୍ଗେ ସଙ୍ଗେ ଏନେଇ ନିଷ୍ପତ୍ତି ନିଆଗଲା। ଛାତ୍ରୀଛାତ୍ରଙ୍କ ସପକ୍ଷରେ ନିଷ୍ପତ୍ତି ନିଆଯାଇଥିବାରୁ ମୁଁ ଉଚ୍ଚଶିକ୍ଷା ବିଭାଗକୁ ଧନ୍ୟବାଦ ଦେଉଛି। ଯେଉଁମାନେ ପରୀକ୍ଷା ଦେବାକୁ ଚାହିଁବେ ସେମାନେ ଦେଇପାରିବେ। ଯେଉଁମାନେ ଦେବାକୁ ନ ଚାହିଁବେ, ପୂର୍ବ ସେମିଷ୍ଟର ମାର୍କ ଅନୁଯାୟୀ ସେମାନଙ୍କୁ ପାସ୍ କରାଯିବ। ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୀଘ୍ର ନିଷ୍ପତ୍ତି ନିଆଯାଇଥିବାରୁ ପିଲାଙ୍କ ଭବିଷ୍ୟତ ରକ୍ଷା ହୋଇଛି।

– ସ୍ୱୀକୃତି ମିଶ୍ର, ଛାତ୍ରୀନେତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ରାଜ୍ୟ ବାହାରର ଛାତ୍ରୀଛାତ୍ର ଉପକୃତ ହେବେ

ଉଚ୍ଚଶିକ୍ଷା ବିଭାଗ ଏକ ଭଲ ନିଷ୍ପତ୍ତି ନେଇଛି। କେବଳ ଆମ ବିଶ୍ୱବିଦ୍ୟାଳୟ ନୁହେଁ, ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ବାହାର ରାଜ୍ୟର ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ। ଏଭଳି ସମୟରେ ଟ୍ରାଭେଲ କରି ପରୀକ୍ଷା ଦେବାକୁ ଆସିବା ସମ୍ଭବ ନୁହେଁ। ଆସିଲେ ବି କରୋନା ସଂକ୍ରମଣର ଅଧିକ ଆଶଙ୍କା ରହିଥିଲା। ସେମାନେ ଆମ ସମସ୍ୟାକୁ ବୁଝିଲେ ଓ ପରୀକ୍ଷା ବାତିଲ କଲେ। ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛି।

– ସମୀକ୍ଷା ମିତ୍ର, ଯୁକ୍ତ ୩ ଶେଷବର୍ଷ ବାଣିଜ୍ୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ମାର୍କିଂ ଠିକ୍ ହେବା ଆବଶ୍ୟକ

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଜୀବନ। ଉଚ୍ଚଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ଜୀବନ ରକ୍ଷା ପାଇଁ ଏହି ନିଷ୍ପତ୍ତି ନେଇଥିବାରୁ ସମସ୍ତଙ୍କ ପକ୍ଷରୁ ମୁଁ ଧନ୍ୟବାଦ ଜଣାଉଛି। ତେବେ ପରବର୍ତ୍ତୀ ସମୟରେ ପରୀକ୍ଷା ଦେଇ ନ ଥିବା ପିଲାଙ୍କ ଠିକ୍ ଭାବେ ମାର୍କିଂ କରାଯିବା ଆବଶ୍ୟକ। ପରୀକ୍ଷା ବାତିଲ ହୋଇଛି ଭାବି ମନଇଚ୍ଛା ମାର୍କ ଦେଲେ ଭବିଷ୍ୟତରେ ଏହା ଏକ ବଡ଼ ସମସ୍ୟା ସୃଷ୍ଟି କରିବ ଓ ପୁଣିଥରେ ଛାତ୍ର ଅସନ୍ତୋଷର କାରଣ ହେବ।

– ଦୀପକ କୁମାର ଭଳ, ପିଜି ପ୍ରଥମବର୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ

ଭବିଷ୍ୟତ ଅନ୍ଧାର ହେବାରୁ ବଞ୍ଚିଗଲା

ଉଚ୍ଚଶିକ୍ଷା ବିଭାଗ ଯାହା ନିଷ୍ପତ୍ତି ନେଇଛି, ତାହା ସ୍ୱାଗତଯୋଗ୍ୟ। ପରୀକ୍ଷା ଦେଇଥିଲେ ପିଲାଙ୍କ ଜୀବନ ବିପଦରେ ପଡ଼ିଥାନ୍ତା। ପିଲାଙ୍କ ଭବିଷ୍ୟତ ମଧ୍ୟ ନଷ୍ଟ ହୋଇଥାନ୍ତା। କରୋନା ସମୟରେ ଆମେମାନେ କ୍ଲାସ୍ କରିପାରିନୁ କି ହଷ୍ଟେଲରେ ରହି ପଢ଼ିବାର ସୁଯୋଗ ପାଇନୁ। ଘରେ ରହି ପଢ଼ିବା ସମ୍ଭବ ନ ଥିଲା। ଯଦି ପରୀକ୍ଷା ଦେଇଥାନ୍ତୁ, ତାହେଲେ ଖରାପ ମାର୍କ ରହିଥାନ୍ତା ଓ ଭବିଷ୍ୟତ ଅନ୍ଧାର ହୋଇଥାନ୍ତା। କରୋନା ସଂକ୍ରମଣର ଭୟ ମଧ୍ୟ ରହିଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ଠିକ୍ ନିଷ୍ପତ୍ତି ନେଇଛନ୍ତି।

– ସୁକୁମାର ପଣ୍ଡା, ପିଜି ଦ୍ୱିତୀୟବର୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ

ରାଜ୍ୟ ସରକାରଙ୍କୁ ଧନ୍ୟବାଦ

ପରୀକ୍ଷା ବାତିଲ କରାଯିବା ପିଲାଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କରୋନା ବିପତ୍ତି ସମୟରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ହିଁ ପ୍ରଥମ। ଏହାଦ୍ୱାରା ଓଡ଼ିଶାରେ ରହି ପଢୁଥିବା ଅନ୍ୟ ରାଜ୍ୟର ସାଧାରଣ ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଉପକୃତ ହେବେ। ନିଷ୍ପତ୍ତି ପାଇଁ ଆମେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛୁ।

– ଦେବସ୍ମିତା ଦାସ, ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ନିରାଶ ହୋଇପାରନ୍ତି ଉଚ୍ଚଶିକ୍ଷା ଆଶାୟୀ

ଏଭଳି ଏକ ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପରୀକ୍ଷା ବାତିଲ କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପରୀକ୍ଷା ହୋଇଥିଲେ କରୋନା ସଂକ୍ରମଣର ଆଶଙ୍କା ରହିଥାନ୍ତା। କିନ୍ତୁ ଯେଉଁମାନେ ଉଚ୍ଚଶିକ୍ଷା ପାଇଁ ଆଶାୟୀ ଥିଲେ, ସେମାନଙ୍କୁ ଏହି ନିଷ୍ପତ୍ତି ନିରାଶ କରିଛି।

– ସୁଶାନ୍ତ ଦାସ, ୟୁଜି ଶେଷବର୍ଷ, ସିଟି ମହାବିଦ୍ୟାଳୟ

ମେଧାର ସଠିକ୍ ମୂଲ୍ୟାୟନ ହୋଇ ନ ପାରିବା ଆଶଙ୍କା

ପରୀକ୍ଷାକୁ ବାତିଲ କରା ନ ଯାଇ ସ୍ଥଗିତ କରାଯାଇଥିଲେ ଭଲ ହୋଇଥାନ୍ତା। ସମ୍ପୂର୍ଣ୍ଣ ବାତିଲ ହେବା ଦ୍ୱାରା ମେଧାର ସଠିକ୍ ମୂଲ୍ୟାୟନ ହୋଇପାରିବ ନାହିଁ। ଯେଉଁମାନେ ପୂର୍ବ ସେମିଷ୍ଟରରେ ଖରାପ ପ୍ରଦର୍ଶନ କରିଥିଲେ, ସେମାନେ ପୁନର୍ବାର ଫଳ ଭଲ କରିବାର ସୁଯୋଗ ହରାଇଲେ। ଦେଖିବାକୁ ଗଲେ ଏହି ନିଷ୍ପତ୍ତି ମେଧାବୀଙ୍କ ପ୍ରତି ଅନ୍ୟାୟ ହୋଇଛି।

– କାଜଲ ଦାସ, ପିଜି ଶେଷବର୍ଷ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

ଜନବହୁଳତା ସାଂଘାତିକ ସ୍ଥିତି କରିବ

ଭୁବନେଶ୍ୱର, ୧୧।୬ (ବ୍ୟୁରୋ)

- ରଜରେ ଘରକୁ ଆନନ୍ଦ ଆଣ, କରୋନା ନୁହେଁ
- ଗତ ୧୭ ଦିନରେ ସଂକ୍ରମଣ ୨ ଗୁଣ ବଢ଼ିଛି, ୩ ଗୁଣ ଲୋକ ସୁସ୍ଥ

ସାରା ଦେଶରେ କାୟା ମେଲାଉଛି କରୋନା। ସଂକ୍ରମିତ ଦେଶ ତାଲିକାରେ ଭାରତ ଏବେ ୫ମ ସ୍ଥାନରେ ପହଞ୍ଚିଲାଣି। ବିଶେଷକରି ଗତ ୭ଦିନ ହେଲା ଦେଶରେ ଦୈନିକ ହାରାହାରି ୧୦ହଜାର ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏପରିକି ଭାରତ ସଂକ୍ରମିତଙ୍କ ତାଲିକାରେ ରୁଷିଆ ଓ ବିଟ୍ରେନକୁ ମଧ୍ୟ ଟପିଗଲାଣି। ତେଣୁ ଆଗକୁ ଆହୁରି ସାବଧାନତା ଓ ସତର୍କତାର ସହ ବଢ଼ିବାକୁ ହେବ। କାରଣ ବିଶ୍ୱର ଅଧିକ ସଂକ୍ରମିତ ସହରର ପ୍ରତି ବର୍ଗ କିଲୋମିଟର ଜନସଂଖ୍ୟା ତୁଳନାରେ ଭାରତର କିଛି ସହର ଏପରିକି ଓଡ଼ିଶାର କିଛି ସହରର ପ୍ରତି ବର୍ଗ କିଲୋମିଟର ପିଛା ଜନସଂଖ୍ୟା ଅଧିକ। ତେଣୁ ଜନବହୁଳତା ଆଗକୁ ସ୍ଥିତି ସାଂଘାତିକ କରିବ ବୋଲି ରାଜ୍ୟ କୋଭିଡ-୧୯ ମୁଖପାତ୍ର ସୁବ୍ରତୋ ବାଗ୍‌ଚି ଗୁରୁବାର ଖବରଦାତା ସମ୍ମିଳନୀରେ ସତର୍କ କରିଛନ୍ତି। ଦେଶରେ ଯେଉଁଭଳି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି, ରାଜ୍ୟରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଆଉ ଏଭଳି ସ୍ଥିତିରେ ସାମାଜିକ ଦୂରତାକୁ ଲୋକେ ଫୁ କରି ଉଡାଇ ଦେଉଛନ୍ତି। ଆଗକୁ ରଜ ଥିବାରୁ ବଜାରରେ ଲୋକଙ୍କର ପ୍ରବଳ ମାତ୍ରାରେ ଭିଡ଼ ଦେଖିବାକୁ ମିଳୁଛି। ଆଉ ଏଭଳି ଭିଡ଼ କରୋନା ପାଇଁ ରାଜଜୋଟକ ବୋଲି ବାଗ୍‌ଚୀ କହିଛନ୍ତି।

ମେ' ୨୬ ପରଠାରୁ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଗତ ୧୭ଦିନ ମଧ୍ୟରେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୨ଗୁଣ ହୋଇଛି। ତେବେ ଏହି ସମୟ ଅବଧିରେ ରାଜ୍ୟରେ ୩ ଗୁଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି, ଯାହା ଏକ ଆଶ୍ୱସ୍ତିକର ବିଷୟ। ଏସବୁ ଭିତରେ ଆଗକୁ ଓଡ଼ିଆଙ୍କ ବଡ ପର୍ବ ରଜ ଆସୁଛି। ରବିବାରଠାରୁ ଆରମ୍ଭ ହେବାକୁ ଥିବା ରଜପର୍ବକୁ ସତର୍କତା ସହ ପାଳନ ପାଇଁ ସେ ପରାମର୍ଶ ଦେଇଛନ୍ତି। ଜୀବନକୁ ବାଜି ଲଗାଇ ରଜ ନ ପାଳିବାକୁ ବାଗ୍‌ଚୀ କହିଥିବାବେଳେ ରଜରେ ଘରକୁ କରୋନା ନୁହେଁ ବରଂ ଆନନ୍ଦ ଆଣନ୍ତୁ ବୋଲି କହିଛନ୍ତି।

ବାଗ୍‌ଚୀ କହିଛନ୍ତି, ରଜ ପାଳନ କରନ୍ତୁ ହେଲେ ଖୁବ୍ ସାବଧାନତାର ସହ। ମା' ବସୁଧା ଓ ସମଗ୍ର ନାରୀ ଜାତିକୁ ସମ୍ମାନ ଦେବାର ପର୍ବ ରଜ। ଏହି ସମୟରେ ସତର୍କ ରହିବା ଓ ଦାୟିତ୍ୱବୋଧ ପାଳନ ମଧ୍ୟ କର୍ତ୍ତବ୍ୟ। ହେଲେ ଆମେ ଜୀବନକୁ ବିପନ୍ନ କରି ପାଳନ କରିବା ଉଚିତ୍ ନୁହେଁ। କରୋନା ପାଇଁ ଲୋକ ଭିଡ଼ ରାଜଜୋଟକ ସାଜିବ। ଯେଉଁଠି ଲୋକ ଭିଡ଼ କରୁଛନ୍ତି, ସେଠି କରୋନା ସୁପରସ୍ପ୍ରେଡ ହେବାର ଆଶଙ୍କା ରହିଛି। ରଜ ବଜାରକୁ ଗଲେ ସାମାଜିକ ଦୂରତା ରକ୍ଷା କରନ୍ତୁ। ପରିବାରରୁ କେବଳ ଜଣେ କିଣିବାକୁ କରାଯିବା ଉଚିତ। ଜିନିଷ କିଣି ଆଣିବା ପରେ ପ୍ରଥମେ ସାନିଟାଇଜ୍ କରନ୍ତୁ, ପରେ ଘରକୁ ଆଣନ୍ତୁ। ପରିବାର ଭିତରେ ଏହି ପର୍ବ ପାଳନ କରିବାକୁ ଚେଷ୍ଟା କରନ୍ତୁ। ଘରେ ଭିତରେ ପାନ ଖାଇବା, ତାସ ଖେଳିବା, ବାହାରକୁ ଯାଇ ବୁଲାବୁଲି, ଖେଳାଖେଳିରୁ ଦୂରେଇ ରହିବା। ସଂଯମ, ସାବଧାନତା ଓ ଦାୟିତ୍ୱବୋଧକୁ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଉଭୟ ବ୍ୟବସାୟୀ ଓ ଗ୍ରାହକ ସାମାଜିକ ଦୂରତା, ମାସ୍କ ପିନ୍ଧିବା ଓ ସାନିଟାଇଜେଶନ୍ ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ବାଗ୍‌ଚୀ କହିଛନ୍ତି। ସେହିଭଳି ରଜ ଦୋଳି ଖେଳିବା ବେଳେ ମଧ୍ୟ ସତର୍କ ରହିବାକୁ ପଡିବ ବୋଲି ବାଗଚୀ କହିଛନ୍ତି।

ଅନବସର ମଇଲମ ଯୋଗାନ୍ତି ସୁନା ଗୋସାଇଁ

ପୁରୀ ଅଫିସ,୧୧।୬

ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନବେଦିରେ ୧୦۸ ଗଡୁ ସୁବାସିତ ଜଳରେ ସ୍ନାନ ପରେ ଜ୍ୱରରେ ପୀଡ଼ିତ ମହାପ୍ରଭୁ। ଉପଶମ ପାଇଁ ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଦାରୁଦିଅଁଙ୍କ ସେବା କରୁଛନ୍ତି। ତେବେ ବର୍ତ୍ତମାନ ଠାକୁରଙ୍କ ଲାଗି ଅନବସର ମଇଲମ ଯୋଗାଇ ଦେଉଛନ୍ତି ସୁନା ଗୋସାଇଁ ସେବକ।

ଅନବସର ସମୟରେ ସୁନା ଗୋସାଇଁ ସେବକ ଅନବସର ମଇଲମ ପ୍ରସ୍ତୁତ କରିଥାନ୍ତି। ଏହା ହେଉଛି ଜ୍ୱରରେ ପୀଡ଼ିତ ଠାକୁରଙ୍କ ପାଇଁ ପଥ୍ୟ ଭୋଗ। ସୁନା ଗୋସାଇଁ ସେବାୟତଙ୍କ ଘରୁ ଏହା ପ୍ରସ୍ତୁତ ହୋଇ ଠାକୁରଙ୍କୁ ଅର୍ପଣ କରାଯାଉଥିବା କହିଛନ୍ତି ସୁନା ଗୋସାଇଁ ସେବାୟତ ଦେବେନ୍ଦ୍ର ନାରାୟଣ ବ୍ରହ୍ମଚାରୀ। ଧୁଆ ମୁଗ, ନଡ଼ିଆ, ଚିନି ସହ ୪ଟି ଶୁଭ୍ର ପୁଷ୍ପମାଳ (ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ଶ୍ରୀସୁଦର୍ଶନଙ୍କ ପାଇଁ) ନିଆଯାଉଛି। ଉତ୍ତର (ମୋକ୍ଷ ଦ୍ୱାର) ଦ୍ୱାର ଦେଇ ଅନବସର ମଇଲମ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥାଏ। ବଂଶାନୁକ୍ରମିକ ସେବା ଭାବେ ସୁନା ଗୋସାଇଁଙ୍କ ପରିବାର ଏହି ସେବା କରିଆସୁଛନ୍ତି। ଠାକୁରଙ୍କ ଜଳ ଅଧିବାସ କାର୍ଯ୍ୟ ମଧ୍ୟ ସୁନା ଗୋସେଇଁ ସେବକ କରିଥାନ୍ତି। ସେମାନେ ଅଶୌଚ ହେଲେ ପୂଜାପଣ୍ଡା ଅଧିବାସ କାର୍ଯ୍ୟ କରନ୍ତି। ଏବେ ସୁନା ଗୋସାଇଁ ସେବାୟତ ଜ୍ଞାନେନ୍ଦ୍ର ନାରାୟଣ ବ୍ରହ୍ମଚାରୀ ଓ ତାଙ୍କ ୫ ପୁଅ ଯୋଗେନ୍ଦ୍ର ନାରାୟଣ, ରାଜେନ୍ଦ୍ର ନାରାୟଣ, ଦେବେନ୍ଦ୍ର ନାରାୟଣ, ସୌମେନ୍ଦ୍ର ନାରାୟଣ, ଧର୍ମେନ୍ଦ୍ର ନାରାୟଣ ମହାପ୍ରଭୁଙ୍କ ସେବାରେ ନିୟୋଜିତ ରହିଛନ୍ତି।

୧୪ରୁ ବରୁଣେଇ, ମା' ଉଗ୍ରତାରାଙ୍କ ପୀଠରେ ୧୪୪ ଧାରା

ଖୋର୍ଦ୍ଧା ଅଫିସ

ସଂକ୍ଷେପରେ

ସାପ କାମୁଡ଼ାରେ ବାଳକର ମୃତ୍ୟୁ
କରୋନା ସଂକ୍ରମଣ ଆଲୋଚନା

କେନ୍ଦ୍ରାପଡ଼ା ଅଫିସ, ୧୧।୬: କେନ୍ଦ୍ରାପଡ଼ା ଜିଲା ରାଜନଗର ତହସିଲ ଭିତରଗଡ ପଞ୍ଚାୟତ ବ୍ରାହ୍ମଣୀକୋହ୍ଲା ଗ୍ରାମର କାଙ୍ଗାଳୀ ପାଢ଼ାଙ୍କ ୧୪ ବର୍ଷୀୟ ପୁଅ ଚନ୍ଦନଙ୍କର ସାପ କାମୁଡ଼ାରେ ବୁଧବାର ରାତିରେ ମୃତ୍ୟୁ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଏହି ମୃତ୍ୟୁ କରୋନା ସଂକ୍ରମଣ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଲୋଚନା ହୋଇଥିଲା। ରାତି ପ୍ରାୟ ୩ଟାରେ ରୋଗୀ ପହଞ୍ଚିଥିବା ବେଳେ ଲକ୍ଷଣକୁ ଦେଖି ଚିକିତ୍ସାଳୟର କେତେକ କର୍ମଚାରୀ ଦୂରେଇ ଯାଇଥିବା କୁହାଯାଉଛି। ତାଙ୍କର ଗଳା ବନ୍ଦ ହେବା, ଜ୍ୱର ପରି ଲକ୍ଷଣ ଥିବା ପ୍ରାଥମିକ ସୂଚନା ମିଳିଥିଲା । ଅପରପକ୍ଷେ ଚନ୍ଦନଙ୍କ ଗ୍ରାମର କେତେକ ବ୍ୟକ୍ତି କୁହନ୍ତି, ଗ୍ରାମ ବାହାର ଅଞ୍ଚଳରେ ଥିବା ଏହି ଘରେ କିଛିଦିନ ଧରି ଏକ ସାପ ବାହାରୁଥିଲା। ମାଆ ଚନ୍ଦ୍ରିରୀ କୁହନ୍ତି, ଶୋଇବା ସମୟରେ ଘରେ ପଶି ପୁଅକୁ ସର୍ପାଘାତ କରିଛି । ଏ ସମ୍ପର୍କରେ ରାଜନଗର ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ମିଳିବ।

ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

କପ୍ତିପଦା,୧୧।୬(ଡି.ଏନ.ଏ): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଜଡିଦା ପଞ୍ଚାୟତ ନେଦାମ ପଥରଖଣି ଗ୍ରାମରେ ପରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀ କାଠ ଫାଳିଆ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ନିନି ଭଲ୍ଲା । ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୫୪/୨୦୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ସ୍ୱାମୀ ଜୁଲୁ ଭଲ୍ଲା ଫେରାର ଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ ବୋଲି ଥାନାଧିକାରୀ ସଞ୍ଜୟ କୁମାର ପ୍ରଧାନ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ସ୍ୱାମୀ ସ୍ତ୍ରୀ ହାଟକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ରୋଷେଇ କରିବାରେ ସ୍ତ୍ରୀ ନିନି ବିଳମ୍ବ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ୱାମୀ ଜୁଲୁ ଏକ କାଠଫାଳିଆରେ ନିନିଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାଘଟାଇ ଜୁଲୁ ଫେରାର ହୋଇଯିବା ପରେ ତାଙ୍କ ୨ଝିଅ ପାଖ ପଡ଼ୋଶୀଙ୍କୁ ଜଣାଇଥିଲେ। ଗ୍ରାମବାସୀ କପ୍ତିପଦା ଥାନାକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

ବାଲିଅନ୍ତା ତହସିଲଦାର, ଅପରେଟରଙ୍କୁ ଜାମିନ

କଟକ ଅଫିସ,୧୧।୬: ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଥିବା ବାଲିଅନ୍ତା ତହସିଲଦାର ରଶ୍ମିରେଖା ପ୍ରଧାନ ଏବଂ ଡାଟା ଏଣ୍ଟ୍ରି ଅପରେଟର ଧନେଶ୍ୱର ସାହୁଙ୍କୁ ଗୁରୁବାର ହାଇକୋର୍ଟରୁ ଜାମିନ ମିଳିଛି। ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ ଉଭୟଙ୍କ ଆବେଦନର ଶୁଣାଣି କରି ଜାମିନ ଦେବା ସହ ନିମ୍ନ ଅଦାଲତ ସର୍ତ୍ତ ରଖିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଜମିର କିସମ ପରିବର୍ତ୍ତନ ପାଇଁ ଭୁବନେଶ୍ୱରର ଶାସ୍ତ୍ରୀନଗର ଅଞ୍ଚଳର କୈଳାସ ରଥ ବାଲିଅନ୍ତା ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଫଇସଲା ପାଇଁ ଡାଟା ଏଣ୍ଟ୍ରି ଅପରେଟର ଧନେଶ୍ୱର ସାହୁଙ୍କୁ କୈଳାସ ୧ ଲକ୍ଷ ୨୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଧନେଶ୍ୱରଙ୍କୁ ଧରିଥିଲା। ଏଥିରେ ତହସିଲଦାର ପ୍ରଧାନ ସମ୍ପୃକ୍ତ ଥିବା ଧନେଶ୍ୱର କହିବା ପରେ ଭିଜିଲାନ୍ସ ତାଙ୍କୁ ମଧ୍ୟ ଗିରଫ କରିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଜାମିନ ପାଇଁ ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କୁ ଅଧିକ ଜେରାର ଆବଶ୍ୟକତା ଥିବା ନେଇ ଭିଜିଲାନ୍ସ ଉଲ୍ଲେଖ କରି ନ ଥିବାବେଳେ ସେମାନେ ପ୍ରମାଣ ନଷ୍ଟ କରିବା କିମ୍ବା ତଦନ୍ତକୁ ପ୍ରଭାବିତ କରିବାର ଆଶଙ୍କା ନ ଥିବାରୁ ହାଇକୋର୍ଟ ଜାମିନ ଦେଇଛନ୍ତି।

ହାତୀ ସହ ମୁହାଁମୁହିଁ ଏଡ଼ାଇବ ମୋବାଇଲ ଆପ୍

(ଅମିତ କୁମାର ସାମଲ)
ଅନୁଗୋଳ ଅଫିସ, ୧୧।୬

- ବନ ବିଭାଗ ସହ ଯୋଡ଼ିହେବେ ଜନସାଧାରଣ
- କ୍ଷୟକ୍ଷତି ସମ୍ପର୍କରେ ଅଭିଯୋଗ କରିପାରିବେ କ୍ଷତିଗ୍ରସ୍ତ
- ପ୍ରଥମ କରି ଅନୁଗୋଳ ବନଖଣ୍ଡରେ ଆରମ୍ଭ ହେବ

ଜଙ୍ଗଲ ମଧ୍ୟରେ କ'ଣ ଘଟୁଛି, କେଉଁ ହିଂସ୍ରଜନ୍ତୁ ଜନବସତିର କେତେ ନିକଟରେ ଅଛନ୍ତି, କେଉଁଠି କାହା ପାଇଁ କିଛି ବିପଦ ଆଶଙ୍କା ରହିଛି କି ନାହିଁ, ଏହା ଏବେ ସିଧାସଳଖ ଜାଣିପାରିବେ ବନ ବିଭାଗ ଅଧିକାରୀ ଓ ଜନସାଧାରଣ। ବିକାଶ ହୋଇଥିବା ଏକ ମୋବାଇଲ ଆପ୍ ବନ ବିଭାଗ ସହ ସ୍ଥାନୀୟ ଲୋକଙ୍କୁ ଏଭଳି ଯୋଡ଼ିବ ଯେ ଜଙ୍ଗଲ ସମ୍ପର୍କିତ ଟିକିନିଖି ଖବର ସମ୍ପର୍କରେ ସେମାନେ ପରସ୍ପରକୁ ତୁରନ୍ତ ଅବଗତ କରାଇପାରିବେ। ଏହାଦ୍ୱାରା ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷିତ ରହିବା ସହ ଅନେକ ସମୟରେ ହେଉଥିବା ହାତୀ-ମଣିଷ ମୁହାଁମୁହିଁ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ। ହାତୀ ଓ ଅନ୍ୟ ଜଙ୍ଗଲ ଜନ୍ତୁଙ୍କ ଦ୍ୱାରା ହେଉଥିବା ଫସଲ କ୍ଷତିକୁ ମଧ୍ୟ ହ୍ରାସ କରାଯାଇପାରିବ। ସେହିପରି ନିଜ କ୍ଷୟକ୍ଷତି ସମ୍ପର୍କରେ ଜଣାଇବାକୁ କ୍ଷତିଗ୍ରସ୍ତ ବନ ବିଭାଗ କାର୍ଯ୍ୟାଳୟ ନ ଯାଇ ଉକ୍ତ ଆପ୍ ମାଧ୍ୟମରେ ଅଭିଯୋଗ କରିପାରିବେ। ରାଜ୍ୟରେ ପ୍ରଥମ କରି ଅନୁଗୋଳ ବନଖଣ୍ଡରେ ଏହା ଆରମ୍ଭ ହେବାକୁ ଯାଉଥିବା ଅନୁଗୋଳ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଅନୁଗୋଳ ବନଖଣ୍ଡ ଅଧିକାରୀ ଭି.କାର୍ତ୍ତିକଙ୍କ କହିବା ଅନୁଯାୟୀ, ଏହି ମୋବାଇଲ ଆପ୍ ଆସନ୍ତା ସପ୍ତାହରୁ କାର୍ଯ୍ୟକାରୀ ହେବ। ତେବେ ପ୍ରାଥମିକ ପର୍ଯ୍ୟାୟରେ ୨ରୁ ୩ ମାସ ପର୍ଯ୍ୟନ୍ତ ଟ୍ରାଏଲ ବେସ୍‌ରେ ରହିବ। ପରେ ଏହା ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକାରୀ ହେଲେ ବର୍ଷକୁ ୫ ଲକ୍ଷ ଲୋକଙ୍କ ନିକଟକୁ ମେସେଜ୍ ପଠାଯାଇପାରିବ। ଏହାକୁ ପରବର୍ତ୍ତୀ ସମୟରେ ବୃଦ୍ଧି ମଧ୍ୟ କରାଯାଇପାରିବ। ଆପ୍ କାର୍ଯ୍ୟକାରୀ ହେବା ପରେ ବନଖଣ୍ଡ ଅଧୀନରେ ଥିବା ଅନୁଗୋଳ, ବନ୍ତଳା, ଦୁର୍ଗାପୁର, ଛେଣ୍ଡିପଦା, ତାଳଚେର ଓ କଣିହାଁ ରେଞ୍ଜର ପ୍ରତି ଗ୍ରାମରୁ ୧୦ ଜଣ ଲୋକଙ୍କ ମୋବାଇଲ ନମ୍ବର ରେଜିଷ୍ଟ୍ରେଶନ୍ କରାଯାଇ ସୂଚନା ପ୍ରଦାନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୨ ଶହ ଲୋକଙ୍କୁ ଏହି ଆପ୍‌ରେ ଯୋଡ଼ାଯିବ। ପରେ ରେଞ୍ଜଗୁଡ଼ିକର ଥାନା ଅଧିକାରୀ, ବିଜୁଳି ବିଭାଗ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ସାମିଲ କରାଯିବ। ଫଳରେ ବନଖଣ୍ଡର ଟିକିନିଖି ଖବର, ସରକାରୀ ଯୋଜନା, ରହିଥିବା ବିପଦଆପଦ ଓ ସତର୍କତାମୂଳକ ପଦକ୍ଷେପର ପ୍ରତିଟି ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ସହଜ ହୋଇପାରିବ। ଏଥିସହ କ୍ଷତି ପହଞ୍ଚାଇବାକୁ ଥିବା ହିଂସ୍ର ବନ୍ୟଜନ୍ତୁଙ୍କ ସମ୍ପର୍କରେ ଆଗୁଆ ଖବର ପାଇବା ସହ ତୁରନ୍ତ ଏ ନେଇ ଲୋକଙ୍କୁ ବିଭାଗ ପକ୍ଷରୁ ସତର୍କ କରାଯାଇପାରିବ। ଖାସ୍‌କରି ଅନୁଗୋଳ ବନଖଣ୍ଡ ଅଞ୍ଚଳରେ ହାତୀର ଗତିବିଧି ଅଧିକ ଥିବାରୁ ସେ ନେଇ ଲୋକମାନଙ୍କୁ ଠିକ୍ ଭାବେ ସତର୍କ କରାଇବା ସହ ତ୍ୱରିତ ପ୍ରତିକାର ସମ୍ଭବ ହୋଇପାରିବ। ଏହାଦ୍ୱାରା ବନବିଭାଗ ସ୍ଥାନୀୟ ଲୋକଙ୍କ ନିକଟତର ହେବ ଏବଂ ବିଭିନ୍ନ ସମୟରେ ଉଠୁଥିବା ଦୁର୍ନୀତି ଅଭିଯୋଗକୁ ମଧ୍ୟ କମ୍ କରାଯାଇପାରିବ ବୋଲି ବନଖଣ୍ଡ ଅଧିକାରୀ କାର୍ତ୍ତିକ ପ୍ରକାଶ କରିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କିଛି ଜାଣେ ନାହିଁ ଥାକୁଲି
ଦିଅଁଙ୍କୁ ଖାଇଲା ପୂଜାରି ଖାଇଲା
ଆହୁରି ଖାଇବ ଖଟୁଲି।

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

କାଉଁରିଆ କାଠି
ଭାଙ୍ଗିବ ପଛେ ନଇଁବ ନାହିଁ।

ଅନମନୀୟତା ଗୁଣ। କିଛି ବ୍ୟକ୍ତି ଭାରି ଜିଦ୍‌ଖୋର ପ୍ରକୃତିର ହୋଇଥାନ୍ତି ; ଯାହା ବୁଝିଥିବେ ସେଇଆ। ନିଜ କଥାରେ ଅଟଳ ରହୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ଲାଞ୍ଚ: ଧଳାପଥର ଫାଣ୍ଡି ଅଧିକାରୀ ଗିରଫ

ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୧।୬(ଡି.ଏନ୍.ଏ.)

ଅଶୋକ କୁମାର ପଣ୍ଡା ।

୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଧଳାପଥର ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଅଶୋକ କୁମାର ପଣ୍ଡା। ଲାଞ୍ଚ ଟଙ୍କା ଜବତ କରିବା ସହ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ମାମଲା (ନଂ.୧୫/୨୦)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସାନନୂଆପଲ୍ଲୀ ଗ୍ରାମର ଆଶିଷ କୁମାର ପଣ୍ଡାଙ୍କ ବିରୋଧରେ ଜମିଜମା ଘଟଣାରେ ବେଗୁନିଆ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ତାଙ୍କୁ ଗିରଫ ନ କରିବା ଏବଂ କୋହଳ ଦଫା ଲଗାଇବା ଲାଗି ଏଏସ୍‌ଆଇ ପଣ୍ଡା ତାଙ୍କୁ ୨୫ହଜାର ଟଙ୍କା ଦାବି କରିଥିଲେ। ପରେ ୨୦ହଜାର ଟଙ୍କା ସ୍ଥିର ହୋଇଥିଲା। ଏ ନେଇ ଆଶିଷ ଖୋର୍ଦ୍ଧା ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଅନ୍ନପୂର୍ଣ୍ଣା ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଯୋଜନା ମୁତାବକ ଗୁରୁବାର ଅପରାହ୍ନରେ ଧଳାପଥର ଫାଣ୍ଡି ନିକଟରେ ଛକି ରହିଥିଲେ। ଏଏସ୍‌ଆଇ ପଣ୍ଡା ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ରଙ୍ଗ ପ୍ରଲେପ ଦିଆ ୫ଶହ ଟଙ୍କିଆ ନୋଟ ଜବତ କରାଯାଇଛି। ବାଣପୁର ସ୍ଥିତ ତାଙ୍କ ପୈତୃକ ବାସଭବନରେ ଚଢ଼ାଉ କରାଯାଇଥିବା ଡିଏସ୍‌ପି ମହାପାତ୍ର କହିଛନ୍ତି।

ସମସ୍ତଙ୍କୁ ଗ୍ରହଣ କରିବାର ମାନସିକତା ମୂଳତତ୍ତ୍ୱ: ରାଜ୍ୟପାଳ

ସମ୍ବଲପୁର,୧୧।୬(ବ୍ୟୁରୋ)

ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହ ଅନ୍‌ଲାଇନ ଜରିଆରେ ଚାଲିଛି ।

ଅନ୍‌ଲାଇନରେ ପାଳିତ ହେଲା ଓଏସ୍‌ଓୟୁ ପ୍ରତିଷ୍ଠା ଦିବସ

କୋଭିଡ-୧୯କୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ର ପଞ୍ଚମ ପ୍ରତିଷ୍ଠା ଦିବସ ଅନ୍‌ଲାଇନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ, ମୁଖ୍ୟତଃ ସମସ୍ତଙ୍କୁ ଗ୍ରହଣ କରିବାର ମାନସିକତା ମୁକ୍ତ ବିଶ୍ୱବିଦ୍ୟାଳୟର ମୂଳତତ୍ତ୍ୱ । ସମ୍ପ୍ରତି ମଣିଷ ସମାଜରୁ କରୁଣା ଓ ଦୟାଭାବ ହ୍ରାସ ପାଇବାରେ ଲାଗିଛି । ଏହା ଉଦ୍‌ବେଗର ବିଷୟ। କିନ୍ତୁ କରୋନା ମହାମାରୀ ସମୟରେ ଓଏସ୍‌ଓୟୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା । ନିମହାନ୍ସ ଓ ଭିମ୍‌ସାର ସହ ମିଳିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମ କରିଥିବାରୁ ରାଜ୍ୟପାଳ ତା'ର ପ୍ରଶଂସା କରିଥିଲେ । ଏହି ଅବସରରେ ସେ ପବ୍ଲିକ ଲାଇବ୍ରେରୀ ଆଣ୍ଡ ଡିଜିଟାଲ ଡିଭାଇଡ୍ ଓ ବିଶ୍ୱବିଦ୍ୟାଳୟର ପ୍ରୋଫାଇଲ୍- ୨୦୨୦କୁ ଉନ୍ମୋଚନ କରିଥିଲେ । ନିମହାନ୍ସ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ବି.ଏନ୍.ଗଙ୍ଗାଧର କହିଥିଲେ ଯେ, କୋଭିଡ୍- ୧୯ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବାକୁ ହେଲେ ଯୋଗାସନ, ପ୍ରାଣାୟାମର ଗୁରୁତ୍ୱ ରହିଛି । ଏହି ଅବସରରେ ସେ ଯୋଗ ଓ ନିରୋଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ମୁକ୍ତ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଭିମ୍‌ସାର ନବନିଯୁକ୍ତ ନିର୍ଦ୍ଦେଶକ ପ୍ରଫେସର ଲଳିତ କୁମାର ମେହେରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ବିଶିଷ୍ଟ ବ୍ୟକ୍ତି, ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ଜଡିତ ହୋଇଥିଲେ । ଶେଷରେ କୁଳସଚିବ ଡ. ମାନସ କୁମାର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୋଭିଡ୍-୧୯ ଲାଗି ନିମହାନ୍ସ ଓ ଭିମ୍‌ସାର ମଧ୍ୟରେ ଓଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା ।

ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ଟ୍ରକ୍ ଧକ୍କାରେ ସିଆର୍‌ସିସିଙ୍କ ମୃତ୍ୟୁ

ବାଲିକୁଦା,୧୧।୬(ସ୍ୱ.ପ୍ର.)

ବାଲିକୁଦା ଥାନା ଅଧୀନ କନ୍ଦରପୁର-ନୂଆଗାଁ ରାସ୍ତାର ଗୋପାଳପୁର ଛକଠାରୁ ୧୦୦ ମିଟର ଦୂରରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଏକ ପଥର ବୋଝେଇ ଟ୍ରକ୍ ବାଇକ୍ ଚାଳକଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଗରାମ ଗ୍ରାମର ସିଆର୍‌ସିସି ପ୍ରଶାନ୍ତ ପଣ୍ଡା(୪୫)। ଦୁର୍ଘଟଣା ପରେ ଟ୍ରକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯିବାରୁ ଉକ୍ତ ରାସ୍ତା ୧ ଘଣ୍ଟା ଜାମ୍ ହୋଇଥିଲା। ଫଳରେ ଯାତାୟାତ ଠପ ହୋଇ ଯାଇଥିଲା। ଖବର ପାଇ ବାଲିକୁଦା ଓ ଜଗତ୍‌ସିଂହପୁର ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପ୍ରଶାନ୍ତଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିବାରୁ ଅଣ୍ଟାଠାରୁ ମୁଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ମିଶି ଯାଇଥିଲା। ପୋଲିସ ଛିନ୍‌ଭିନ୍ ହୋଇଥିବା ମାଂଶ ଟୁକୁରାକୁ ଏକାଠି କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବାଲିକୁଦା ପୋଲିସ ଦୁଇ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ପଥର ବୋଝେଇ ଟ୍ରକ୍‌ଟି ଜଗତ୍‌ସିଂହପୁର ପଟରୁ ବାଲିକୁଦା ଆଡକୁ ଯାଉଥିଲା। ଅପରପଟରୁ ପ୍ରଶାନ୍ତ ତାଙ୍କ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଗୋପାଳପୁର ଛକ ନିକଟରେ ହଠାତ୍ ପ୍ରଶାନ୍ତଙ୍କ ବାଇକ୍ ଡାହାଣ ପଟକୁ ମାଡି ଯାଇଥିଲା। ଫଳରେ ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସେ ବାଇକ୍‌ରୁ ଡାହାଣ ପଟକୁ ପଡ଼ି ଯାଇଥିଲେ। ବାଇକ୍ ବାମ ପାର୍ଶ୍ୱକୁ ପଡ଼ି ଯାଇଥିଲା। ଫଳରେ ପ୍ରଶାନ୍ତଙ୍କ ଉପରେ ଟ୍ରକଟି ଚଢି ଯିବା ସହ କିଛି ବାଟ ଯାଇ ଏକ ଗଛରେ ପିଟି ହୋଇ ଯାଇଥିଲା।

ଝାରସୁଗୁଡ଼ା: ଦମ୍ପତିଙ୍କୁ କରୋନା

ଝାରସୁଗୁଡା ଅଫିସ,୧୧।୬

ଝାରସୁଗୁଡା ଜିଲା ବ୍ରଜରାଜନଗର ଅଞ୍ଚଳରୁ ଗୁରୁବାର ଆଉ ୨କରୋନା ରୋଗୀ (ଦମ୍ପତି)ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଜିଲାପାଳଙ୍କ ଦାୟିତ୍ୱରେ ଥିବା ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀଙ୍କ ସୂଚନା ମୁତାବକ ୫ତାରିଖ ଦିନ ଏହି ଦମ୍ପତି ମୁମ୍ବାଇରୁ ଆସିବା ପରେ ସେମାନଙ୍କୁ ବ୍ରଜରାଜନଗର ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ରଖାଯାଇଥିଲା। ସେମାନଙ୍କ ସ୍ୱାବ ନମୁନା ପଜିଟିଭ ଆସିବା ପରେ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନଭାବେ ଘୋଷଣା କରାଯାଇଛି।

ଧରାପଡ଼ିଲା ଆନ୍ତଃରାଜ୍ୟ କଇଁଛ ଚୋରା ଚାଲାଣ ର୍ୟାକେଟ

ଏମ୍‌ଭି ୭୮,୧୧।୬(ଡି.ଏନ୍.ଏ.)

ଗିରଫ ୪ ଅଭିଯୁକ୍ତ।

୪୦ କେଜି କଇଁଛ ଜବତ, ୪ ଗିରଫ

ମାଲକାନଗିରି ଜିଲା ସୀମାନ୍ତ ପଡ଼ିଆ ଓ କାଲିମେଳା ବ୍ଲକର ବିଭିନ୍ନ ସ୍ଥାନରେ କଇଁଛ ଚ

ଛତିଶଗଡ଼ ଜଶପୁରରେ ଚଳିତ ବର୍ଷ ଟମାଟୋ ଫସଲ ଭଲ ହୋଇଛି। ଜମିରେ ପାଚିଲା ଲାଲ ଟହ ଟହ ଟମାଟୋ ଗଛରେ ଝୁଲି ରହିଛି। ବିକ୍ରି କରିବାର ସୁବିଧା ନ ଥିବାରୁ ଚାଷୀ ଜମିରୁ ଟମାଟୋ ତୋଳୁ ନାହାଁନ୍ତି। ୧୦ ଟଙ୍କା ଦେଲେ ଗ୍ରାହକଙ୍କୁ ଜମିରେ ପଶି ନିଜ ହାତରେ ମନ ଇଚ୍ଛା ଟମାଟୋ ତୋଳି ନେବାକୁ ଚାଷୀ ଅନୁମତି ଦେଉଛନ୍ତି। ଚାଷୀଙ୍କର ଏହି ମନଲୋଭା ଅଫର କିଛି ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗିଛି।

ବିନା ଅସ୍ତ୍ରରେ ସଫଳ ପୋଲିସ

ସରଳ ନୀତିରୁ ମିଳିଛି ସଫଳତା

'ହତିଆରଠାରୁ ଦୂରରେ ରହୁଥିବା ସମାଜ ସବୁଠୁ ବିନମ୍ର ଆଉ ସଭ୍ୟ'। ବର୍ଣ୍ଣବୈଷମ୍ୟକୁ ନେଇ ଆମେରିକାରେ ସଂଘଟିତ ହିଂସାକୁ ଦେଖିଲେ ଏହି ଉକ୍ତିର ଯଥାର୍ଥତା ଉପଲବ୍ଧି କରିହୁଏ। ଆଇନଶୃଙ୍ଖଳା ରକ୍ଷା ଲାଗି ପ୍ରାୟ ସବୁ ଦେଶର ନିଜସ୍ୱ ପୋଲିସ ବ୍ୟବସ୍ଥା ରହିଛି। ହେଲେ ସବୁଠି ପ୍ରାୟ ଗୋଟିଏ ସାଧାରଣ ଘଟଣା ଦେଖିବାକୁ ମିଳେ, ତାହା ହେଉଛି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ। ବନ୍ଧୁକ ମୁନରେ ସାଧାରଣ ନାଗରିକଙ୍କୁ ନିୟନ୍ତ୍ରଣ କରିବାର ମାନସିକତା ହିଁ ପୋଲିସ-ଜନତାଙ୍କ ମଧ୍ୟରେ ଦୂରତା ସୃଷ୍ଟି କରିଛି। ହେଲେ ଏମିତି ଅନେକ ଦେଶ ରହିଛି, ଯେଉଁଠି ବିନା ଅସ୍ତ୍ରରେ ସରଳ ନୀତି ଯୋଗୁ ସଫଳ ହୋଇଛି ପୋଲିସ।

ଆଇସ୍‌ଲାଣ୍ଡ

୩ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏକ କ୍ଷୁଦ୍ର ରାଷ୍ଟ୍ର ହେଉଛି ଆଇସ୍‌ଲାଣ୍ଡ। ଏଠାକାର ତିନି ଚତୁର୍ଥାଂଶ ଲୋକଙ୍କ ନିକଟରେ ହତିଆର ରହିଛି। ହେଲେ ଶାନ୍ତିଶୃଙ୍ଖଳା ସ୍ଥାପନରେ ନିୟୋଜିତ ପୋଲିସ କିନ୍ତୁ ବିନା ହତିଆରରେ କାର୍ଯ୍ୟ କରୁଛି। ଶେଷଥର ଲାଗି ୨୦୧୩ରେ ପୋଲିସ ଗୁଳିରେ ଜଣଙ୍କ ମୃତ୍ୟୁ ଘଟିଥିଲା। ଦେଶର ଲୋକମାନେ ହତିଆର ରଖିବାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଶିକାର। ଏହାସତ୍ତ୍ୱେ ଏଠାରେ ଅପରାଧ ହାର ନଗଣ୍ୟ। ଏହା ପଛର ପ୍ରମୁଖ କାରଣ ହେଉଛି ଦେଶର ରାଜନୀତିଠାରୁ ଆରମ୍ଭ କରି ପୋଲିସ ସିଷ୍ଟମ ସବୁଠି ମହିଳାଙ୍କ ପ୍ରାଧାନ୍ୟ ରହିଛି। ଲିଙ୍ଗଗତ ତାରତମ୍ୟ କମ୍ ହୋଇଥିବାରୁ ହିଂସାତ୍ମକ କାର୍ଯ୍ୟକଳାପ ପ୍ରାୟତଃ ଘଟୁ ନ ଥିବା ଏକ ରିପୋର୍ଟରେ କୁହାଯାଇଛି।

ଆୟର୍ଲାଣ୍ଡ

ପର୍ଯ୍ୟଟନ ବିଭବରେ ଭରପୂର ଏକ ୟୁରୋପୀୟ ରାଷ୍ଟ୍ର ହେଉଛି ଆୟର୍ଲାଣ୍ଡ। ଗିନିଜ୍ ଷ୍ଟୋର ହାଉସ୍ ପାଇଁ ପ୍ରସିଦ୍ଧ ଏହି ରାଷ୍ଟ୍ରରେ ମାତ୍ର ୨୦ରୁ ୨୫% ପୋଲିସ କର୍ମଚାରୀ ବନ୍ଧୁକ ଚଳାଇବା ପ୍ରଶିକ୍ଷଣ ନେଇଛନ୍ତି। ହେଲେ ଆଶ୍ଚର୍ଯ୍ୟର କଥା ଯେ, ଆମେରିକା ତୁଳନାରେ ଏଠାରେ ଅପରାଧ ମାତ୍ରା ବହୁତ କମ୍।

ବ୍ରିଟେନ: ନିଜର ସୁରକ୍ଷା ଲାଗି ପୋଲିସ କର୍ମଚାରୀ ନିଜ ପାଖରେ ବନ୍ଧୁକ ସମେତ ଅନ୍ୟ ଅସ୍ତ୍ର ରଖିଥାନ୍ତି। ହେଲେ ୟୁରୋପର ସମୃଦ୍ଧିଶାଳୀ ରାଷ୍ଟ୍ର ବ୍ରିଟେନ୍ ଏହାର ବ୍ୟତିକ୍ରମ। ଉତ୍ତର ଆୟର୍ଲାଣ୍ଡକୁ ବାଦ୍‌ଦେଲେ ସାରା ବ୍ରିଟେନ୍‌ରେ ପୋଲିସ କର୍ମଚାରୀଙ୍କୁ ବିନା ହତିଆରରେ ବୁଲୁଥିବା ଦେଖିବାକୁ ମିଳେ। ସେମାନଙ୍କ କହିବା କଥା, ସାଧାରଣ ନାଗରିକଙ୍କ ସୁରକ୍ଷା କରିବା ଦାୟିତ୍ୱ ପୋଲିସର। ନାଗରିକମାନେ ବିନା ସଙ୍କୋଚରେ ପୋଲିସର ସହାୟତା ନେଇପାରିବେ।

ନ୍ୟୁଜିଲାଣ୍ଡ

କ୍ରିମିନୋଲୋଜି ପ୍ରଫେସର ଜନ୍ ବଟଲ ନିଜର ଏକ ପୁସ୍ତକରେ ଲେଖିଛନ୍ତି, 'ନିରସ୍ତ୍ର ପୋଲିସ ତୁଳନାରେ ଜଣେ କୃଷକ ଅଧିକ ମାରାତ୍ମକ ହୋଇପାରେ'। ନ୍ୟୁଜିଲାଣ୍ଡ ପୋଲିସ ପାଖରେ ଅସ୍ତ୍ର ନ ରହିବା ସେମାନଙ୍କୁ ଅଧିକ ସୁରକ୍ଷିତ କରିପାରିଛି। ଅନ୍ୟଜଣେ ଆସୋସିଏଟ ପ୍ରଫେସର ଫିଲିପ୍ ଏପ୍ଲର୍ସଙ୍କ କହିବା କଥା, ନ୍ୟୁଜିଲାଣ୍ଡରେ ମାତ୍ର ଡଜନେ ବରିଷ୍ଠ ପୋଲିସ ଅଧିକାରୀ ନିଜ ପାଖରେ ହ୍ୟାଣ୍ଡଗନ୍ ରଖିଥାନ୍ତି।

ନରୱେ

୨୦୧୧ରେ ସାରା ବିଶ୍ୱରେ ଚର୍ଚ୍ଚାର ଶିରୋନାମା ପାଲଟିଥିଲା ନରୱେ। ଏହିବର୍ଷ ସମର କ୍ୟାମ୍ପରେ ଜଣେ ଆତତାୟୀ ଆଖିବୁଜା ଗୁଳି ଚଳାଇବାରୁ ୭୭ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପୋଲିସର କାର୍ଯ୍ୟପଦ୍ଧତିକୁ ନେଇ ପ୍ରତିକ୍ରିୟାଶୀଳ ହୋଇଉଠିଥିଲେ। ଏହାସତ୍ତ୍ୱେ ଅନେକେ ପୋଲିସ ସପକ୍ଷରେ ବାହାରିଥିଲେ। ସେମାନେ ସିଧାସଳଖ ପୋଲିସ ହତିଆରଠାରୁ ଦୂରରେ ରହିବା ଉଚିତ ବୋଲି ମତ ଦେଇଥିଲେ। ଏଠାକାର ପୋଲିସର କହିବା କଥା 'ନିରସ୍ତ୍ର ପୋଲିସ ଆତଙ୍କବାଦୀଙ୍କ ଡରଠାରୁ ବହୁତ ଭଲ'।

କ'ଣ କୁହନ୍ତି ବିଶେଷଜ୍ଞ

ଆମେରିକାରେ ବଢୁଥିବା ହିଂସାତ୍ମକ କାର୍ଯ୍ୟକଳାପକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ବିଶେଷଜ୍ଞ। ସେମାନେ କହିଛନ୍ତି, ଆମେରିକାକୁ ସୁରକ୍ଷିତ ରାଷ୍ଟ୍ର ହେବାକୁ ହେଲେ ଏଠାକାର ପୋଲିସ ଏବଂ ଜନସାଧାରଣଙ୍କୁ ଅସ୍ତ୍ର ତ୍ୟାଗ କରିବାକୁ ପଡ଼ିବ। କାରଣ ଦୁନିଆରେ ଏମିତି ବି ଦେଶ ଅଛି, ଯେଉଁଠି ବିନା ହତିଆର, ମାରଣାସ୍ତ୍ରରେ ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରହିଛି। ଆଇସ୍‌ଲାଣ୍ଡ, ଆୟର୍ଲାଣ୍ଡ, ବ୍ରିଟେନ, ନ୍ୟୁଜିଲାଣ୍ଡ, ନରୱେକୁ ବାଦ୍‌ଦେଲେ ପୃଥିବୀର ଅନେକ ରାଷ୍ଟ୍ରରେ ପୋଲିସକୁ ହତିଆର ବିନା କାର୍ଯ୍ୟ କରୁଥିବା ଦେଖିବାକୁ ମିଳେ। ୧୬ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଦେଶ ମଧ୍ୟରୁ ୧୨ଟିରେ ନିରସ୍ତ୍ର ସମାଜ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏଠାରେ ସର୍ବାଧିକ ପ୍ରଚଳିତ ଏକ ସ୍ଲୋଗାନ୍ ହେଲା 'ନିରସ୍ତ୍ର ସମାଜ ବିନମ୍ର ସମାଜ'। ସଂଘର୍ଷ, ହିଂସା ଏବଂ ଅପରାଧରେ ବିକଶିତ ଏବଂ ବିକାଶଶୀଳ ଦେଶ ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ଏପରି ଦେଶଗୁଡ଼ିକରେ ବଢୁଥିବା ଆପରାଧିକ କାର୍ଯ୍ୟ ସରକାରଙ୍କ ପାଇଁ ମୁଣ୍ଡବ୍ୟଥା ବଢାଇଛି। ସମ୍ପୃକ୍ତ ଦେଶରେ ଏକାଥରକେ ଅସ୍ତ୍ର ନିରୋଧୀ କାର୍ଯ୍ୟକ୍ରମ ଆଗକୁ ବଢ଼ାଇଲେ ହୁଏତ ଏହା ବୁମେରାଂ ସାବ୍ୟସ୍ତ ହୋଇପାରେ। ହେଲେ ଏଥିଲାଗି ସ୍ୱତନ୍ତ୍ର ରଣନୀତି ଆପଣାଇଲେ ଏହା ଆଗାମୀ ଭବିଷ୍ୟତରେ ଫଳପ୍ରଦ ହୋଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ସହଯୋଗର ହାତ ବଢ଼ାଇଲେ କ୍ୟାଟ୍ରିନା

କ୍ୟାଟ୍ରିନା କୈଫ

ମୁମ୍ବାଇ: ଦେଶରେ ଏବେ କରୋନା ସଂକ୍ରମଣ ମାଡ଼ି ଚାଲିଥିବା ବେଳେ ଗୋଟିଏ ଦିନରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ଛୁଇଁବାକୁ ବସିଲାଣି। ଏହାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ଫସି ରହିଥିବା ପ୍ରବାସୀ ଶ୍ରମିକମାନେ ଯେତିକି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ତା'ସହ ଅନେକେଙ୍କ ରୋଜଗାର ମଧ୍ୟ ଛଡାଇ ନେଇଛି ଏହି କରୋନା। ଦିନ ମଜୁରୀଆମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏମାନଙ୍କ ଦୁର୍ଦ୍ଦଶାକୁ ଦେଖି ଏବେ ପୁଣିଥରେ ସହଯୋଗର ହାତ ବଢାଇଛନ୍ତି ବଲିଉଡ୍ ନାୟିକା କ୍ୟାଟ୍ରିନା କୈଫ। ମହାରାଷ୍ଟ୍ରର ଭଣ୍ଡାରା ଜିଲାରେ ଥିବା ଶ୍ରମିକମାନଙ୍କୁ ସାହାଯ୍ୟ କରିବାକୁ କହିଛନ୍ତି କ୍ୟାଟ୍ରିନା। ମିଳିଥିବା ସୂଚନାରୁ ଜଣାପଡିଛି ଯେ, କ୍ୟାଟ୍ରିନା ତାଙ୍କ ବ୍ରାଣ୍ଡ୍ 'କେ-ବ୍ୟୁଟି' ଜରିଆରେ ଏହି ଶ୍ରମିକଙ୍କୁ ସାହାଯ୍ୟ କରିବାକୁ ଘୋଷଣା କରିଛନ୍ତି। ଏହା ପୂର୍ବରୁ କରୋନା ମହାମାରୀ ସହ ଲଢ଼ିବାକୁ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଡି ଓ ପିଏମ୍ କେୟାର୍ସ ଫଣ୍ଡକୁ ଆର୍ଥିକ ସହାୟତା ଦେଇଛନ୍ତି।

ଏଜିଟିରେ ଦୁଇ ଭାରତୀୟ

ନୂଆଦିଲ୍ଲୀ: ପ୍ରତିଭା କେବେ ଲୁଚି ରହେନି। ଦିନେ ନା ଦିନେ ତା'ର ପ୍ରକାଶ ଚାରିଆଡ଼କୁ ମହକାଇ ଦିଏ। ଠିକ୍ ଏମିତି ଏବେ ଆମେରିକାରେ କରି ଦେଖାଇଛନ୍ତି ଭାରତର ଦୁଇ ସମ୍ପର୍କୀୟ ଭାଇ ଶାକିର ଏବଂ ରେହାନ। ଆମେରିକାସ୍ ଗଟ୍ ଟ୍ୟାଲେଣ୍ଟ (ଏଜିଟି)ରେ ଭାଗ ନେଇଥିଲେ ଶାକିର ଏବଂ ରେହାନ। ଏହି ପ୍ରତିଯୋଗିତାରେ ଦୁଇ ଭାଇ ଏତେ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରିଥିଲେ ଯେ, ସେଠାରେ ଥିବା ଦର୍ଶକଙ୍କ ଠାରୁ ଆରମ୍ଭ କରି ବିଚାରପତିମାନେ ବି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଜିଟିରେ ଦୁଇଭାଇଙ୍କର ପରଫରମାନ୍ସ ଥିବା ଭିଡିଓକୁ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଶେୟାର କରାଯାଇଥିଲା। ମାତ୍ର କିଛି ମିନିଟ୍ ପାଇଁ ଦୁଇଭାଇ ଏଭଳି ଭିନ୍ନ ତଥା ସୃଜନାତ୍ମକ ଢଙ୍ଗରେ ନୃତ୍ୟ ପ୍ରଦର୍ଶନ କରିଥିଲେ ଯେ, କଛି ସମୟ ପାଇଁ ସେଠାରେ ଥିବା ସମସ୍ତେ ଯେପରି ସ୍ତବ୍ଧ ହୋଇଯାଇଥିଲେ। ଭାରତରେ ଯେ ଏଭଳି ପ୍ରତିଭା ରହିଛନ୍ତି ଏହା ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଷ୍ଟେଜ୍ ଉପରେ ପ୍ରଦର୍ଶନ ସମୟରେ ଉଭୟଙ୍କର କୋରିଓଗ୍ରାଫି, ଗ୍ରେସ୍ ଆଉ ନାଚ କରିବାର ଷ୍ଟାଇଲ୍‌କୁ ସମସ୍ତେ ପ୍ରଶଂସା କରିଥିଲେ। ତେବେ ସୋସିଆଲ ମିଡିଆରେ ଏଜିଟିର ଏହି ଭିଜୁଆଲ ଶେୟାର ହେବା ପରେ ଲୋକେ ଦୁଇଭାଇଙ୍କ ପ୍ରତିଭାକୁ ପ୍ରଶଂସା କରିଛନ୍ତି ଏବଂ ଭାରତୀୟ ହୋଇଥିବାରୁ ଗର୍ବ ଅନୁଭବ ବି କରିଛନ୍ତି। ଏହା ବ୍ୟତୀତ ଏହି ଦୁଇ ନୃତ୍ୟ ପ୍ରତିଭାଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ଲୋକେ ଏବେ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି।

ଶାକିର ଓ ରେହାନ ।

ନିଜ ଛୁଆ ପରି ଖୁଆଉଛନ୍ତି ମାଙ୍କଡ଼କୁ

କୋଲକାତା: କଥାରେ ଅଛି ସ୍ନେହ ମମତାରେ ପଶୁ ବି ନିଜର ହୋଇଯାଏ। ଏହାର ଏକ ଉଦାହରଣ ହେଉଛନ୍ତି ପଶ୍ଚିମବଙ୍ଗର ଜଣେ ମହିଳା। ନିଜର ଛୋଟ ପିଲା ଭଳି ମାଙ୍କଡ଼ଟିକୁ ଘରେ ବସାଇ ହାତରେ ଯେଭଳି ଖୁଆଇ ଦେଉଛନ୍ତି ତାହା ନିଶ୍ଚିତଭାବେ ଆକୃଷ୍ଟ କରିବା ଭଳି। ମହିଳା ଜଣକ ହେଉଛନ୍ତି ପଶ୍ଚିମବଙ୍ଗ ମୟୂରେଶ୍ୱରର ବାସିନ୍ଦା। ମାଙ୍କଡ଼କୁ ପାଖରେ ବସାଇ ନିଜ ହାତରେ ଭାତ ଖୁଆଉଥିବାର ଏକ ଭିଜୁଆଲ ଏବେ ଭାଇରାଲ ହେବାରେ ଲାଗିଛି। ଫେସ୍‌ବୁକ୍‌ରେ ଚାନ୍ଦ ଦାସ ନାମକ ଜଣେ ବ୍ୟକ୍ତି ଏଭଳି ଏକ ଭିଜୁଆଲକୁ ଶେୟାର କରିବା ପରେ ଏବେ ଏହା ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ ତାଙ୍କ ମା' ମାଙ୍କଡ଼କୁ ଘରେ ଡାଇନିଂ ଟେବୁଲ ଉପରେ ବସାଇ ଖୁଆଇ ଦେଉଛନ୍ତି। ଏକ ଥାଳିରେ ପିଲାଙ୍କୁ ବାଢ଼ି ଦେବା ପରି ଭାତ ତରକାରି ନେଇ ଗୋଳାଇ ଖୁଆଇ ଦେଉଛନ୍ତି। ମାଙ୍କଡ଼ଟି ତାଙ୍କ ମା'ଙ୍କ ହାତରୁ ସୁନାପିଲା ପରି ପ୍ରତି ଥର ସୁନ୍ଦର ଭାବରେ ଖାଇ ଦେଉଛି। ଢେର ସମୟ ଧରି ମାଙ୍କଡ଼ଟି ଏହିଭଳି ଖାଇବାରେ ଲାଗିଛି। ଏଭଳି ଏକ ଭିଜୁଆଲ ଦେଖି ଅନେକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ମା' ସ୍ନେହର ତୁଳନା ନାହିଁ ଏକଥା ଭିଜୁଆଲକୁ ଦେଖି ଅନେକେ କମେଣ୍ଟ କରିଛନ୍ତି। ଭିଜୁଆଲଟିକୁ ସୋସିଆଲ ମିଡିଆରେ ଶେୟାର କରିବା ପରେ ତାକୁ ବର୍ତ୍ତମାନ ସୁଦ୍ଧା ୧.୧ ମିଲିୟନରୁ ଅଧିକ ଲୋକ ଦେଖିସାରିଲେଣି। ହଜାର ହଜାର ସଂଖ୍ୟାରେ ଲୋକେ ସୁନ୍ଦର କମେଣ୍ଟମାନ ଦେଇଛନ୍ତି। ସେ ଯାହା ହେଉ ପଶୁମାନଙ୍କ ପ୍ରତି ମଣିଷର ଏଭଳି ବ୍ୟବହାର ନିଶ୍ଚିତଭାବେ ପରିବେଶ ନିମନ୍ତେ ଶୁଭ ସଙ୍କେତ।

ଲୋନାର ହ୍ରଦ ପାଲଟିଲା ଗୋଲାପୀ

ଔରଙ୍ଗାବାଦ: ମହାରାଷ୍ଟ୍ର ବୁଲଧାନା ଜିଲାରେ ଥିବା ଲୋନାର ହ୍ରଦର ପାଣିର ରଙ୍ଗ ରାତାରାତି ଗୋଲାପି ରଙ୍ଗ ପାଲଟି ଯାଇଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଏହା କିପରି ହେଲା ସେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ବିଶେଷଜ୍ଞଙ୍କ ଅନୁସାରେ ହ୍ରଦ ପାଣିରେ ଲବଣ ମାତ୍ରା ବଢ଼ିବା ସହିତ ଶୈବାଳ ଯୋଗୁ ଏଭଳି ହୋଇଛି। ଏଭଳି ବହୁଥର ହ୍ରଦ ପାଣିର ରଙ୍ଗ ପରିବର୍ତ୍ତନ ହୋଇଛି। ତେବେ ଚଳିତଥର ଏହା ଗାଢ଼ ଗୋଲାପି ରଙ୍ଗ ହୋଇଯାଇଛି। ମୁମ୍ବାଇଠାରୁ ୫୦୦ କିମି ଦୂରରେ ଥିବା ଏହି ହ୍ରଦର ପାଣିର ପିଏଚ୍ ସ୍ତର ୧୦.୫ ରହିଛି। ଏନେଇ ହ୍ରଦ ସଂରକ୍ଷଣ ଟିମ୍ ସଦସ୍ୟ ଗଜାନନ ଖରାତ୍ ସୂଚନା ଦେଇଛନ୍ତି। ହ୍ରଦ ପାଣିର ଲବଣସ୍ତର ରଙ୍ଗ ପରିବର୍ତ୍ତନ ପାଇଁ ଦାୟୀ ବୋଲି ସେ କହିଛନ୍ତି। ହ୍ରଦର ଜଳସ୍ତରର ଏକ ମିଟର ତଳେ ଅମ୍ଳଜାନ ନ ଥିବାରୁ ଶୈବାଳର ରଙ୍ଗ ମଧ୍ୟ ପରିବର୍ତ୍ତନ ହୋଇ ଯାଇଥିବା ସେ କହିଛନ୍ତି। ଏଠାରେ ବର୍ଷା ପରିମାଣ କମ ରହିଥାଏ ତେଣୁ ହ୍ରଦ ପାଣି ପରିଷ୍କାର ହେବାର ସମ୍ଭାବନା ମଧ୍ୟ ନ ଥାଏ। ତେଣୁ ଦୀର୍ଘ ଦିନ ଧରି ଗୋଟିଏ ସ୍ଥାନରେ ପାଣି ଜମି ରହୁଥିବାରୁ ଏଭଳି ହେଉଥିବା ବାବା ସାହେବ ଆମ୍ବେଡ଼କର ମରାଠାୱାଡ଼ା ବିଶ୍ୱବିଦ୍ୟାଳୟର ଜିଓଗ୍ରାଫି ବିଭାଗ ପ୍ରଫେସର ମଦନ ସୂର୍ଯ୍ୟବଂଶୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୫୦ ହଜାର ବର୍ଷ ତଳେ ବଡ଼ ଉଲ୍‌କା ଖଣ୍ଡ ଏଠାରେ ପଡ଼ିଥିଲା। ଫଳରେ ୧.୨ କିଲୋମିଟର ବ୍ୟାସ ବିଶିଷ୍ଟ ଏକ ଗର୍ତ୍ତ ଏଠାରେ ସୃଷ୍ଟି ହୋଇଥିଲା। କାଳକ୍ରମେ ଏହା ହ୍ରଦରେ ପରିଣତ ହୋଇଥିବା କୁହାଯାଉଛି।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ

ୱ ଆନନ୍ଦ ନନ୍ଦିନୀ ଦାସ
ଆବିର୍ଭାବ : ୧୮.୦୪.୧୯୪୬
ତିରୋଧାନ : ୦୨.୦୬.୨୦୨୦
ତମ୍ଭ ତାର ପରି ରୂପ ଓ ଗୁଣ ସମ୍ପୃକ୍ତ ଥିଲ ତମେ। ବହୁତ ହସାଇଥିଲ ଆଜୀବନ ଓ ବହୁତ କନ୍ଦାଇଲ ଶେଷରେ। ତମକୁ ଆଉ ଛୁଇଁପାରିବୁନି ନା ଦେଖିପାରିବୁନି କିନ୍ତୁ ହୁଏତ ଆମ ହୃଦୟରେ ରହି କଥା କହୁ କହୁ ବାଟ କଢ଼ାଇନବ ତମେ। ଜୀବନରେ ସମ୍ମାନ ଓ ସ୍ନେହର ମହତ୍ତ୍ୱ ଶିଖି ଓ ଶିଖାଇଥିଲ ତମେ। ସବୁବେଳେ ମନେପଡ଼ିବ ତମ ହସ ହସ ମୁହଁ, ତମ ସିନ୍ଦୁରବିନ୍ଦୁ, ତମ ଶଙ୍ଖା ଓ ଚୁଡ଼ିମଣ୍ଡିତ ସୁନ୍ଦର ହାତ ଦୁଇଟି। ତମ ଆତ୍ମାକୁ ଶାନ୍ତି ମିଳୁ।
ତମ ଶୋକରେ : ଧୀରେନ କୁମାର ଦାସ, ଅରୁଣ କୁମାର ଦାସ, ସୁଜାତା ଜୋମୁରୁ, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୭୪୭୫

ଶିଶୁ ଶ୍ରମିକଙ୍କ ସୁରକ୍ଷା ଜରୁରୀ

ଶିଶୁ ଶ୍ରମିକ ନିରୋଧ ଦିବସ

ଶିଶୁମାନେ ହିଁ ଦେଶ ତଥା ବିଶ୍ୱର ଭବିଷ୍ୟତ। ଏଣୁ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ପ୍ରତି ବର୍ଷ ଜୁନ୍ ୧୨ରେ ସାରା ବିଶ୍ୱରେ ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି। ୨୦୦୨ରେ ଆନ୍ତର୍ଜାତିକ ଶ୍ରମ ସଂଗଠନ(ଆଇଏଲଓ) ଦ୍ୱାରା ପ୍ରଥମେ ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଇଥିଲା। ଶିଶୁର ବଞ୍ଚିବାର ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତାମତ ପ୍ରକାଶ କରିବାର ଅଧିକାର ,ନିରାପତ୍ତା ଅଧିକାର ଉପରେ ଗୁରୁତ୍ୱ ଦେବା ସହ ତାକୁ ଏକ ଉତ୍ତମ ନାଗରିକ ରୂପେ ଗଢି ତୋଳିବା ଏହି ଦିବସର ଉଦ୍ଦେଶ୍ୟ। ଉକ୍ତ ଦିବସରେ ଶିଶୁ ଶ୍ରମିକଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ। ଶିଶୁ ଶ୍ରମିକ ନିରୋଧୀ ଆଇନ ଥାଇ ବି ଆମ ଦେଶରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଚିନ୍ତାଜନକ ସ୍ଥିତିରେ ରହିଛି। ଆଇନକୁ ଉଲ୍ଲଂଘନ କରି ଶିଶୁ ଶ୍ରମିକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କରାଯାଉଛି। ଫଳରେ ସେମାନେ ଶୋଷଣ ଓ ନିର୍ଯାତନାର ଶିକାର ହେଉଛନ୍ତି । ସେମାନଙ୍କୁ ବାହାରକୁ ଚାଲାଣ କରାଯାଉଛି। ଅନେକେ ମଧ୍ୟ ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ଜାତିସଂଘ ହିସାବ ମୁତାବକ ସମଗ୍ର ବିଶ୍ୱରେ ୧୫.୨ କୋଟି ଶିଶୁ ଶ୍ରମିକଙ୍କ ମଧ୍ୟରୁ ୭.୨ କୋଟି ଅତି କଠିନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭୧ ପ୍ରତିଶତ କୃଷି କ୍ଷେତ୍ରରେ,୧୭ ପ୍ରତିଶତ ସର୍ଭିସ କ୍ଷେତ୍ରରେ ଏବଂ ୧୨ ପ୍ରତିଶତ ଖଣି ସମେତ ବିଭିନ୍ନ ଶିଳ୍ପ କ୍ଷେତ୍ରରେ କାମ କରୁଛନ୍ତି। ଆମ ଦେଶରେ ୧ କୋଟିରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମିକ ରହିଛନ୍ତି। ଦାରିଦ୍ର୍ୟ ହିଁ ଜନ୍ମ ଦେଉଛି ଶିଶୁ ଶ୍ରମିକ। ଅର୍ଥାତ୍ ଦାରିଦ୍ର୍ୟ ଦୂର ନ ହେଲେ କୌଣସି ଆଇନ କିମ୍ବା ଯୋଜନାରୁ ସୁଫଳ ମିଳିବ ନାହିଁ। ଦାରିଦ୍ର୍ୟ, କ୍ଷୁଧା ଓ ରୋଗ ଦୂରୀକରଣ ପାଇଁ ଜାତିସଂଘର ସହସ୍ରାବ୍ଦୀ ଲକ୍ଷ୍ୟ ଏଯାବତ ପୂରଣ ହୋଇପାରି ନ ଥିବାରୁ ଶିଶୁ ଶ୍ରମିକକୁ ରୋକିବା କଷ୍ଟକର ହୋଇପଡିଛି। ଦାରିଦ୍ର୍ୟ ଯୋଗୁ ଅନେକ ଶିଶୁ ଅଧାରୁ ପାଠ ଛାଡି ଶିଶୁଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଶିଶୁ ଶ୍ରମିକ ନିରୋଧ ଆଇନ କାର୍ଯ୍ୟକାରୀ କରିବାରେ ମାନସିକତାର ଅଭାବ ହିଁ ଏହାର ମୁଖ୍ୟ କାରଣ। ସମ୍ପ୍ରତି ଚିନ୍ତା କରିବାର ସମୟ ଆସିଛି । ବିଶେଷକରି ମହାମାରୀ କରୋନା ଯୋଗୁ ଦାରିଦ୍ର୍ୟ ବୃଦ୍ଧି ପାଇବା ସହ ଲକ୍ଷ ଲକ୍ଷ ଅସହାୟ ଶିଶୁ ଶ୍ରମିକ ପାଲଟିବେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। କୋଭିଡ-୧୯ ମହାମାରୀ ସମୟରେ ଏବେ ଶିଶୁ ଶ୍ରମିକଙ

ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ଦୌଡ଼ରେ ହିଟ୍‌ମ୍ୟାନ

ନିର୍ମଳ କୁମାର ମିଶ୍ର

ତାରକା ଓପନର ରୋହିତ ଶର୍ମା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଖାସ୍ କରି ହ୍ୱାଇଟ୍ ବଲ୍ ଅର୍ଥାତ୍ ଦିନିକିଆ ଓ ଟି୨୦ ଫର୍ମାଟ୍‌ରେ ସେ ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଛନ୍ତି। ଦେଶର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ତାଙ୍କ ନାମ ସୁପାରିସ କରାଯାଇଛି..

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସର୍ବଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପାଇଁ ରୋହିତ ଶର୍ମାଙ୍କ ନାମ ସୁପାରିସ କରିଛି। ସେହିପରି ଶିଖର ଧାୱନ, ଇଶାନ୍ତ ଶର୍ମା ଏବଂ ମହିଳା କ୍ରିକେଟର ଦୀପ୍ତି ଶର୍ମାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଛି, ଯାହା କି କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି।

୨୦୧୩ରୁ ରୋହିତ ଶର୍ମା ହ୍ୱାଇଟ ବଲ୍ କ୍ରିକେଟରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେହିପରି ଏକଦିବସୀୟ ଏବଂ ଟି୨୦ରେ ସେ ଗୋଟିଏ ପରେ ଗୋଟିଏ ରେକର୍ଡ ସ୍ଥାପନ କରିଚାଲିଛନ୍ତି। ତାଙ୍କ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଟିମ୍ ଇଣ୍ଡିଆ ଅନେକ ଦ୍ୱିପାକ୍ଷିକ ଘରୋଇ ଏବଂ ବିଦେଶ ସିରିଜ ଜିତିବାରେ ସକ୍ଷମ ହୋଇଛି। ୨୦୧୯ ରୋହିତ ଶର୍ମାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ବର୍ଷ ଥିଲା। ଏହି ବର୍ଷ ସେ ପ୍ରଥମ ଖେଳାଳିଭାବେ ବିଶ୍ୱକପର ଗୋଟିଏ ସଂସ୍କରଣରେ ୫ଟି ଏକଦିବସୀୟ ଶତକ କରିବାକୁ ସକ୍ଷମ ହୋଇଥିଲେ।

ମୁମ୍ବାଇର ଏହି କ୍ରିକେଟର ୯ଟି ମ୍ୟାଚରେ ୬୪୮ ରନ୍ ସଂଗ୍ରହ କରି ଅଳ୍ପକେ ବିଶ୍ୱକପ୍ ରେକର୍ଡଠାରୁ ୨୫ରନ୍ ପଛରେ ରହିଯାଇଥିଲେ। ଏହି ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି। ୨୦୦୩ ଏକଦିବସୀୟ ବିଶ୍ୱକପରେ ସଚିନ ୬୭୩ ରନ୍ କରିବା ସହିତ ଏହି ରେକର୍ଡର ଅଧିକାରୀ ରହିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ସର୍ବାଧିକ ୩ଟି ଦ୍ୱିଶତକ ହାସଲ କରି ରୋହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଟି୨୦ ଫର୍ମାଟରେ ମଧ୍ୟ ୪ଟି ଶତକ ହାସଲ କରି ସେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।

ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଧାଓ୍ୱନ ଭାରତୀୟ କ୍ରିକେଟ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ଓପନର ଭାବେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ଦିଲ୍ଲୀର ଏହି କ୍ରିକେଟର ଟେଷ୍ଟ ମ୍ୟାଚରେ କମ୍ ବଲରୁ ଶତକ ଅର୍ଜନ କରିବାର ରେକର୍ଡ ମଧ୍ୟ କରିଛନ୍ତି। ଏକମାତ୍ର ବ୍ୟାଟ୍ସମ୍ୟାନ ରୂପେ ଆଇସିସି ଦ୍ୱାରା ଆୟୋଜିତ ଚାମ୍ପିୟନ୍ସ ଟ୍ରଫିରେ କ୍ରମାଗତ ଗୋଲ୍ଡେନ ବ୍ୟାଟ୍‌ର ଅଧିକାରୀ ହୋଇ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ସେ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ହେଁ ବଞ୍ଚିତ ହୋଇଥିଲେ। ସେହିପରି ପେସ୍ ବୋଲର ଇଶାନ୍ତ ଟେଷ୍ଟ କ୍ରିକେଟରେ ରେଡ୍‌ବଲ୍ ସ୍ପେଶାଲିଷ୍ଟ ରୂପେ ଭଲ ପ୍ରଦର୍ଶନ କରିବା ଯୋଗୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଦୀପ୍ତି ଶର୍ମା ମହିଳା କ୍ରିକେଟ ବିଶ୍ୱକପର ଫାଇନାଲରେ ଭାରତକୁ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

ମୁମ୍ବାଇର ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ୩ଟିଯାକ ଫର୍ମାଟରେ ଭାରତୀୟ ବ୍ୟାଟିଂକୁ ଏକ ନୂଆ ସୋପାନରେ ପହଞ୍ଚାଇ ଥିବାରୁ ଏହି ପୁରସ୍କାର ପାଇବା ପାଇଁ ଦୃଢ଼ ଦାବିଦାର ହୋଇଛନ୍ତି। କ୍ରିକେଟର ସଂକ୍ଷିପ୍ତ ଫର୍ମାଟରେ ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ଏହି ହିଟ୍ ମ୍ୟାନ୍। ବିସିସିଆଇ ସମ୍ପାଦକ ଜୟ ଶାହା ମଧ୍ୟ ରୋହିତଙ୍କୁ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଜଣେ ବିଚକ୍ଷଣ ଅଧିନାୟକ ରୂପେ ଦେଖିଛନ୍ତି। ରୋହିତଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ୟୁଏଇରେ ଅନୁଷ୍ଠିତ ଏସିଆକପ୍‌ରେ ଚାମ୍ପିୟନ ହୋଇଥିଲା। ସେ ଶ୍ରୀଲଙ୍କାରେ ଅନୁଷ୍ଠିତ ନିଦହାସ୍ ଟ୍ରଫିରେ ମଧ୍ୟ ଭାରତକୁ ଜିତାଇଥିଲେ। ଏହା ବ୍ୟତୀତ ଅନେକ ଦ୍ୱିପାକ୍ଷିକ ସିରିଜରେ ମଧ୍ୟ ତାଙ୍କ ଚମତ୍କାର ଅଧିନାୟକତ୍ୱ ଯୋଗୁଁ ଟିମ୍ ଇଣ୍ଡିଆ ବିଜୟ ଲାଭ କରିଛି। ବ୍ୟକ୍ତିଗତ ପ୍ରଦର୍ଶନ ଯୋଗୁ ସେ ଅନେକ ନବାଗତ ଖେଳାଳିଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି।

ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଅଭ୍ୟାସ କ୍ୟାମ୍ପ ପାଇଁ ଏହି ସମସ୍ତ ଖେଳାଳିଙ୍କ ନାମ ସ୍ଥାନ ପାଇଛି। ତେଣୁ ପୁରସ୍କାର ପାଇଲେ ନିଶ୍ଚିତ ରୂପେ ସେମାନଙ୍କ ମନୋବଳ ବଢ଼ିବ ଏବଂ ଭାରତୀୟ କ୍ରିକେଟ ସମୃଦ୍ଧ ହୋଇପାରିବ।

କୋଭିଡ୍-୧୯ ମହାମାରୀର ଆତଙ୍କ ଜାରି ରହିଥିବା ବେଳେ ଭାରତରେ ଆଉ ଏକ ମେଗା ଇଭେଣ୍ଟ ଆୟୋଜନ ହେବା ସ୍ପଷ୍ଟ ହୋଇଛି। ୨୦୨୧ରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ସହିତ ଭାରତ ୨୦୨୨ରେ ଏଏଫ୍‌ସି ମହିଳା ଏସିଆନ କପ୍ ଆୟୋଜନ କରିବାର ଅଧିକାର ପାଇଛି। ଫଳରେ ଖେଳାଳି ଓ କୋଚ୍‌ମାନେ ଖୁସି ଜାହିର କରିବା ସହ ଏ ନେଇ ବେଶ୍ ଉତ୍ସାହିତ ଅଛନ୍ତି...

ଆଉ ଏକ ମେଗା ଇଭେଣ୍ଟ

ଭାରତରେ ଫୁଟବଲ ଭିତ୍ତିଭୂମିର ବିକାଶ ହେବା ସହିତ ଜାତୀୟ ଦଳର ପ୍ରଦର୍ଶନରେ ମଧ୍ୟ ଯଥେଷ୍ଟ ଉନ୍ନତି ହୋଇଛି। ଫଳରେ ଫିଫା ଓ ଏଏଫସି ଏଥିରେ ପ୍ରଭାବିତ ହୋଇ ଏହି ଦୁଇ ମେଗା ଇଭେଣ୍ଟ ଆୟୋଜନ କରିବାକୁ ଭାରତକୁ ଅଧିକାର ଦେଇଛି। ପୁରୁଷ ଫୁଟବଲ ଅପେକ୍ଷା ଭାରତରେ ମହିଳା ଫୁଟବଲର ଯଥେଷ୍ଟ ବିକାଶ ହୋଇଛି। ଭାରତୀୟ ମହିଳା ଦଳ ମଧ୍ୟ ବେଶ୍ ଭଲ ପ୍ରଦର୍ଶନ କରି ଫିଫା ର୍ୟାଙ୍କିଙ୍ଗ୍‌ରେ ପୁରୁଷମାନଙ୍କ ଅପେକ୍ଷା ଯଥେଷ୍ଟ ଉପରେ ରହିଛି। ଭାରତ ଏବେ ର୍ୟାଙ୍କିଙ୍ଗ୍‌ର ୧୦୮ତମ ସ୍ଥାନରେ ରହିଥିବା ବେଳେ ମହିଳା ଦଳ ୫୫ ତମ ସ୍ଥାନରେ ରହିଛି। ଭାରତରେ ୨୦୨୨ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ମହିଳା ଏସିଆନ୍ କପ୍ ଫୁଟବଲ ଆୟୋଜନ ହେବ। ୧୯୭୯ ପରେ ପ୍ରଥମଥର ପାଇଁ ଭାରତରେ ମହିଳା ଏସିଆନ୍ କପ୍ ୨୦୨୨ ଫାଇନାଲ୍ସ ଆୟୋଜନ ହେବାକୁ ଯାଉଛି। ଭାରତକୁ ଏହି ଆୟୋଜନ ଅଧିକାର ମିଳିବା ପରେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ଠାରୁ ଆରମ୍ଭ କରି ଖେଳାଳି ଓ କୋଚ୍‌ମାନେ ଖୁସି ଜାହିର କରିବା ସହ ବେଶ୍ ଉତ୍ସାହିତ ଅଛନ୍ତି। ଏମାନଙ୍କ ମଧ୍ୟରେ ଆଗରେ ଅଛନ୍ତି ଜାତୀୟ ମହିଳା ଫୁଟବଲ ଦଳର କୋଚ୍ ମେମୋଲ ରକି।

ମେମୋଲ ରକି

ଘରୋଇ ଦର୍ଶକଙ୍କ ସାମ୍ନାରେ ଏହି ମେଗା ଇଭେଣ୍ଟ ଆୟୋଜନ ହେଲେ ଭାରତୀୟ ଫୁଟବଲର ବିକାଶ ହୋଇପାରିବ। ଏହା ଦ୍ୱାରା ଭାରତୀୟ ମହିଳା ଫୁଟବଲର ବିକାଶ ହୋଇପାରବ ବୋଲି ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ୱେବ୍‌ସାଇଟ୍‌ରେ ଜାତୀୟ ମହିଳା ଫୁଟବଲ ଦଳର କୋଚ୍ ମେମୋଲ ରକି କହିଛନ୍ତି। ଭାରତରେ ଏଭଳି ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଥିବାରୁ ବହୁତ ଖୁସି ଅଛି ବୋଲି ସେ କହିଛନ୍ତି। ଦୀର୍ଘ ବର୍ଷ ପରେ ଭାରତକୁ ଏସିଆନ୍ କପ୍ ଆଣିଥିବାରୁ ଏଆ ଇଏଫ୍ ଏଫ୍‌କୁ ଧନ୍ୟବାଦ ଦେଉଛି। ଏହି ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ହେବାକୁ ଆମ ପାଖରେ ଏବେ ଆଉ ଦେଢ଼ ବର୍ଷ ରହିଛି। ଏହି ମେଗା ଇଭେଣ୍ଟରେ ଭଲ ପ୍ରଦର୍ଶନ କରିବୁ ବୋଲି ମେମୋଲ ଆଶା ପ୍ରକାଶ କରିଛନ୍ତି।

ଭାରତରେ ମହିଳା ଫୁଟବଲର ବିକାଶ ହେଉଛି ଓ ଏହା ସମସ୍ତଙ୍କୁ ଜଣାଅଛି। ଏସିଆର କେତୋଟି ଶ୍ରେଷ୍ଠ ଦେଶ ବିପକ୍ଷରେ ଭାରତ ଏହି ଟୁର୍ନାମେଣ୍ଟରେ ଖେଳିବ ଓ ପ୍ରଶଂସକମାନେ ଏହା ଭରପୂର ମଜା ନେବେ ବୋଲି ସେ କହିଛନ୍ତି। ଜାପାନ, ଅଷ୍ଟ୍ରେଲିଆ, କୋରିଆ, ଚାଇନା ବିପକ୍ଷରେ ଭାରତୀୟ ମହିଳା ଦଳ ଷ୍ଟାଡିୟମରେ ଖେଳିବ। ଏହାଦ୍ୱାରା ବାଳିକା ଫୁଟବଲମାନେ ବେଶ୍ ଉତ୍ସାହିତ ହେବେ। ମହିଳା ଫୁଟବଲର ବିକାଶ ହେବ ବୋଲି ସେ କହିଛନ୍ତି। ଭାରତୀୟ ମହିଳା ଦଳ ଏବେ ବିଶ୍ୱର ୫୫ ନମ୍ବର ସ୍ଥାନରେ ରହିଛି। ୨୦୧୯ ସାଉଥ୍ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ଓ ଉଜ୍‌ବେକିସ୍ତାନ ଓ ଭିଏତ୍‌ନାମ ଭଳି ଉଚ୍ଚ ର୍ୟାଙ୍କର ଦଳ ବିପକ୍ଷରେ ମ୍ୟାଚ୍ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଖେଳିଲେ ଆମର ସ୍ୱପ୍ନ ସାର୍ଥକ ହେବ ବୋଲି ଭାରତୀୟ ଅଧିନାୟିକା ଆଶାଲତା ଦେବୀ କହିଛନ୍ତି। ଆଶାଲତା ଏଏଫ୍‌ସି ଓମ୍ୟାନ ପ୍ଲେୟାର ଅଫ୍ ଦି ଇୟର ୨୦୧୯ ପୁରସ୍କାର ପାଇଁ ଅନ୍ୟ ଦୁଇଜଣଙ୍କ ସହ ନୋମିନେଟ ହୋଇଛନ୍ତି। ଏଭଳି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଭାରତରେ ଆୟୋଜନ ହେବାକୁ ଯାଉଥିବାରୁ ସେ ଏଆଇଏଫ୍‌ଏଫ୍ ଓ ମହିଳା କମିଟିକୁ ଧନ୍ୟବାଦ ଜଣାଇଛନ୍ତି। ଗୋଲ କିପର ଆଦିତି ଚୌହାନ ମଧ୍ୟ ଏହି ଟୁର୍ନାମେଣ୍ଟ ନେଇ ବେଶ୍ ଉତ୍ସାହିତ ଥିବା କଥା କହିଛନ୍ତି। କ୍ରମାଗତ ଭାବେ ଦୁଇଟି ବଡ଼ ଇଭେଣ୍ଟ ଆୟୋଜନ ହେବାକୁ ଯାଉଥିବାରୁ ଭାରତରେ ଫୁଟବଲର ବିକାଶ ହେବ ଓ ଏହା ନିଶ୍ଚିତ ଭାବେ ଭାରତୀୟ ଫୁଟବଲକୁ ନୂଆ ସୋପାନରେ ପହଞ୍ଚାଇବ ବୋଲି ଆଶା କରାଯାଉଛି।

ଖେଳ ଖବର

ନୂଆ ଶିକ୍ଷାନୀତିରେ କ୍ରୀଡ଼ା ସ୍ଥାନ ପାଇବ

ମୁମ୍ବାଇ,୧୧।୬(ପି.ଟି.)

ନୂଆ ଶିକ୍ଷାନୀତିରେ କ୍ରୀଡ଼ା ଏକ ପାଠ୍ୟକ୍ରମ ଭାବେ ସ୍ଥାନ ପାଇବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ସ୍କୁଲ ପାଠ୍ୟକ୍ରମରେ କ୍ରୀଡ଼ା ବାଧ୍ୟତାମୂଳକ ହେବ। ଏହା ଆଉ ଅତିରିକ୍ତ ପାଠ୍ୟକ୍ରମ ଗତିବିଧି ବା ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ହୋଇ ରହିବ ନାହିଁ ବୋଲି ସେ 'ଆନ୍ତର୍ଜାତୀୟ ଓ୍ୱେବିନାର ଅନ୍ ଅଲିମ୍ପିଜମ୍ ଓ ଅଲିମ୍ପିକ୍ ଏଜୁକେଶନ ଇନ୍ ଦି ଟ୍ୱେଣ୍ଟିଫାଷ୍ଟ ସେଞ୍ଚୁରି'ରେ ଯୋଗ ଦେଇ ଏହି କଥା କହିଛନ୍ତି। ଶିକ୍ଷାଠାରୁ କ୍ରୀଡ଼ା ଭିନ୍ନ ନୁହଁ ବୋଲି ବିଚାର କରେ। କ୍ରୀଡ଼ା ଆଉ ଅପଶନାଲ ବା ଅତିରିକ୍ତ ବିଷୟ ହୋଇ ରହିବ ନାହିଁ ଓ ଏହାକୁ ଶିକ୍ଷାର ଅଭିନ୍ନ ଅଙ୍ଗ ବିବେଚନା କରାଯିବ ବୋଲି ସେ କହିଛନ୍ତି। କ୍ରୀଡ଼ା ହିଁ ଶିକ୍ଷା ଓ ଅତିରିକ୍ତ ବିଷୟ ନୁହେଁ। ଏବେ ଏହାକୁ ସମସ୍ତେ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

କିରେନ ରିଜିଜୁ

ଅବଶ୍ୟ ଏପର୍ଯ୍ୟନ୍ତ ଭାରତରେ ନୂଆ ଶିକ୍ଷାନୀତି ଘୋଷଣା କରାଯାଇ ନାହିଁ। କିନ୍ତୁ ଏହା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଜାତୀୟ କ୍ରୀଡ଼ା ଶିକ୍ଷା ବୋର୍ଡ ଗଠନ କରିବାକୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ରିଜିଜୁ କହିଛନ୍ତି। ଜାତୀୟ କ୍ରୀଡ଼ା ଶିକ୍ଷା ବୋର୍ଡ ଗଠନ ନେଇ ଘୋଷଣା କରି ଆମେ ବେଶ୍ ଖୁସି ଅଛୁ। ଏ ନେଇ ଆମେ ପ୍ରକ୍ରିୟା ଆରମ୍ଭ କରିଛୁ ବୋଲି ସେ କହିଛନ୍ତି। କୋଭିଡ୍-୧୯ ମହାମାରୀ ନିୟନ୍ତ୍ରଣକୁ ଆସିବା ପରେ ଦେଶ ପାଇଁ ଏକ ଅଲିମ୍ପିକ ମ୍ୟୁଜିୟମ ସ୍ଥାପନ କରାଯିବ। ଭାରତ ଭଳି ବିଶାଳ ଦେଶରେ ଅଲିମ୍ପିକ ମ୍ୟୁଜିୟମ ସ୍ଥାପନ କରାଯିବା ନିହାତି ଜରୁରୀ ବୋଲି ରିଜିଜୁ କହିଛନ୍ତି।

'ଖାଲି ଷ୍ଟାଡିୟମରେ ହୋଇପାରେ ଆଇପିଏଲ୍'

ନୂଆଦିଲ୍ଲୀ,୧୧।୬(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି ସୂଚନା ଦେଇଛନ୍ତି। ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ଲିଗ୍ ଫାଙ୍କା ଷ୍ଟାଡିୟମରେ ଆୟୋଜନ ହୋଇପାରେ ବୋଲି ସେ କହିଛନ୍ତି। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ଆଇପିଏଲ୍ ଆୟୋଜନ କରିବାକୁ ସବୁ ପ୍ରକାର ବିକଳ୍ପ ନେଇ ଆଲୋଚନା ହୋଇଛି। ଏହି ମହାମାରୀ କାରଣରୁ ଆଇପିଏଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବୋର୍ଡ ବୈଠକ ପରେ ସବୁ ରାଜ୍ୟ ବୋର୍ଡଗୁଡିକୁ ଏ ସଂକ୍ରାନ୍ତରେ ଚିଠି ଲେଖା ଯାଇ ଅବଗତ କରାଯାଇଛି। କରୋନା ଭାଇରସ୍‌ର ଆତଙ୍କ ସତ୍ତ୍ୱେ ଆଇପିଏଲ୍ ଆୟୋଜନ ନେଇ ଗାଙ୍ଗଲି ବେଶ୍ ନିଶ୍ଚିତ ଅଛନ୍ତି। ଏହି ଭାଇରସ୍‌ରେ ଏପର୍ଯ୍ୟନ୍ତ ଭାରତରେ ୮,୦୦୦ ଲୋକ ପ୍ରାଣ ହରାଇଲେଣି।

ଚଳିତବର୍ଷ ଆଇପିଏଲ୍ ଆୟୋଜନ ନେଇ ଆମେ ସବୁ ପ୍ରକାର ବିକଳ୍ପ ନେଇ ଚିନ୍ତା କରିଛୁ। ଯଦି ଆବଶ୍ୟକ ହୁଏ ଏହି ମେଗା ଇଭେଣ୍ଟକୁ ଫାଙ୍କା ଷ୍ଟାଡିୟମରେ ଆୟୋଜନ କରିବାକୁ ପ୍ରୟାସ କରିବୁ ବୋଲି ଗାଙ୍ଗୁଲି କହିଛନ୍ତି। ଆଇପିଏଲ୍ ଆୟୋଜନ କରିବାକୁ ପ୍ରଶଂସକ, ଖେଳାଳି, ଫ୍ରାଞ୍ଚାଇଜ୍, ପ୍ରସାରଣକାରୀ ସଂସ୍ଥା, ପ୍ରାୟୋଜକ ଓ ଅନ୍ୟ ହିତଗ୍ରାହୀମାନେ ଆଗ୍ରହୀ ଅଛନ୍ତି ବୋଲି ସେ କହିଛନ୍ତି। କିଛିଦିନ ତଳେ କେତେଜଣ ଦେଶୀ ଓ ବିଦେଶୀ କ୍ରିକେଟର ଆଇପିଏଲ୍ ଆୟୋଜନ କରିବା ନେଇ ବେଶ୍ ଉତ୍ସାହିତ ଥିବା କଥା କହିଥିଲେ। ଆଗାମୀ କଛଦିନ ମଧ୍ୟରେ ବସସଆଇ ପରବର୍ତ୍ତୀ ପଦକ୍ଷେପ ନେବ ଓ ଆମେ ଏ ନେଇ ଆଶାବାଦୀ ଅଛୁ ବୋଲି ଗାଙ୍ଗୁଲି କହିଛନ୍ତି। ଆସନ୍ତା ଅକ୍ଟୋବର- ନଭେମ୍ବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି। ତେବେ ଏହାକୁ ଘୁଞ୍ଚାଇ ଦିଆଗଲେ ଏହି ସମୟରେ ଆଇପିଏଲ୍ ଆୟୋଜନ ହେବା ନେଇ ଚର୍ଚ୍ଚା ହେଉଛି। ତେବେ ଆଇସିସି ବିଶ୍ୱକପ୍ ସଂକ୍ରାନ୍ତରେ ଆସନ୍ତାମାସରେ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି।

ସୌରଭ ଗାଙ୍ଗୁଲି

ଏଥିସହିତ ଘରୋଇ କାର୍ଯ୍ୟସୂଚୀ ନେଇ ମଧ୍ୟ ବୋର୍ଡ କାର୍ଯ୍ୟ କରୁଛି। ରଣଜୀ ଟ୍ରଫି, ଦୁଲୀପ ଟ୍ରଫି ଓ ବିଜୟ ହଜାରେ ଟ୍ରଫି ଆୟୋଜନ ନେଇ ବିସିସିଆଇ ପ୍ରୟାସ ଜାରି ରଖିଛି ବୋଲି ଗାଙ୍ଗୁଲି କହିଛନ୍ତି। ଆସନ୍ତା କେତୋଟି ସପ୍ତାହରେ ବିସିସିଆଇ ଏସଂକ୍ରାନ୍ତରେ ସମ୍ପୂର୍ଣ୍ଣ ବିବରଣୀ ଦେବ ବୋଲି ସେ କହିଛନ୍ତି। ସବୁ ରାଜ୍ୟ ୟୁନିଟଗୁଡିକରେ କ୍ରିକେଟକୁ ପୁଣି ଆରମ୍ଭ କରିବାକୁ ବୋର୍ଡ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ସବୁ ସଦସ୍ୟଙ୍କୁ ପାଣ୍ଠି ଦାନ କରିବାକୁ ବିସିସିଆଇ ପ୍ରୟାସ ଜାରି ରଖିଛି ବୋଲି ସେ କହିଛନ୍ତି। ଯେଉଁ ଆସୋସିଏଶନଗୁଡିକ ଏ ନେଇ ସବୁ ଔପଚାରିକତା ପୂରଣ କରିଛନ୍ତି ସେଗୁଡିକୁ ପାଣ୍ଠି ପ୍ରଦାନ କରାଯାଇସାରିଛି। ଅନ୍ୟ ଆସୋସିଏଶନଗୁଡିକ ପ୍ରାସଙ୍ଗିକ ଦସ୍ତାବଜ୍ ପ୍ରଦାନ କଲେ ସେଗୁଡିକୁ ଅର୍ଥ ପ୍ରଦାନ କରାଯିବ ବୋଲି କୁହାଯାଇଛି।

ସ୍ପେନ୍‌ରେ ମହିଳା ଫୁଟବଲକୁ ପେସାଦାର ମାନ୍ୟତା

ମାଡ୍ରିଡ,୧୧।୬(ଏପି): ସ୍ପେନ୍‌ରେ ମହିଳା ସକର ବା ଫୁଟବଲ୍‌କୁ ପେସାଦାର ମାନ୍ୟତା ମିଳିଛି। ଦେଶର ଦୁଇଟି ଶ୍ରେଷ୍ଠ ସକର ଡିଭିଜନ୍‌କୁ ମର୍ଯ୍ୟାଦା ପ୍ରଦାନ କରାଯାଇଛି ବୋଲି ସ୍ପାନିଶ୍ ଫେଡେରେଶନ ତରଫରୁ ଗୁରୁବାର ଘୋଷଣା କରାଯାଇଛି। ଦେଶର ସ୍ପୋର୍ଟ୍ସ କାଉନସିଲ ଏହି ପ୍ରତିଯୋଗିତାର ଷ୍ଟାଟସ ପରିବର୍ତ୍ତନ କରିବାକୁ ବୁଧବାର ନିଷ୍ପତ୍ତି ନେଇଥିଲା ବୋଲି ଫେଡେରେଶନ ତରଫରୁ କୁହାଯାଇଛି। କ୍ରୀଡ଼ାର ଉନ୍ନତି ଓ ବିକାଶ ପାଇଁ ଏପରି କରିବାର ଆବଶ୍ୟକତା ଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଆମେଚର ଷ୍ଟାଟସ୍ ପାଇ ଆସୁଥିଲା। ନୂଆ ମାନ୍ୟତା ପାଇବା ପରେ ମହିଳା ଫୁଟବଲର ରୂପ ବଦଳିବ। ନୂଆ ପେସାଦାର କମିଟି ଗଠନ ହେବ। ସବୁ କ୍ଲବ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିବେ।

ୱେଷ୍ଟଇଣ୍ଡିଜ ନିଷ୍ପତ୍ତି ପ୍ରଶଂସାଯୋଗ୍ୟ

ଲଣ୍ଡନ, ୧୧।୬ (ଏପି)

କରୋନା ମହାମାରୀର ପ୍ରକୋପ ସତ୍ତ୍ୱେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ବ୍ରିଟେନ ଆସିବା ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ନିଷ୍ପତ୍ତି ପ୍ରଶଂସାଯୋଗ୍ୟ ବୋଲି କହିଛନ୍ତି ଇଂଲଣ୍ଡ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ। ୱେଷ୍ଟଇଣ୍ଡିଜରେ କୋଭିଡ୍-୧୯ ମାମଲା ୧୦୦ରୁ ସାମାନ୍ୟ ଅଧିକ। ଅନ୍ୟପକ୍ଷରେ ୟୁନାଇଟେଡ୍ କିଙ୍ଗଡମ୍(ୟୁକେ)ରେ ଏହି ମହାମାରୀ ଇତିମଧ୍ୟରେ ୪୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇ ସାରିଲାଣି। କେବଳ ବୁଧବାର ୧,୦୦୩ ପଜିଟିଭ ଚିହ୍

ମାସ୍କ ଦୁର୍ନୀତିର ସିବିଆଇ ତଦନ୍ତ ଦାବି

ଖୋର୍ଦ୍ଧା ଅଫିସ : ମାସ୍କ କିଣା ଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ଗୁରୁବାର ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଛି। ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ମାସ୍କ ଦୁର୍ନୀତିରେ ଲିପ୍ତ ଥିବା ମନ୍ତ୍ରୀ ଓ ସଚିବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ସବୁଠି ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସ ଘେରିବ। ବିଜେଡିର ଜଣେ ମହିଳା ନେତ୍ରୀ ମାସ୍କ ଦୁର୍ନୀତି ହୋଇ ନ ଥିବା କହିଛନ୍ତି। ଏହା ହାସ୍ୟାସ୍ପଦ। ସେ ନିଜେ ଦୁର୍ନୀତିରେ ଫସିଥିବାରୁ ମନ୍ତ୍ରୀ ପଦ ହରାଇଥିଲେ ବୋଲି କହିଥିଲେ। ବିକ୍ଷୋଭରେ ଜିଲା ଓ ବ୍ଲକ ସ୍ତରରୁ ଶତାଧିକ ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ।

ସଂକ୍ଷେପରେ

କୋଭିଡ୍-୧୯ ନିୟମ ଉଲ୍ଲଂଘନ: ୨ ଦୋକାନ ସିଲ୍

ଖୋର୍ଦ୍ଧା ଅଫିସ,୧୧।୬ : ସାମାଜିକ ଦୂରତ୍ୱ ଏବଂ କୋଭିଡ୍-୧୯ ନିୟମ ଉଲ୍ଲଂଘନ କରିଥିବାରୁ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଗୁରୁବାର ସହରର ଦୁଇ ଶାଢ଼ି ଦୋକାନକୁ ସାମୟିକ ଭାବେ ସିଲ୍ କରାଯାଇଛି ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ସୂଚନା ଅନୁଯାୟୀ, ସହରର ସମସ୍ତ ଦୋକାନ ଆଗରେ ସାମାଜିକ ଦୂରତ୍ୱ ବଜାୟ ରଖି ବ୍ୟବସାୟ କରିବା ଲାଗି ବାରମ୍ବାର ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଗୁରୁବାର ରଜ ଲାଗି ବଜାରରେ ଭିଡ ଜମିଥିଲା। କେତେକ ଦୋକାନୀ ଏହି ନିୟମଙ୍କୁ ଉଲ୍ଲଂଘନ କରିଥିବା ବେଳେ ପ୍ରଶାସନ ପକ୍ଷରୁ ଏ ନେଇ ଚଢ଼ାଉ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଦୁଇଟି ଦୋକାନକୁ ସିଲ୍ କରାଯାଇଛି। ଅନ୍ୟ କେତେକ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶତପଥୀ କହିଛନ୍ତି।

ବାର୍‌ଗର୍ଲଙ୍କୁ ବଳାତ୍କାର ଅଭିଯୋଗ

ଭୁବନେଶ୍ୱର,୧୧।୬(ବ୍ୟୁରୋ): ବିବାହ ପ୍ରତିଶ୍ରୁତି ଦେଇ ଜଣେ ଡ୍ୟାନ୍ସ ବାର୍ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୩୧/୨୦) ରୁଜୁ କରି ତଦନ୍ତ କରୁଛି। ତେବେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ପୋଲିସ ତାଙ୍କ ଘର ଭଦ୍ରକ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ୍ୟ ତାଙ୍କୁ ପାଇନାହିଁ। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ସେ ଭୁବନେଶ୍ୱରର ଏକ ଡ୍ୟାନ୍ସବାରରେ କାମ କରନ୍ତି। ଭଦ୍ରକ ଜିଲାର ଜଣେ ଯୁବକ ଉକ୍ତ ବାରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ଏହାପରେ ଯୁବକ ଜଣଙ୍କ ତାଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଉଭୟ ଫୋନ୍ ନମ୍ବର ଦିଆନିଆ ହେବା ସହ ମଲ୍ ଏବଂ ହୋଟେଲ ବୁଲିବାକୁ ଯାଇଥିଲେ। ଏକ ହୋଟେଲରେ ଯୁବକ ଜଣଙ୍କ ତାଙ୍କୁ ବଳାତ୍କାର କରିଥିଲେ। ସେ ବିବାହ ପାଇଁ କହିବାରୁ ସମ୍ପୃକ୍ତ ଯୁବକ ରାୟପୁରରେ ଥିବା ଓ ଲକ୍‌ଡାଉନ୍ ଯୋଗୁ ଆସିପାରୁ ନ ଥିବା ମିଛ କାହାଣୀ କହୁଛନ୍ତି। ଯୁବତୀ ତାଙ୍କୁ ଫୋନ୍ କଲେ ମଧ୍ୟ ସେ ରିସିଭ କରୁନାହାନ୍ତି। ଶେଷରେ ନ୍ୟାୟ ପାଇଁ ଯୁବତୀ ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

୨୨ ବାଲି ବୋଝେଇ ଗାଡ଼ି ଜବତ: ଜରିମାନା ଆଦାୟ

ନିଶ୍ଚିନ୍ତକୋଇଲି(ସ୍ୱ.ପ୍ର.)/ନରାଜ(ଡି.ଏନ.ଏ.), ୧୧।୬: କଟକ ଜିଲା ନିଶ୍ଚିନ୍ତକୋଇଲି ଓ ବାରଙ୍ଗ ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୨ ବାଲି ବୋଝେଇ ଗାଡ଼ିରୁ ଜରିମାନା ଆଦାୟ କରାଯାଇଛି। ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ କଟିକଟା-ଜୟପୁର ରାସ୍ତାରେ ଚଢ଼ାଉ କରାଯାଇ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୯ ଟ୍ରାକ୍ଟର ଓ ୪ଟି ବାଲି ବୋଝେଇ ଟ୍ରକରୁ ୧ ଲକ୍ଷ ୪୯୫୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବାରଙ୍ଗ ତହସିଲ ପକ୍ଷରୁ ନରଣପୁର ବାଲିଘାଟରେ ଚଢ଼ାଉ କରାଯାଇ ୯ ବାଲି ବୋଝେଇ ହାଇୱାରୁ ୧ଲକ୍ଷ ୭୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ପ୍ରକାଶ କରିଛନ୍ତି।

ମଣିଜପୁର କଣ୍ଟେନମେଣ୍ଟ ଜୋନ

ଡେଲାଙ୍ଗ,୧୧।୬(ଡି.ଏନ.ଏ.): ଡେଲାଙ୍ଗ ବ୍ଲକ ବେରବୋଇ ପଞ୍ଚାୟତର ମଣିଜପୁର ଗ୍ରାମରୁ ଜଣେ ଯୁବକଙ୍କ ପଜିଟିଭ ଚିହ୍ନଟ ହୋଇଛି। ପରେ ଉକ୍ତ ଗ୍ରାମକୁ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ପରିବାର ସଦସ୍ୟଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଛି।

ସହାୟତା ନୁହେଁ, କାର୍ଯ୍ୟକ୍ରମ ଲୋଡ଼ା

କଟକ ଅଫିସ,୧୧।୬

ସେମାନେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବା ଲୋକ କଳାକାର। ସାଧାରଣ ଲୋକଙ୍କ ପାଖରେ

ଲକ୍‌ଡାଉନ୍ ବେଳେ ଅସହାୟ ଅବସ୍ଥାରେ ଲୋକ କଳାକାର

ସରକାରୀ ଯୋଜନାକୁ ପହଞ୍ଚାଇବାରେ ଏମାନେ ମୁଖ୍ୟ ବାହକ। ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ମନୋରଞ୍ଜନ ଜରିଆରେ ଲୋକଙ୍କୁ ସଚେତନ କରନ୍ତି ଏହି କଳାକାର। ସେଥିରୁ ସରକାର ଯାହା ପାରିଶ୍ରମିକ ଦିଅନ୍ତି, ବର୍ଷସାରା ଘର ଚଳେ। କିନ୍ତୁ ସେହି କଳାକାରମାନେ ଏବେ କରୋନା ଦାଉରୁ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି।

କରୋନା ପାଇଁ ବର୍ଷ ଆରମ୍ଭରୁ ସମସ୍ତ କାର୍ଯ୍ୟକ୍ରମ ବନ୍ଦ। ସରକାରୀ କାର୍ଯ୍ୟକ୍ରମ ବି କିଛି ନାହିଁ। ଫଳରେ ସେମାନଙ୍କ ପାଇଁ ରୋଜଗାରର ସମସ୍ତ ବାଟରେ ଏବେ ତାଲା ପଡ଼ିଛି। ଯାତ୍ରାଠାରୁ ଆରମ୍ଭ କରି ସିନେମା କଳାକାର ସମସ୍ତେ ସରକାରଙ୍କୁ ଆର୍ଥିକ ସହାୟତା ମାଗୁଛନ୍ତି। କିନ୍ତୁ ସରକାରଙ୍କ କାର୍ଯ୍ୟକ୍ରମରେ ଯିଏ ମୁଖ୍ୟ ବାହକ, ସେମାନେ ଏବେ ଅସହାୟ। ସରକାରୀ କାର୍ଯ୍ୟକ୍ରମ ବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସେମାନଙ୍କୁ ଖୋଜିଥାଏ। ରାଜ୍ୟରେ ୪୭୧ଟି ଲୋକକଳା ରହିଥିବାବେଳେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକକଳା ଦଳ ରହିଛି। ରାଜ୍ୟର ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ କଳା ସଂସ୍କୃତି ସଂଘ, ୨୪ଟି ନଗର କଳା ସଂସ୍କୃତି ସଂଘ ଏବଂ ସମସ୍ତ ଜିଲାରେ ଜିଲା କଳା ସଂସ୍କୃତି ସଂଘ ରହିଛି। ଏଥିରୁ ପ୍ରାୟ ୧ ଲକ୍ଷ ୬୧ ହଜାର କଳାକାର ଉପକୃତ ହୁଅନ୍ତି। ମାତ୍ର ଏବେ ସେମାନେ ଘରେ ହାତ ବାନ୍ଧି ବସିଛନ୍ତି। କଳାକୁ ଛାଡ଼ିଦେଲେ ଅନ୍ୟ କୌଣସି ବୃତ୍ତି ଆପଣେଇବା ସେମାନଙ୍କ ପାଇଁ କଷ୍ଟସାଧ୍ୟ। ସରକାର ଆର୍ଥିକ ସହାୟତା ବଦଳରେ କାର୍ଯ୍ୟକ୍ରମ ଯୋଗାଇଦେଲେ ଉପକୃତ ହେବେ ବୋଲି କିଛି କଳାକାର କହିଛନ୍ତି।

ସେମାନେ ଯାହା କହନ୍ତି...

ବର୍ତ୍ତମାନ ପରିସ୍ଥିତିକୁ ଲକ୍ଷ୍ୟକରି ରାଜ୍ୟ ସରକାର ଯଦି କରୋନା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରନ୍ତେ, କଳାକାରମାନେ କିଛି ରୋଜଗାର ପାଇପାରନ୍ତେ। କରୋନା ସଂକ୍ରମଣଠାରୁ ଲୋକେ କିଭଳି ରକ୍ଷା ପାଇପାରିବେ, ସେଥିପାଇଁ ବିଭିନ୍ନ ପୌରାଣିକ କଥାବସ୍ତୁକୁ ନେଇ ସଚେତନ କରାଯାଇପାରିବ। ସରକାର ଆର୍ଥିକ ସହାୟତା ବଦଳରେ କାର୍ଯ୍ୟକ୍ରମ ଦିଅନ୍ତୁ।

- ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ

ବର୍ଷ ଆରମ୍ଭରୁ କରୋନା ସବୁକିଛି ଉଜାଡ଼ି ଦେଇଛି। ସରକାର କୌଣସି ସାମାଜିକ କାର୍ଯ୍ୟକ୍ରମ ହେବନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହିଭଳି ଚାଲିଲେ ଆମମାନଙ୍କ ଅବସ୍ଥା ଦୁର୍ବିସହ ହୋଇପଡ଼ିବ।

- ମନ୍ଦାକିନୀ ରଥ, କଣ୍ଠଶିଳ୍ପୀ, ଚଲତି ଘୋଡ଼ାନାଚ

ରାଜଧାନୀ ବିଦ୍ୟୁତ୍ ସେବାକୁ ଅଧିକ ସୁଦୃଢ଼ କର: ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୂର୍ବାହ୍ନରେ ଖାରବେଳ ଭବନଠାରେ ଭୁବନେଶ୍ୱରର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଶକ୍ତି ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ କରାଯାଇଛି। ବୈଠକରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଟିପିସିଓଡିଏଲ୍ ତଥା ଓପିଟିସିଏଲ୍‌ର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଟିପିସିଓଡିଏଲ୍ ଅଧିକାରୀଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ବର୍ତ୍ତମାନ ସ୍ଥିତି ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରାଯାଇଛି। ଶକ୍ତି ମନ୍ତ୍ରୀ ଆଇପିଡିଏସ୍ କାର୍ଯ୍ୟରେ ହେଉଥିବା ବିଳମ୍ବ ଯୋଗୁ କ୍ଷୋଭ ପ୍ରକାଶ କରିବା ସହ ଏହି କାର୍ଯ୍ୟ ତୁରନ୍ତ ସମାପ୍ତ କରବାକୁ ଓପିଟିସିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଭୂତଳ କେବୁଲ ବିଛାଯାଉଥିବାବେଳେ ସେଥିରେ ବାଲିପୋତା ଯାଉ ନ ଥିବା ଯୋଗୁ ଲୋକଙ୍କ ସୁରକ୍ଷା ବ୍ୟାହତ ହେଉଥିବା ବିଷୟ ବୈଠକରେ ପ୍ରକାଶ ପାଇଛି। ଏହି କାର୍ଯ୍ୟରେ ନିୟୋଜିତ ସମ୍ପୃକ୍ତ ସଂସ୍ଥା ଆବଶ୍ୟକ ନିର୍ଦ୍ଦେଶାବଳୀର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍ ବ୍ୟତୀତ ବୈଠକରେ ସହରର ବିଭିନ୍ନ ସ୍ଥାନରେ ଥିବା ଟ୍ରାନ୍ସଫରମର୍ ଚାରିପଟେ ନୂଆ ପାଚେରି ନିର୍ମାଣ କରି ତଥା କେତେକ ସ୍ଥାନରେ ଥିବା ଭଙ୍ଗା ପାଚେରିର ଉପଯୁକ୍ତ ମରାମତି ଯଥାଶୀଘ୍ର କରି ଜନଜୀବନ ତଥା ଜୀବଜନ୍ତୁଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉପଭୋକ୍ତାଙ୍କୁ ଉନ୍ନତ ମାନର ବିଦ୍ୟୁତ୍ ଯୋଗାଣ ପାଇଁ ଭୁବନେଶ୍ୱର (ଏକାମ୍ର) ଅନ୍ତର୍ଗତ ନାଗେଶ୍ୱର ଟାଙ୍ଗୀ ଓ ଇଟିପୁର ତଥା ଭୁବନେଶ୍ୱର (ଉତ୍ତର) ଅନ୍ତର୍ଗତ ବିହାରଠାରେ ମୋଟ ତିନିଗୋଟି ନୂତନ ୩୩/୧୧ କେଭି ସବ୍‌ଷ୍ଟେଶନ ନିର୍ମାଣ କରିବାକୁ ବୈଠକରେ ପ୍ରସ୍ତାବ ଉପସ୍ଥାପନ ହୋଇଛି।

ମାସ୍କ ନାହିଁ, ଭୁଲିଗଲେ ସାମାଜିକ ଦୂରତ୍ୱ

ଖୋର୍ଦ୍ଧା ଅଫିସ,୧୧।୬

ଆସନ୍ତା ୧୪ ତାରିଖରେ ଓଡ଼ିଶାର ଗଣ ପର୍ବ ରଜ ଉତ୍ସବ। ଏ ନେଇ ଗାଁଠୁ ସହର ଚଳଚଞ୍ଚଳ। ରଜ ଲାଗି ଚାଲିଛି

ରଜ ଲାଗି ବଜାରରେ ଭିଡ଼

ପ୍ରସ୍ତୁତି। ଅନ୍ୟପଟେ କରୋନା ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୧୧ ଜିଲାରେ ଜୁନ୍ ମାସର ପ୍ରତ୍ୟେକ ଶନିବାର ଓ ରବିବାର ଶଟଡାଉନ୍ ଘୋଷଣା କରାଯାଇଛି। ଶନିବାର ଶଟଡାଉନ୍ ଥିବାରୁ ଅତ୍ୟାବଶ୍ୟକ ସେବା ଛାଡି ଦେଲେ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ଏ ନେଇ ଗୁରୁବାର ଖୋର୍ଦ୍ଧା ବଜାରରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱକୁ ସରକାର ଗୁରୁତ୍ୱ ଦେଉଥିବାବେଳେ ଅନେକଙ୍କ ମୁହଁରେ ମାସ୍କ ନ ଥିବା ବେଳେ ଦୋକାନ ଆଗରେ ରହି ନ ଥିଲା ସାମାଜିକ ଦୂରତ୍ୱ।ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କୁହନ୍ତି, କରୋନା ପ୍ରତିହତ ଲାଗି ସରକାର ବହୁ ପଦକ୍ଷେପ ନେଉଛନ୍ତି। ଜନସାଧାରଣ ଏଥିପ୍ରତି ସଜାଗ ରହିବା ଉଚିତ। ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରି ଜିନିଷ କିଣାବିକା କରନ୍ତୁ। ଯେଉଁ ଭଳି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ତାହାକୁ ଦୃଷ୍ଟିରେ ରଖି କଟକଣା ଜାରି କରାଯାଉଛି। ସରକାରଙ୍କ ନିୟମକୁ ସମସ୍ତେ ପାଳନ କରିବା ଉଚିତ୍।

ରଜପାଇଁ ବଜାରରେ ଲୋକଙ୍କ ଗହଳି।

ଆପୋଲୋ ହସ୍ପିଟାଲରେ ବିରଳ ଚିକିତ୍ସା

ଭୁବନେଶ୍ୱର, ୧୧।୬ (ବ୍ୟୁରୋ)

ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଜଣେ ୪୩ ବର୍ଷୀୟ ମହିଳାଙ୍କ ପାକସ୍ଥଳୀରୁ ଏକ ପଲିପ୍ (ଏକପ୍ରକାରର ଟ୍ୟୁମର) ବାହାର କରାଯାଇଛି। ୪ରୁ ୫ ସେଣ୍ଟିମିଟରର ଏହି ପଲିପ୍‌କୁ ଏଣ୍ଡୋସ୍କୋପି ମାଧ୍ୟମରେ ବିନା ଅସ୍ତ୍ରୋପଚାରରେ ଆପୋଲୋର ଖ୍ୟାତନାମା ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଡ଼ ସୁଶାନ୍ତ କୁମାର ସେଠୀ ବାହାର କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଘଟଗାଁ ଅଞ୍ଚଳର ଏହି ମହିଳା ଜଣଙ୍କ ଦୀର୍ଘ ଦିନରୁ ପେଟ ବ୍ୟଥା ଏବଂ ରକ୍ତହୀନତାରେ ପୀଡ଼ିତ ଥିଲେ। ସମସ୍ୟାର ଉପଶମ ନ ହେବାରୁ ସେ ତାଙ୍କର ଜଣେ ସମ୍ପର୍କୀୟ ଡାକ୍ତରଙ୍କ ମାଧ୍ୟମରେ ଆପୋଲୋ ହସ୍ପିଟାଲରେ ଡାକ୍ତର ସେଠୀଙ୍କୁ ଦେଖା କରିଥିଲେ। ପରୀକ୍ଷା ବେଳେ ପାକସ୍ଥଳୀରେ ଗୋଟିଏ ବଡ ଟ୍ୟୁମର ଥିବା ଜଣା ପଡିଥିଲା। ଡାକ୍ତର ସେଠୀଙ୍କ କହିବା ହେଲା ପଲିପ୍ ଏକ ପ୍ରକାରର ମାଂସ ବୃଦ୍ଧି ଯାହା ଶରୀରର ବିଭିନ୍ନ ଅଙ୍ଗରେ ହୋଇଥାଏ। ଏହା ବଡ଼ ହେବା ସହ ସେଥିରୁ ରକ୍ତକ୍ଷରଣ ହେବା ତଥା ସ୍ଥଳ ବିଶେଷରେ କ୍ୟାନ୍ସରରେ ପରିଣତ ହେବାର ସମ୍ଭାବନା ଥାଏ। ଏଭଳି ଏକ ବଡ଼ ଟ୍ୟୁମର ବିନା ଅସ୍ତ୍ରୋପଚାରରେ ଏଣ୍ଡୋସ୍କୋପି ପଦ୍ଧତିରେ ବାହାରିବା ପ୍ରାୟ ବିରଳ। ଚିକିତ୍ସା ପରେ ରୋଗୀ ଜଣଙ୍କ ଘରକୁ ଯାଇଥିଲେ ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡି ନଥିଲା ଏବଂ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି।

୧୩ ମଧ୍ୟରାତ୍ରରୁ ବାଲି ହରଚଣ୍ଡୀ ପୀଠରେ ୧୪୪ ଧାରା

ବ୍ରହ୍ମଗିରି,୧୧।୬(ଡି.ଏନ.ଏ.)

ଦିନ କେଇଟା ପରେ ଓଡ଼ିଶାର ଗଣ ପର୍ବ ରଜ ଉତ୍ସବ। ଏହି ଉତ୍ସବକୁ ନେଇ ପ୍ରତିଟି ଶକ୍ତି ପୀଠ ହୋଇଥାଏ ଚଳଚଞ୍ଚଳ। ଏହି ଶକ୍ତିପୀଠଗୁଡ଼ିକ ମଧ୍ୟରୁ ବ୍ରହ୍ମଗିରି ବାଲି ହରଚଣ୍ଡୀ ପୀଠ ଅନ୍ୟତମ। ଉକ୍ତ ପୀଠରେ ୪ ଦିନ ଧରି ରଜ ଉତ୍ସବ ପାଳନ ହୋଇଥାଏ। କିନ୍ତୁ ଚଳିତବର୍ଷ କରୋନା ଯୋଗୁ ରଜ ଉତ୍ସବରେ ରୋକ ଲଗାଯାଇଛି। ଗୁରୁବାର ବ୍ରହ୍ମଗିରି ତହସିଲଦାର କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ଲକ୍ଷ୍ମୀଧର ପୂଜାରୀ, ନୀଳମଣି ସୁଆର ଓ ସମସ୍ତ ପୂଜକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମା'ଙ୍କ ରଜ ପର୍ବ ଓ ଜନସମାଗମକୁ ଦୃଷ୍ଟିରେ ରଖି ଉକ୍ତ ପୀଠରେ ୧୪୪ ଧାରା ଜାରି କରାଯିବା ସହ କେବଳ ସେବାୟତମାନଙ୍କୁ ନେଇ ରଜ ପର୍ବର ନୀତିକାନ୍ତି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଠାକୁରାଣୀଙ୍କୁ ସାଧାରଣ ଦର୍ଶନ ସହ ଉକ୍ତ ପୀଠରେ ରଜମୌଜ ବା ବଣଭୋଜି ପାଇଁ ସମ୍ପୂର୍ଣ୍ଣ ବାରଣ କରାଯିବ। ଏହି ରଜ ଉତ୍ସବ ପାଳନ ଅବସରରେ ଆସନ୍ତା ୧୩ ତାରିଖ ମଧ୍ୟରାତ୍ରରୁ ୨୦ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ୧୪୪ ଧାରା ଜାରି ରହିବ ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି।

ଆହାର ପାଇଁ ଫନ୍ଦି ଫିକର

ପାଣି ବୋତଲ, ଟେକାପଥର ରଖି ସ୍ଥାନ ସଂରକ୍ଷଣ

କଟକ ଅଫିସ,୧୧।୬

ପିଇବା ପାଣି ଓ କଣ୍ଟ୍ରୋଲ୍ ସାମଗ୍ରୀ ଦୋକାନରେ ଲୋକେ ଆଗରେ ନେଇ ଘରକୁ ଫେରିବା ପାଇଁ ନାନାଦି ଫନ୍ଦି ଫିକର କରିଥାନ୍ତି। କିନ୍ତୁ ଏବେ ସରକାରଙ୍କ ୫ଟଙ୍କିଆ ଭାତ ଡାଲମା (ଆହାର କେନ୍ଦ୍ର)ରେ ବି ସମାନ ଚିତ୍ର ଦେଖିବାକୁ ମିଳୁଛି। କଟକର ଉଭୟ ଏସ୍‌ସିବି ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କ୍ୟାନସର ପ୍ରତିଷ୍ଠାନରେ ଥିବା ଆହାର କେନ୍ଦ୍ରରେ ଲୋକେ ଏଇଭଳି ନୂଆ ତରିକାରେ ସ୍ଥାନ ସଂରକ୍ଷଣ କରୁଛନ୍ତି। ମଧ୍ୟାହ୍ନ ଭୋଜନ ନେଇ ସାରି ଖାଦ୍ୟ ଖାଇ ସାରିବା ପରେ ରାତ୍ରିଭୋଜନ ପାଇଁ ଅପରାହ୍ନ ୩ଟା ୩୦ରେ ପାଣି ବୋତଲ, ବ୍ୟାଗ ଓ ଟେକାପଥର ରଖି ଲୋକେ ସ୍ଥାନ ସଂରକ୍ଷଣ କରୁଛନ୍ତି। ସେହିପରି ରାତ୍ରିଭୋଜନ ଖାଦ୍ୟ ବଣ୍ଟା ସରିବା ପରେ ପୁଣି ସମାନ ଢଙ୍ଗରେ ଆସନ୍ତା କାଲିର ମଧ୍ୟାହ୍ନ ଭୋଜନ ପାଇଁ ସମସ୍ତେ ପ୍ରସ୍ତୁତି ଆରମ୍ଭ କରନ୍ତି। ଆଚାର୍ଯ୍ୟ ହରିହର କ୍ୟାନସର ପ୍ରତିଷ୍ଠାନ ଆହାର କେନ୍ଦ୍ରରେ ପଶ୍ଚିମବଙ୍ଗରୁ ଆସିଥିବା ଜଣେ ରୋଗୀ ସମ୍ପର୍କୀୟ କହିଲେ ଯେ 'ଯହାଁ ତୋ ଐସା ହୈ କି ପହେଲେ ଆଓ ପହେଲେ ପାଓ ନହିଁ ତୋ ଖାନା ଖତମ୍।' ତାଙ୍କ କହିବା କଥା ହେଲା ଯେ ଏଠାରେ ଯିଏ ଆଗ ଆସୁଛି ତାକୁ ଖାଇବା ମିଳୁଛି, ନ ହେଲେ ଖାଇବା ସରିଯିବା କାରଣରୁ ଉପବାସ ରହିବାକୁ ପଡୁଛି। ତେଣୁ ବାଧ୍ୟ ହୋଇ ସେମାନଙ୍କୁ ଏଇଭଳି ଫନ୍ଦି ଫିକର ଆପଣେଇବାକୁ ପଡୁଛି।

ଜୁଆ ଆଡ୍ଡାରେ ଚଢ଼ାଉ, ୯ ଗିରଫ

ପୁରୀ ଅଫିସ,୧୧।୬: ମାର୍କେଟ ଛକରେ ଏକ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ଗୁରୁବାର ପୋଲିସ ଚଢାଉ କରିଥିଲା। ସେଠାରୁ ୩୧ ହଜାର ଟଙ୍କା, ୨ଟି କାଲ୍‌କୁଲେଟର, ନୋଟ୍‌ବୁକ ଆଦି ଜବତ କରାଯିବା ସହ ପୋଲିସ ୯ ଜଣଙ୍କୁ ଗିରଫ କରିଛି। ଏ ନେଇ କୁମ୍ଭାରପଡ଼ା ଥାନାରେ ଏକ ମାମଲା (ନଂ.୧୩୬/୨୦) ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

ସଂକ୍ଷେପରେ

ପ୍ରାଣୀ ବିଭାଗର ସରକାରୀ ତାଲିକା ଭାଇରାଲ

ପିପିଲି,୧୧।୬(ସ୍ୱ.ପ୍ର.): ପିପିଲି ବ୍ଲକ ଅଧୀନରେ ଥିବା ପ୍ରାଣୀ ଚିକିତ୍ସା ବିଭାଗର ଏକ ତାଲିକା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ବିଭାଗର ଗୁରୁତ୍ୱପୂର୍ଣ୍ଣ ଏହା କିଏ କଲେ ଏବଂ କିଭଳି ଭାଇରାଲ ହେଲା ତାହା ସାଧାରଣରେ ପ୍ରଶ୍ନ ଉଠୁଛି। ସୂଚନା ମୁତାବକ, ଫନୀରେ ଏହି ଅଞ୍ଚଳର କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ସାହାଯ୍ୟ ଦିଆଯିବା ନେଇ ଘୋଷଣା ହୋଇଛି। ଏହି ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଚାଷୀମାନଙ୍କୁ ପ୍ରଥମ କିସ୍ତିରେ ସାହାଯ୍ୟ ଦିଆଯାଇଛି। କିନ୍ତୁ ଅବଶିଷ୍ଟ ସହାୟତା ଦିଆଯାଇ ନ ଥିବାବେଳେ ଏକ ତାଲିକା କରାଯାଇ ସହାୟତା ଦିଆଯାଉଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ତାଲିକା ମାଧ୍ୟମରେ ସହାୟତା ପାଇଁ ଚାଷୀଙ୍କଠାରୁ ଅର୍ଥ ଆଦାୟ କରାଯାଉଛି। ଏହି ସମୟରେ ବିଭାଗ ପକ୍ଷରୁ କ୍ଷୁଦ୍ର କୁକୁଡା ଚାଷୀଙ୍କୁ ସହାୟତା ପ୍ରଦାନ ନିମନ୍ତେ ଏକ ୧୪୧ଜଣିଆ ଚାଷୀଙ୍କ ସରକାରୀ ତାଲିକା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସୁରେଶ ଚନ୍ଦ୍ର ବେହେରା କୁହନ୍ତି, ଏହି ତାଲିକା ସରକାରୀ। କିଏ ଏହାକୁ ଭାଇରାଲ କରିଛି ଜଣା ନାହିଁ। ଏହାକୁ ପୁନର୍ବାର କମିଟି ମାଧ୍ୟମରେ ତଦନ୍ତ କରାଯାଇ ଚାଷୀଙ୍କୁ ସହାୟତା ଦିଆଯିବ।

ଦୁର୍ନୀତିର ତଦନ୍ତ ପାଇଁ କଂଗ୍ରେସର ସ୍ମାରକପତ୍ର

ପୁରୀ ଅଫିସ, ୧୧।୬: କରୋନା ମୁକାବିଲା ପାଇଁ ବିଭିନ୍ନ ସାମଗ୍ରୀ କିଣାରେ ଦୁର୍ନୀତି ଅଭିଯୋଗ ଆଣି ପୁରୀ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ହୋଇଛି ଯେ, ରାଜ୍ୟ ସରକାର କରୋନା କବଳରୁ ଲୋକଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ବିଭିନ୍ନ ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି କରିଛନ୍ତି। ଫଳରେ ରାଜ୍ୟବାସୀଙ୍କୁ ଗଭୀର ସଙ୍କଟ ଓ ଦୁର୍ଦ୍ଦିନ ଭିତରକୁ ଠେଲି ଦିଆଯାଇଛି। ସରକାରଙ୍କ ଔଷଧ ନିଗମ ଏଭଳି ଦୁର୍ନୀତି କରିବା ପରିତାପର ବିଷୟ। ଏହାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ। ଏ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯାଇଛି। ଏହାର ନିରପେକ୍ଷ ତଦନ୍ତ ଜଣେ ବିଚାରପତିଙ୍କ ଦ୍ୱାରା କରାଯିବାକୁ ଦାବି କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଅମୀୟ କୁମାର ପଟ୍ଟନାୟକ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର, ବିଦୁଲତା ଆଚାର୍ଯ୍ୟ, ଅମୀୟ ମହାପାତ୍ର, ବିଶ୍ୱନାଥ ଦାଶ ପ୍ରମୁଖ ସ୍ମାରକପତ୍ର ଦେଇଥିଲେ।

ବ୍ୟବସାୟୀ ମହାସଂଘ ନୂଆ କମିଟି ଗଠିତ

ପୁରୀ ଅଫିସ, ୧୧।୬: ବଡଶଙ୍ଖସ୍ଥିତ ମା' ଶଙ୍ଖେଶ୍ୱରୀ ବ୍ୟବସାୟୀ ମହାସଂଘର ନୂଆ କମିଟି ଗଠନ କରାଯାଇଛି। ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ମହାସଂଘର ପରିବା ଓ କ୍ୟାବିନ ବ୍ୟବସାୟୀମାନଙ୍କର ଏକ ସଭା ଅନୁଷ୍ଠିତ ହୋଇଥିଲା। ସୁରେନ୍ଦ୍ର ନାଥ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ୩୦ ଜଣିଆ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ ଲାଗି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ କମିଟିର ମୁଖ୍ୟ ଉପଦେଷ୍ଟା ରହିଥିବାବେଳେ ହରିହର ପାଢ଼ୀ ସଭାପତି, କୃଷ୍ଣଚନ୍ଦ୍ର ପ୍ରଧାନ ଉପସଭାପତି, ପ୍ରମୋଦ କୁମାର ଜେନା ସମ୍ପାଦକ, ଜଗନ୍ନାଥ ଦାସ ସହସମ୍ପାଦକ ଏବଂ ନିରଞ୍ଜନ ମଙ୍ଗରାଜ କୋଷାଧ୍ୟକ୍ଷ ରହିଛନ୍ତି।

ଭଦ୍ରକରେ ହେବ କାନ୍ତକବିଙ୍କ ସ୍ମାରକୀ

ସଂସ୍କୃତି ବିଭାଗ ଦ୍ୱାରା ନିର୍ମାଣ ହେବ ଦେଢ କୋଟିର ପ୍ରକଳ୍ପ

ଭୁବନେଶ୍ୱର,୧୧।୬(ବ୍ୟୁରୋ):

ଭଦ୍ରକରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିରେ ଏକ ସ୍ମାରକୀ ନିର୍ମାଣ କରାଯିବ। ଏହି କାଳଜୟୀ କବିଙ୍କ ରଚନା 'ବନ୍ଦେ ଉତ୍କଳ ଜନନୀ' ନିକଟରେ ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଛି। ଏହାପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏନେଇ ଭାବପ୍ରବଣତା ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସ୍ମାରକୀ ପ୍ରତିଷ୍ଠା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଭଦ୍ରକଠାରେ କାନ୍ତକବିଙ୍କ ଏକ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିଲାଗି ଦେଢକୋଟି ଟଙ୍କା ବ୍ୟୟ କରାଯିବ। ଗୁରୁବାର ମନ୍ତ୍ରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ସଚିବ ବିଶାଲ ଦେବ ପ୍ରମୁଖ ବୈଠକରେ ଉପସ୍ଥିତ ରହି ମତ ରଖିଥିଲେ। ଏହି ସ୍ମାରକୀ ନିର୍ମାଣ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ନିରୂପଣ କରି ବିଭାଗକୁ ଜଣାଇବାକୁ ଭଦ୍ରକ ଜିଲାପାଳଙ୍କୁ କୁହାଯାଇଛି। ପ୍ରକଳ୍ପରେ ପ୍ରତିମୂର୍ତ୍ତି ସହ ଏକ ନାଟ୍ୟ ମଣ୍ଡପ, ଲାଇବ୍ରେରି, ପାର୍କ ପ୍ରଭୃତି ରହିବ ବୋଲି ସ୍ଥିର କରାଯାଇଛି। ଆସନ୍ତା ଡିସେମ୍ବର ୯ ତାରିଖ ପୂର୍ବରୁ କାର୍ଯ୍ୟ ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ କାନ୍ତକବିଙ୍କ ଜନ୍ମସ୍ଥଳୀ ତିହିଡ଼ି ବ୍ଲକର ତଳପଡ଼ାଠାରେ ମଧ୍ୟ ତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ କେତେକ କାର୍ଯ୍ୟ ହାତକୁ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

୧୨ହଜାର ଟଙ୍କା ଜରିମାନା ଆଦାୟ

ଖୋର୍ଦ୍ଧା ଅଫିସ,୧୧।୬:

କରୋନା ପ୍ରତିହତ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ କେତେକ ବ୍ୟକ୍ତି ଏହି ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ବାଣପୁର ତହସିଲଦାର ଓ ନାଗୁଣି ଫାଣ୍ଡି ପୋଲିସ ପକ୍ଷରୁ ଗୁରୁବାର ନାଗୁଣି ବଜାର ଓ ଏହାର ଆଖପାଖ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରିଥିବା ୨୪ଜଣଙ୍କ ଠାରୁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଚଢ଼ାଉ ସମୟରେ ବିନା କାମରେ ଘରୁ ନ ବାହାରିବା ତଥା ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ପାଳନ କରିବା ପାଇଁ ଜନସାଧାରଣଙ୍କୁ ତହସିଲଦାର ନିବେଦନ କରିଥିଲେ।

ମାଛଚାଷୀଙ୍କ ସମସ୍ୟା ବୁଝିଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ

ଭୁବନେଶ୍ୱର,୧୧।୬(ବ୍ୟୁରୋ)

ଲକ୍‌ଡାଉନ କଟକଣାରୁ ମତ୍ସ୍ୟଜୀବୀଙ୍କୁ ବାଦ୍ ଦେବାପରେ ମଧ୍ୟ ଅନେକ ସମସ୍ୟା ଯୋଗୁ ସେମାନେ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । ମାଛ ଉତ୍ପାଦନ କମିବା, ମାଛ ପ୍ରକ୍ରୀୟାକରଣ, ସଂରକ୍ଷଣ ଏବଂ ବଜାରରେ ବିକ୍ରି କରିବା ପାଇଁ ଉପଯୁକ୍ତ ଭିତ୍ତିଭୂମି ନ ଥିବାରୁ ମତ୍ସ୍ୟଜୀବୀମାନେ ପ୍ରଭାବିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ମତ୍ସ୍ୟଜୀବୀମାନେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ମତ୍ସ୍ୟଚାଷକୁ ନେଇ ଆତ୍ମନିର୍ଭର ହେବାର ଯଥେଷ୍ଟ ସୁଯୋଗ ରହିଥିବାବେଳେ ସରକାରଙ୍କ ଉଦାସୀନତା ଓ ଆବଶ୍ୟକ ଭିତ୍ତିଭୂମିର ବ୍ୟବସ୍ଥା ନ ଥିବା ଯୋଗୁ ଏହା ସମ୍ଭବ ହୋଇପାରୁ ନାହିଁ। ସେହିପରି ମତ୍ସ୍ୟଚାଷର ବିକାଶ ପାଇଁ ଉତ୍ପାଦନ, ପ୍ରକ୍ରୀୟାକରଣ, ଶୀତଳ ଭଣ୍ଡାର ଏବଂ ମାର୍କେଟିଂର ଅଭାବ ରହିଛି ବୋଲି ଚାଷୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏବେ ଅନ୍‌ଲାଇନରେ ମାଛ କିପରି ଖାଉଟିଙ୍କ ପାଖରେ ପହଞ୍ଚିପାରିବ ସେନେଇ ବ୍ୟବସ୍ଥା କରିବା ପାଇଁ ମତ୍ସ୍ୟଜୀବୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ମୋଦି ସରକାର ମତ୍ସ୍ୟଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ୨୦କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି । ସାମୁଦ୍ରିକ ଓ ବିଭିନ୍ନ ଜଳ ଉତ୍ସଗୁଡିକରେ ମତ୍ସ୍ୟଚାଷର ବିକାଶ ଲାଗି ଏହାକୁ ଲାଗୁ କରାଯିବ । ଆଭ୍ୟନ୍ତରୀଣ ମତ୍ସ୍ୟଚାଷ ଓ ଜଳଚର ଶିଳ୍ପ ପାଇଁ ୧୧ ହଜାର କୋଟି ଏବଂ ମାଛମରା ହାର୍ବର, ଶୀତଳ ଭଣ୍ଡାର ଓ ବଜାର ଆଦି ଭିତ୍ତିଭୂମି ବିକଶିତ ପାଇଁ ୯ ହଜାର କୋଟି ଟଙ୍କା ବିନିଯୋଗ କରାଯିବା ଲକ୍ଷ୍ୟ ରହିଛି। ରାଜ୍ୟରେ ୪୮୦ କି.ମି. ଉପକୂଳ ଅଞ୍ଚଳ ଥିବା ଯୋଗୁ ମତ୍ସ୍ୟ ଉତ୍ପାଦନ ପାଇଁ ଯଥେଷ୍ଟ ସମ୍ଭାବନା ରହିଥିବା ଭିଡିଓ କନଫରେନ୍ସରେ ଆଲୋଚନା ହୋଇଛି।

ବାଇକ୍ ଧକ୍କାରେ ସାଇକେଲ ଚାଳକ ମୃତ

ଖୋର୍ଦ୍ଧା ଅଫିସ,୧୧।୬:

ଟାଙ୍ଗୀ ଥାନା ଅନ୍ତର୍ଗତ ଛକଡ଼ିପୁର ଗ୍ରାମ ନିକଟରେ ଗୁରୁବାର ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାନ୍ତ ମାର୍ଥା(୫୫)। ଗୁରୁତର ବାଇକ୍ ଆରୋହୀଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ମାର୍ଥା ଘରକୁ ଫେରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଲୋକେ ଉଭୟ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ମାର୍ଥାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୬୮/୨୦) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାସ୍ଥଳରୁ ବାଇକ୍ ଓ ସାଇକେଲ ଜବତ କରି ତଦନ୍ତ ଚଳାଇଛି।



ପ୍ରବାସୀଙ୍କୁ ରାଜ୍ୟକୁ ଫେରାଇ ଆଣିବାରେ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ଉଦ୍ୟମକୁ ପ୍ରଶଂସା କରି ଗୁରୁବାର ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

ଶିକ୍ଷାରେ ସଂସ୍କାର ଆଣିଥିଲେ ନନ୍ଦିନୀ

କଟକ ଅଫିସ,୧୧।୬

ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଓ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ପାଳିତ ହୋଇଛି। ମହାନଦୀବିହାରସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ବରାଳ ନିଜ ଅଭିଭାଷଣରେ କହିଥିଲେ ଯେ, ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ଶିକ୍ଷକଙ୍କୁ ପ୍ରତ୍ୟକ୍ଷ ଦରମା ପ୍ରଦାନ ବ୍ୟବସ୍ଥା କରିଥିଲେ। ସେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଓ ସଂସ୍କାର ଆଣିଥିବାରୁ ଶିକ୍ଷକ ସମାଜ ଚିର ଉପକୃତ ରହିବେ ବୋଲି ଶିକ୍ଷାବିତ ବରାଳ ମତ ରଖିଥିଲେ। ଏଥିସହିତ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ବିଦ୍ୟା ମନ୍ଦିର ପ୍ରତିଷ୍ଠାତା ଚିତ୍ତରଞ୍ଜନ ପାଢ଼ୀ, ରମେଶ ଚନ୍ଦ୍ର ଗର୍ତ୍ତୀ ଉପସ୍ଥିତ ଥିଲେ।

ଟେଲରିଂ ବିଭାଗକୁ ଅତ୍ୟାଧୁନିକ ମେଶିନ ଦାବି

କଟକ ଅଫିସ,୧୧।୬:

ଏସ୍‌ସିବି

କରୋନା ସଂକ୍ରମଣର ପ୍ରାଥମିକ ପର୍ଯ୍ୟାୟରେ ଏସ୍‌ସିବିରେ କର୍ମଚାରୀଙ୍କ ପାଇଁ ମାସ୍କର ଘୋର ଅଭାବ ଦେଖା ଦେଇଥିଲା। ସେତେବେଳେ ହସ୍ପିଟାଲର ନିଜସ୍ୱ ଟେଲରିଂ ବିଭାଗ ଏହି ଅଭାବକୁ ପୂରଣ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା। ଏହି ବିଭାଗର କର୍ମଚାରୀମାନେ ସେହି ସମୟରେ ନିଜ ଘରକୁ ମାସ୍କ ତିଆରି ସାମଗ୍ରୀ ନେଇ ଦିନରାତି ଏକ କରି ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ସଂଖ୍ୟକ ମାସ୍କ ତିଆରି କରିଥିଲେ। ସେହିପରି ଉକ୍ତ ବିଭାଗ ଦ୍ୱାରା ତିଆରି କରାଯାଉଥିବା ଓଟି ଡ୍ରେସ୍, ବେଡସିଟ, ଟାୱେଲ, କ୍ୟାପ, ରୋଗୀଙ୍କ ପାଇଁ ପୋଷାକ ଆଦି ହସ୍ପିଟାଲର ୨୫ରୁ ଅଧିକ ବିଭାଗରେ କାମରେ ଲାଗୁଛି। କିନ୍ତୁ ଏହି ବିଭାଗର ମୁଖ୍ୟ ସମସ୍ୟା ହେଲା ଉପକରଣ। ଏବେ ବି ଏଠାରେ କୋଉ ମାନ୍ଧତା କାଳର ଭଙ୍ଗା ସିଲାଇ ମେଶିନ ବ୍ୟବହାର କରାଯାଉଥିବାରୁ ବିଭାଗର ଉତ୍ପାଦନ କ୍ଷମତା ଆଖିଦୃଶିଆ ହୋଇପାରୁ ନାହିଁ। ତେଣୁ ହସ୍ପିଟାଲ ପାଇଁ ଅଧିକ ସଂଖ୍ୟାରେ ପୋଷାକ ଆବଶ୍ୟକ ପଡ଼ିଲେ ବାହାର ଯୋଗାଣ ସଂସ୍ଥା ଉପରେ ନିର୍ଭର କରିବାକୁ ପଡୁଛି। ଆହୁରି ମଧ୍ୟ ପ୍ରେସ ମେଶିନ, କଟିଙ୍ଗ ଟେବୁଲ ଓ ଅନ୍ୟ ମୌଳିକ ଆନୁଷଙ୍ଗିକ ଉପକରଣ ନ ଥିବାରୁ କର୍ମଚାରୀମାନେ ସମସ୍ୟା ଘେରରେ ରହି କାମ କରୁଛନ୍ତି। ଏହି ବିଭାଗର ଉପକାରିତା କରୋନା ସଂକ୍ରମଣର ପ୍ରାଥମିକ ପର୍ଯ୍ୟାୟରେ କର୍ମଚାରୀମାନେ ଅନୁଭବ କରିପାରିଛନ୍ତି। ଏବେ ଏହି ଟେଲରିଂ ବିଭାଗକୁ ଆହୁରି ସକ୍ରିୟ କରିବା ପାଇଁ ହେଲେ ନୂଆ ଆଧୁନିକ ସିଲାଇ ଉପକରଣ ଆବଶ୍ୟକ । ଏହି ସମସ୍ୟା ବାବଦରେ ଏସ୍‌ସିବି ଅଧୀକ୍ଷକ କହିଛନ୍ତି ଯେ, ଲକ୍‌ଡାଉନ ସରିବା ପରେ ଖୁବ୍ ଶୀଘ୍ର ଉପକରଣ କିଣାଯିବ।

ଜୀବିକା ଉପାର୍ଜନ, କର୍ମନିଯୁକ୍ତି ନେଇ ସମୀକ୍ଷା

ପୁରୀ ଅଫିସ,୧୧।୬:

କରୋନା ଅନେକଙ୍କ ଜୀବିକାର ଉତ୍ସକୁ ଉଜାଡ଼ି ଦେଇଛି। ବହୁ ପ୍ରବାସୀ ଆଉ ବାହାର ରାଜ୍ୟକୁ ଯିବାକୁ ଚାହୁଁନାହାନ୍ତି। ସେମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିଲାଗି ଯୋଜନା ପ୍ରସ୍ତୁତ କରୁଛନ୍ତି ରାଜ୍ୟ ସରକାର। ବିଶେଷକରି ଜୀବିକା ଉପାର୍ଜନ ଓ କର୍ମନିଯୁକ୍ତି ଲାଗି ଜିଲାସ୍ତରୀୟ ଯୋଜନା ପ୍ରସ୍ତୁତି ନିମନ୍ତେ ଗୁରୁବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ପୁରୀ ସର୍କିଟ ହାଉସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂଙ୍କ ସମେତ କୃଷି, ଯୋଗାଣ, ପ୍ରାଣୀଧନ ବିଭାଗ, ଉଦ୍ୟାନ ଓ ଗ୍ରାମ୍ୟ ଉନ୍ନୟନ ପ୍ରଭୃତି ବିଭାଗୀୟ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ଏଥିରେ ପ୍ରବାସୀ ଶ୍ରମିକକଙ୍କ ସ୍କିଲ ମ୍ୟାପିଂ, ସେହି ଅନୁଯାୟୀ ତାଲିମ ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଲଜିଏସ୍‌ରେ ମୋ ପୋଖରୀ ଏବଂ ପୌଷ୍ଟିକ ଉଦ୍ୟାନ, ଚାଷୀଙ୍କୁ ପୁରୀ-ନିମାପଡ଼ା ବ୍ୟାଙ୍କ ଜରିଆରେ ୨୨୦ କୋଟି ଟଙ୍କା ଋଣ ଯୋଗାଇବା ଏବଂ ଶସ୍ୟବୀମାକୁ ବ୍ୟବସ୍ଥିତ କରିବା ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା। ଉପାଧ୍ୟକ୍ଷ ଦାସବର୍ମା ଅଧିକାରୀମାନଙ୍କୁ ସବୁ ଯୋଜନାରେ ନୂଆ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିହନ ଉତ୍ପାଦନ, ବ୍ୟକ୍ତିଗତ ଫାର୍ମ, ଚିନାବାଦାମ, ସୂର୍ଯ୍ୟମୁଖୀ, ଉଦ୍ୟାନ କୃଷି, ଉନ୍ନତ ମାନର ଫଳନ୍ତି ଗଛ ଛାରା, ପାନ ଚାଷ, ଛତୁ ଚାଷ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୂଆ ମାଛ ପୋଖରୀ ସୃଷ୍ଟି ଓ ଗାଁ ପୋଖରୀରେ ମାଛ ଚାଷ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ କରାଯିବ। ପଲିଥିନ ଝାନ କୌଶଳ ମାଧ୍ୟମରେ ମାଛଚାଷ, ଲୁଣା ମାଛ ଓ ଚିଙ୍ଗୁଡ଼ି ଚାଷ ପାଇଁ ନୂଆ ପୋଖରୀ ଖୋଳିବା ନିମନ୍ତେ ସବ୍‌ସିଡି ପ୍ରଦାନ କରାଯାଇ ଚାଷୀଙ୍କୁ ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ୱଚ୍ଛଳ କରାଯିବ। ରାଷ୍ଟ୍ର

ସିଡ଼ିରୁ ପଡ଼ି ଠିକା କର୍ମଚାରୀଙ୍କ ମୃତ୍ୟୁ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ତୈଳ ବିଶୋଧନାଗାର ପରିସରରେ ଥିବା ଏକ ଠିକା କମ୍ପାନୀର ଜଣେ କର୍ମଚାରୀଙ୍କ ଗୁରୁବାର ସିଡ଼ିରୁ ପଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ମଙ୍ଗଳପୁର ଗ୍ରାମର ତୁଷାର କାନ୍ତ ଦାସ। ସେ ସମ୍ପୃକ୍ତ କମ୍ପାନୀର ବିଦ୍ୟୁତ୍ ବିଭାଗରେ କାମ କରୁଥିଲେ। ଗୁରୁବାର କମ୍ପାନୀର ଜଣେ ଅଫିସର ତାଙ୍କୁ ଏସି ସଜାଡିବା ପାଇଁ ବାଧ କରିବାରୁ ସେ ଲୁହା ସିଡିରେ ଚଢ଼ି କାମ କରୁଥିଲେ। ତେବେ କୌଣସି କାରଣ ବଶତଃ ସେ ଖସିପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

ସଂକ୍ଷେପରେ

୨ ବାଇକ୍ ମୁହାଁମୁହିଁ: ଜଣେ ମୃତ

ଧର୍ମଶାଳା, ୧୧।୬ (ଡି.ଏନ୍.ଏ.): ଧର୍ମଶାଳା ଥାନା ନାକପୋଲ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଦୁଇ ବାଇକ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ପୁରୁଣା ବଉଳମାଳ ପଞ୍ଚାୟତ ସୁକୁଟିଝର ଗ୍ରାମର ଅନିରୁଦ୍ଧ ବେହେରା(୪୦)। ଅନିରୁଦ୍ଧ ବାଇକ୍ ଯୋଗେ ଜାରକା ବଜାରରୁ ଘରକୁ ଫେରୁଥିବା ବେଳେ ନାକପୋଲଠାରେ ବିପରୀତ ଦିଗରୁ ଆସୁଥିବା ଏକ ବୁଲେଟ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅନିରୁଦ୍ଧଙ୍କର ମୃତ୍ୟୁ ଘଟିଥିଲା। ତେବେ ଧକ୍କା ଦେଇଥିବା ବୁଲେଟ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ତଦନ୍ତ ଚଳାଇଛି।

କଂଗ୍ରେସର ବିକ୍ଷୋଭ

ନୟାଗଡ଼ ଅଫିସ,୧୧।୬: ମହାମାରୀ କରୋନା ସମୟରେ ରାଜ୍ୟ ସରକାର ମାସ୍କ ଓ କୋଭିଡ୍ ୧୯ ମେଡିକାଲ ସାମଗ୍ରୀ କ୍ରୟରେ କୋଟି କୋଟି ଟଙ୍କା ହେରଫେର ନେଇ ନୟାଗଡ ଜିଲା କଂଗ୍ରେସ କମିଟି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏ ଅବସରରେ କଂଗ୍ରେସର ପୂର୍ବତନ ଜିଲା ସଭାପତି ରଣଜିତ୍ ଦାଶ, କଂଗ୍ରେସ ନେତା ମନୋଜ ସାହୁ, ହୁସେନ ଖାଁଙ୍କ ନେତୃତ୍ୱରେ କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

ଶ୍ରୀଜୀଉଙ୍କ ଅଙ୍ଗରେ ଫୁଲୁରି ତେଲ ଲାଗି

ବିରିଡ଼ି/ବାଲିଆ,୧୧।୬(ଡି.ଏନ.ଏ.): ବିରିଡ଼ି ବ୍ଲକ ଅଧୀନ ହାଜିପୁରସ୍ଥିତ ଧାନକୁଦ ପୀଠ ଶ୍ରୀଜୀଉଙ୍କ ଅଙ୍ଗରେ ଫୁଲୁରି ତେଲ ଲାଗିହୋଇଛି। ଜ୍ୱରରେ ପୀଡ଼ିତ ହୋଇ ଶ୍ରୀଜୀଉମାନେ ଅଣସର ପିଣ୍ଡିରେ ବିଶ୍ରାମ ନେଉଛନ୍ତି। ଏଥିରୁ ଲାଘବ ପାଇଁ ଫୁଲିରେ ତେଲ ମାଲିସ କରାଯାଇଛି। ଏହାପରେ ମହାପ୍ରଭୁଙ୍କ ଜ୍ୱର ଲାଘବ ହେବା ବିଶ୍ୱାସ ରହିଛି। ବିଶ୍ୱାବସୁ ବିଭୂଦତ ସାହୁଙ୍କ ନେତୃତ୍ୱରେ ଅଳ୍ପ କେତେଜଣ ଦଇତାପତି ସେବକ ଏହି କାର୍ଯ୍ୟ ସମ୍ପାଦନା କରିଥିଲେ। ପରମ୍ପରା ଅନୁଯାଇ ଘଣାପେଡ଼ା ରାଶି ତେଲରେ ଧାନ, ସୁବାସିତ ଚାଉଳ, ମେଥି, ବେଣାଚେର ଓ ମଲି, ଚମ୍ପା, କିଆ ଫୁଲ, ବଉଳ ଫୁଲ, କସ୍ତୁରୀ, କର୍ପୁର, ଚୁଆ ଏବଂ କେଶର ପକାଯାଇ ଥାଏ। ପରେ ଏହି ତେଲକୁ ଦଇତାପତିମାନେ ଶ୍ରୀଜୀଉଙ୍କ ଅଙ୍ଗରେ ମାଲିସ କରିଥାନ୍ତି।

କିଡ୍‌ନୀ ଆକ୍ରାନ୍ତଙ୍କୁ ସହାୟତା

କୁଜଙ୍ଗ,୧୧।୬(ଡି.ଏନ.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ଜଣେ କିଡ୍‌ନୀ ଆକ୍ରାନ୍ତଙ୍କୁ ସହାୟତା ପ୍ରଦାନ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ଯୁବକ ସୁଶୀଲ କୁମାର ସାମନ୍ତରାୟ। ସୁଶୀଲଙ୍କ ପରିବାର ଅତ୍ୟନ୍ତ ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କ ଚିକିତ୍ସା ଠିକ୍‌ରେ ହୋଇ ପାରୁନାହିଁ। ଉକ୍ତ ଖବର ବାବା ପରିଷଦ ଦୃଷ୍ଟିକୁ ଆସିବାରୁ ତତ୍‌କ୍ଷଣାତ୍ ପରିଷଦ ସଭାପତି ଅଶୋକ ମାଝୀ, ସମ୍ପାଦକ ଦିଲୀପ ପଲେଇ, ସଭ୍ୟ ତୁଷାର ସାମଲ ଓ ବନ୍ଦନା ମିଶ୍ର ପ୍ରମୁଖ ତାଙ୍କୁ ଭେଟି ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସୁଶୀଲଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ପାଇପ୍‌ଲାଇନ ପାଇଁ ଖୋଳାଯାଇଛି ରାସ୍ତା

ଖଣ୍ଡପଡ଼ା,୧୧।୬(ସ୍ୱ.ପ୍ର.): ଖଣ୍ଡପଡା-ଭାପୁର ମୁଖ୍ୟ ରାସ୍ତାର ବାହାଡା ଛକ ନିକଟରେ ପାଇପ୍‌ଲାଇନ କାର୍ଯ୍ୟ ପାଇଁ ରାସ୍ତାକୁ ଖୋଳାଯାଇଥିବାରୁ ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ସାଙ୍ଗକୁ ଠିକାଦାରଙ୍କ ଅବହେଳା ଯୋଗୁ କାମ ଅଧାପନ୍ତରିଆ ହୋଇ ପଡିରହିଛି। ରାସ୍ତା ଖାଲ ହୋଇଥିବାରୁ ଲୋକେ ପଡି ଆହତ ହେଉଛନ୍ତି। ତୁରନ୍ତ ଏହି କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହେଉଛି।

ନାବାଳକ ଉପରେ ପରିବାର ବୋଝ

ନୟାଗଡ଼ ଅଫିସ/ଗଣିଆ,୧୧।୬(ଡି.ଏନ୍.ଏ.)

ଅକାଳରେ ବାପାଙ୍କ ମୃତ୍ୟୁ ପରେ ନାବାଳକ ପୁଅ ଉପରେ ପଡିଛି ପରିବାର ବୋଝ। ଶେଷରେ ପାଠପଢା ଛାଡି କୌଳିକ ବୃତ୍ତି ଆପଣେଇବାକୁ ନିଷ୍ପତ୍ତି ନେଇଛନ୍ତି ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଛାମୁଣ୍ଡିଆ ଗ୍ରାମର କାହ୍ନା ବାରିକ। ପରିବାର କହିଲେ ମା', ଜେଜେମା ଓ ୨ ବଡ ଭଉଣୀ। ଜମିବାଡି ନ ଥିବା ବେଳେ ବାପା, ଜେଜେବାପା ଛାମୁଣ୍ଡିଆ ଅଞ୍ଚଳରେ ବୁଲି ବୁଲି ଭଣ୍ଡାରି ସେବା କରୁଥିଲେ। ଛାମୁଣ୍ଡିଆରେ ସେମାନଙ୍କର ଏକ ସେଲୁନ୍ ମଧ୍ୟ ରହିଛି। ଏଥିରୁ ଯାହା ରୋଜଗାର ହୁଏ ପରିବାର ଚଳିଯାଏ। ଏପରିସ୍ଥଳେ ୭ ମାସ ତଳେ ଜେଜେବାପା ଗୟାଧରଙ୍କ ମୃତ୍ୟୁ ହୋଇଥିବାବେଳେ ମାସେ ତଳେ ବାପା ତ୍ରିନାଥଙ୍କର ଅକାଳ ମୃତ୍ୟୁ ପରିବାର ପାଇଁ ଦୁଃଖ ଆଣିଥିଲା।

ସେଲୁନରେ କାହ୍ନା।

ପ୍ରାୟ ବର୍ଷେ ଧରି ତ୍ରିନାଥଙ୍କ ଗୋଡରେ କ୍ଷତ ଯୋଗୁ ସେ ଚଳାବୁଲା କରିପାରିଲେ ନାହିଁ। ଚିକିତ୍ସା ପାଇଁ କାହ୍ନା ଓ ମା' ମାନସୀ ଧାରକରଜ କରି ବହୁ ଅର୍ଥ ଖର୍ଚ୍ଚ କରିଥିଲେ ମଧ୍ୟ ଶେଷରେ ତ୍ରିନାଥ ଆରପାରିକୁ ଚାଲିଗଲେ। ଧାର କରିଥିବା ଅର୍ଥ ପୁଣି ପରିଶୋଧ କରିବାକୁ ପଡିବ। ବାପାଙ୍କ ମୃତ୍ୟୁ ସାଙ୍ଗକୁ ଲକ୍‌ଡାଉନ ପରିବାର ଦୁଃଖକୁ ଦ୍ୱିଗୁଣିତ କରିଦେଲା। କୌଳିକ ବୃତ୍ତି ଆପଣେଇବାକୁ ନିଷ୍ପତ୍ତି ନେଇ କାହ୍ନା ଛାମୁଣ୍ଡିଆ ବଜାରରେ ଥିବା ବାପାଙ୍କ ସେଲୁନ ଖୋଲିଛନ୍ତି। ହେଲେ ସେଥିରେ ଆଗଭଳି ବେପାର ହେଉନାହିଁ। କାହ୍ନା କୁହନ୍ତି, ପରିବାରର ଆମେ ୫ଜଣ ସଦସ୍ୟଙ୍କୁ ଚଳିବାକୁ ପଡିବ। ପୁଣି ମୁଣ୍ଡ ଉପରେ ୨ ଭଉଣୀଙ୍କ ବିବାହର ବୋଝ। କରୋନା କଟକଣା ଯୋଗୁ ସେଲୁନ୍‌କୁ ଗ୍ରାହକ ଆସୁ ନ ଥିବାରୁ ରୋଜଗାର କମି ଯାଇଛି। ରାଶନ କାର୍ଡରେ କେବଳ ଚାଉଳକୁ ଛାଡିଦେଲେ ଅନ୍ୟ ସୁବିଧା ମିଳୁନି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଓ ପାଇଖାନା ପାଇବା ପାଇଁ ବାପାଙ୍କ ଉଦ୍ୟମ ସତ୍ତ୍ୱେ ସୁଫଳ ମିଳିନାହିଁ। ଅନ୍ୟପକ୍ଷେ ପାଠପଢ଼ା ବନ୍ଦ କରିବାକୁ ନିଷ୍ପତ୍ତି ନେଇସାରିଛି। ପରିବାର ପକ୍ଷରୁ ପାଠ ପଢ଼ିବାକୁ ଚାପ ପଡୁଛି। କିନ୍ତୁ ଘରର ପରିସ୍ଥିତିକୁ ଦେଖିଲେ ଇଚ୍ଛା ନ ଥିଲେ ମଧ୍ୟ ପାଠ ଛାଡିବାକୁ କଷ୍ଟ ଲାଗୁଛି। ଲକ୍‌ଡାଉନ ଯୋଗୁ ସ୍କୁଲ ବନ୍ଦ ରହିଛି। ସ୍କୁଲ ଖୋଲିଲେ ପରବର୍ତ୍ତୀ ପଦକ୍ଷେପ ନେବି ବୋଲି କ୍ଷୋଭର ସହ କହିଛନ୍ତି।

୧୮ ରିଟେଲରଙ୍କ ବିରୋଧର କାର୍ଯ୍ୟାନୁଷ୍ଠାନ

ଯାଜପୁର ଟାଉନ, ୧୧।୬ (ଡି.ଏନ୍.ଏ.)

ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା

- ୮ ରିଟେଲର ନିଲମ୍ବିତ, ୧୦ ଜଣଙ୍କ କୋଟା ସ୍ଥଗିତ

ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ୧୮ଜଣ ରିଟେଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ୧୦ ଜଣଙ୍କର କୋଟାକୁ ସ୍ଥଗିତ ରଖାଯାଇଛି। ବଡଚଣା ବ୍ଲକର ସାଲପଡା ପଞ୍ଚାୟତ ସାଲପଡା ରିଟେଲର, ବରୀ ବ୍ଲକ ଧାରପୁର ପଞ୍ଚାୟତର ନାଥପୁର ରିଟେଲର, ଦାନଗଦୀ ବ୍ଲକ ଉଚ୍ଚବାଲି ପଞ୍ଚାୟତର ଉଚ୍ଚବାଲି ରିଟେଲର, ଧର୍ମଶାଳା ବ୍ଲକ ଆରୁହା ପଞ୍ଚାୟତର କୋହ୍ଲ ରିଟେଲର, ଯାଜପୁର ବ୍ଲକ ସୁଜନପୁର ପଞ୍ଚାୟତର ସାନସୁଜନପୁର ରିଟେଲର, କୋରେଇ ବ୍ଲକ୍ ଜହ୍ନା ପଞ୍ଚାୟତର ଛୋଟରାପୁର ରିଟେଲର, ଗୌରପୁର ପଞ୍ଚାୟତର ମଙ୍ଗଳପୁର ରିଟେଲର ଏବଂ ସୁକିନ୍ଦା ବ୍ଲକର ଦୁଧୁଝରି ପଞ୍ଚାୟତର ଦାମୋଦରପୁର ରିଟେଲରଙ୍କୁ ନିଲମ୍ବିତ କରାଯାଇଛି। ସେହିପରି ଯାଜପୁର ବ୍ଲକ ଅରଖପୁର, ବରୀ ବ୍ଲକର ବିଲିବିଲ, ଯାଜପୁର ବ୍ଲକର ଛତିଶଦେବିଲ, ଖଇରାବାଦ, ପଣସା, ଛତିଶଦେବିଲର ରଷିପୁର, ସିମିଳିଆ, ଝାଲପଡା, କୋରେଇ ବ୍ଲକର ଅନ୍ଦାରୀ ପଞ୍ଚାୟତର ରଗଡ଼ି ଓ କିଆପଡ଼ା ରିଟେଲରଙ୍କର କୋଟା ସ୍ଥଗିତ ରଖାଯିବ ବୋଲି ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହେବା ପରେ ଜିଲାପାଳ ରଞ୍ଜନ କୁମାର ଦାସ ଉପ ଜିଲାପାଳଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ରିଟେଲରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

ଋଣ କିସ୍ତି ଦେବାକୁ ବାଧ କରୁଛନ୍ତି ଅର୍ଥଲଗାଣକାରୀ ସଂସ୍ଥା

ଋଣ ନେଇଥିବା ମହିଳାମାନେ।

ରଘୁନାଥପୁର,୧୧।୬(ଡି.ଏନ.ଏ.)

ଋଣ କିସ୍ତି ପୈଠ ପାଇଁ ଗ୍ରାମାଞ୍ଚଳ ମହିଳାଙ୍କୁ ବାଧ କରୁଛନ୍ତି ଘରୋଇ ଅର୍ଥଲଗାଣକାରୀ ସଂସ୍ଥା। ଏ ସମ୍ପର୍କରେ ରଘୁନାଥପୁର ବ୍ଲକ ଅଧୀନ ତାରପୁର ପଞ୍ଚାୟତ ହରିସପୁର ଗ୍ରାମର ଋଣ ନେଇଥିବା ମହିଳାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ୪ଟି ସଂସ୍ଥା ପକ୍ଷରୁ ଅଗ୍ରିମ ଋଣ ନେଇ ବିଭିନ୍ନ କାର୍ଯ୍ୟରେ ଲଗାଇ ମହିଳାମାନେ ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି ଏବଂ ସାପ୍ତାହିକ, ପନ୍ଦର ଦିନିଆ ଓ ମାସିକିଆ କିସ୍ତିରେ ଋଣ ପରିଶୋଧ କରିଥାନ୍ତି। ତେବେ ସମ୍ପ୍ରତି କରୋନା ଭୂତାଣକୁ ନେଇ ଲକ୍‌ଡାଉନ୍ ଚାଲିଥିବାରୁ ମହିଳାମାନେ ଅସୁବିଧାରେ ଅଛନ୍ତି। ଏହାଛଡା ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅଗଷ୍ଟ ପର୍ଯ୍ୟନ୍ତ ଋଣ କିସ୍ତି ପୈଠପାଇଁ କାହାକୁ ବାଧ ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ପରିବାର ଚଳାଇବାକୁ ଅସୁବିଧା ହେଉଥିବାବେଳେ ଅର୍ଥଲଗଣକାରୀ ସଂସ୍ଥା ପକ୍ଷରୁ ଜେନତେନ ପ୍ରକାରେ କିସ୍ତି ଦେବା ପାଇଁ ବାଧ କରାଯାଉଥିବା ନେଇ ଲକ୍ଷ୍ମୀପ୍ରିୟା ମଲ୍ଲିକ, ଗୀତାରାଣୀ ମଲ୍ଲିକ ଓ ସବିତା ବାରିକ ଅଭିଯୋଗ କରିଛନ୍ତି। ଏପରିକି କିସ୍ତି ନ ଦେଲେ ସେମାନଙ୍କ ନାମରେ ଥାନାରେ ଏତଲା ଦେବା ପାଇଁ ଧମକ ଦିଆଯାଉଥିବା ପ୍ରକାଶ କରିଛନ୍ତି। ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ କଲେ ମଧ୍ୟ ସଂସ୍ଥାର ଲୋକେ ବନ୍ଧାଛନ୍ଦା ପକେଇ କିସ୍ତି ଶୁଝିବା ପାଇଁ ଜୋର କରୁଥିବା ଅର୍ଚନା ମଲ୍ଲିକ ଓ ଝରଣା ମଲ୍ଲିକ କହିଛନ୍ତି। ଋଣ ପରିଶୋଧ କରିବା ସୁନିଶ୍ଚିତ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ସମ୍ଭବ ନୁହେଁ। ତେଣୁ ଜିଲାପାଳ ଓ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ମନୋରମା ବେହେରା, ଲିଲି ବେହେରା, ଅମ୍ବିକା ଦାସ ଓ ପଞ୍ଚେଇ ଦାସ ପ୍ରମୁଖ ନିବେଦନ କରିଛନ୍ତି।

ପାଣି ଟାଙ୍କିରେ ଗୋଡ଼ ଖସି ଶ୍ରମିକ ମୃତ

ମାର୍ଶାଘାଇ,୧୧।୬(ଡି.ଏନ୍.ଏ.)

ମାର୍ଶାଘାଇ ଥାନା ଅନ୍ତର୍ଗତ କଳାଗଡ଼ ଗ୍ରାମରେ ନିର୍ମାଣାଧୀନ ଏକ ପାଣି ଟାଙ୍କିରେ ପଡ଼ି ଗୁରୁବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅନ୍ତର୍ଗତ ବୃନ୍ଦେଇପଶୀ ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ପୁତ୍ର ଦୀପକ(୨୪)। କଳାଗଡ଼ାଠାରେ ପାନୀୟ ଜଳ ପ୍ରକଳ୍ପ ତିଆରି କରୁଥିବା ଏକ କମ୍ପାନୀ ଅଧୀନରେ ସେ କାମ କରୁଥିଲେ। ଏହି ସମୟରେ ଟାଙ୍କିରେ ଗୋଡ଼ ଖସିଯିବାରୁ ସେ ପଡ଼ିଯାଇ ଚେତାଶୂନ୍ୟ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମାର୍ଶାଘାଇ ଥାନାରେ ମାମଲା (ନଂ ୧୨/୨୦) ରୁଜୁ ହୋଇଛି।

ନଳକୂପରୁ ବାହାରୁଛି କଳାପାଣି

ବାଲିଆ,୧୧।୬

କଣ୍ଟୁଆର ଗ୍ରାମରେ ଥିବା ନଳକୂପ।

ବିରିଡ଼ି ବ୍ଲକ

- ମରାମତି ବ୍ୟବସ୍ଥା ହେଉନି

ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ ଥିଲେ ମଧ୍ୟ ବିରିଡି ବ୍ଲକରେ ଏହାର ବ୍ୟତୀକ୍ରମ ଦେଖାଯାଇଛି। ଯାହା ବ୍ଲକ ଅଧୀନ ଅରଣା ଗ୍ରାମ ପଞ୍ଚାୟତ ୧୫ନଂ ୱାର୍ଡର କଣ୍ଟୁଆର ଗ୍ରାମରେ ଦେଖିବାକୁ ମିଳିଛି। ଏଠାରେ ଥିବା ଇଣ୍ଡିଆନ ମାର୍କ ନଳକୂପରୁ କଳା ପାଣି ବାହାରୁଛି। ଯାହାକି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ତେବେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଉକ୍ତ ନଳକୂପ ମରାମତି ନ ହେବାରୁ ଶେଷରେ ଗ୍ରାମବାସୀ ବିରିଡି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସେ ତାହାକୁ ରଖିବା ପରିବର୍ତ୍ତେ ଏଠି କିଛି ବୁଝାଯିବ ନାହିଁ, ପଞ୍ଚାୟତରେ କୁହ ଏମିତି ଅନେକ କଥା କହି ଦରଖାସ୍ତଟିକୁ ଫେରାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ଉକ୍ତ ଯନ୍ତ୍ରୀ ସେମାନଙ୍କ ଆପତ୍ତି ଅଭିଯୋଗକୁ ଗ୍ରହଣ ନ କରିବା କେତେ ଦୂର ଠିକ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହି ଘଟଣାର ତଦନ୍ତ ସହ ତୁରନ୍ତ ନଳକୂପ ମରାମତି କରିବା ପାଇଁ ଗ୍ରାମର ବାବାଜୀ ବସ୍ତିଆ, ଅମୂଲ୍ୟ ବିଶ୍ୱାଳ, ଶରତ ଚନ୍ଦ୍ର ବରାଳ, ବିଜୟ ନାୟକ, ସମୀର କୁମାର ପ୍ରଧାନ, ଧନେଶ୍ୱର ସାହୁ ପ୍ରମୁଖ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ଯନ୍ତ୍ରୀ ସେଠୀ କହିଛନ୍ତି, ନଳକୂପ ମରାମତି ପାଇଁ ଆମ ପାଖରେ କୌଣସି ଉପକରଣ ନାହିଁ। କେବଳ ପଞ୍ଚାୟତର ସରପଞ୍ଚ ଜଣାଇଲେ ଆମେ ମେକାନିକ ପଠାଇ କାମ କରୁଛୁ। ତେଣୁ ସେମାନେ ପଞ୍ଚାୟତରେ ଜଣାନ୍ତୁ। ପଞ୍ଚାୟତ କର୍ତ୍ତୃପକ୍ଷ ଯାହାକରିବେ। ମୋ ହାତରେ କିଛି ନାହିଁ।

ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଜଗତ୍‌ସିଂହପୁର ଅଫିସ,୧୧।୬

କରୋନା ମହାମାରୀ ସମୟରେ ରାଜ୍ୟ ସରକାରଙ୍କ ଔଷଧ ନିଗମ ପକ୍ଷରୁ ମାସ୍କ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ କିଣାରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ କଂଗ୍ରେସ ଇସ୍ୟୁ କରିଛି। ତେଣୁ ଗୁରୁବାର ଜିଲା କଂଗ୍ରେସ କମିଟିପକ୍ଷରୁ ସଭାପତି ନଟବର ବାରିକ, ବାଲିକୁଦା-ଏରସମା କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବିପ୍ଳବ ଚୌଧୁରୀ, ପ୍ରଶାନ୍ତ କୁମାର ମଲ୍ଲିକ, ଦେବୀପ୍ରସାଦ ମଲ୍ଲିକ ପ୍ରମୁଖ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ଅଛି କରୋନାର ଦ୍ରୁତ ସଂକ୍ରମଣ ଓଡ଼ିଶାବାସୀଙ୍କୁ ସଙ୍କଟ ଭିତରକୁ ଠେଲି ଦେଇଛି। ଏଭଳି ଦୁର୍ଦ୍ଦିନରେ ରାଜ୍ୟ ସରକାରଙ୍କ ଔଷଧ ନିଗମର ମହାଦୁର୍ନୀତି ରାଜ୍ୟବାସୀଙ୍କ ସହ ବିଶ୍ୱାସଘାତକତା କରିଛି। ଏଥିରେ ରାଜ୍ୟର ଉଚ୍ଚ ଅଧିକାରୀ, ମନ୍ତ୍ରୀ ଆଦି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

ଖଣ୍ଡପଡ଼ାଠାରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ନେଇ ଦାବିପତ୍ର

ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖଣ୍ଡପଡ଼ା,୧୧।୬(ସ୍ୱ.ପ୍ର.)

ଖଣ୍ଡପଡ଼ାଠାରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ନେଇ ୨ ବ୍ଲକର ଲୋକପ୍ରତିନିଧି ବୁଧବାର ନୟାଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦ ତାରିଖ ମଧ୍

ସଂକ୍ଷେପରେ

୫ ଗାଁ ୭୨ ଘଣ୍ଟା ପାଇଁ ଶଟ୍‌ଡାଉନ

ପାଟଣା,୧୧।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଣି ଘାଟି, ଏରଣ୍ଡେଇ ଓ ସରସକୋଲା ପଞ୍ଚାୟତର ଜଣେ ଲେଖାଏ କରୋନା ପଜିଟିଭ ବାହାରିଥିବାରୁ ଗୁରୁବାର ଜିଲା ପ୍ରଶାସନ ତରଫରୁ ଟୁଇଟର ଯୋଗେ ସୂଚନା ଦିଆଯାଇଛି। ଏଥିସହ ପାଟଣା ବ୍ଲକରେ ସଂକ୍ରମିତଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ଏହାପରେ ସଂକ୍ରମଣକୁ ରୋକିବା ପାଇଁ ପଲାଣ ଘାଟି ପଞ୍ଚାୟତର ସରପଞ୍ଚ ନେତ୍ରମଣି ନାଏକ କୁମୁଳା ବାହାଳୀ, ଗୋଧିରାମ ପଡା, ଜାମୁଲେଇ ବେଡା, ପଲାଣଘାଟି ଓ ଷଡଙ୍ଗ ବାହାଳୀ ଆଦି ୫ ଗାଁକୁ ୭୨ ଘଣ୍ଟା ପାଇଁ ସଟ୍‌ଡାଉନ ଘୋଷଣା କରିଛନ୍ତି। ସଂକ୍ରମିତ ବ୍ୟକ୍ତି ମାନେ ହାଟ, ବଜାର ଆଦି ବୁଲିଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ସରପଞ୍ଚ ଏହି ନିଷ୍ପତ୍ତି ନେଇଛନ୍ତି।

ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

କେନ୍ଦୁଝର,୧୧।୬(ସ୍ୱ.ପ୍ର): ଗୋଡ଼ ଖସିଯିବାରୁ ଗଭୀର ପୋଖରୀ ପାଣିରେ ବୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଠାକୁରଡ଼ିହି ଗ୍ରାମର ଗହମି ମୁଣ୍ଡା(୩୫)। ବୁଧବାର ଗହମି ପୋଖରୀକୁ ଦିନ ୧ଟା ବେଳେ ଗାଧେଇବାକୁ ଯାଇଥିଲେ। ପୋଖରୀରେ ଥିବା ଚିକ୍କଣ ପଥର ଶିଉଳିରେ ଗୋଡ଼ ଖସି ଗଭୀର ପାଣିକୁ ଚାଲିଯାଇଥିଲେ। ଦୀର୍ଘ ସମୟ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପୋଖରୀ ନିକଟକୁ ଯାଇଦେଖିଲା ବେଳକୁ ପାଣିରେ ଗହମିଙ୍କ ମୃତଦେହ ଭାସୁଥିଲା। ପାଣିରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଗୁରୁବାର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ଆଉ ୧୭ କରୋନା ଆକ୍ରାନ୍ତ ଚିହ୍ନଟ

ବାରିପଦା ଅଫିସ/ବାଙ୍ଗିରିପୋଷି/ଚିତ୍ରଡ଼ା/କେନ୍ଦୁଝର/ପାଟଣା, ୧୧।୬(ସ୍ୱ.ପ୍ର./ଡି.ଏନ୍.ଏ): ଉତ୍ତର ଓଡ଼ିଶାରେ ଗୁରୁବାର ଆଉ ୧୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ମୟୂରଭଞ୍ଜର ୯ ଓ କେନ୍ଦୁଝର ଜିଲାର ୮ ଜଣ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୟୂରଭଞ୍ଜ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୨ରେ ପହଞ୍ଚିଥିବା ବେଳେ କେନ୍ଦୁଝରରେ ୫୪କୁ ବୃଦ୍ଧି ପାଇଛି। ମୟୂରଭଞ୍ଜ ଜିଲାର ଗୋପବନ୍ଧୁନଗର, ବାଙ୍ଗିରିପୋଷି, ଉଦଳା, ବେତନଟୀ ଓ ମୋରଡ଼ା ବ୍ଲକରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୪ ଜଣ ଶୁଳିଆପଦା ବ୍ଲକ ଅଞ୍ଚଳର। ୮ ଜଣ ବାହାର ରାଜ୍ୟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ସଂକ୍ରମିତ ହୋଇଛନ୍ତି। ବାଙ୍ଗିରିପୋଷି ବ୍ଲକର ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲାରେ ଚିହ୍ନଟ ହୋଇଥିବା ୯୨ ଆକ୍ରାନ୍ତଙ୍କ ମଧ୍ୟରୁ ୨୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି କେନ୍ଦୁଝର ଜିଲା ପାଟଣା ବ୍ଲକରୁ ୩, ଘଟଗାଁରୁ ୪ ଓ ସଦର ବ୍ଲକ ଅଞ୍ଚଳରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୩ ଜଣ ତାମିଲନାଡୁରୁ ଫେରିଥିବା ବେଳେ ୨ଜଣ କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଗୁଜରାଟରୁ ଜଣେ ଲେଖାଏଁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିଲେ।

ବଢୁଛି ବାଲି ମାଫିଆଙ୍କ ଦୌରାତ୍ମ୍ୟ

ସଜନାଗଡ, ୧୧।୬(ଡି.ଏନ.ଏ.)

- ବାରମ୍ବାର ଚଢ଼ାଉ ସତ୍ତ୍ୱେ ସୁଫଳ ମିଳୁନି
- ପ୍ରଶାସନକୁ ଚ୍ୟାଲେଞ୍ଜ କରି ଛଡାଇ ନେଉଛନ୍ତି ଜବତ ଗାଡି
- ୧୦ ଗାଡି କର୍ମଚାରୀ, ୩୦ ଗ୍ରାମବାସୀଙ୍କ ନାମରେ ମାମଲା

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ କାଠପାଳ ଅଞ୍ଚଳ ଦେଇ ପ୍ରବାହିତ ସୋନ ନଦୀ ଘାଟରୁ ବେଆଇନ ବାଲି ଚାଲାଣ କରୁଥିବା ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢିବାରେ ଲାଗିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢାଉ କରାଯାଉଥିଲେ ମଧ୍ୟ ତାହା ଫଳପ୍ରଦ ହେଉନାହିଁ। ସେମାନେ ପ୍ରଶାସନକୁ ଖୋଲାଖୋଲି ଚ୍ୟାଲେଞ୍ଜ କରି ଜବତ କରାଯାଇଥିବା ଗାଡିକୁ ଛଡାଇ ନେଉଛନ୍ତି। ଏପରିକି ଚଢାଉରେ ସାମିଲ ଥିବା ଅଧିକାରୀଙ୍କୁ ମାଫିଆମାନେ ଆକ୍ରମଣ କରିବାକୁ ପଛାଉନାହାନ୍ତି। ଏପରି ଘଟଣା ଘଟିଛି ବୁଧବାର ରାତିରେ।

ରାତି ପ୍ରାୟ ୮ଟା ବେଳେ ସୋନ ନଦୀପଠାରେ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ନୀଳଗିରି ତହସିଲଦାର ଅଶେଷ ନାୟକ ପୋଲିସର ସହଯୋଗ ମାଗିଥିଲେ। ପୋଲିସ ପକ୍ଷରୁ ୩ଜଣ ଏପିଆର କର୍ମଚାରୀଙ୍କ ସମେତ ତହସିଲର ୭ଜଣ କର୍ମଚାରୀଙ୍କୁ ନେଇ ତହସିଲଦାର ଘଟଣାସ୍ଥଳରେ ପହଞ୍ଚିଥିଲେ। ନଦୀପଠାର ଦୁଇପଟେ ବାଲି ଚୋରାଚାଲାଣ ହେଉଥିବା ବେଳେ ତହସିଲଦାରଙ୍କୁ ଦେଖି କିଛି ଗାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନ୍ୟପଟରେ ଗୋଟିଏ ଜେସିବି, ଗୋଟିଏ ଲୋଡର ମେଶିନ, ୨ ଡମ୍ପର ଜବତ କରାଯାଇଥିଲା। ଏହି ବାଲିମାଫିଆଙ୍କୁ କେତେଜଣ ଗ୍ରାମବାସୀ ସମର୍ଥନ କରୁଥିବା ଯୋଗୁ ଅଟକ ଗାଡିଗୁଡିକୁ ଛାଡି ନ ଥିଲେ। ଫଳରେ ଗ୍ରାମବାସୀ ଓ ଅଧିକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତହସିଲଦାର ଏ ବିଷୟରେ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ଅବଗତ କରାଇଥିଲେ। ଏହାସହ ଅଧିକ ପୋଲିସ ପଠାଇବାକୁ ନୀଳଗିରି ଆଇଆଇସିଙ୍କୁ କହିଥିଲେ। ସେହି ସମୟରେ ଅଧିକ ପୋଲିସ କର୍ମଚାରୀ ଉପଲବ୍ଧ ନ ଥିବାରୁ ଘଟଣାସ୍ଥଳରେ ଉପଜିଲାପାଳ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସଂଖ୍ୟା ଅଧିକ ଥିବାରୁ ମାଫିଆମାନେ ଅନ୍ଧାର ରାତିର ସୁଯୋଗ ନେଇ ଉପଜିଲାପାଳ ଓ ତହସିଲଦାରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଗୋଟିଏ ଜେସିବି ଓ ଗୋଟିଏ ଡମ୍ପର ଛଡାଇ ନେଇଥିଲେ। ଶେଷରେ ପ୍ରଶାସନ ଗୋଟିଏ ଲୋଡର, ଗୋଟିଏ ଡମ୍ପରକୁ ଆଣି ନୀଳଗିରି ଥାନା ଜିମା ଦେଇଥିଲେ। ଏନେଇ ତହସିଲଦାର ଥାନାରେ ୧୦ ଗାଡି କର୍ମଚାରୀ ଓ ୩୦ ଗ୍ରାମବାସୀଙ୍କ ନାମରେ ଅଭିଯୋଗ କରିଛନ୍ତି। ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ. ୧୮୦/୨୦) ରୁଜୁ ହୋଇ ଜଣଙ୍କୁ ଅଟକ ରଖାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ଦୁଇ ଦିନ ପୂର୍ବରୁ ସୋନ ନଦୀ ଘାଟରୁ ବାଲି ଚୋରାଚାଲାଣ ହେଉଥିବା ବେଳେ ନୀଳଗିରି ତହସିଲଦାର ଚଢାଉ କରି ୨ ଡମ୍ପର, ୩ ଟ୍ରାକ୍ଟର,୧ ଲୋଡର, ୪ ବାଇକ ଜବତ କରିଥିଲେ।

ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ଖଇରା, ୧୧।୬(ଡି.ଏନ.ଏ.)

ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀଙ୍କୁ ମାଡ ଘଟଣାକୁ ୧୧ ଦିନ

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଇଁତିରା ସଙ୍ଗରୋଧ କେନ୍ଦ୍ରରେ ଚତୁର୍ଭୁଜ ଜେନା ନାମ୍ନୀ ଜଣେ ମାନସିକ ବିକାରଗ୍ରସ୍ତ ଅନ୍ତେବାସୀଙ୍କୁ ମାଡ ମାରି ଆହତ କରିବା ଘଟଣାରେ ଖଇରା ପୋଲିସ ଅଭିଯୁକ୍ତ ପ୍ରଶାନ୍ତ କୁମାର ମହାପାତ୍ର ଓ ତାଙ୍କର ଅନ୍ୟ ୨ ସହଯୋଗୀଙ୍କ ନାମରେ କେବଳ ଏକ ମାମଲା(୯୮/୨୦) ରୁଜୁ କରି ଚୁପ ବସିଛି। ସେମାନଙ୍କୁ ଗିରଫ କରା ନ ଗଲେ ପରିବାର ଲୋକେ ଥାନା ଆଗରେ ଧାରଣାରେ ବସିବେ ବୋଲି ମା' ସୁବାନୀ ଜେନା ଓ ବାପା କୁନୁ ଜେନା ଚେତାବନୀ ଦେଇଛନ୍ତି।

ମେ' ୨୯ତାରିଖରେ ଅମରିଆ-ଅଗ୍ନିପୁର ପଞ୍ଚାୟତ ଅଗ୍ନିପୁର ଗ୍ରାମର ଚତୁର୍ଭୁଜ ବମ୍ବେରୁ ଫେରି ରଇଁତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ରାତିରେ ସେ ନିଜ ଭଉଣୀକୁ ଦେଖିବା ପାଇଁ କେନ୍ଦ୍ରର ପଛପାଖ ଗେଟ ଖୋଲି ଯାଉଥିବା ବେଳେ କେନ୍ଦ୍ର ଦାୟିତ୍ୱରେ ଥିବା ସରପଞ୍ଚଙ୍କ ସ୍ୱାମୀ ଦିବ୍ୟାଙ୍ଗ ଚତୁର୍ଭୁଜଙ୍କୁ ନିଯୁକ୍ତ ମାଡ ମାରି ଆହତ କରିଥିଲେ। ଖଇରା ପୋଲିସ ୩୦ତାରିଖରେ ଏନେଇ ଏକ ମାମଲା ରୁଜୁ କରିଥିଲା। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ବାସୁଦେବ ମହାନ୍ତିଙ୍କୁ ପଚାରିବାରେ ପ୍ରଶାନ୍ତ ଓ ତାଙ୍କର ସହଯୋଗୀ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇପାରି ନ ଥିବା କହିଛନ୍ତି। ପ୍ରଶାନ୍ତ ମହାପାତ୍ରଙ୍କୁ ଯୋଗାଯୋଗ କରିବାରେ ଉକ୍ତ ଯୁବକ ଜଣକ ସଙ୍ଗରୋଧ କେନ୍ଦ୍ରର ଗେଟ ଡେଇଁ ଅନ୍ୟଜଣେ ବ୍ୟକ୍ତିଙ୍କ ସହ ଲୁଚି ପଳାଯାଉଥିବା ଖବର ପାଇବା ପରେ ତାଙ୍କୁ ଜୋରକରି ଆଣି ସଙ୍ଗରୋଧ କେନ୍ଦ୍ରରେ ରଖିଥିଲେ ବୋଲି କହିଛନ୍ତି।

ପାହାଡ଼ ତଳ ଚାଷଜମି ସୁରକ୍ଷା ଚିନ୍ତା

ଖଇରା, ୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ଼ ପାଦଦେଶରେ ଥିବା ଗ୍ରାମଗୁଡ଼ିକର ଅଧିବାସୀମାନେ ଦୀର୍ଘଦିନ ଧରି ଦୁର୍ଦ୍ଦଶାରେ ରହୁଛନ୍ତି। କେତେବେଳେ ଖଣିରେ ଗ୍ଲାଷ୍ଟ ପାଇଁ ଘର କାନ୍ଥ ଫାଟୁଛି ତ ଆଉ କେତେବେଳେ ଚାଷଜମିକୁ ପାହାଡ଼ ମାଟି ଧସି ଆସୁଥିବା କାରଣରୁ ଶହ ଶହ ଏକର ଚାଷଜମି ନଷ୍ଟ ହୋଇପଡୁଛି। ଏବେ ଚାଷୀମାନଙ୍କୁ ଚାଷ ଜମିକୁ ଚାଷ ଉପଯୋଗୀ କରିବାକୁ ପଦକ୍ଷେପ ଆରମ୍ଭ ହୋଇଛି। ପାହାଡ଼ ମାଟିକୁ ଅଟକାଇବା ଓ ହାତୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଷଜମି ଓ ପାହାଡ଼ ମଝିରେ ଏକ ନାଳ ଖୋଳିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଜାଗା ଦେଖା କାର୍ଯ୍ୟ ଆରମ୍ଭ ହୋଇଛି। ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଖଇରା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସୋର ରେଞ୍ଜର ବବିତା ସୋରେନ, ସରପଞ୍ଚ ଗଜେନ୍ଦ୍ର ପରିଡ଼ା ପ୍ରମୁଖ ଗଗୁଆ ଅଞ୍ଚଳକୁ ଯାଇ ଜାଗା ଚିହ୍ନଟ କରିଛନ୍ତି।

ମାସ୍କ ଦୁର୍ନୀତି ଅଭିଯୋଗ ନେଇ କଂଗ୍ରେସର ବିକ୍ଷୋଭ

ଭଦ୍ରକ ଅଫିସ, ୧୧।୬

କରୋନା ପାଇଁ ମାସ୍କ କିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗରେ ଗୁରୁବାର ଜିଲା କଂଗ୍ରେସର ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ବେଳେ ମାସ୍କ ପିନ୍ଧି ନ ଥିବା ଜନସାଧାରଣଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରରେ ହୋଇଥିବା ମାସ୍କ କିଣା ମହାଦୁର୍ନୀତି ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ଏହି ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। କଂଗ୍ରେସ ଜିଲା ସଭାପତି ଅଶୋକ କୁମାର ଦାସ ଓ କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସହ ଶତାଧିକ କଂଗ୍ରେସ ନେତା ଓ କର୍ମୀ ମାସ୍କ ପରିଧାନ କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଜିଲା କଂଗ୍ରେସ କମିଟି ପକ୍ଷରୁ କର୍ମୀମାନେ ଧାରଣାରେ ବସିଛନ୍ତି।

ଜିଲା ପ୍ରଶାସନର ଉପେକ୍ଷା ପ୍ରତିବାଦରେ କଂଗ୍ରେସର ଧାରଣା

ବାରିପଦା ଅଫିସ,୧୧।୬

ରାଜ୍ୟରେ କରୋନା ମହାମାରୀ ମୁକାବିଲା ପାଇଁ ମାସ୍କ, ଟେଷ୍ଟିଙ୍ଗ କିଟ୍, ପିପିଇ ଓ ର୍ୟାପିଡ୍ କୋଭିଡ୍ ଟେଷ୍ଟିଂ ମେଶିନ କିଣାରେ ଅନିୟମିତତା ହୋଇଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଏନେଇ ସରକାରଙ୍କ ବିରୋଧରେ ଗୁରୁବାର ଦାବିପତ୍ର ଦେବାକୁ ଯାଇଥିବା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କୁ ଜିଲାପାଳଙ୍କ ସହ ଭେଟ କରାଇ ନ ଦେଇ ଉପେକ୍ଷା କରାଯିବା ପ୍ରତିବାଦରେ କଂଗ୍ରେସ କର୍ମକର୍ତ୍ତା ଧାରଣା ଦେବା ଚର୍ଚ୍ଚାର ବିଷୟ ହୋଇଛି।

ପୂର୍ବାହ୍ନ ୧୧ଟାରେ ଜିଲା କଂଗ୍ରେସ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଯାଇଥିଲେ। ସେଠାରେ ମୁତୟନ ହୋଇଥିବା ପୋଲିସ କର୍ମଚାରୀମାନେ ଜିଲାପାଳଙ୍କୁ ଭେଟିବାକୁ ଦେଇ ନ ଥିଲେ। ୨ ଦିନ ତଳେ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିବା ବେଳେ କାହିଁକି କଂଗ୍ରେସ କର୍ମୀଙ୍କୁ ଭେଟିବାକୁ ଦିଆଯାଉ ନାହିଁ ବୋଲି କଂଗ୍ରେସ ଜବାବ ମାଗିଥିଲା। ଏହାର ପ୍ରତିବାଦରେ ଜିଲାପାଳଙ୍କ ମୁଖ୍ୟ ଫାଟକଠାରେ ସମସ୍ତ କଂଗ୍ରେସ କର୍ମକର୍ତ୍ତା ଧାରଣାରେ ବସିଥିଲେ। ମଧ୍ୟାହ୍ନ ୧୨ଟାରେ ଜିଲାପାଳ ନ ଆସି ତାଙ୍କ ପ୍ରତିନିଧି ଭାବେ ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ କୁମାର ପତି ପହଞ୍ଚି କଂଗ୍ରେସଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ପୂର୍ବତନ ଏମ୍‌ପି ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ରମ, ଯୋଗେଶ କୁମାର ଅଗ୍ରୱାଲ, ପ୍ରଦୀପ କୁମାର ରଥ, ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ ପାଲଙ୍କ ସମେତ ଏକାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ। ଜିଲା ପ୍ରଶାସନର କଂଗ୍ରେସକୁ ଏହିଭଳି ଭାବେ ଉପେକ୍ଷା କରିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି।

କଳାକାର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦୁଝର, ୧୧।୬(ସ୍ୱ.ପ୍ର.)

ପଞ୍ଜୀକରଣ ଦେୟ ଆଦାୟକୁ ନେଇ କଳାକାର ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ଲକ୍‌ଡାଉନ୍ ପାଇଁ କଳାକାର ମାନେ କାମ ନ ପାଇ ବହୁ ସମସ୍ୟାରେ ରହୁଥିବା ବେଳେ ଆର୍ଥିକ ସହାୟତା ଦେବା ପରିବର୍ତ୍ତେ ନାମ ପଞ୍ଜୀକରଣ ପାଇଁ ୫୦ ଟଙ୍କା ଆଦାୟ କରାଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେନ୍ଦୁଝର ଜିଲା କଳାକାର ସଂଘର ନିର୍ମଳ ନାୟକଙ୍କ ସମେତ କଣ୍ଟେଇ ନୃତ୍ୟ ଶିଳ୍ପୀ ଚକ୍ରଧର ପରିଡ଼ା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

ଜୁଲାଇ ୧ରୁ ସାଳନ୍ଦୀରୁ ଦଳ ସଫା

ସାଳନ୍ଦୀ ନଦୀ ବୁଲି ଦେଖୁଛନ୍ତି ଜିଲାପାଳ ଓ ବିଭାଗୀୟ କର୍ମକର୍ତ୍ତା।

ଭଦ୍ରକ ଅଫିସ, ୧୧।୬

ବର୍ଷାଦିନକୁ ଆଖି ଆଗରେ ରଖି ଜଳ ନିଷ୍କାସନର ସୁବ୍ୟବସ୍ଥା ପାଇଁ ସାଳନ୍ଦୀ ନଦୀରୁ ଦଳ ସଫା କରାଯିବା ପାଇଁ ଜିଲାପାଳ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକର ଲାଇଫ୍‌ଲାଇନ କୁହାଯାଉଥିବା ସାଳନ୍ଦୀ ନଦୀରେ ବର୍ଷାଦିନେ ବନ୍ୟା ସୃଷ୍ଟି ହୋଇଥାଏ। ଏଥିପାଇଁ ଭଦ୍ରକ ପୌରପାଳିକାର ନଈକୂଳିଆ ଅଞ୍ଚଳ ପ୍ରଭାବିତ ହୋଇଥାଏ। ଏପରିକି ଘର ଭିତରେ ବନ୍ୟାଜଳ ପ୍ରବେଶ କରି ସମସ୍ୟା ସୃଷ୍ଟି କରେ। ଏଣୁ ମୌସୁମୀ ବର୍ଷା ଆସିବା ପୂର୍ବରୁ ଗୁରୁବାର ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ ସାଳନ୍ଦୀ ଜଳସେଚନ ବିଭାଗୀୟ କର୍ମକର୍ତ୍ତାଙ୍କୁ ନେଇ ସାଳନ୍ଦୀ ନଦୀର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ମୁଖ୍ୟତଃ ସାଳନ୍ଦୀ ନଦୀ ଉପରେ ହୋଇଥିବା ଗରଦପୁର, ଧନାଟୋଲା ଓ କୁଆଁସ ପୋଲ ଉପରକୁ ଯାଇ ପରିଦର୍ଶନ କରିଥିଲେ। ଏହି ପୋଲ ନିକଟରେ କିଭଳି ଦଳ ଜମି ରହି ଜଳ ନିଷ୍କାସନରେ ବାଧିତ ହେଉଛି ତାହା ପରିଦର୍ଶନ କରିଥିଲେ। ଆଗାମୀ ଜୁଲାଇ ୧ତାରିଖ ପୂର୍ବରୁ ଉକ୍ତ ଦଳ ସଫା କରିବା ପାଇଁ ଜିଲାପାଳ ସାଳନ୍ଦୀ ଏକଜିକ୍ୟୁଟିଭ ଇଞ୍ଜିନିୟର ଆର୍ତ୍ତତ୍ରାଣ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଅନ୍‌ଲାଇନ ଟେଣ୍ଡର କରାଯାଇ ଦଳ ସଫା କରାଯିବ ବୋଲି ବିଭାଗୀୟ ଏକଜିକ୍ୟୁଟିଭ ଇଞ୍ଜିନିୟର ସାହୁ କହିଛନ୍ତି। ସୂଚନାଥାଉ କି, ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଦଳ ସଫା କରାଯାଉଥିଲେ ମଧ୍ୟ ଏହାର ସ୍ଥାୟୀ ବନ୍ଦୋବସ୍ତ କରାଯାଉ ନ ଥିବାରୁ ଭଦ୍ରକର ପୌରପାଳିକାର ନଈକୂଳିଆ ୱାର୍ଡ଼ ବାସିନ୍ଦା ସମସ୍ୟା ଭୋଗୁଛନ୍ତି।

ମନମୁଖି ମହାସୁଲ ଆଦାୟକୁ ନେଇ ବ୍ୟବସାୟୀଙ୍କ ଧାରଣା

ରାଇରଙ୍ଗପୁର,୧୧।୬(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳସ୍ଥିତ ଦୈନିକ ମାର୍କେଟରେ ପନିପରିବା ସମେତ ବିଭିନ୍ନ ବ୍ୟବସାୟୀଙ୍କଠାରୁ ମନମୁଖୀ ମହାସୁଲ୍ ଆଦାୟ ପ୍ରତିବାଦରେ ଗୁରୁବାର ବ୍ୟବସାୟୀମାନେ ଧାରଣା ଦେଇଥିଲେ। ଲକ୍ ଡାଉନ କଟକଣା ଯୋଗୁ ସ୍ଥାନୀୟ ବଡ଼ ବଜାର ଦୈନିକ ମାର୍କେଟକୁ ସତକୁଦର ନିକଟକୁ ସ୍ଥାନାନ୍ତରିତ କରାଯାଇଛି। ମହାସୁଲ୍ ଆଦାୟକାରୀ ଜଣକ ଏଠାରେ ବ୍ୟବସାୟୀମାନଙ୍କଠାରୁ ମନଇଚ୍ଛା ମହାସୁଲ୍ ଆଦାୟ କରୁଥିବା ନେଇ ବ୍ୟବସାୟୀମାନେ ଅଭିଯୋଗ କରିଥିଲେ। ମାତ୍ର ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ ନ

ଧାରଣାରେ ବସିଥିବା ବ୍ୟବସାୟୀମାନେ।

କରିବାରୁ ସଂଘ ସଭାପତି ରାଜାରାମ ମହାନ୍ତ ଓ ସମ୍ପାଦକ ରଣଜିତ କୁମାର ବଳଙ୍କ ନେତୃତ୍ୱରେ

ସଂକ୍ଷେପରେ

ମଦଭାଟିରେ ଚଢ଼ାଉ, ୭ ଗିରଫ

ଆସିକା,୧୧।୬(ଡି.ଏନ୍.ଏ.)- ଆସିକା ଏନ୍ଏସି ପାକଲାପଲ୍ଲୀ ସଂଲଗ୍ନ ଏରୋଗୋଲା ବସାରେ ଚାଲିଥିବା ଏକ ମଦ ଭାଟି ଉପରେ ପୋଲିସ ଗୁରୁବାର ଚଢ଼ାଉ କରିଥିଲା। ସେଠାରୁ ୪୨୦ ଲିଟର ରନ୍ଧାମଦ, ହଜାରେ ଲିଟର ଗୁଡସିରା ସହ ବହୁ ପରିମାଣର ରନ୍ଧା ସରଞ୍ଜାମ ଜବତ କରାଯାଇଛି। ଏଥିସହ ପୋଲିସ ୨ ମହିଳାଙ୍କ ସମେତ ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏସ୍. ସୁଷମା, ଏସ. ସାରିକା, ଯୋଗୀ ଦାସ, ମୃଷି ପରିଡା, ଜେ. ରାମୁ, ଏ. କାଳେଶ୍ୱର ଓ ଏ. ରେଣୁ। ଏ ନେଇ ଆସିକା ଥାନାରେ ନଂ.୩୨୬, ୩୨୭, ୩୨୮, ୩୨୯, ୩୩୦, ୩୩୧, ଓ ୩୩୨/୨୦ରେ ପୃଥକ ୭ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ମହିଳାଙ୍କୁ ଆକ୍ରମଣ : ଅଭିଯୁକ୍ତ ଗିରଫ

ଆସିକା,୧୧।୬(ଡି.ଏନ୍.ଏ.)- ଆସିକା ଥାନା ଭେଟନଈ ଗ୍ରାମରେ ଘରେ ପଶି ଜଣେ ମହିଳାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ବବି ସେଠୀ। ମଙ୍ଗଳବାର ସନ୍ଧ୍ୟାରେ ଭେଟନଈର ଗ୍ରାମର କୁନି ସେଠୀ ଓ ତାଙ୍କର ଜଣେ ସମ୍ପର୍କୀୟାଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ବୁଧବାର ସକାଳେ କୁନିଙ୍କ ଘରକୁ ସଂପୃକ୍ତ ମହିଳା ଓ ବବି ଆସି ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏ ନେଇ କୁନି ବୁଧବାର ଆସିକା ପୋଲିସରେ ଅଭିଯୋଗ କରିଥିଲେ। ନଂ.୩୨୪/୨୦ରେ ଏକ ମାମଲା ରୁଜୁ କରାଯାଇଥିଲା।

ବିଦ୍ୟୁତ୍ ଆଘାତରେ ଲାଇନ୍‌ମ୍ୟାନ ଗୁରୁତର

ଭଞ୍ଜନଗର,୧୧।୬(ଡି.ଏନ୍.ଏ.)- ଭଞ୍ଜନଗର ବ୍ଲକ ବାରୁଡା ପଞ୍ଚାୟତ ବାଲିଆପଟା ଓ ପଙ୍କାଳ ଗ୍ରାମରେ ଥିବା ବିଦ୍ୟୁତ୍ ମରାମତିବେଳେ ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ଭଞ୍ଜନଗର ନାଳାଦ୍ରିବିହାର ବାସିନ୍ଦା ପଞ୍ଚାନନ ରାୟଗୁରୁ। ସେ ସାଉଥ୍ କୋ ଡିଭିଜନ ଟିଲିସିଂ ସେକ୍ସନର ଲାଇନ ମ୍ୟାନ। ତାଙ୍କୁ ପ୍ରଥମେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସାପ କାମୁଡ଼ାରେ କାଠମିସ୍ତ୍ରି ମୃତ

ଦିଗପହଣ୍ଡି,୧୧।୬(ଡି.ଏନ.ଏ.)-ଦିଗପହଣ୍ଡି ଥାନା ନୂଆମଳାଭଞ୍ଜା ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ କାଠମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମଖଣ୍ଡିପେଣ୍ଡ ଗ୍ରାମର ବିଜୟ କୁମାର ମହାରଣା। ବିଜୟ ଗତ କିଛିବର୍ଷ ହେଲା ପରିବାର ସହ ନୂଆମଳାଭଞ୍ଜା ଗ୍ରାମରେ ରହି କାଠମିସ୍ତ୍ରି କାମ କରୁଥିଲେ। ବୁଧବାର ରାତିରେ ସେ ବାରଣ୍ଡାରେ ଶୋଇଥିଲେ। ଗୁରୁବାର ଭୋରରେ ତାଙ୍କୁ କୌଣସି ଏକ ସାପ କାମୁଡି ଦେବାରୁ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସରପଞ୍ଚ ବିଭୂତି ଭୂଷଣ ମହାପାତ୍ରଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ନଂ.୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

୪୪ ଓଏଭିଏସ୍ ଛାତ୍ରୀଛାତ୍ର ପାଇଲେ ଏନ୍‌ଏମ୍‌ଏମ୍‌ଏସ୍

ଖଜୁରିପଡ଼ା,୧୧।୬(ଡି.ଏନ.ଏ.)- ୨୦୧୯ ନଭେମ୍ବର ୩ରେ ଏମ୍‌ଏଚ୍‌ଆର୍‌ଡି ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ମିନ୍ସ କମ୍ ମେରିଟ୍ ସ୍କଲାରଶିପ୍ (ଏନ୍‌ଏମ୍‌ଏମ୍‌ଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଛି। କନ୍ଧମାଳ ଜିଲାରେ ବହୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ। ଏଥିରୁ ୫୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରୁ ୪୪ଜଣ ଜିଲାର ବିଭିନ୍ନ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭିଏସ୍)ର ଛାତ୍ରୀଛାତ୍ର ଥିବା ଜଣାପଡିଛି। ଖଜୁରିପଡ଼ା ବ୍ଲକ ଆଦର୍ଶ ବିଦ୍ୟାଳୟର ୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘ ପକ୍ଷରୁ ଏନେଇ ସମସ୍ତ ଓଏଭିଏସ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପ୍ରକାଶ ଯେ, ଏମ୍‌ଏଚ୍‌ଆର୍‌ଡି ପକ୍ଷରୁ ଆୟୋଜିତ ଏହି ପରୀକ୍ଷା କେବଳ ସରକାରୀ ସ୍କୁଲରେ ପଢୁଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଦେଇଥାନ୍ତି। କୃତକାର୍ଯ୍ୟ ହେଲେ ସେମାନଙ୍କୁ ନବମ ଓ ଦଶମ ପଢିବାକୁ ସ୍କଲାରଶିପ୍ ଦିଆଯାଇଥାଏ।

ଏମ୍‌କେସିଜିରେ ରୋଗୀ ସଂଖ୍ୟା କମୁଛି

ସଂକ୍ରମଣ ଭୟ

ବ୍ରହ୍ମପୁର ଅଫିସ,୧୧।୬

ଦକ୍ଷିଣ ଓଡ଼ିଶାର ଏକମାତ୍ର ଭରସାଯୋଗ୍ୟ ହସ୍ପିଟାଲ ଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ କଲେଜ ପରିଚିତ। ଏଠାକୁ ପ୍ରତିଦିନ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଖୋର୍ଦ୍ଧାରୁ ହଜାର ହଜାର ସଂଖ୍ୟାରେ ରୋଗୀ ଆସିଥାନ୍ତି। ପୂର୍ବରୁ ପ୍ରତିଦିନ ୫ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଏଠାକୁ ଆସୁଥିଲେ। ଏବେ କରୋନା ଯୋଗୁ ରୋଗୀମାନେ ଏହି ହସ୍ପିଟାଲକୁ ଆସିବାକୁ ଭୟ କରୁଛନ୍ତି। ଜିଲାରେ ପ୍ରବାସୀ ଓଡ଼ିଆଙ୍କ

ଘର ବାହୁଡା ପରେ କରୋନା ସଂକ୍ରମଣଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଲକ୍‌ଡାଉନ୍ ଓ ଶଟଡାଉନ୍ କଟକଣା ସତ୍ତ୍ୱେ ଜିଲାରେ କରୋନା ସଂକ୍ରମଣ ମାଡିଚାଲିଛି। ଜୁନରେ ସଂକ୍ରମଣ ସଂଖ୍ୟା ବଢିବ ବୋଲି ଯେଉଁ ଆଶା କରାଯାଉଥିଲା ପ୍ରଥମ ସପ୍ତାହରେ ହିଁ ତା'ର ସଂକେତ ମିଳି ସାରିଲାଣି। ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀମାନେ ବହୁ ସଂଖ୍ୟାରେ ଆକ୍ରାନ୍ତ ହେବା ଏବେ ଚିନ୍ତାର କାରଣ ପାଲଟିଛି। ଫଳରେ ଏମ୍‌କେସିଜିକୁ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏନେଇ ଅଧୀକ୍ଷକ ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର କୁହନ୍ତି, ପୂର୍ବରୁ ପ୍ରତିଦିନ ୫ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଏମ୍‌କେସିଜି ମେଡିକାଲକୁ ଆସୁଥିବା ବେଳେ ଲକ୍‌ଡାଉନ୍ ପରେ ରୋଗୀଙ୍କ ସଂଖ୍ୟା କମିଯାଇ ପ୍ରାୟ ୧୫ ଶହ ତଳକୁ ଖସି ଯାଇଥିଲା। ଲକ୍‌ଡାଉନ୍ କୋହଳ ପରେ ମେଡିକାଲକୁ ପୂର୍ବ ଭଳି ରୋଗୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲା। ଏମ୍‌କେସିଜିର କେତେକ ଡାକ୍ତର ଓ ନର୍ସ କରୋନା ସଂକ୍ରମଣର ଶିକାର ହୋଇଥିବା ଖବର ଜଣାପଡିବା ପରେ ରୋଗୀ ଆସିବାକୁ ଭୟ କରୁଛନ୍ତି। ମଙ୍ଗଳବାର ଏମ୍‌କେସିଜି ମେଡିକାଲକୁ ୧୮୦୦ ରୋଗୀ ଆସିଥିବା ବେଳେ ବୁଧବାର ୧୫୫୭ ଜଣ ଆସିଥିଲେ। ସେହିପରି ଗୁରୁବାର ମେଡିକାଲକୁ ୧୫୯୫ ରୋଗୀ ଆସିଥିଲେ ବୋଲି ଅଧୀକ୍ଷକ କହିଛନ୍ତି।

ଗାଇଡ୍‌ଲାଇନ ମାନିଲେ କରୋନାରୁ ଦୂରେଇ ରହିବା

ଛତ୍ରପୁର,୧୧।୬(ଡି.ଏନ୍.ଏ.)

- ଜିଲାପାଳ ଜାରିକଲେ ଭିଡିଓ ବାର୍ତ୍ତା
- ଗଞ୍ଜାମରେ ସୁସ୍ଥ ହେଲେଣି ୪୯୩ ଆକ୍ରାନ୍ତ

କରୋନା ସଂକ୍ରମଣରୁ ଦୂରେଇ ରହିବା ନିମନ୍ତେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଆମେ ସମସ୍ତେ କରୋନା ମହାମାରୀର ସାମ୍ନା କରୁଛନ୍ତି। ନିଜେ ସଚେତନ ସହ ସାମାଜିକ ଦୂରତା କଡାକଡି ପାଳନ କଲେ ହିଁ କରୋନାରୁ ଦୂରେଇ ରହିପାରିବା। ଗ୍ରାମାଞ୍ଚଳରେ ପୋଖରିକୁ ଗାଧୋଇ ନ ଯିବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା, ଗହଳି କରି ମନ୍ଦିର କିମ୍ବା ଗଛ ତଳେ ତାସ ନ ଖେଳିବା, ଧାର୍ମିକସ୍ଥଳରେ ଭିଡ ନ କରିବା, ବାହାରକୁ ବାହାରିଲେ ଅନ୍ୟଠାରୁ ୨ ମିଟର ଦୂରତା ରକ୍ଷା ସହ ମାସ୍କ ପିନ୍ଧିବା ଏବଂ ବାରମ୍ବାର ହାତ ଧୋଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ନିଜେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ନ ହେଲେ ପରିବାରକୁ ସଂକ୍ରମଣ ସମ୍ଭାବନା ରହିଛି। ବରିଷ୍ଠ ନାଗରିକ, ମଧୁମେହ ଓ ରକ୍ତଚାପ ରୋଗୀଙ୍କ ଜୀବନ ପ୍ରତି ଅଧିକ ବିପଦ ଥିବାରୁ ସେମାନଙ୍କ ଅଧିକ ଯତ୍ନ ନେବାସହ ନିଜ ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି। ଘରେ ରହିଲେ ସୁରକ୍ଷିତ ରହିପାରିବେ ବୋଲି ଜିଲାପାଳ କହିଛନ୍ତି। ଗୁରୁବାର ଜିଲାରେ ୩ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୭ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୯୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇସାରିଲେଣି। କରୋନାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏବେ ୧୩୭ ଜଣ କରୋନା ପଜିଟିଭ୍ ଆକ୍ଟିଭ୍ ଅଛନ୍ତି। ଏଯାବତ ଜିଲାରେ ୬୩୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୧୧।୬

ଜିଲାରେ କରୋନା ସଂକ୍ରମଣ ପ୍ରତିଦିନ ବଢ଼ିବାରେ ଲାଗିଛି। ଯେଉଁମାନେ କରୋନା ଯୋଦ୍ଧା ଭାବେ କାମ କରି ଆସୁଛନ୍ତି, ସେମାନଙ୍କୁ ସମ୍ମାନିତ କରାଯାଉଛି। ଭାରତୀୟ ଜନତା ପାର୍ଟି ବ୍ରହ୍ମପୁର ଗେଟବଜାର ମଣ୍ଡଳ ତରଫରୁ ଗୁରୁବାର କରୋନା ଯୋଦ୍ଧା ଭାବେ କାର୍ଯ୍ୟରତ ଥିବା ମହାନଗର ନିଗମର ପ୍ରାୟ ୬୦ ମହିଳା ସଫେଇ କର୍ମଚାରୀଙ୍କୁ ଉତ୍ତରୀୟ ଦେବା ସହ ସମ୍ବର୍ଦ୍ଧିତ କରାଯାଇଛି। ମଣ୍ଡଳ ସଭାପତି ଏସ୍. ଶ୍ରୀନିବାସ ରାଓ ଏବଂ ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଏସ୍.ରାଣୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଥିଲା। ଭାଜପା ନେତା କାହ୍ନୁ ଚରଣ ପତି ଯୋଗଦେଇ

କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କରୋନା ସମୟରେ ବିଏମ୍‌ସିର ମହିଳା ସଫେଇ କର୍ମଚାରୀମାନେ ଲୋକଙ୍କୁ ସେବା ଯୋଗାଇବା ସହ ଦାୟିତ୍ୱ ସମ୍ପାଦନ କରି ଆସୁଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁନୀଲ କୁମାର ସାହୁ, ପ୍ରଭାତ କିରଣ ଷଡଙ୍ଗୀ, ମଦନମୋହନ ପାତ୍ର, ଲିପି ବେହେରା ଓ କୁନି ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତାକୁ ବଜାୟ ରଖି କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିବା ପତି କହିଛନ୍ତି।

ନୂତନ ଡିଆଇପିଆର୍‌ଓଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୧୧।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଭାବେ ରବି ନାରାୟଣ ବେହେରା ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୬ରୁ ସେ ଓଡ଼ିଶା ସୂଚନା ସେବାରେ ଯୋଗଦେଇ ପ୍ରଥମେ ଜୟପୁରରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ କୋରାପୁଟ,ଗଞ୍ଜାମ ଜିଲାରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା

ଷ୍ଟାଫମାନେ ସ୍ୱାଗତ ଜଣାଉଛନ୍ତି।

ପୂର୍ବରୁ ଜୟଦେବ ଭବନ ମ୍ୟାନେଜର ଏବଂ ପରେ ସୂଚନା ଓ ଲୋକସମ୍ପର୍କ ବିଭାଗରେ ପ୍ରଦର୍ଶନୀ ସଂଗଠକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ବ୍ରହ୍ମପୁର ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଭାବେ ମଧ୍ୟ କାର୍ଯ୍ୟ ସଂପାଦନ କରିଥିଲେ।

ମଦ ଜବତ, ଜଣେ ଗିରଫ

ଶଙ୍କରାଖୋଲ,୧୧।୬(ଡି.ଏନ୍.ଏ.)

କନ୍ଧମାଳ ଜିଲା ଟିକାବାଲି ଥାନା ପୁରୁଣାଗଡ ଅନୁସୂଚିତ ଜାତିସାହିରେ ଟିକାବାଲି ଥାନା ଅଧିକାରୀ ରେବତୀ ଶବରଙ୍କ ନେତୃତ୍ୱରେ ଗୁରୁବାର ଚଢାଉ କରାଯାଇଥିଲା। ଏକ ନାଳ ନିକଟରେ ମଦ ରନ୍ଧା ଚାଲିଥିବାବେଳେ ୪୦ଲିଟର ଦେଶୀ ମହୁଲି ମଦ ଜବତ ସହ ୧୫୦ ଲିଟର ପୋଚ ନଷ୍ଟ କରାଯାଇଥିଲା। ନଂ.୩୩/୨୦ରେ ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ଅଭିଯୋଗରେ ବିରୁପାକ୍ଷ ନାୟକଙ୍କୁ ଗିରଫ କରାଯାଇଛି।

ଅସ୍ତ୍ରୋପଚାର ପାଇଁ ଅର୍ଥ ବାଧକ

ଦାରିଙ୍ଗବାଡ଼ି,୧୧।୬(ଡି.ଏନ୍.ଏ.)

ପିଠିରେ ଅସ୍ୱାଭାବିକ ଭାବେ ବଢୁଛି ମାଂସ ପିଣ୍ଡୁଳା। ଚାଷ କରି ଚଳୁଥିବାବେଳେ ଅସହ୍ୟ ଯନ୍ତ୍ରଣା ହେଉଥିବାରୁ କାମଧନ୍ଦାକୁ ଯାଇପାରୁ ନାହାନ୍ତି। ଅସ୍ତ୍ରୋପଚାର ପାଇଁ ପାଖରେ ଅର୍ଥ ନଥିବା କହିଛନ୍ତି ଦାରିଙ୍ଗବାଡ଼ି ବ୍ଲକ ଦାସିଂବାଡି ପଞ୍ଚାୟତ ଗଡ଼ାପକାଲି ଗ୍ରାମର ମଶା ମୁଠାମାଝୀ। ସେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ହୋଇଥିବାବେଳେ ପରିବାର ଏକମାତ୍ର ରୋଜଗାରିଆ ବ୍ୟକ୍ତି। ୫ ବର୍ଷ ତଳେ ପିଠିରେ ମାଂସ ପିଣ୍ଡୁଳା ବଢିବା ସହ ଯନ୍ତ୍ରଣା ହୋଇଥିଲା। ୨ବର୍ଷ ତଳେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଡାକ୍ତର ଦେଖିବା ପରେ ଅଧିକ ଚିକିତ୍ସା ପାଇଁ ଅନ୍ୟତ୍ର ଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଅର୍ଥ

ପିଠିରେ ବଢୁଛି ମାଂସପିଣ୍ଡୁଳା

ଅଭାବରୁ ମଶା ଘରକୁ ଫେରିଆସି ନିଜେ ଉକ୍ତ ମାଂସ ପିଣ୍ଡୁଳାକୁ କାଟି ପକାଇଥିଲେ। କିଛିଦିନ ପରେ ଘା' ଶୁଖିଯାଇଥିଲା। ମାତ୍ର ପୁଣି ମାଂସ ପିଣ୍ଡୁଳାଟି ବଢିଥିଲା। ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

ସଫେଇ କର୍ମଚାରୀଙ୍କୁ ସମ୍ମାନିତ କଲା ଭାଜପା

ବାଲିଗୁଡ଼ା,୧୧।୬(ଡି.ଏନ୍.ଏ.)

କରୋନା ମହାମାରୀ ସମୟରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ ଓ ସଫେଇ କର୍ମଚାରୀମାନେ ଲୋକଙ୍କ ପାଇଁ ଦିନରାତି କାମ କରୁଛନ୍ତି। ସେମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ବାଲିଗୁଡ଼ା ଭାଜପା ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ଭାଜପାର କନ୍ଧମାଳ ଜିଲ୍ଲା ସଭାପତି ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ଦିବାକର ସାହୁ, ସମ୍ପାଦକ ଆଦିକନ୍ଦ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ବାଲିଗୁଡ଼ା ଏନ୍‌ଏସିରେ କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀଙ୍କୁ ପ୍ରଶଂସାପତ୍ର ସହ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯିବା ସହ ମାସ୍କ, ରାଶନ ସାମଗ୍ରୀ, ସାନିଟାଇଜର ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି।

ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀଙ୍କ ହୋହଲ୍ଲା

ବୁଗୁଡ଼ା,୧୧।୬(ଡି.ଏନ.ଏ)

ବୁଗୁଡ଼ା ବ୍ଲକ ଗୋଲିଆ ପଞ୍ଚାୟତସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ବୁଧବାର ରାତିରେ ନୂଆକରି ଆସିଥିବା ୧୬ଜଣ ଅନ୍ତେବାସୀ ହୋହଲ୍ଲା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସେମାନଙ୍କୁ ଅନ୍ୟଏକ ସଙ୍ଗରୋଧ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ସଙ୍ଗରୋଧ କେନ୍ଦ୍ରରେ ଶହେରୁ ଊର୍ଦ୍ଧ୍ୱ ପ୍ରବାସୀ ରହୁଥିବାବେଳେ ଗତ ୯ ତାରିଖରେ ବି.କରଡ଼ାବାଡ଼ି, ନଗୁଡ଼ୁ ଓ ବି.ବ୍ରହ୍ମପୁର ଅଞ୍ଚଳର ୧୬ ଜଣ ଆସିଥିଲେ। ବୁଧବାର ସନ୍ଧ୍ୟାରେ ଅନ୍ତେବାସୀଙ୍କ ମନୋରଞ୍ଜନ ପାଇଁ ଦୃଷ୍ଟିବାଧିତ କଳାକାଳଙ୍କୁ ନେଇ ଭଜନ ସମାରୋହ ସାମାଜିକ ଦୂରତା ରକ୍ଷା କରି ଅନୁଷ୍ଠିତ ହୋଇଥିଲା। ଏହାପରେ ରାତ୍ରୀଭୋଜନ ଆରମ୍ଭ ହୋଇଥିଲା। ମାତ୍ର ନୂଆକରି ଆସିଥିବା ସମ୍ପୃକ୍ତ ୧୬ ଅନ୍ତେବାସୀ ଖାଦ୍ୟଦ୍ରବ୍ୟ ଫିଙ୍ଗା ଫୋପଡ଼ା ସହ ଗାଳିଗୁଲଜ କରିଥିଲେ। ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ଓଏସ୍‌ଡି ବିଜୟ କଅଁର ଓ ପୋଲିସ ପହଞ୍ଚି ସେମାନଙ୍କୁ ରାତାରାତି କଳମ୍ବ ସଙ୍ଗରୋଧ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ।

କନ୍ଧମାଳରେ ୫୦ ଟପିଲା ପଜିଟିଭ୍ ସଂଖ୍ୟା

ଫୁଲବାଣୀ ଅଫିସ, ୧୧।୬

ଦିନକରେ ସର୍ବାଧିକ ୧୫ ଚିହ୍ନଟ

କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦ ପାର୍ କରିଛି। ଗୁରୁବାର ଗୋଟିଏ ଦିନରେ ସର୍ବାଧିକ ୧୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨ରେ ପହଞ୍ଚିଛି। ସମସ୍ତଙ୍କ ବୟସ ୧୯ରୁ ୬୨ ମଧ୍ୟରେ ରହିଛି। ଗୁରୁବାର ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ୧୩ ପୁରୁଷ ଜଣ ଓ ୨ ଜଣ ମହିଳା। ଏମାନଙ୍କ ମଧ୍ୟରୁ ୬ ଜଣ ତାମିଲନାଡୁରୁ ଆସିଥିବା ବେଳେ ୨ ଜଣ ଲେଖାଏ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗରୁ ଏବଂ ଜଣେ ଲେଖାଏ କର୍ନାଟକ, ଗୁଜୁରାଟ ଓ ବାଲେଶ୍ୱରରୁ ଫେରିଥିଲେ। ସମସ୍ତେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ତେଣୁ କେହି ଭୟଭୀତ ନ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା

ସଂକ୍ଷେପରେ

ଦେବୀଙ୍କ ରୁପା ଛତର ଚୋରି

ବରଗଡ଼ ଅଫିସ୍,୧୧।୬: ବରଗଡ଼ ସହର ଉପକଣ୍ଠ ସରସରା ପଞ୍ଚାୟତ ଅନ୍ତର୍ଗତ କଟାଟିକ୍ରାସ୍ଥିତ ମାଁ ମେଟାକାନୀ ମନ୍ଦିରରୁ ବୁଧବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି । ଦୁର୍ବୃତ୍ତମାନେ ମନ୍ଦିର ଫାଟକ ତାଲା ଭାଙ୍ଗି ଦେବୀଙ୍କ ରୁପା ନିର୍ମିତ ଛତର ନେଇ ଯାଇଛନ୍ତି। ସେହିପରି ଦେବୀଙ୍କ ସମ୍ମୁଖରେ ଥିବା ଦାନବାକ୍ସକୁ ଭାଙ୍ଗି ସେଥିରେ ରହିଥିବା ଦାନଟଙ୍କାକୁ ମଧ୍ୟ ଚୋରି କରିଛନ୍ତି । ଖବର ପାଇବା ପରେ ବରଗଡ଼ ସଦର ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତନାଘନା ଚଳାଇଛି ।

କ୍ରିକେଟ ଖେଳରୁ ଗଣ୍ଡଗୋଳ, ଖେଳଣା ବନ୍ଧୁକ ଜବତ

ବରଗଡ଼ ଅଫିସ୍,୧୧।୬: ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ଗ୍ରାମରେ କ୍ରିକେଟ ଖେଳକୁ ନେଇ ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ବନ୍ଧୁକ ଦେଖାଇ ତାଙ୍କ ପ୍ରତି ଆକ୍ରମଣ ହୋଇଛି ବୋଲି ଜିତେନ୍ଦ୍ର ପଣ୍ଡା ପୋଲିସରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ସଦର ଥାନାରେ ଏକ ମାମଲା(ନଂ.୧୬୭/୨୦) ରୁଜୁ ହୋଇଛି। ତେବେ ଏହି ଘଟଣାରେ ଏକ ଖେଳଣା ବନ୍ଧୁକ ଜବତ ହୋଇଛି ଏବଂ ଜଣକୁ ଅଟକ ରଖି ଅଧିକ ତଦନ୍ତ ଚାଲିଛି ପୋଲିସ ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା କହିଛନ୍ତି ।

ଶମ୍ବର ଶିକାର, ଦୁଇ ଗିରଫ

ବୌଦ୍ଧ,୧୧।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ମାଧପୁର ରେଞ୍ଜରେ ସମ୍ବର ଶିକାର କରିବା ଅଭିଯୋଗରେ ରାଜ କହଁର (୪୦) ଓ ଖଇରା ମଲିକ (୪୫)ଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୯ ତାରିଖ ଦିନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନବିଭାଗ କର୍ମଚାରୀମାନେ ପୋଡ଼ହଳ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ମୁଣ୍ଡ ଓ ଗୋଡ ବିହୀନ ୫୯ କେଜି ଓଜନର ଏକ ମୃତ ସମ୍ବର ଉଦ୍ଧାର କରିଥିଲେ । ବନ ବିଭାଗ କର୍ମଚାରୀମାନେ ସମ୍ବରକୁ ଶିକାର କରାଯାଇଥିବା ଜାଣିବା ପରେ ଖୋଳତାଡ ଆରମ୍ଭ କରିଥିଲେ । ଏହି ଘଟଣାରେ ଆଡେଣୀଗଡ ପଞ୍ଚାୟତ ଗୁଣ୍ଡୁରୀସାହିର ରାଜ ଓ ଖଇରାଙ୍କୁ ଗିରଫ କରାଯାଇଥିଲା ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ମାଧପୁର ରେଞ୍ଜର ସରୋଜ୍ କୁମାର ମିଶ୍ର ପ୍ରକାଶ କରିଛନ୍ତି ।

ବୌଦ୍ଧରେ ପୁଣି ୩ କରୋନା ପଜିଟିଭ୍

ବୌଦ୍ଧ,୧୧।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବନ୍ଧାପଥର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୁରୁବାର ୩ ପଜିଟିଭ ଚିହ୍ନଟ ହୋଇଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ସାହୁ ଏନେଇ ସ୍ପଷ୍ଟ କରିଛନ୍ତି । ତାଙ୍କ କହିବା ଅନୁଯାୟୀ, ସମସ୍ତେ ମହାରାଷ୍ଟ୍ରରୁ ଫେରିଥିବା ପ୍ରବାସୀ ଶ୍ରମିକ । ଉକ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ଜଣ ପ୍ରବାସୀ ଶ୍ରମିକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ପଜିଟିଭ ଚିହ୍ନଟ ହୋଇଥିଲେ ।

ଖାଇବାକୁ ମିଳୁନି, ଋଣ ଅସୁଲ ହେଉଛି

ସମ୍ବଲପୁର, ୧୧।୬ (ବ୍ୟୁରୋ)

ସରକାର ବ୍ୟାଙ୍କ ଓ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଗୁଡିକର ଋଣ ଅସୁଲ କରିବା ଉପରେ ରୋକ୍ ଲଗାଇଛନ୍ତି। ହେଲେ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଗୁଡିକ ନିର୍ଦ୍ଦେଶ ପାଳନ ନ କରି ମହିଳାମାନଙ୍କ ଠାରୁ ଋଣ ଅସୁଲ କରୁଛନ୍ତି । ଟଙ୍କା ଦେବାକୁ ଅସମର୍ଥ ଥିବା ଜଣାଇଲେ ମଧ୍ୟ ଗାଳିଗୁଳଜ କରିବା ସହ ଧମକ ଦେଉଛନ୍ତି। ଲକ୍ ଡାଉନ ପାଇଁ ରୋଜଗାର ବନ୍ଦ ହୋଇ ପଡିଛି। ଘରେ ଖାଇବା, ଔଷଧ କିଣିବାକୁ ଟଙ୍କା ନାହିଁ । ଏଭଳି ପରିସ୍ଥିତିରେ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଋଣ ଅସୁଲ କରିବା ପାଇଁ ଦାଦାଗିରି କରୁଛନ୍ତି। ଗୁରୁବାର ଏ ନେଇ ମହିଳାମାନେ ଜିଲାପାଳଙ୍କ ଅଫିସକୁ ଆସି ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁସାରେ, ଋଣ ଦେବା ସମୟରେ ମାଇକ୍ରୋ ଫାଇନାନ୍ସ କମ୍ପାନୀ

ଗୁରୁବାର ମହିଳାମାନେ ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି ।

ଜିଲାପାଳଙ୍କୁ ଅଭିଯୋଗ କଲେ ଏସଏଚ୍‌ଜି ମହିଳା

ବିଭିନ୍ନ ପ୍ରଲୋଭନ ଦେଖାଇ ମହିଳାମାନଙ୍କୁ ଋଣ ଦେଇଥିଲେ। ସେମାନେ ଉକ୍ତ ଟଙ୍କା ନେଇ ବ୍ୟବସାୟରେ ଲଗାଇଲେ। କରୋନା ପାଇଁ ଲକଡାଉନ କଟକଣା ଯୋଗୁ ବ୍ୟବସାୟ ବନ୍ଦ ହୋଇଯାଇଛି। ଫଳରେ ଆୟ ହୋଇପାରୁ ନାହିଁ। ହେଲେ କମ୍ପାନୀ କର୍ମଚାରୀମାନେ ପୂର୍ବ ଭଳି ଟଙ୍କା ଅସୁଲ କରିବା ପାଇଁ ଆସୁଛନ୍ତି। ସରକାରଙ୍କ ନିୟମ ଅନୁସାରେ ଏବେ ଟଙ୍କା ଦେଇ ପାରିବୁ ନାହିଁ ବୋଲି କହିବା ପରେ ମଧ୍ୟ ସେମାନେ ମାନସିକ ଚାପ ଦେଉଛନ୍ତି। ସେମାନଙ୍କୁ ଲକ୍ ଡାଉନ ଖୋଲିବା ପର୍ଯ୍ୟନ୍ତ ସମୟ ମାଗିଲେ ମଧ୍ୟ ଶୁଣୁନାହାନ୍ତି। ତେଣୁ ଏ ଦିଗରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି କମ୍ପାନୀ ଗୁଡିକୁ ଋଣ ଅସୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମହିଳାମାନେ କହିଛନ୍ତି । ଯଦି କୌଣସି ସୁଫଳ ନ ମିଳେ ତେବେ ମହିଳାମାନେ ନବୀନ ନିବାସ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସସ୍ମିତା ପଣ୍ଡା, ଅମୂଲ୍ୟା ମେହେର, ସଞ୍ଜଳା ଓରାମ, ସଞ୍ଜୁ ମହାନନ୍ଦ, କୁନ୍ତ ସେଠୀ, ସୁମିତ୍ରା ସୁରଜନ୍, ତାରାକାନ୍ତି ପଣ୍ଡା, ମମତା ନାଏକ, ସ୍ୱପ୍ନପ୍ରିୟା ମହାପାତ୍ର, ସନ୍ତୋଷିନୀ ପଟ୍ଟନାୟକ, ସୁବର୍ଣ୍ଣ ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ ।

ବରଗଡ଼ରେ ଖୋଲିଲା ଚିନାବାଦାମ ମଣ୍ଡି

ବରଗଡ଼ ଅଫିସ୍,୧୧।୬

ବରଗଡ଼ ଜିଲା ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ପରିସରରେ ଗୁରୁବାର ଚିନାବାଦାମ କ୍ରୟ ପାଇଁ କ୍ରୟକେନ୍ଦ୍ର(ମଣ୍ଡି) ଉଦ୍‌ଘାଟିତ ହୋଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କ ସମେତ ଆରଏମସି ସମ୍ପାଦକ, ସହକାରୀ ସମବାୟ ନିବନ୍ଧକ (ଏଆରସିଏସ), ମାର୍କଫେଡ୍‌ର ଏରିଆ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। ଚିନାବାଦାମ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ନ ହେବା ସକାଶେ ବରଗଡ଼ ଜିଲାର ୬ଟି ବ୍ଲକ ପାଇକମାଳ, ଖାରବନ୍ଧ, ପଦ୍ମପୁର, ସୋହେଲା ଏବଂ ଗାଇସିଲେଟ୍‌ରେ ପ୍ରଥମଥର ପାଇଁ ଚିନାବାଦାମ କ୍ରୟକେନ୍ଦ୍ର ଖୋଲାଯାଇଛି। ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ଖୋଲାଯାଇଥିବା ଏହି କ୍ରୟକେନ୍ଦ୍ରରେ ଚିନାବାଦମର ସରକାରୀ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୫୦୯୦ ଟଙ୍କାରେ ମାର୍କଫେଡ୍ ଦ୍ୱାରା କିଣାଯିବା ବ୍ୟବସ୍ଥା କରାଯାଇଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀ କହିଛନ୍ତି। ଉଦଘାଟନୀ ଦିବସରେ ଜିଲାରେ ୮୪୨ଜଣ ଚାଷୀ ଚିନାବାଦାମ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି ଏବଂ ଆସନ୍ତା ଜୁଲାଇ ୩୧ତାରିଖ ସୁଦ୍ଧା ଚାଷୀମାନେ ଏଥିପାଇଁ ପଞ୍ଜୀକରଣ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି । ସେହିପରି ଗତ ରବିଋତୁରେ ଜିଲାରେ ପ୍ରାୟ ୫୦୦ ହେକ୍ଟର ଜମିରେ ଚିନାବାଦାମ ଚାଷ ହୋଇଥିଲା ଏବଂ ଏଥର ୩ହଜାର କୁଇଣ୍ଟାଲ ଚିନାବାଦାମ କ୍ରୟ କରାଯିବା ଲକ୍ଷ୍ୟ ରହିଛି । ଧାନ ବଦଳରେ ଅଣଧାନ ଫସଲ କରିବା ପାଇଁ ଏହି ବ୍ୟବସ୍ଥା ଚାଷୀଙ୍କୁ ପ୍ରୋତ୍ସାହିତ କରିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀ କହିଛନ୍ତି ।

ମାୟାବାର୍ହା ଟିଏମ୍‌ସିରେ ନାବାଳିକାଙ୍କ ମୃତ୍ୟୁ

ଅବ୍ୟବସ୍ଥା ଅଭିଯୋଗ ଆଣିଲେ ପରିବାର ଲୋକେ

ସୋନପୁର,୧୧।୬(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ମାୟାବାର୍ହା ଟିଏମ୍‌ସିରେ କ୍ୱାରାଣ୍ଟାଇନ୍‌ରେ ରହୁଥିବା ଜଣେ ନାବାଳିକାଙ୍କ ବୁଧବାର ରାତିରେ ମୃତ୍ୟୁ ହୋଇଛି। ଟିଏମ୍‌ସିରେ ଅବ୍ୟବସ୍ଥା ପାଇଁ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ମାମୁଁ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ସାରସମାଲର ୧୪ ବର୍ଷୀୟା ନାବାଳିକା ତାମିଲନାଡୁରୁ ଫେରି ମାୟାବାର୍ହା ଟିଏମ୍‌ସିରେ ନିଜ ପରିବାର ସହ ରହୁଥିଲେ । ବୁଧବାର ରାତିରେ ସେ ହଠାତ୍ ଚେତାଶୂନ୍ୟ ହୋଇ ପଡିଥିଲେ। ଏହି ଖବର ପାଇ ଡାକ୍ତର ପାର୍ଥ ସାରଥି ପଣ୍ଡାଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଟିମ୍ ଟିଏମ୍‌ସିକୁ ଯାଇଥିଲେ । ତେବେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଡାକ୍ତର ପଣ୍ଡା ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ରାମପୁର ପୋଲିସ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା । ପରିବାର ବର୍ଗ ମୃତଦେହକୁ ଗାଁକୁ ନ ନେଇ ବିନିକାସ୍ଥିତ ମହାନଦୀ କୂଳରେ ଅନ୍ତିମ ସଂସ୍କାର କରିଥିବା ଜଣାଯାଇଛି । ତେବେ ଟିଏମ୍‌ସିରେ ଅବ୍ୟବସ୍ଥା ନେଇ ତଦନ୍ତ ହେବାକୁ ପରିବାର ଲୋକେ ଦାବି କରିଛନ୍ତି ।

ଛତିଶଗଡ଼ରୁ ଆସୁଛି ବେଆଇନ ଧାନ

ନୂଆପଡ଼ା ଅଫିସ,୧୧।୬

ଚାଷୀଙ୍କଠାରୁ ଠିକ୍ ସମୟରେ ଧାନକିଣିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବାକୁ ରାଜ୍ୟ ସରକାର ନିଶ୍ଚିତ କରିଛନ୍ତି। ହେଲେ ଏହି ସମୟରେ କେତେକ ଅସାଧୁ ବେପାରୀ ପଡ଼ୋଶୀ ଛତିଶଗଡ଼ରୁ କମ୍‌ଦରରେ ଧାନଆଣି ଏଠାକାର ମଣ୍ଡିଗୁଡ଼ିକରେ ବିକ୍ରି କରୁଥିବା ଅଭିଯୋଗ ଆସିଛି । ଏଭଳି ଏକ ଘଟଣା ଗୁରୁବାର ସାମନାକୁ ଆସିଛି। ସ୍ଥାନୀୟ ସାରାବଙ୍ଗସ୍ଥିତ ଏକ ସ୍ୱୟଂ ସହାୟକ ଦଳର ହସ୍ତକ୍ଷେପ ପରେ ଜିଲା ଯୋଗାଣ ବିଭାଗ ଛତିଶଗଡ଼ରୁ ଏଠାକୁ ଆସୁଥିବା ୨୬୦ବସ୍ତା ଧାନ ଜବତ କରିଛି । ଜିଲାର ସବୁଠାରୁ ବଡ଼ ମଣ୍ଡି ସାରାବଙ୍ଗରେ ପ୍ରତିବର୍ଷ ଧାନ ଉଠାଣକୁ ନେଇ ଅଭିଯୋଗ ହୋଇଆସୁଥିଲା । ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ମଧୁସ୍ମିତା ସାହୁ ଏଥର ମହିଳା ସ୍ୱୟଂ ସହାୟକ ଦଳକୁ ଦାୟିତ୍ୱ ଦେଇଥିବାବେଳେ ସ୍ଥାନୀୟ ମିଲର୍ସଙ୍କ ଏକଚାଟିଆ କାରବାରକୁ ରୋକିବାକୁ ବରଗଡ଼ ଜିଲାର ମିଲର୍ସଙ୍କୁ ଟ୍ୟାଗ୍ କରିଛନ୍ତି। ସାରାବଙ୍ଗ ମଣ୍ଡିରେ ଶ୍ରୀକୃଷ୍ଣ ଏସ୍‌ଏଚ୍‌ଜି ଧାନ କିଣା ଦାୟିତ୍ୱରେ ଥିବାବେଳେ ଏଠାକୁ ବାହାର ରାଜ୍ୟର ଧାନ ଏଣ୍ଟ୍ରି ଉପରେ ମଧ୍ୟ ନଜର ରଖିଛି । ଏହି କ୍ରମରେ ଗୁରୁବାର ସକାଳୁ ଦୁଇଟି ଟ୍ରାକ୍ଟର ଯୋଗେ ଧାନ ବୋଝେଇ ହୋଇ ସାରାବଙ୍ଗକୁ ଆସିଥିଲା । ଖବର ପାଇ ମହିଳାଙ୍କ ସହ ଗ୍ରାମବାସୀ ଏହାର ପିଛା କରିଥିଲେ । ବ୍ୟବସାୟୀ ଜଣକ ଧାନକୁ ଦୁଇଟି ଗୋଦାମରେ ଭର୍ତ୍ତି କରି ରଖିଥିବାନେଇ ଜିଲାପାଳଙ୍କୁ ଫୋନ ଯୋଗେ ଜଣାଇ ଦିଆଯାଇଥିଲା। ତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଖଣ୍ଡୁରାମ ନାଏକ, ବ୍ଲକ ଯୋଗାଣ ଅଧିକାରୀ ନବୀନ କୁମାର ବାଗ, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଲାଲବିହାରୀ ଦାସ ପ୍ରମୁଖ ସାରାବଙ୍ଗରେ ପହଞ୍ଚିଥିଲେ । ଅଧିକାରୀମାନେ ପ୍ରଥମେ ଦେଓଲାଲ ସାହୁଙ୍କ ଗୋଦାମରେ ରଖାଯାଇଥିବା ୬୦ବସ୍ତା ଧାନକୁ ଜବତ କରାଯାଇଥିଲା। ପରେ ଗନପତ କେଉଁଟଙ୍କ ଘରେ ରଖାଯାଇଥିବା ୨ଶହ ବସ୍ତା ଧାନକୁ ଜବତ କରାଯାଇଥିଲା। ଏ ନେଇ ତଦନ୍ତ ଚାଲିଛି, କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଦାସ ପ୍ରକାଶ କରିଛନ୍ତି।

ସାରବଙ୍ଗରେ ଯୋଗାଣ ଅଧିକାରୀମାନେ ତଦନ୍ତ କରୁଛନ୍ତି ।

ଜଗନ୍ନାଥ ମନ୍ଦିରରେ ତାଲା

ଅତାବିରା, ୧୧।୬ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଜଗନ୍ନାଥ ଓ ଲକ୍ଷ୍ମୀନାରାୟଣ ମନ୍ଦିରରେ ଦୁଇ ଦିନ ହେଲା ତାଲା ଝୁଲୁଛି । ଗ୍ରାମର ଏକ ପରିବାର ଏବଂ ମନ୍ଦିର ପରିଚାଳନା ଟ୍ରଷ୍ଟ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଥମିବା ନାଁ ଧରୁନି। ଏହି ପରିପ୍ରେକ୍ଷୀରେ ଗୁରୁବାର ସମସ୍ୟାର ସମାଧାନ କରିବା ପାଇଁ ଦେଶଭଟିଲି ସରପଞ୍ଚ ସର୍ମିଷ୍ଠା ସାହୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ମନ୍ଦିରରେ ତାଲା ପଡିଥିବାରୁ ପୂଜକ ମନ୍ଦିର ବାହାରେ ପୂଜା କରୁଥିବା ଦେଖିବାକୁ ମିଳିଛି। ତିନି ଠାକୁରଙ୍କ ଦାରୁବ୍ରହ୍ମଙ୍କୁ ଗ୍ରାମର ଉକ୍ତ ପରିବାର ନିଜର ବୋଲି ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି । ପ୍ରତିବର୍ଷ ରଥଯାତ୍ରା ସମୟରେ ଏହି ବିବାଦ ହେଉଛି। ବାରମ୍ବାର ଏପରି ସମସ୍ୟା ଉପୁଜୁଥିବାରୁ ଦେବୋଦତ୍ତ ବିଭାଗ ଘଟଣାର ତଦନ୍ତ କରିବାକୁ ଗାଁ ଗୌନ୍ତିଆ ମଦନମୋହନ ଦାଶ, ଉଦୟ ଦାଶ, ପ୍ରସନ୍ନ ଆଚାର୍ଯ୍ୟ, ଅସୀମ ମହାକୁର, ସୁଦାମ ମହାକୁର, କପିଳାସ ଦତ୍ତା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।

ବ୍ଲକ ପରିସରରେ ସରପଞ୍ଚଙ୍କୁ ଆକ୍ରମଣ

ସରପଞ୍ଚ ସଂଘ ସଦସ୍ୟ ଓ ଜିଲା ଆଦିବାସୀ ସଂଘ କର୍ମକର୍ତ୍ତା ଥାନାରେ ଅଭିଯୋଗ କରୁଛନ୍ତି।

ଟିଟିଲାଗଡ଼, ୧୧।୬ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ବିନେକେଲା ପଞ୍ଚାୟତର ସରପଞ୍ଚ ହରି ମାଝୀ ବୁଧବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଆକ୍ରମଣର ଶିକାର ହୋଇଛନ୍ତି। ବିଡିଓଙ୍କ ସହ ସେ ଆଲୋଚନା କରୁଥିବା ବେଳେ ବ୍ଲକ ପଡାର ସୁନୀଲ ବିଶ୍ୱାଳ ନାମକ ଯୁବକ ତାଙ୍କୁ ଗାଳିଗୁଲଜ ସହ ମାରଧର କରିଥିବା ଗୁରୁବାର ସରପଞ୍ଚ ଟିଟିଲାଗଡ ଥାନାରେ ଅଭିଯୋଗ କରିଛନ୍ତି। ବିଡିଓ ନବୀନ ଚନ୍ଦ୍ର ନାୟକ ଏନେଇ ଟିଟିଲାଗଡ ଏସଡିପିଓଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଗୁରୁବାର ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ଉପଦେଷ୍ଟା ଦୟାରାମ ଅଗ୍ରୱାଲ, ଗୋଲକବିହାରୀ ସିଂଭୋଇ, ଗୌରୀ ହିଆଲ, ଆଦିବାସୀ ସଂଘ ବ୍ଲକ ସଭାପତି ଚୈତନ୍ୟ ମାଝୀ, ନଗର ସଭାପତି ନିତ୍ୟାନନ୍ଦ ମାଝୀ, ଇନ୍ଦ୍ରମଣି ମାଝୀ, ଜଗନ୍ନାଥ ମାଝୀ, ଘାସିରାମ ମାଝୀ ପ୍ରମୁଖ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ ସରପଞ୍ଚ ସଂଘ ଓ ଆଦିବାସୀ ସଂଘ ଦାବି କରିଛି। ଏ ନେଇ ଥାନାରେ ଏକ ମାମଲା (ନ.୯୨/୨୦)ରୁଜୁ ହୋଇଛି।

ବିନା ସ୍ୱାବ୍ ପରୀକ୍ଷାରେ ସଙ୍ଗରୋଧରୁ ଘରକୁ ଫେରୁଛନ୍ତି ପ୍ରବାସୀ ଶ୍ରମିକ

କୋକସରା, ୧୧।୬ (ଡି.ଏନ.ଏ)

ଲକ୍ ଡାଉନ ଯୋଗୁ ଦେଶାନ୍ତର ଶ୍ରମିକମାନେ ଅନେକ ଯାତନା ସହି କୌଣସି ପ୍ରକାରେ ନିଜ ଭିଟାମାଟିକୁ ଫେରିଥିବା ବେଳେ ସେମାନଙ୍କୁ ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନ ରହିବା ପାଇଁ ସ୍ଥାନୀୟ ପ୍ରଶାସନ ବ୍ୟବସ୍ଥା କରିଛନ୍ତି। ତେବେ ସଙ୍ଗରୋଧ ଅବଧି ମଧ୍ୟରେ ସ୍ୱାବ ଟେଷ୍ଟ କରାଯାଉ ନ ଥିବା ଅଭିଯୋଗ ହୋଇଛି । କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରୁ କେସିଙ୍ଗା ଓ ନର୍ଲା ବ୍ଲକର କିଛି ମହିଳା ପୁରୁଷ ଶ୍ରମିକଙ୍କ ସହ ଛୋଟ ଶିଶୁ ବୁଧବାର ଚାଲି ଚାଲି ଫେରୁଥିବା ଦେଖିବାକୁ ମିଳିଥିଲା । ସେମାନେ ୧୪ ଦିନ ସଙ୍ଗରୋଧ କେନ୍ଦ୍ରରେ ରହିବା ପରେ ମଧ୍ୟ ସେମାନଙ୍କ ସ୍ୱାବ ଟେଷ୍ଟ ହୋଇ ନ ଥିବା ଶ୍ରମିକମାନେ କହିଛନ୍ତି । କ୍ୱାରେଣ୍ଟାଇନ ଛାଡିବା ସମୟରେ ସେମାନେ ସୁସ୍ଥ ଥିବାରୁ ସ୍ଥାନୀୟ ଡାକ୍ତରଙ୍କ ପ୍ରମାଣପତ୍ର ସହ ଘରକୁ ଛାଡି ଦିଆଯାଇଛି । ତେବେ ଶ୍ରମିକମାନେ ମହାରାଷ୍ଟ୍ର ଓ ଗୁଜୁରାଟ ଫେରନ୍ତା ହୋଇଥିବାରୁ ମନରେ ଭୟ ରହିଛି। ଯଦି ପରେ କରୋନା ଲକ୍ଷଣ ପ୍ରକାଶ ପାଏ ତେବେ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଶ୍ରମିକମାନେ ମଙ୍ଗଳବାର ସଙ୍ଗରୋଧରୁ ବାହାରିଥିଲେ ମଧ୍ୟ ସ୍ଥାନୀୟ ସରପଞ୍ଚ କି ବ୍ଲକ ପ୍ରଶାସନ ସେମାନଙ୍କ ଯିବା ବ୍ୟବସ୍ଥା କରି ନ ଥିଲେ। ଡେଙ୍ଗାଗୁଡାରୁ କୋକସରା ପ୍ରାୟ ୧୦ କିଲୋମିଟର ଚାଲି ଚାଲି ଆସିବା ପରେ ସେମାନଙ୍କ ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟି ପଡିଥିଲା। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ସହ ଯୋଗାଯୋଗ କରିବା ପରେ ଶ୍ରମିକମାନଙ୍କୁ ଏକ ବସରେ ସେମାନଙ୍କ ଘରକୁ ପଠାଯାଇଥିଲା। ତେବେ ବିନା ସ୍ୱାବ୍ ଟେଷ୍ଟରେ ଫେରୁଥିବା ଶ୍ରମିକଙ୍କ ମନରେ ଘରକୁ ଯିବା ପୂର୍ବରୁ ଆଶଙ୍କା ଓ ଅଜଣା ଭୟ ଦେଖାଦେଇଛି ।

ଦୁଗ୍ଧ ସଂଗ୍ରହ କଲେ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବ

ସମ୍ବଲପୁର, ୧୧।୬ (ବ୍ୟୁରୋ)

ମ

ସଂକ୍ଷେପରେ

ହଳଧର ନାଗ କୋସଲ ଅଞ୍ଚଳର ସାଂସ୍କୃତିକ ଆମ୍ବାସାଡର

ବଲାଙ୍ଗୀର ଅଫିସ, ୧୧।୬: ଭାଜପାର ଭର୍ଚୁଆଲ ରାଲିରେ ଭାଷଣ ଦେବେ ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକକବିରତ୍ନ ପଦ୍ମଶ୍ରୀ ହଳଧର ନାଗଙ୍କୁ 'ମଳିମୁଣ୍ଡିଆ' ବୋଲି ଉଲ୍ଲେଖ କରିଥିଲେ। ଏହି ପ୍ରସଙ୍ଗରେ ମତାମତ ରଖି କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ସଭାପତି ପ୍ରମୋଦ କୁମାର ମିଶ୍ର କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସମାଲୋଚନା କରି ଏହା ତାଙ୍କର ଅପରିପକ୍ୱତା ବୋଲି କହିଛନ୍ତି। ଲୋକକବି ହଳଧର ନାଗ ହେଉଛନ୍ତି କୋସଲ ଅଞ୍ଚଳର ସାଂସ୍କୃତିକ ଆମ୍ବାସାଡର। କାହାର ଦୟାରୁ ସେ ପୁରସ୍କାର ପାଇନାହାନ୍ତି। ହଳଧର ନାଗଙ୍କ ପ୍ରତିଭା ଏଭଳି ଯେ, ସେ ଭାରତରତ୍ନ ପାଇବା ପାଇଁ ମଧ୍ୟ ଯୋଗ୍ୟ। ସେ ହେଉଛନ୍ତି କୋସଲ ରତ୍ନ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କର ଏଭଳି ମନ୍ତବ୍ୟକୁ ତୁରନ୍ତ ପ୍ରତ୍ୟାହାର କରିନେବା ଉଚିତ ବୋଲି ମିଶ୍ର କହିଛନ୍ତି।

କୋଏଲ ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୧୧।୬: କୋଏଲ ନଦୀରୁ ଗୁରୁବାର ସକାଳେ ଜଣେ ବୟସ୍କା ମହିଳାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର ନିକଟସ୍ଥ ଭୂୟାଁପଡା ବାସିନ୍ଦା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଆଇନ ଉଲ୍ଲଂଘନ କଲେ, ଜରିମାନା ଦେଲେ

ଦେବଗଡ,୧୧।୬(ଡି.ଏନ.ଏ): ଦେବଗଡ଼ ସହରର ବିଭିନ୍ନ ସ୍ଥାନରେ ଗୁରୁବାର ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ତତ୍ତ୍ୱାବଧାନରେ ଯାଞ୍ଚ କରାଯାଇ କୋଭିଡ୍ କଟକଣା ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୬୮ଜଣଙ୍କଠାରୁ ୩୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଯାଞ୍ଚ କାର୍ଯ୍ୟକ୍ରମରେ ତହସିଲଦାର ପଲ୍ଲବୀ ନାୟକ, ଅତିରିକ୍ତ ତହସିଲଦାର ସୌଦାମିନୀ ନାୟକ ସାମିଲ ଥିଲେ। ସେହିପରି ରିଆମାଳରେ ତହସିଲଦାର ବିମଳା ବିରୁଲି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ବଘାର ୨୪ ଆଇନ ଉଲ୍ଲଂଘନକାରୀଙ୍କଠାରୁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରଥିଲେ। ବାରକୋଟ ବ୍ଲକରେ ତହସିଲଦାର ବାର୍ସିଲେସ ଡୁଙ୍ଗଡୁଙ୍ଗ ୧୬ଜଣଙ୍କଠାରୁ ୮ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

ସାପ କାମୁଡ଼ାରେ ଆଶାଦିଦି ମୃତ

ତରଭା,୧୧।୬(ଡି.ଏନ.ଏ.): ତରଭା ବ୍ଲକ ବାଲିଖମାର ପଞ୍ଚାୟତ ଅଧୀନ ସନ୍ଧିଯୋର ଗ୍ରାମର ଆଶା ଦିଦି ମାୟାବତୀ ଖେତି(୪୧)ଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ବୁଧବାର ରାତିରେ ସେ ଖିଆପିଆ ସାରି ପରିବାର ସଦସ୍ୟଙ୍କ ସହ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା।

୨୦ ନିୟମ ଉଲ୍ଲଂଘନକାରୀଙ୍କୁ ନୋଟିସ

ରାଉରକେଲା ଅଫିସ,୧୧।୬

ଗତ ମଙ୍ଗଳବାର ଗୁଳିମାଡରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହକୁ ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଶୋଭାଯାତ୍ରାରେ ନେଇ ଶ୍ମଶାନକୁ ଯାଇଥିଲେ। ଏଥିରେ ଲକ୍‌ଡାଉନ କଟକଣା ଉଲ୍ଲଂଘନ କରାଯାଇଥିଲା । ଶୋଭାଯାତ୍ରକାରୀମାନେ ବିନା ମାସ୍କରେ ଥିଲେ । ସାମାଜିକ ଦୂରତାକୁ କେହି ମାନି ନ ଥିଲେ । ସହର ମୁଖ୍ୟରାସ୍ତାରେ ଏଭଳି ଶୋଭାଯାତ୍ରା ଆୟୋଜନ କରାଯାଇଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା । ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଶେଷରେ ଫ୍ଲାଣ୍ଟସାଇଟ୍ ଥାନା ପୋଲିସ ଖୁବ୍ ତରବରଭାବେ ଏକ ମାମଲା (ନଂ.୧୬୭/୨୦) ପିଛିଲା ତାରିଖରେ ରୁଜୁ କରିଛି। ଶୋଭାଯାତ୍ରାରେ ବହୁ ସଂଖ୍ୟକ ଲୋକ ଥିଲେ ମଧ୍ୟ ମାତ୍ର ୨୦ଜଣଙ୍କ ନାମରେ କାରଣଦର୍ଶାଅ ନୋଟିସ୍ ଜାରି କରିଛି। ପୋଲିସ ପକ୍ଷରୁ କୁହାଯାଇଛି, ସେଦିନ ହଠାତ୍ ୫ଶହରୁ ଊର୍ଦ୍ଧ୍ୱ ଲୋକ ଲକ୍‌ଡାଉନ ନିୟମ ଭାଙ୍ଗି ଏକତ୍ରିତ ହେବା ସହ ବିନା ମାସ୍କରେ ଶୋଭାଯାତ୍ରା ଆୟୋଜନ କରିଥିଲେ। ସାମାଜିକ ଦୂରତା ପାଳନ କରିବାକୁ କେହି ଉଚିତ୍ ମଣି ନ ଥିବାରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ଅନ୍ୟପକ୍ଷେ ଉଦିତନଗର ଆଇଟିଡିଏ ହଲରେ ଏହି ଘଟଣାକୁ ନେଇ ବୁଧବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ମସ୍‌ଜିଦ୍ ପରିଚାଳନା କମିଟି କର୍ମକର୍ତ୍ତା ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଭବିଷ୍ୟତରେ ଏଭଳି ବିଶୃଙ୍ଖଳା ଆଉ ହେବ ନାହିଁ ବୋଲି ସେମାନେ ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

ବୈଠକରେ ପ୍ରଶାସନିକ ଅଧିକାରୀ ଓ ମସ୍‌ଜିଦ୍ ପରିଚାଳନା କମିଟି କର୍ମକର୍ତ୍ତା।

ଲକ୍‌ଡାଉନରେ ଶବ ଶୋଭାଯାତ୍ରା ମହଙ୍ଗା ପଡିଲା

- ପୋଲିସ କହିଲା ୫ଶହ ଲୋକ ଥିଲେ

ସୂଚନାଯୋଗ୍ୟ, ଗତ ୭ ତାରିଖରେ ନାଲା ରୋଡ ଅଞ୍ଚଳର ଦୀଲସାତ ଖାନ୍(୪୫) ନାମକ ଜଣେ ଯୁବକଙ୍କୁ ରେଲୱେ କଲୋନୀ ଅଞ୍ଚଳରେ କେତେଜଣ ଦୁର୍ବୃତ୍ତ ଗୁଳିମାରି ହତ୍ୟା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ତା'ପରଦିନ ଅଥାତ୍ ୮ ତାରିଖରେ ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଲକ୍‌ଡାଉନ ଆଇନ ଉଲ୍ଲଂଘନ କରି ମୃତଦେହକୁ ଶୋଭାଯାତ୍ରାରେ ଶ୍ମଶାନକୁ ନେଇଥିଲେ।

ଥାନା ଭିତରେ ଏସ୍‌ଆଇଙ୍କୁ ହତ୍ୟା ଧମକ, ଯୁବକ ଗିରଫ

ଘାସିରାମ ସାହୁଙ୍କ ପରିବାର ଏସ୍‌ପିଙ୍କ ପାଖକୁ ଅଭିଯୋଗ କରିବାକୁ ଆସିଛନ୍ତି ।

ସମ୍ବଲପୁର,୧୧।୬(ବ୍ୟୁରୋ)

ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ଭିତରେ ଗଣ୍ଡଗୋଳ କରିବା ସହ ଜଣେ ଏସ୍‌ଆଇଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରେଙ୍ଗାଳପଞ୍ଚ ଗ୍ରାମର ଘାସିରାମ ସାହୁ । ଏ ନେଇ ପୋଲିସ କର୍ମଚାରୀ ସୁରେଶ ସାହୁଙ୍କ ଅଭିଯୋଗ କ୍ରମେ ଗୁରୁବାର ଏକ ମାମଲା(ନଂ. ୮୮/୨୦)ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ସୁରେଶଙ୍କ ଅଭିଯୋଗ ଅନୁଯାୟୀ, ଜମି ବିବାଦକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏ ନେଇ ଘାସିରାମ ଥାନାକୁ ଆସିଥିଲେ । ପୋଲିସ ଏହାର ତଦନ୍ତ କରୁଛି ବୋଲି କହିବାରୁ ସେ ଉତ୍ତେଜିତ ହୋଇ ଏସ୍‌ଆଇ ଧର୍ମେନ୍ଦ୍ର ଭୋଇଙ୍କ ସହ ଯୁକ୍ତିତର୍କ କରିଥିଲେ । ପରେ ଟେବୁଲ ପିଟି ଅଶ୍ରାବ୍ୟ ଭାଷାରେ ଗାଳିଗୁଳଜ କରିବା ସହ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଅନ୍ୟପକ୍ଷେ ଘାସିରାମଙ୍କ ସ୍ତ୍ରୀ ସୁକାନ୍ତି ଓ ଝିଅ ଏସ୍‌ପିଙ୍କ ଅଫିସକୁ ଆସି ପୋଲିସ କର୍ମଚାରୀଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ସୁକାନ୍ତି ଦର୍ଶାଇଥିଲେ, ଏସ୍‌ଆଇ ଭୋଇ ଘାସିରାମଙ୍କୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ବସାଇ ରଖିଥିଲେ। ଅଭିଯୋଗ କରିବାକୁ ଥାନାକୁ ଆସିଥିବା ଜଣେ ବ୍ୟକ୍ତି କିପରି ଅଭିଯୁକ୍ତ ହୋଇଗଲେ ବୋଲି ସୁକାନ୍ତି ଏସ୍‌ପିଙ୍କୁ କହିଥିଲେ। ପୋଲିସ ଆମ ଘରକୁ ଆସି ଧମକ ଚମକ ଦେଉଛି। ତାଙ୍କ ସ୍ୱାମୀଙ୍କୁ ପୋଲିସ ଜାଣିଶୁଣି ଗିରଫ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରେଡାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ କହିଛନ୍ତି, ଜମି ବିବାଦକୁ ନେଇ ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଜମି ବିବାଦର ସମାଧାନ କରିବା ପୋଲିସ ପରିସୀମା ବାହାରେ ରହିଛି । ହେଲେ ରାଜସ୍ୱ ବିଭାଗ ସହ ଯୋଗାଯୋଗ କରି ଆପୋସ ବୁଝାମଣା କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା । ହେଲେ ଅଭିଯୁକ୍ତ କୌଣସି କଥା ଶୁଣି ନ ଥିଲେ।

ଜୀବିକା ହରାଇଲେ ବାଜାବାଲା

ବାଜାବାଲାଙ୍କୁ ସହାୟତା ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ,୧୧।୬

ଘାତକ କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ ହୋଇଛି। ଏଥିରେ ବାଜାବାଲା (ବଜନିଆଁ)ମାନେ ନିଜ ଜୀବିକା ହରାଇଛନ୍ତି । ସାଧାରଣତଃ ଅନୁସୂଚୀତ ଜାତି ବର୍ଗର ଏହି ଅଣସ୍ୱୀକୃତ କଳାକାରମାନେ ପର୍ବପର୍ବାଣୀଠାରୁ ଆରମ୍ଭ କରି ବିବାହ ଆଦି ଉତ୍ସବରେ ଢୋଲ, ନିଶାନ, ମହୁରୀ, ଦୁଲଦୁଲି ବାଜା ବଜାଇଥାନ୍ତି ଏବଂ ସେଥିରୁ ରୋଜଗାର ଟଙ୍କାରେ ନିଜ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର କରୋନା ସେମାନଙ୍କ ଜୀବିକାକୁ ଛଡ଼ାଇ ନେଇଛି। ଏବେ ପରିବାର ପୋଷଣ କଷ୍ଟସାଧ୍ୟ ହୋଇ ପଡ଼ିଛି। ଫଳରେ ସେମାନଙ୍କୁ ସରକାରୀ ସହାୟତା, ପେନସନ ଆଦି ଯୋଗାଇ ଦେବାକୁ ଭାଜପା ଦାବି କରିଛି। ଏ ନେଇ ଗୁରୁବାର ଭାଜପା ପକ୍ଷରୁ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ଭାଜପାର ରାଜ୍ୟ ସମ୍ପାଦକ ସୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ସ୍ୱାଧୀନ ସାହୁ, ପ୍ରଭାତ ସାହୁ, କାଳିଆ ବାଙ୍କ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ବିଏସ୍‌ଏନ୍‌ଏଲ୍ ମଜଦୁର ସଂଘର ତାଲାବନ୍ଦ ଆନ୍ଦୋଳନ

ବଲାଙ୍ଗୀର ଅଫିସ, ୧୧।୬

ବିଏସ୍‌ଏନ୍‌ଏଲ୍ ମଜଦୁର ସଂଘ ସଭାପତି ଲଳିତ କୁମାର ନାଏକଙ୍କ ନେତୃତ୍ୱରେ ଶତାଧିକ ବିଏସ୍‌ଏନ୍‌ଏଲ୍ କର୍ମଚାରୀ ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ଓ ଏକ୍ସଚେଞ୍ଜ ଅଫିସକୁ ତାଲା ପକାଇ ବନ୍ଦ କରିଦେଇଥିଲେ । ୬ ଦଫା ଦାବି ନେଇ ଏହି କର୍ମଚାରୀମାନେ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କରୋନା ସମୟରେ ଲୋକେ ଲକ୍‌ଡାଉନ୍‌ରେ ଥିବାବେଳେ କର୍ତ୍ତବ୍ୟ ଜାରି ରଖିଥିବା ବିଏସ୍‌ଏନ୍‌ଏଲ୍ କମଚାରୀଙ୍କ ଦୀର୍ଘ ୧୦ ମାସ ହେଲା ଦରମା ମିଳି ନ ଥିବା ଦୁର୍ଭାଗ୍ୟଜନକ ବୋଲି ସଭାପତି ନାଏକ କହିଥିଲେ । କରୋନା ମହାମାରୀ ସମୟରେ ଏହି କର୍ମଚାରୀମାନଙ୍କୁ ଦରମା ନ ଦେବା ମାନବିକତାର ଉଲ୍ଲଂଘନ ବୋଲି ସେ କହିଛନ୍ତି । ଏହି କର୍ମଚାରୀଙ୍କୁ ଗୋଟିଏ ମାସରେ ୨୬ ଦିନ କାମ ଦିଆଯିବାର ପ୍ରାବଧାନ ଥିଲେ ମଧ୍ୟ କର୍ମଚାରୀମାନଙ୍କୁ ଏହା ଯୋଗାଇ ନ ଦିଆଯାଇ ମାସିକ ୧୪/୧୫ ଦିନ ଯୋଗାଇ ଦିଆଯାଉଛି। ଏଣୁ ତୁରନ୍ତ ସମସ୍ତ କର୍ମଚାରୀଙ୍କୁ ୨୬ଦିନର କାମ ଯୋଗାଇବାକୁ ସେ ଦାବି କରିଥିଲେ । ଅନ୍ୟ ଦାବିଗୁଡିକ ମଧ୍ୟରେ ଅଣକୁଶଳୀକୁ ଅର୍ଦ୍ଧକୁଶଳୀ ଓ ଅର୍ଦ୍ଧକୁଶଳୀକୁ କୁଶଳୀ ଶ୍ରମିକ ପଦୋନ୍ନତି ଦେବା, ମାର୍ଚ୍ଚ ମାସର ଦରମାରୁ ଠିକାଦାର ଅଧା ଦରମା କାଟି ଦେଇଥିବାରୁ ତୁରନ୍ତ ସବୁ ଦରମା ପ୍ରଦାନ, କଟାଯାଉଥିବା ଇପିଏଫ୍ ତୁରନ୍ତ ଜମା କରିବା, ଦରମା ମାଗିଲେ ଧମକ ଦିଆଯାଉଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର, ସୋନପୁର, ପାଟଣାଗଡ, କଣ୍ଟାବାଞ୍ଜିର ବିଏସ୍‌ଏନ୍‌ଏଲ୍ କର୍ମଚାରୀ ଉପସ୍ଥିତ ଥିଲେ । ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ନାଏକ ସୂଚନା ଦେଇଛନ୍ତି ।

ସୁବର୍ଣ୍ଣପୁର : ପୁଣି ୯ ଆକ୍ରାନ୍ତ ସୁସ୍ଥ

ସୋନପୁର,୧୧।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ପାଇଁ ଖୁସି ଖବର । ଗୁରୁବାର ସର୍ବାଧିକ ୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ସରକାରୀ ଆଇଟିଆଇସ୍ଥିତ ଜିଲା ଅସ୍ଥାୟୀ କୋଭିଡ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଘରକୁ ଫେରିଛନ୍ତି । ପୂର୍ବରୁ ମୋଟ ୧୬ ଜଣ ସୁସ୍ଥ ହୋଇଥିଲେ। କୋଭିଡ୍ ଯୋଦ୍ଧାଙ୍କ ପାଇଁ ଜିଲାରେ ବର୍ତ୍ତମାନ ସୁଦ୍ଧା ରେକର୍ଡ ସଂଖ୍ୟକ ରୋଗୀ ସୁସ୍ଥ ହୋଇ ପାରିଥିବା କୁହାଯାଉଛି। ଜିଲାର ସର୍ବମୋଟ ୨୯ ସଂକ୍ରମିତଙ୍କ ମଧ୍ୟରୁ ଗୁରୁବାର ସୁଦ୍ଧା ୨୫ ଜଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏବେ ମାତ୍ର ୪ ଜଣ କରୋନା ସଂକ୍ରମିତଙ୍କ ଦେହରେ ଭୂତାଣୁ ସକ୍ରିୟ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ କୋଭିଡ ହସପିଟାଲରେ ଚିକିତ୍ସିତ ହେଉଛନ୍ତି।

ଦୋକାନ କଡ଼ରେ ମଦ ହୋମ୍ ଡେଲିଭରି ଘଟଣା

ଅବକାରୀ ଇନ୍ସପେକ୍ଟରଙ୍କୁ ତଦନ୍ତ ନିର୍ଦ୍ଦେଶ

ଝାରସୁଗୁଡା ଅଫିସ,୧୧।୬

ଝାରସୁଗୁଡା ଜିଲାରେ ଥିବା ୩୨ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ମଦ ହୋମ୍ ଡେଲିଭରି ବଦଳରେ ଗ୍ରାହକଙ୍କୁ ସିଧାସଳଖ ଦୋକାନ କଡ଼ରେ ହିଁ ଡେଲିଭରି ଦିଆଯାଉଛି। ଏ ନେଇ ଧରିତ୍ରୀରେ ଗୁରୁବାର ଏକ ଖବର ପ୍ରକାଶ ପାଇଥିଲା। ଏହି ରିପୋର୍ଟକୁ ଗୁରୁତର ଭାବେ ନେଇଛି ଜିଲା ଅବକାରୀ ବିଭାଗ। ଘଟଣାର ତଦନ୍ତ ସହିତ ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ଅବକାରୀ ଅଧୀକ୍ଷକ ନାରାୟଣ ମେହେର ନିର୍ଦ୍ଦେଶ ଦେଇଛନ୍ତି। ଝାରସୁଗୁଡ଼ା ଅବକାରୀ ଇନ୍ସପେକ୍ଟରଙ୍କୁ ତୁରନ୍ତ ଏହାର ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, କରୋନା ମୁକାବିଲା ସମୟରେ ସାମାଜିକ ଦୂରତ୍ୱକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଦ ହୋମ୍ ଡେଲିଭରି ବ୍ୟବସ୍ଥା କରାଯାଇଛି। ହେଲେ ଝାରସୁଗୁଡା ଜିଲାର ବିଭିନ୍ନ ମଦ ଦୋକାନରେ ଗ୍ରାହକମାନେ ମଦ ପାଇଁ ଅନଲାଇନ ଅର୍ଡର ଦେଉଛନ୍ତି। ହେଲେ ସିଧାସଳଖ ଆସି ଦୋକାନ କଡ଼ରେ ମଦ ହୋମ ଡେଲିଭରି ନେଉଛନ୍ତି। ଅନ୍ୟପକ୍ଷରେ ମଦ ହୋମ ଡେଲିଭରି ବାବଦକୁ ଥିବା ଅର୍ଥ ମଧ୍ୟ ଦୋକାନୀମାନେ ନେଉଛନ୍ତି। ଉପରୋକ୍ତ ମଦ ଦୋକାନ କଡ଼ରେ ଗ୍ରାହକମାନେ ଭିଡ଼ କରି ମଦ ପାଇଁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି।

ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍

ଭବାନୀପାଟଣା/କୋକସରା,୧୧।୬(ସ୍ୱ.ପ୍ର/ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସରପଞ୍ଚ ନନ୍ଦିତା ସାହୁ ନିଜର ଦିଲ୍ଲୀ ଫେରନ୍ତା ପୁଅକୁ ଘରକୁ ନ ନେଇ ସଙ୍ଗରୋଧ ଗୃହରେ ରଖିବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରିଛନ୍ତି। ଧରିତ୍ରୀରେ ପ୍ରକାଶିତ ଖବରକୁ ଟ୍ୟାଗ୍ କରି ମୁଖ୍ୟମନ୍ତ୍ରୀ ଟୁଇଟରରେ ସରପଞ୍ଚ ସାହୁଙ୍କ ଉଦ୍ୟମକୁ ପ୍ରଶଂସନୀୟ ଓ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଗମ୍ଭାରୀଗୁଡା ସରପଞ୍ଚ ଦାୟିତ୍ୱ ନିର୍ବାହ ସହ ସରକାରଙ୍କ ନିର୍ଦ୍ଦେଶ ଠିକ୍‌ଠାକ୍ ପାଳନ କରିବାକୁ ଯାଇ ଦିଲ୍ଲୀ ଫେରନ୍ତା ପୁଅକୁ ନିଜ ଘରକୁ ନ ନେଇ ସଙ୍ଗରୋଧ କେନ୍ଦ୍ରରେ ରଖିଥିଲେ। ଏ ନେଇ ଧରିତ୍ରୀରେ ଜୁନ୍ ୧୦ତାରିଖ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା। ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଏହି ଖବରକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।

ଗଛ ତଳେ ଆଶ୍ରୟ ନେଲେ୨ ପ୍ରବାସୀ ଶ୍ରମିକ

ସମ୍ବଲପୁର,୧୧।୬(ବ୍ୟୁରୋ)

ପ୍ରବାସୀ ଶ୍ରମିକଙ୍କ ପାଇଁ ସରକାର କ୍ୱାରାଣ୍ଟାଇନ ସେଣ୍ଟରର ବ୍ୟବସ୍ଥା କରିଛନ୍ତି । ହେଲେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଖାମଖିଆଲ ମନେଭାବ ଯୋଗୁ ସ୍ଥାନୀୟ ୪୦ ନମ୍ବର ୱାର୍ଡକୁ ଫେରିଥିବା ୨ ପ୍ରବାସୀ ଶ୍ରମିକ ନାନା ହଇରାଣ ହୋଇଛନ୍ତି। ପ୍ରଥମେ ସେମାନେ ନିଜ ପରିଚୟ ଦେଇଥିଲେ ମଧ୍ୟ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇ ନ ଥିଲା । ସେମାନେ ହୋମ୍ କ୍ୱାରାଣ୍ଟାଇନରେ ରହିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ସେମାନଙ୍କୁ ଘରେ ପୁରାଇ ଦିଆଯାଇ ନ ଥିଲା । ଏହାପରେ ସେମାନେ ଗାଁ ମୁଣ୍ଡ ଗଛ ତଳେ ଆଶ୍ରା ନେଇଥିଲେ । ଶେଷରେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଏହି ବିବାଦର ସମାଧାନ ହୋଇଛି । ସମ୍ପୃକ୍ତ ଯୁବକଦ୍ୱୟ

ସଂକ୍ଷେପରେ

ଟ୍ରାକ୍ଟରରେ ଚାପି ହୋଇ ଶ୍ରମିକ ମୃତ

ବଅଁରପାଳ, ୧୧।୬(ଡି.ଏନ.ଏ.): ନାଲ୍‌କୋ ଥାନା କନ୍ୟାବେଡା ଗ୍ରାମ ରେଲୱେ ବ୍ରିଜ ନିକଟରେ ଗୁରୁବାର ଏକ ଟ୍ରାକ୍ଟର ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ପରଜଙ୍ଗ ଅଞ୍ଚଳର ଟୁକୁନା ବେହେରା(୩୦) ବୋଲି ଜଣାପଡିଛି। ଟ୍ରାକ୍ଟରଟି ରେଲୱେ ଧାରଣା ନିକଟରୁ ମାଟି ଭର୍ତ୍ତି କରି ଗ୍ରାମ ଆଡକୁ ଯାଉଥିବାବେଳେ ଏକ ଖାଲରେ ପଡିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଡାଲାରେ ବସିଥିବା ୩ ଜଣଙ୍କ ମଧ୍ୟରୁ ଟୁକୁନା ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ନାଲ୍‌କୋ ପୋଲିସ ପହଞ୍ଚି ତଦନ୍ତ କରୁଛି।

ପୋଖରୀରେ ବୁଡି ଶିଶୁପୁତ୍ର ମୃତ

କଣିହାଁ, ୧୧।୬(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ସାନତ୍ରିବିଡା ଗ୍ରାମରେ ଗୁରୁବାର ପୋଖରୀରେ ବୁଡି ଏକ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଘଟଣାରୁ ଜଣାପଡିଛି, ଅନିଲ କୁମାର ପ୍ରଧାନଙ୍କ ୪ ବର୍ଷର ପୁଅ ଆର୍‌ୟନ ଘର ନିକଟ ପୋଖରୀ କୂଳରେ ଖେଳୁଥିବାବେଳେ ପାଣି ଭିତରେ ପଶି ଯାଇଥିଲା। ପରିବାର ଲୋକେ ତାକୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

ଚୋରା କୋଇଲା ଜବତ: ୨ ଗିରଫ

କଣିହାଁ, ୧୧।୬(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ପୋଲିସ ବୁଧବାର ଏକ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରିବା ସହ ଏହାର ଚାଳକ ଓ ମାଲିକଙ୍କୁ ଗିରଫ କରିଛି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରଞ୍ଜିତା ସାହୁ କହିଛନ୍ତି, ଏକ ଚୋରା କୋଇଲା ବୋଝେଇ ଟ୍ରକ୍ (ନଂ. ଓଆର୍‌୦୪ଇ-୪୭୧୭) ପାଲଲହଡ଼ା ଆଡକୁ ଯାଉଥିବାବେଳେ ଗହମ ଆଶ୍ରମ ନିକଟସ୍ଥ ରାସ୍ତାରୁ ପାଟ୍ରୋଲିଂ ସମୟରେ ଧରାପଡିଥିଲା। ଗାଡ଼ି ମାଲିକ ତାଳଚେର ଥାନା ଗୁରୁଜାଙ୍ଗ ଗ୍ରାମର ଅଭୟ କୁମାର ଲେଙ୍କା ଓ ଚାଳକ ଢେଙ୍କାନାଳ ସଦର ଥାନା ପଞ୍ଚୁପତି ଗ୍ରାମର ଚନ୍ଦ୍ରମଣି ପଟ୍ଟନାୟକଙ୍କୁ ଗୁରୁବାର ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଜବତ ଟ୍ରକ୍‌ରେ ପ୍ରାୟ ୧୩ ଟନ୍ କୋଇଲା ରହିଛି। ଏ ନେଇ ନଂ. ୧୦୯/୨୦ରେ ମାମଲା ରୁଜୁ ହୋଇଛି।

ପିଟି ହୋଇ ବାଇକ୍ ଚାଳକ ମୃତ

ଛେଣ୍ଡିପଦା, ୧୧।୬(ସ୍ୱ.ପ୍ର.): ଛେଣ୍ଡିପଦା ଥାନା କୋଶଳା-କମ୍ପସଲା ରାସ୍ତାର ବ୍ରାହ୍ମଣବିଲ ଗ୍ରାମ ଗନ୍ଧିମୁଣ୍ଡାଠାରେ ଥିବା ବୁଲାଣିରେ ବୁଧବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ କଙ୍କୁରପାଳ ଗ୍ରାମର ଶଙ୍କର ନାଏକ(୩୫)ଙ୍କ ମୃତ୍ୟୁ ଘଟିଛି। ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ସିମେଣ୍ଟ ପିଲରରେ ପିଟିହୋଇଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

ଘର ଭାଙ୍ଗିଲା ହାତୀ

ବଇଣ୍ଡା, ୧୧।୬(ଡି.ଏନ.ଏ.): କିଶୋରନଗର ବ୍ଲକ ବାମୁର ରେଞ୍ଜ ଅଙ୍ଗପଡା ପଞ୍ଚାୟତରେ କିଛି ଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ବୁଧବାର ରାତିରେ ଝାରବନ୍ଧୁଲା ଗ୍ରାମରେ ହାତୀ ପଶି ନେତ୍ର ବେହେରାଙ୍କ ଚାଳ ଘର ଭାଙ୍ଗି ଦେଇଛି। ଏଥିସହ ଘରେ ଥିବା ମୁଗ, ବିରି, ଧାନ ଆଦି ଖାଇବା ସହ ବାଡ଼ିରେ ବିଭିନ୍ନ ଗଛ ଭାଙ୍ଗି ନଷ୍ଟ କରିଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

ଦୁର୍ଘଟଣାରେ ୨ ଗୁରୁତର

ଅନୁଗୋଳ ଅଫିସ, ୧୧।୬: ଅନୁଗୋଳ ସହର ହେମସୁରପଡ଼ା ଛକ ନିକଟରେ ଗୁରୁବାର ଏକ କାର୍ ଧକ୍କାରେ ଦୁଇ ଖବରଦାତା ବିଶ୍ୱରଞ୍ଜନ ପଟ୍ଟନାୟକ ଓ ସୁଶାନ୍ତ କୁମାର ସେଠୀ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ କାର୍ ଚାଳକ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

ଟ୍ରେନ୍‌ରେ କଟି ଯୁବକ ମୃତ

ଅନୁଗୋଳ ଅଫିସ, ୧୧।୬: ଅନୁଗୋଳ ସହର ଉପକଣ୍ଠ କୁମଣ୍ଡ ଚଣ୍ଡିବଜାର ରେଳଧାରଣା ନିକଟରୁ ଗୁରୁବାର ଛେଣ୍ଡିପଦା ବ୍ଲକ ବଡ଼ବାରେଣୀ ଅଞ୍ଚଳର ସୂର୍ଯ୍ୟକାନ୍ତ ଭୋଇ(୨୩)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂର୍ଯ୍ୟକାନ୍ତ ଅନୁଗୋଳରେ ରହି କାମ କରୁଥିଲେ। ଘରକୁ ଯିବା ପାଇଁ ସହକର୍ମୀଙ୍କୁ କହୁଥିଲେ ହେଁ ସକାଳୁ ତାଙ୍କ ଦେଖା ମିଳି ନ ଥିଲା। ରେଳ ଧାରଣାରେ ତାଙ୍କର କେତେବେଳେ ମୃତ୍ୟୁ ହୋଇଛି ସେ ନେଇ ତଦନ୍ତ ଚାଲିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

ମଷ୍ଟରରୋଲରେ ଅନିୟମିତତା

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ
- ଜବ୍‌କାର୍ଡଧାରୀଙ୍କ କାର୍ଡରେ କାମ କରୁଛନ୍ତି ଅନ୍ୟ ଶ୍ରମିକ
- ନିମ୍ନମାନର କାମ କରିଥିବାରୁ ତାଗିଦ୍ କରାଯାଇଛି: ଯନ୍ତ୍ରୀ
- ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ: ଏବିଡିଓ

ପରଜଙ୍ଗ, ୧୧।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ତୁରୁ ପଞ୍ଚାୟତ ଅଧୀନ ଚାନ୍ଦପୁର ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବଡ଼ବନ୍ଧଠାରୁ ଭଣ୍ଡାରିପଶି ଯାଏ କରାଯାଉଥିବା ଫିଲ୍ଡ ଚ୍ୟାନେଲ କାମରେ ଜବ୍‌କାର୍ଡଧାରୀଙ୍କ କାର୍ଡରେ ଅନ୍ୟ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିବା ଅଞ୍ଚଳବାସୀ ବ୍ଲକ ପ୍ରଶାସନର ଦୃଷ୍ଟିଆକର୍ଷଣ କରିଛନ୍ତି। କେବଳ ଏତିକି ନୁହେଁ, ନିୟୋଜିତ ଶ୍ରମିକଙ୍କ ତୁଳନାରେ ମଷ୍ଟର ରୋଲ୍‌ରେ ଅଧିକ ଦର୍ଶାଯାଇଛି। କାର୍ଯ୍ୟ ପରିଚାଳନାରେ ନିୟୋଜିତ ଗାଁ ସାଥୀ ଅନିୟମିତତାକୁ ସ୍ୱୀକାର କରିବା ପରେ ଦୁର୍ନୀତିର ଚେର ଗହୀରକୁ ଲମ୍ବିଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏବିଡିଓ କହିଛନ୍ତି।

ଗ୍ରାମ ସାଥୀ ନିମେଇ ଚରଣ ସାହୁଙ୍କ ନାମରେ ଏହ କାମର କାର୍ଯ୍ୟାଦେଶ ରହଛ, ଯାହାର କୋଡ୍ ନଂ.୨୪୦୭୦୦୭୦୧୪/୧୦୪୩୦୧୮୨। ଏହାର ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା। ତେବେ ମଷ୍ଟରରୋଲ୍‌ରେ ୨୨ଜଣ ଶ୍ରମିକ କାର୍ଯ୍ୟ କରୁଥିବା ଦର୍ଶାଯାଇଥିବାବେଳେ ୧୪ଜଣ ଶ୍ରମିକ କାମ କରୁଛନ୍ତି। ସେହିପରି ଜବ୍‌କାର୍ଡଧାରୀଙ୍କ ବଦଳରେ ଅନ୍ୟ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ଏ ନେଇ କେତେଜଣ ଗ୍ରାମବାସୀ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଗ୍ରାମ ସାଥୀ ନିଜ ପ୍ରତିକ୍ରିୟାରେ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପିସି କାରବାର ହେଉଛି। ତେଣୁ ନିମ୍ନମାନର କାମ ହେବା ସ୍ୱାଭାବିକ ବୋଲି ସେ ଅବାନ୍ତର ଯୁକ୍ତି ବାଢ଼ିଥିଲେ। ଜିଆର୍‌ଏସ୍ ମମତା ସାହୁ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। ହେଲେ ଗାଁ ସାଥୀଙ୍କ ପ୍ରରୋଚନାରେ ଏପରି କାମ ହେଉଥିବା ସେ କହିଛନ୍ତି। ଏଥିସହ ମଷ୍ଟର ରୋଲ୍‌ରେ ଦର୍ଶାଯାଇଥିବା ଅତିରିକ୍ତ ଶ୍ରମିକଙ୍କ ନାମ କାଟିଦିଆଯିବ ବୋଲି ଜିଆର୍‌ଏସ୍ କହିଥିଲେ। ଯନ୍ତ୍ରୀ ଇତିଶ୍ରୀ ଦେବୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଅନିୟମିତତା ଅଭିଯୋଗ ଆସିବା ପରେ ଗାଁ ସାଥୀଙ୍କୁ ତାଗିଦ୍ କରାଯାଇଛି। କାମର ମାନ ଠିକ୍ ନ ରହିଲେ ବିଲ୍ କରାଯିବ ନାହିଁ। ତେବେ ଗାଁ ସାଥୀ ଆଣିଥିବା ପିସି କାରବାର ଅଭିଯୋଗ ଭିତ୍ତିହୀନ ବୋଲି ଯନ୍ତ୍ରୀ କହିଛନ୍ତି। ଏବିଡିଓ ଅଶୋକ ମିଶ୍ର କୁହନ୍ତ, ସେ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ତଥାପି ଯଦି ଏଭଳି ଅନିୟମିତତା ହୋଇଥାଏ, ତେବେ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା।

କମର୍ସିଆଲ ମାଇନିଂ ବିରୋଧରେ ବିକ୍ଷୋଭ

ଅନୁଗୋଳ ଅଫିସ, ୧୧।୬

କମର୍ସିଆଲ ମାଇନିଂ ଓ ଶ୍ରମ ଆଇନ ବିରୁଦ୍ଧରେ ସିଟୁର ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ ସିଆଇଟିୟୁ, ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ଏଆଇୟୁଟିୟୁସି ଆଦି ରାଷ୍ଟ୍ରୀୟ ଶ୍ରମ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ସିଏମ୍‌ପିଡିଆଇ କୋଶଳାଠାରେ ଥିବା କ୍ୟାମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଏମ୍‌ପିଡିଆଇକୁ କୋଲ୍ ଇଣ୍ଡିଆ ଠାରୁ ଅଲଗା ନ କରିବା, କମର୍ସିଆଲ୍ ମାଇନିଂକୁ ବନ୍ଦ କରିବା, ପ୍ରଚଳିତ ଶ୍ରମ ଆଇନକୁ ପରିବର୍ତ୍ତନ ନ କରିବା ପାଇଁ ଦାବି କରାଯାଇଥିଲା। କେନ୍ଦ୍ର ସରକାର ଏଥିରୁ ନିବୃତ୍ତ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଶ୍ରମ ସଙ୍ଗଠନଗୁଡ଼ିକ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ସିଏମ୍‌ପିଆଇଡି କୋଶଳା ଶାଖା ୟୁନିୟନ ସାଧାରଣ ସମ୍ପାଦକ ପିଣ୍ଡୁ ବାହାଦୁର, ମୋହନ ବାଉରୀ, ପନୁ ସାହୁ, ଜିତୁ କୁମାର, ଏସ୍. ନାରାୟଣ ରାଓ ଏବଂ ସଂଘ ଆଇନ ପରାମର୍ଶଦାତା ବସନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆଡମିଶନ ଫି' ଛାଡ଼ ଦାବି

କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଉଛି।

ଅନୁଗୋଳ ଅଫିସ, ୧୧।୬

ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକରେ ନାମ ଲେଖା ପାଇଁ ବିଜ୍ଞପ୍ତି ଜାରି କରିଥିବା ବେଳେ ଏହାକୁ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ସଭ୍ୟ ପ୍ରଦ୍ୟୁମ୍ନ ସାହୁଙ୍କ ନେତୃତ୍ୱରେ ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘଣ୍ଟା ଧରି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଥିଲା। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ୧୫ ଦିନ ହେବ ଛାତ୍ର କଂଗ୍ରେସ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନାମଲେଖା ଫି ଛାଡ଼ ପାଇଁ ଦାବି କରି ଆସୁଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ ନାମଲେଖା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ଫି' ଛାଡ଼ ନ ହେଲେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି। ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଅନୁଗୋଳ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଲୁଟୁରଞ୍ଜନ ଥାପା, ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ସିନ୍ଧୁ ସ୍ୱାଇଁ, ମାନସ ରଞ୍ଜନ ବିଶ୍ୱାଳ, ସୋନୁ ଗାଙ୍ଗୁଲି, ତେଜନ ମିଶ୍ର, ଦିବ୍ୟ ପ୍ରସାଦ ପ୍ରଧାନ, ସୁଜିତ ନାୟକ, ବିଦେଶୀ ସାହୁ, ସଂଗ୍ରାମ ବେହେରା ଓ ଅଭିଷେକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଢେଙ୍କାନାଳରେ ୩ ପଜିଟିଭ୍

ଢେଙ୍କାନାଳ ଅଫିସ, ୧୧।୬

ଢେଙ୍କାନାଳ ଜିଲାରେ ଗୁରୁବାର ୩ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୨ରେ ପହଞ୍ଚିଛି। ହିନ୍ଦୋଳ ବ୍ଲକର ୨ ଆକ୍ରାନ୍ତ ମହାରାଷ୍ଟ୍ରରୁ ଆସି ଗତ ୩ ତାରିଖରୁ କାରନ୍ଦା ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକର ଆକ୍ରାନ୍ତ ବ୍ୟକ୍ତି ମହାରାଷ୍ଟ୍ରରୁ ଆସି ବାମ୍ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଗତ ୮ ତାରିଖରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ୧୦ ତାରିଖରେ ସେମାନଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସମସ୍ତ ଆକ୍ରାନ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଦୁଇ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି।

କ୍ରଲ୍‌ରେ 'ରାକେଶ' ଖାଇଲା ତରଭୁଜ

ଢେଙ୍କାନାଳ ଅଫିସ, ୧୧।୬

ଢେଙ୍କାନାଳ କପିଳାସ ଚଡ଼ିଆଖାନାର ହାତୀ ରେସକ୍ୟୁ ସେଣ୍ଟର ପରିସରରେ କ୍ରଲ୍ (ଆବଦ୍ଧ କାଠ ଘର)ରେ ଥିବା ଦନ୍ତାହାତୀ ରାକେଶ ଗୁରୁବାର ତରଭୁଜ, କଦଳୀ, ନଡ଼ିଆ, ସିଝାଧାନ ଏବଂ ଗହମ ଖାଇଥିଲା। ହାତୀର ୪ ଗୋଡରୁ ଚେନ୍ ଖୋଲି ଦିଆଯାଇଛି। ସେ ଏବେ କ୍ରଲ୍ ମଧ୍ୟରେ ଚଲାବୁଲା କରୁଛି। ତା'ର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା କପିଳାସ ରେଞ୍ଜର ଦର୍ଶନିଆ ଭୋଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କପିଳାସ ହାତୀ ରେସ୍‌କ୍ୟୁ ସେଣ୍ଟର ପରିସରରେ ପ୍ରଥମ ଥର ପାଇଁ କ୍ରଲ୍ ବ୍ୟବସ୍ଥା କରାଯାଇଛି। ବୁଧବାର କ୍ରଲ୍‌କୁ ନେବା ସମୟରେ ରାକେଶ ଟ୍ରେଞ୍ଚ୍‌ରେ ଖସିପଡ଼ିଥିଲା। ଏହାପରେ କ୍ରେନ୍ ସହାୟତାରେ ହାତୀକୁ ଉଠାଇ କ୍ରଲକୁ ନିଆଯାଇଥିଲା।

ଅନୁଗୋଳରେ ଆଉ ୬ ସଂକ୍ରମିତ

ଅନୁଗୋଳ ଅଫିସ, ୧୧।୬

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଏକ ଅସ୍ଥାୟୀ ମେଡିକାଲ ସେଣ୍ଟରରୁ ଗୁରୁବାର ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନେ ସମସ୍ତେ ତାମିଲନାଡୁ ଫେରନ୍ତା ହୋଇଥିବାବେଳେ ବୟସ ୨୦ ରୁ ୪୪ ବର୍ଷ ମଧ୍ୟରେ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି। ସେମାନଙ୍କ ନମୁନା ଗୁରୁବାର ପଜିଟିଭ୍ ଜଣାପଡ଼ିବା ପରେ ସମସ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ୬ ନୂଆ ପଜିଟିଭ୍‌ଙ୍କୁ ମିଶାଇ ଜିଲାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୪୦ରେ ପହଞ୍ଚିଛି।

ଗୋଖାଦ୍ୟ କୁଣ୍ଡରେ ଖାଇବେ ଗୋରୁ

ବିଧାୟକ ଗୋଖାଦ୍ୟ କୁଣ୍ଡର ଶୁଭାରମ୍ଭ କରୁଛନ୍ତି।

ଢେଙ୍କାନାଳ ଅଫିସ, ୧୧।୬

କରୋନା ପ୍ରାଦୁର୍ଭାବ ସମୟରେ ଢେଙ୍କାନାଳ ସହରର ବୁଲାଗୋରୁଙ୍କ ଖାଇବା ଲାଗି ଗୁରୁବାର ଗୋଖାଦ୍ୟ କୁଣ୍ଡର ଶୁଭାରମ୍ଭ କରାଯାଇଛି। ହେଲ୍‌ଫିହାଣ୍ଡ ଏସ୍-୨ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହରର ୨ସ୍ଥାନରେ ନିର୍ମିତ ଗୋଖାଦ୍ୟ କୁଣ୍ଡକୁ ବିଧାୟକ ସୁଧୀର କୁମାର ସାମଲ ଶୁଭାରମ୍ଭ କରିଥିଲେ।

ଏହାପୂର୍ବରୁ ବିଧାୟକ 'ଏଇତ ଜୀବନ ଫାଉଣ୍ଡେଶନ' ପକ୍ଷରୁ ରତ୍ନମଣ୍ଡପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପୂର୍ବାହ୍ନ ୯ଟାରେ ବାଜିଚୌକସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିକୁ ସଫାକରି ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ପାରିପାର୍ଶ୍ୱିକ ଅଞ୍ଚଳକୁ ସଫେଇ କରାଯାଇଥିଲା। ଅତିଥି ଭାବେ ଡା. ଜ୍ୟୋତି କର, ଜିଲା ବିଜେଡି କୃଷକ ସେଲ ସଭାପତି ନରୋତ୍ତମ ସାହୁ, ବିଧାୟକ ପ୍ରତିନିଧି ଦବାଶିଷ ମିଶ୍ର ଯୋଗ ଦେଇଥିଲେ। ପ୍ରିୟବ୍ରତ ପଟ୍ଟନାୟକ, ଶୁଭ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବେଡ୍ ଛାଡ଼ି ଦୌଡ଼ି ପଳାଇଲେ ରୋଗୀ

ଅନୁଗୋଳ ଅଫିସ, ୧୧।୬

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ରୋଗୀ ଗୁରୁବାର ହଠାତ୍ ବେଡ୍ ଛାଡ଼ି ବଜାରକୁ ଦୌଡ଼ି ପଳାଇବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଉପସ୍ଥିତ ଥିବା ସୁରକ୍ଷା କର୍ମୀ ତାଙ୍କୁ ଧରିବା ପରେ କର୍ତ୍ତୃପକ୍ଷ ତୁରନ୍ତ ଡିସ୍‌ଚାର୍ଜ କରିଦେଇଥିବା ଜଣାପଡ଼ିଛି। ଅନୁଗୋଳ ମେଡିକାଲରେ ଏପରି ଘଟଣା ନୂଆ ନୁହେଁ। ପୂର୍ବରୁ ଅନେକ ଥର ରୋଗୀ ବେଡ୍‌ରୁ ଉଠି ଗାଏବ ହୋଇଯିବା ଓ ଏ ନେଇ ଥାନାରେ ଏତଲା ଦେବା ଯାଏ କଥା ଯାଇସାରିଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଷ୍ଣୁ ଚରଣ ଦେହୁରୀ ନାମକ ଜଣେ ରୋଗୀ ଦୁଇ ଦିନ ହେବ ଚିକିତ୍ସିତ ହେଉଥିଲେ। ତାଙ୍କର ଛୋଟ ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଗୁରୁବାର ସେ ହଠାତ୍ ବେଡ୍ ଛାଡ଼ି ଦୌଡ଼ି ପଳାଇ ଯାଇଥିଲେ। ମୃତୟନ ହୋଇଥିବା ସୁରକ୍ଷା କର୍ମୀ ବଜାର ମଧ୍ୟରେ ତାଙ୍କୁ ମାଡ଼ି ବସିଥିଲେ ହେଁ ସେ ଧସ୍ତାଧସ୍ତି କରିଥିଲେ। ପରେ ଅଧିକ ସୁରକ୍ଷା କର୍ମୀ ପହଞ୍ଚି ରୋଗୀଙ୍କୁ ଧରି ମେଡିକାଲକୁ ନେଇଥିଲେ। ଏହି ଘଟଣା ପରେ ମେଡିକାଲ ପକ୍ଷରୁ ସମ୍ପୃକ୍ତ ରୋଗୀଙ୍କୁ ଡିସଚାର୍ଜ କରାଯାଇ ପରିବାର ଲୋକଙ୍କ ଜିମା ଦିଆଯାଇଥିଲା।

୩୦୦ ଲିଟର ମଦ ଜବତ, ୩ ଗିରଫ

କାମାକ୍ଷାନଗର, ୧୧।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ପୋଲିସ ବୁଧବାର ବିଳମ

ରାୟଗଡ଼ାରୁ ୭୧ ସ୍ୱାବ୍ ନେଗେଟିଭ୍

ରାୟଗଡ଼ା ଅଫିସ,୧୧।୬: ରାୟଗଡ଼ା ଜିଲାରୁ ୨୩ତମ ପର୍ଯ୍ୟାୟରେ ୭୧ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ଯାଇଥିଲା। ଏହି ସମସ୍ତ ନମୁନାର ରିପୋର୍ଟ ନେଗେଟିଭ ରହିଥିବା ସିଡିଏମ୍ଓ ଡା. ଆର୍ତ୍ତବନ୍ଧୁ ନାୟକ ସୂଚନା ଦେଇଛନ୍ତି। ଜିଲାରୁ ଏଯାବତ ୨୩୯୭ ନମୁନା ପରୀକ୍ଷା ପାଇଁ ଯାଇଥିବାବେଳେ ସେଥିମଧ୍ୟରୁ ୨୩୯୦ ରିପୋର୍ଟ ନେଗେଟିଭ୍ ରହିଥିବାବେଳେ ୭ ରିପୋର୍ଟ ପଜିଟିଭ ରହିଛି।

ମଣ୍ଡିରେ ପଡ଼ିଛି ଧାନ, ଚିନ୍ତାରେ ଚାଷୀ

ମୁନିଗୁଡ଼ା,୧୧।୬(ଡି.ଏନ୍.ଏ.):

କଥାରେ ଅଛି ଚାଷ କାମ ଯାହାର, ସବୁ ସୁଖ ତାହାର। ହେଲ ବାସ୍ତବତା କିଛି ଭିନ୍ନ। ରବି ଋତୁ ପାଇଁ ଚାଷୀ ମଣ୍ଡିରେ ପଞ୍ଜୀକରଣ କରି ମଧ୍ୟ ଧାନ ବିକ୍ରି କରି ନ ପାରି ହନ୍ତସନ୍ତ ହେଉଛନ୍ତି। ଟୋକନ ପାଇ ମଣ୍ଡିରେ ଧାନ ଗଦା କରିଛନ୍ତି। ହେଲେ ଲ୍ୟାମ୍ପସ କର୍ତ୍ତୃପକ୍ଷ ଏ ଯାଏ ଧାନ କିଣି ନ ଥିବାରୁ ଶତାଧିକ କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲାର ମୁନିଗୁଡ଼ାଠାରେ। ଚଳିତ ବର୍ଷ ମୁନିଗୁଡ଼ା ଲ୍ୟାମ୍ପସ ଅଧୀନରେ ୨୭୪ ଚାଷୀ ପଞ୍ଜୀକରଣ କରିଛନ୍ତି। ହେଲେ ପ୍ରଥମ ପର୍ଯ୍ୟାୟରେ ୪ହଜାର୧ଶହ କୁଇଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬ଶହ କୁଇଣ୍ଟାଲ ଧାନ କିଣିବାପାଇଁ ଯୋଗାଣ ବିଭାଗ ପକ୍ଷରୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ତେବେ ଟୋକନ ପାଇ ଚାଷୀ ଧାନ ଆଣି ମଣ୍ଡିରେ

ମଣ୍ଡିରେ ଥିବା ଧାନ ।

ଗଦା କରିବାର ଦୁଇ ସପ୍ତାହ ବିତିଲାଣି। ହେଲେ ଏ ଯାଏ ମଣ୍ଡିରୁ ଧାନ ଉଠିପାରୁ ନାହିଁ। ଅନ୍ୟପକ୍ଷରେ ଶୀଘ୍ର ମୌସୁମୀ ପ୍ରବେଶ କରୁଥିବା ନେଇ ପାଣିପାଗ ବିଭାଗର ସୂଚନା ପାଇ ଏବେ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ବର୍ଷା ହେଲେ ବିଲରେ ଚାଷ କାର୍ଯ୍ୟ ଆରମ୍ଭ କରିବେ ନା ମଣ୍ଡିରେ ପଡ଼ିଥିବା ଧାନ ଘୋଡ଼ାଇବେ ସେ ଚିନ୍ତା ଘାରିଛି। ସେହିପରି ମୁନିଖୋଲସ୍ଥିତ ପଞ୍ଚାୟତ ମଣ୍ଡିରେ ଏବେବି ୮ଶହ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ଧାନ ବର୍ଷାରେ ଭିଜି ଗଜା ହେଲାଣି। ଧାର କରଜ କରି ଉତ୍ପାଦିତ ଧାନକୁ ବିକ୍ରି କରିପାରୁ ନ

ବର୍ଷାରେ ଗଜା ହେଲାଣି

ଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ତେଣୁ ଶୀଘ୍ର ମଣ୍ଡିରୁ ଧାନ ଉଠାଇବା ପାଇଁ ମନୋରଞ୍ଜନ ସାହୁ, ପଞ୍ଚାନନ ପ୍ରଧାନୀ, ବାଳକୃଷ୍ଣ ପାତ୍ର, ସୁଶାନ୍ତ ପ୍ରଧାନୀ, ଅରକ୍ଷିତ ଗୌଡ଼, ଭୈରବ ସାହୁ, ରାମଚନ୍ଦ୍ର ଗୌଡ଼, ଜନ୍ମେଜୟ ସାହୁଙ୍କ ସମେତ ଅନେକ ଚାଷୀ ଦାବି କରିଛନ୍ତି। ଏ ନେଇ ମୁନିଗୁଡ଼ା ଲ୍ୟାମ୍ପସର ଏମ୍ଡି ଅଜିତ ରଞ୍ଜନ ମହାଙ୍କୁଡ଼ କହିଛନ୍ତି, ଜିଲା ଯୋଗାଣ ବିଭାଗକୁ ଅବଗତ କରାଯାଇଛି। ଶୀଘ୍ର ପର୍ଯ୍ୟାୟ କ୍ରମେ ସମସ୍ତ ଧାନ ମଣ୍ଡିରୁ ଉଠିବ। ତେବେ ମୁନିଗୁଡ଼ା ସଦରରେ ଯଦି ଏପରି ସ୍ଥିତି, ବ୍ଲକ୍‌ର କୁମୁଡ଼ାବାଲି ଓ ଅମ୍ବାଦଳା ମଣ୍ଡିର ସ୍ଥିତି ସହଜରେ ଅନୁମେୟ। ତେବେ ଧାନ କେବେ ଉଠିବ ଏବଂ ସେମାନେ ନିଜ ପରିଶ୍ରମର ମୂଲ୍ୟ ପାଇବେ ତାହା ଅପେକ୍ଷାରେ ରହିଛନ୍ତି ଚାଷୀ।

ବାଘକୁ ନେଇ ଲୋକେ ଭୟଭୀତ

ନବରଙ୍ଗପୁର/ନନ୍ଦାହାଣ୍ଡି, ୧୧।୬(ବି.ପ୍ର/ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଖାଡ଼ବନ୍ଧଗୁଡ଼ା ପଞ୍ଚାୟତର ପୁଟଘର ପଡ଼ା ଗ୍ରାମରେ ବାଘ ବୁଲୁଥିବା ଲୋକମାନେ ଅଭିଯୋଗ କରିଛନ୍ତି। ବାଘକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। କିଛିଦିନ ତଳେ ଗ୍ରାମବାସୀ ଜଙ୍ଗଲକୁ ଗାଈ ଚରାଇବାକୁ ନେଇଥିଲେ। ଏହି ସମୟରେ ବାଘ ଆକ୍ରମଣକରି ଗୋଟିଏ ବାଛୁରୀକୁ ନେଇ ଯାଇଥିବା ବେଳେ ୨ଟି ବାଛୁରୀଙ୍କୁ ଆହତ କରିଥିଲା ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଏପରିକି ପ୍ରତିଦିନ ରାତିରେ ଗ୍ରାମ ନିକଟରେ ବାଘ ବୁଲାବୁଲି କରୁଛି ବୋଲି ଗ୍ରାମବାସୀ କହିଛନ୍ତି। ରାସ୍ତାରେ ବାଘ ପାଦଚିହ୍ନ ଦେଖି ଲୋକେ ଭୟଭୀତ ହୋଇପଡିଛନ୍ତି। ଗ୍ରାମବାସୀ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିନାହାନ୍ତି। ଅନ୍ୟପକ୍ଷେ ବନ ବିଭାଗ ଅଧିକାରୀମାନେ ଏହାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି। ଜଣେ ଫରେଷ୍ଟ ଗାର୍ଡ ପହଞ୍ଚି ପାଦଚିହ୍ନ ଫଟୋ ଉଠାଇ ଏହା ଗଧିଆର ପାଦ ବୋଲି କହିଛନ୍ତି। ନବରଙ୍ଗପୁର ବନଖଣ୍ଡ ଅଧିକାରୀ କହିଛନ୍ତି, କୌଣସି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଖବର ଆସିନାହି। ପାଦଚିହ୍ନକୁ ଚିହ୍ନଟ କରିବାକୁ ବନ୍ୟଜନ୍ତୁ ବିଶେଷଜ୍ଞଙ୍କୁ ଏହାର ଫଟୋ ପଠାଇଥିବା କହିଛନ୍ତି । ଏଥିସହ ପାଦଚିହ୍ନକୁ ଦେଖି ଏହା ମହାବଳ ବାଘ ନୁହେଁ, ସମ୍ଭବତଃ ଏହା କଲରାପତରିଆ ବାଘ ହୋଇଥାଇପାରେ ବୋଲି ମତ ରଖିଛନ୍ତି ।

୧୫୮୯ କିଲୋ ଗଞ୍ଜେଇ ଜବତ: ଜଣେ ଗିରଫ

ଜୟପୁର ,୧୧।୬ (ଡି.ଏନ.ଏ./ନି.ପ୍ର.)

କୋରାପୁଟ ଜିଲା ଜୟପୁର ସଦର ଥାନା ପୋଲିସ ବୁଧବାର ଅପରାହ୍ନରେ ଲମତାପୁଟରୁ ଜୟପୁରକୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି୧୦କେ-୪୩୪୦)ରୁ ୧୫୮୯ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ମୁଣ୍ଡିଗୁଡ଼ା ଗ୍ରାମର ସୁନୀଲ ମହାନ୍ତି (୪୮)ଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ବୁଧବାର ସଦର ଥାନା ଏସ୍‌ଆଇ ସୀମା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ପାତ୍ରପୁଟରୁ ଦ୍ରୁତ ଗତିରେ ଏକ ଭ୍ୟାନ୍ ଜୟପୁର ଆଡ଼କୁ ଆସୁଥିବା ଦେଖି ଉକ୍ତ ଭ୍ୟାନ୍‌କୁ ପିଛାକରି ଖୁଡୁପି ଗ୍ରାମ ଛକଠାରେ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ୫୦ଟି ପଲିଥିନ ବସ୍ତାରେ ଥିବା ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରିଯାଇଥିବା ସଦର ଥାନା ଅଧିକାରୀ ଶିବଶଙ୍କର ସାହୁ କହିଛନ୍ତି।

ଚାରାରୋପଣ ପାଇଁ ଆସିଥିବା ତାର ଜାଲି, ଲୁହା ଖମ୍ବ ଗାଏବ

ମାଲକାନଗିରି, ୧୧।୬(ଡି.ଏନ୍.ଏ.)

ଜଙ୍ଗଲ କ୍ଷୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର କାମ୍ପା ଯୋଜନାରେ ଆମ ରାଜ୍ୟକୁ କୋଟି କୋଟି ଟଙ୍କା ବୃକ୍ଷ ରୋପଣ ପାଇଁ ଯୋଗାଇ ଆସିଛନ୍ତି। ମାତ୍ର ଏହି ଅର୍ଥର ଠିକ୍ ବିନିଯୋଗ ହୋଇନାହିଁ। ମାଲକାନଗିରି ଜିଲାରେ ଏହି ଯୋଜନାରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରାୟ ୧ହଜାର ହେକ୍ଟର ଜାଗାରେ ମୂଲ୍ୟବାନ ଚାରାରୋପଣ କରା ଯାଇଛି। ଏହାର ରକ୍ଷଣାବେକ୍ଷଣ ପାଇଁ ବୃକ୍ଷରୋପଣ ଅଞ୍ଚଳର ଚତୁଃପାର୍ଶ୍ୱରେ ତାରଜାଲି ଦେବା ସହ କର୍ମଚାରୀ ଏବଂ କାମ କରୁଥିବା ବ୍ୟକ୍ତି ଭିତରକୁ ଯିବା ପାଇଁ ଲୁହାର ଗେଟ୍ କରାଯାଇଛି। ମାଲକାନଗିରି

ଚାରା ରୋପଣ କରାଯାଇଥିବା ସ୍ଥାନ ।

ଗେଟ୍ ଜଗିଛି ଗଛ

ସଦର ବନାଞ୍ଚଳ ମାଲକାନଗିରି-ସୁକୁମା ରାସ୍ତାର ଚଲାଣଗୁଡା ଗ୍ରାମ ରାସ୍ତା ପାର୍ଶ୍ୱରେ ୫ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳରେ ଅର୍ବାନ୍ ଯୋଜନାରେ ମୂଲ୍ୟବାନ ଚାରା ୨୦୧୭ରେ ରୋପଣ ହୋଇଥିଲା। ଏହି ଚାରାର ସୁରକ୍ଷା ପାଇଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ତାର ଜାଲି, ଲୁହା ଖମ୍ବ ବନ ବିଭାଗ ପୋତିଥିଲା। ମାତ୍ର ଏବେ ଚାରା ଗଛଗୁଡିକୁ ସୁରକ୍ଷା ଦେଉଥିବା ଜାଲି ଏବଂ ଲୁହା ଖମ୍ବ କେଉଁଆଡେ ଗାଏବ୍ ହୋଇଯାଇଛି। ଏ ସମ୍ପର୍କରେ ରେଞ୍ଜ ଅଫିସର ବାସୁଦେବ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହା ଆମ ଦୃଷ୍ଟିକୁ ଆସିଛି। ଏ ସମ୍ପର୍କରେ ସ୍ଥାନୀୟ ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କୁ କୈଫୟତ ମଗାଯାଇଛି।

ମାଲକାନଗିରିରେ ପ୍ରାକ୍ ମୌସୁମୀ ବର୍ଷା

ମାଲକାନଗିରି, ୧୧।୬(ଡି.ଏନ୍.ଏ.)-

ଗତ ମାର୍ଚ୍ଚମାସରୁ ମାଲକାନଗିରି ଜିଲାରେ ଅସହ୍ୟ ତାତି ସହ ଗରମ ଜିଲାବାସୀଙ୍କୁ ଅସ୍ତବ୍ୟସ୍ତ କରିଛି। ବୁଧବାର ଅପରାହ୍ନରୁ ଜିଲାରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଏହା ଲୋକଙ୍କୁ ଆଶ୍ୱସ୍ତି ଆଣିଦେଇଛି। ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ ପାଇଁ ପ୍ରସ୍ତୁତ ହେଲେଣି। ଧାନ ତଳି ପକାଇବା କାର୍ଯ୍ୟ ଆରମ୍ଭ ହୋଇଛି।

ସୁସ୍ଥ ହୋଇ ଫେରିଲେ ପଦ୍ମଶ୍ରୀ କମଳା ପୂଜାରୀ

ଜୟପୁର ,୧୧।୬ (ଡି.ଏନ.ଏ)-

ଅସୁସ୍ଥ ହୋଇ ପ୍ରଥମେ ଜୟପୁର ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଶନିବାରଠାରୁ ଚିକିତ୍ସାଧୀନ ଥିବା ପଦ୍ମଶ୍ରୀ କମଳା ପୂଜାରୀ ଗୁରୁବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତାଙ୍କୁ ତାଙ୍କ ଗ୍ରାମ ପାତ୍ରପୁଟରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ମେଡିକାଲ କଲେଜରେ ପହଞ୍ଚି ବୁଧବାର ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ବାର୍ଦ୍ଧକ୍ୟତା ଯୋଗୁ ତାଙ୍କର ରକ୍ତଚାପ ବୃଦ୍ଧି ହେବା ଏବଂ ସ୍ନାୟଜନିତ ସମସ୍ୟା ଦେଖାଦେଇଛି। ତାଙ୍କୁ କିଛି ଦିନ ପରେ ବ୍ରହ୍ମପୁର ମେଡିକାଲ କଲେଜକୁ ଯାଇ ଚିକିତ୍ସିତ ହେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

ପେସା ଆଇନ କାର୍ଯ୍ୟକାରୀ ନେଇ ଦାବିପତ୍ର

ନବରଙ୍ଗପୁର,୧୧।୬(ବି.ପ୍ର.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ), ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଏବଂ ଓଡ଼ିଶା କୃଷକ ସଭା ନବରଙ୍ଗପୁର ଜିଲା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାରଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଦର୍ଶାଇଛନ୍ତି ୧୯୬୬ ପେସା ଆଇନକୁ କାର୍ଯ୍ୟକାରୀ ପାଇଁ ଦାବି କରାଯାଉଥିଲେ ମଧ୍ୟ ତାହା ହୋଇପାରୁନାହିଁ। ଜଙ୍ଗଲ ଗ୍ରାମର ସୀମା ଚିହ୍ନଟ ସହ ଜଙ୍ଗଲ ଜମି ସ୍ୱତ୍ୱାଧିକାର ମାଧ୍ୟମରେ ହିତାଧିକାରୀ ପାଇଥିବା ପଟ୍ଟା ଜମିର ଚିହ୍ନଟ କରାଯାଉନାହିଁ । ଏହାଦ୍ୱାରା ବନ ବିଭାଗ କର୍ମଚାରୀ ଓ ବନ ସୁରକ୍ଷା ସମିତି ପକ୍ଷରୁ ବେଆଇନ ଭାବେ ଗ୍ରାମର ବିନା ଅନୁମତିରେ ବୃକ୍ଷରୋପଣ କରାଯାଉଛି । ଗ୍ରାମସଭା ଓ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଦ୍ୱାରା ସୀମା ଚିହ୍ନଟ କରାଯାଉ । ଜଙ୍ଗଲ ଅଧିକାର ନିମନ୍ତେ ଆବେଦନ ଦରଖାସ୍ତ ପତ୍ର ଅତିଶୀଘ୍ର ଫଇସଲା କରାଯାଇ ପଟ୍ଟା ପ୍ରଦାନ କରାଯାଉ । ଜଙ୍ଗଲ ଗାଁକୁ ରାଜସ୍ୱ ଗାଁ ମାନ୍ୟତା ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମେଶିନ ବ୍ୟବହାର ବନ୍ଦ କରିବାକୁ ଦାବି ରଖିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ଆଦିବାସୀ ମଞ୍ଚର ଜିଲା ସଭାପତି କପୁର ଚାନ୍ଦ ସୋରୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ତଥା ଓଡ଼ିଶା ଆଦିବାସୀ ମଞ୍ଚର ଜିଲା ସମ୍ପାଦକ ତଥା ରାଜେଶ ଜାନି, କୃଷକ ସଭା ଜିଲା ସଭାପତି ନୂଆଖାଉ ଭତରା, ସମ୍ପାଦକ ରବି ସାନ୍ତା ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

କୃଷି ଉଦ୍ୟୋଗ ପରିଦର୍ଶନ କଲେ ଜିଲାପାଳ

ରାୟଗଡ଼ା ଅଫିସ,୧୧।୬:

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଗୁରୁବାର ଜିଲାର ମୁନିଗୁଡ଼ା ଓ ବିଷମକଟକ ବ୍ଲକ୍ ଗସ୍ତକରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା(ଏମ୍‌କେୟୁୱାଇ)ରେ ସ୍ଥାପନ ହୋଇଥିବା ବିଭିନ୍ନ କୃଷି ଉଦ୍ୟୋଗ ଓ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ବିଷମକଟକ ବ୍ଲକ୍‌ର ହାଟମୁନିଗୁଡ଼ାଠାରେ ସ୍ଥାପିତ ଏକମାତ୍ର ବୃହତ୍ ଲେୟର କୁକୁଡ଼ା ଫାର୍ମକୁ ଜିଲାପାଳ ବୁଲି ଦେଖିବା ସହ ଅଣ୍ଡା ଓ ବିପଣନ ବିଷୟରେ ସମ୍ପୃକ୍ତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ମୁନିଗୁଡ଼ା ବ୍ଲକ୍ ଅଧୀନ ଅମ୍ବାଦଳା ଗ୍ରାମରେ ଘୁଷୁରି ଫାର୍ମ ପରିଦର୍ଶନ କରି ଚାଷୀମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ଜିଲା ପ୍ରାଣୀ ଚିକିତ୍ସା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଉଦ୍ୟାନ ବିଭାଗ ପକ୍ଷରୁ ବିଷମକଟକ ବ୍ଲକ୍‌ର କନ୍ଧବର୍ତ୍ତାଗୁଡ଼ାରେ କରାଯାଇଥିବା କାଜୁ, କାଠକନ୍ଦା ଓ ଆମ୍ବ ଫାର୍ମ ଏବଂ କାଙ୍କଡ଼ିପଡ଼ାରେ ହୋଇଥିବା କଦଳୀଚାଷ ଓ ଫାର୍ମ ପୋଖରୀ ଜିଲାପାଳ ବୁଲି ଦେଖିବା ସହ ଚାଷୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଖତ, ସାର ପ୍ରୟୋଗ ଓ ରୋଗପୋକ ନିୟନ୍ତ୍ରଣ କ୍ଷେତ୍ରରେ ଚାଷୀମାନଙ୍କୁ ସୁବିଧା ଯୋଗାଇଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମିଶ୍ରିତ ଚାଷ ଯଥା ମାଛଚାଷ, ବତକ ପାଳନ, ଗୋପାଳନ ସହ ଉଦ୍ୟାନ କୃଷି କାର୍ଯ୍ୟ ମଧ୍ୟ କରିବାକୁ ଜିଲାପାଳ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ବେଳେ ଜିଲାପାଳଙ୍କ ସହ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବେନ୍ଦ୍ର ନାଥ ବିଶ୍ୱାଳ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଜଗନ୍ନାଥ ବିନ୍ଧାଣି ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ହତ୍ୟା ଘଟଣାରେ ମାମଲା ରୁଜୁ

ଜୟପୁର,୧୧।୬ (ଡି.ଏନ.ଏ.)

ଜୟପୁର ସହରର ଦ୍ୱିତୀୟ ଦୈନିକ ବଜାର ଠାରେ ବୁଧବାର ଭବାନୀ ପ୍ରସାଦ ରଥଙ୍କ ହତ୍ୟା ଘଟଣାରେ ଗୋବିନ୍ଦ ଦାଶଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି। ଦଫା ୩୦୨ ଆଇପିସି ଅନୁଯାୟୀ ମାମଲା (୧୬୦/୨୦) ରୁଜୁ ହୋଇଛି । ତାଙ୍କ ନିକଟରୁ ବ୍ୟବହୃତ ଛୁରି ଜବତ ହୋଇଛି। ବୁଧବାର ରାତିରେ ଫରେନ୍ସିକ ଦଳ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି। ଗୋବିନ୍ଦ ଶୁକ୍ରବାର କୋର୍ଟ ଚାଲାଣ ହେବେ ବୋଲି ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି। ପାଚେରି ନିର୍ମାଣକୁ ନେଇ ଦୁଇ ପଡ଼ୋଶୀ ଭବାନୀ ଏବଂ ଗୋବିନ୍ଦଙ୍କ ମଧ୍ୟରେ ଗତ କିଛିଦିନ ଧରି ଗଣ୍ଡଗୋଳ ହୋଇ ଆସୁଥିଲା। ବୁଧବାର ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅପରାହ୍ନ ୩ଟାରେ ଗୋବିନ୍ଦ ଭବାନୀଙ୍କ ଘର ସମ୍ମୁଖରେ ଗାଳିଗୁଲଜ କରିଥିଲେ। ଭବାନୀ ବାହାରକୁ ଆସିବା ମାତ୍ରେ ଗୋବିନ୍ଦ ଏକ ଛୁରିରେ ଭୁଷି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଭବାନୀଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ରଥ ଥାନାରେ ଅଭିଯୋଗ କରିଥିଲେ।

ମାସ୍କ କିଣାରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

ମାଲକାନଗିରି/ ରାୟଗଡ଼ା ଅଫିସ/ନବରଙ୍ଗପୁର/ଜୟପୁର, ୧୧।୬(ଡି.ଏନ୍.ଏ./ବି.ପ୍ର)

ମାସ୍କ,ପିପିଇ ମେଶିନ କିଣାରେ ଦୁର୍ନୀତି ଅଭିଯୋଗ ଆଣିଛି କଂଗ୍ରେସ। ଏହାର ନିରପେକ୍ଷ ତଦନ୍ତ ପାଇଁ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦଳ ସ୍ମାରକପତ୍ର ପ୍ରଦାନ କରଛି। ଏଥିରେ ଉଲ୍ଲେଖ ଅଛି ଯେ, କରୋନା ମହାମାରୀ ସମୟରେ ଔଷଧ ନିଗମ ତାମିଲନାଡୁର ଏକ କମ୍ପାନୀଠାରୁ ୧୬ ଟଙ୍କାରେ ୩୦ ଲକ୍ଷ ମାସ୍କ କିଣିଛି। ଏଥିରେ ଦୁର୍ନୀତି ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ରାୟଗଡ଼ାରେ ଜିଲା କଂଗ୍ରେସ ମଧ୍ୟ ସମାନ ଅଭିଯୋଗ ଆଣି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗୁରୁବାର ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ପ୍ରଦାନ କରିଛି। ମାସ୍କ ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ ପାଇଁ ଦଳ ଦାବି କରିଛି। ସ୍ମାରକପତ୍ର ପ୍ରଦାନବେଳେ ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, କୋରାପୁଟ ଏମ୍‌ପି ସପ୍ତଗିରି ଉଲକାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ନବରଙ୍ଗପୁର ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମାସ୍କ, ଭେଣ୍ଟିଲେଟର କିଣାରେ ବ୍ୟାପକ ଦୁର୍ନୀତି ହୋଇଛି । ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି ଜଣାଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ମନୋରଞ୍ଜନ(ମୁନା) ତ୍ରିପାଠୀ, ଉତ୍ତମ ତ୍ରିପାଠୀ, ଦିଲୀପ ବେହେରା, ଜିଲା ସଭାନେତ୍ରୀ ପି. ନାଗରତ୍ନମ୍ମା, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ସରକାର ମାସ୍କ କିଣାରେ ଦୁର୍ନୀତି କରିଥିବା ଅଭିଯୋଗ କରି କୋରାପୁଟ ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୧ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ୧୨ ଜୁନ୍, ୨୦୨୦ Friday, 12 June, 2020

ମେ'ରେ ଯାନ ବିକ୍ରି ୮୮% କମିଲା

ନୂଆଦିଲ୍ଲୀ,୧୧।୬

ମେ ମାସରେ ଅଟୋମୋବାଇଲ କ୍ଷେତ୍ରରେ ରିଟେଲ ବିକ୍ରି ୮୮.୮୭% ହ୍ରାସ ଘଟିଥିବା ଜଣାପଡିଛି। ଏହି ସମୟ ମଧ୍ୟରେ ପାସେଞ୍ଜର ଯାନ ବିକ୍ରି ୮୬.୯୭% କମିଥିବା ବେଳେ ଦୁଇଚକିଆ ଯାନ ବିକ୍ରି ୮୮.୮୦% ଖସିଛି। କରୋନା ଭାଇରସ ଲକ୍‌ଡାଉନ ପାଇଁ ଏପ୍ରିଲରେ ଯାନ ବିକ୍ରି ୦ପ୍ ରହିଥିଲା। ଚଳିତ ବର୍ଷ ମେ ମାସରେ ମୋଟ ୨.୦୨ ଲକ୍ଷ ଯାନ ବିକ୍ରି ହୋଇଛି। ଏହା ଗତ ବର୍ଷ ସମାନ ସମୟରେ ୧୮.୨୧ ଲକ୍ଷ ୟୁନିଟ ରହିଥିଲା। ସେହିଭଳି ୩୦,୭୪୯ ୟୁନିଟ ଯାତ୍ରୀବାହୀ ଯାନ ମେ ମାସରେ ବିକ୍ରି ହୋଇଛି, ଯାହା ୨୦୧୯ ମେ ମାସରେ ୨.୩୫ ଲକ୍ଷ ୟୁନିଟ ରହିଥିଲା। ଗତ ବର୍ଷ ମେ ମାସରେ ୧୩.୧୯ ଲକ୍ଷ ୟୁନିଟ ୨ ଚକିଆ ଯାନ ବିକ୍ରି ହୋଇଥିଲା ଯାହା ଚଳିତ ବର୍ଷ ସମାନ ମାସରେ ୧.୫୯ ଲକ୍ଷ ୟୁନିଟକୁ ଖସି ଆସିଛି।

ସେହିଭଳି ବାଣିଜ୍ୟିକ ଯାନ ବିକ୍ରି ୯୬.୬୩% ଖସି ୨,୭୧୧ ୟୁନିଟ ରହିଛି। ଯାହା ଗତ ବର୍ଷ ମେ ମାସରେ ୮୦,୩୯୨ ୟୁନିଟ ରହିଥିଲା। ଏହାବାଦ ୩ ଚକିଆ ଯାନ ବିକ୍ରି ୯୬.୩୪% ଖସି ୧୮୮୧ ୟୁନିଟକୁ ଖସି ଆସିଛି। ଗତ ବର୍ଷ ମେ ମାସରେ ୫୧,୪୩୦ ୟୁନିଟ ରହିଥିଲା। ଲକଡାଉନ ଧୀରେ ଧୀରେ କୋହଳ ହେଉଛି। ପ୍ରଥମ ଥର ଲାଗି ୪୦ ଦିନରୁ ଊର୍ଦ୍ଧ୍ୱ ସମୟ ବନ୍ଦ ରହିବା ପରେ ଅଟୋମୋବାଇଲ ଡିଲରଶିପଗୁଡିକ ଖୋଲୁଛି। ସାରା ଦେଶରେ ରହିଥିବା ମୋଟ ୨୬,୫୦୦ ଆଉଟଲେଟ ମଧ୍ୟରୁ ୬୦% ଶୋ'ରୁମ୍ ଏବଂ ୮୦% ୱାର୍କଶପ ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି। ମେ ମାସର ଯାନ ପଞ୍ଜୀକରଣକୁ ଦେଖିଲେ ଏହା ଆଖିଦୃଶିଆ ନୁହେଁ। ବଜାରରେ ଚାହିଦା ଖସିଥିବା ବେଳେ ଆଗାମୀ ଦିନରେ ଏହି ଧାରା ଲାଗି ରହିବ ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ପକ୍ଷରୁ ସୂଚନା ରହିଛି।

ସଂଘର ସଭାପତି ଆଶିଷ ହର୍ସରାଜ କାଲେ କହିଛନ୍ତି, ଯାନ ବିକ୍ରି ହ୍ରାସ ଧାରା ଜାରି ରହିବା ନେଇ ଆକଳନ କରାଯାଇଛି।

ସରକାରଙ୍କ ସହାୟତା ଲୋଡ଼ିଲା ସଂଘ

ଡିଲରଶିପ ବର୍ତ୍ତମାନ ଖୋଲୁଥିବା ବେଳେ ଜୁନ୍‌ର ପ୍ରଥମ ୧୦ ଦିନରେ କୌଣସି ଚାହିଦା ଦେଖାଯାଇ ନାହିଁ। ଲୋକଙ୍କ ମନରେ ଭୟ ରହିଥିବାରୁ ସହରାଞ୍ଚଳରେ ଚାହିଦା ଫେରିପାରୁନାହିଁ। ଦେଶର ଅଟୋ ସେକ୍ଟର ଜିଡିପିର ୭.୬% ହୋଇଥିବା ବେଳେ ଅନେକ ଲୋକ ଏହି କ୍ଷେତ୍ରରେ ଜୀବିକା ନିର୍ବାହ କରୁଛନ୍ତି। ସ୍ୱଳ୍ପମିଆଦୀ ଭିତ୍ତିରେ ଏହି କ୍ଷେତ୍ର ଲାଗି ଯଦି କିଛି ପ୍ରୋତ୍ସାହନ ବ୍ୟବସ୍ଥା ଆସେ ତେବେ ଲାଭକାରୀ ହେବ। ଏଭଳି କୌଣସି ପଦକ୍ଷେପ ଯଦି ସରକାର ଗ୍ରହଣ ନ କରନ୍ତି ତେବେ ପାର୍ବଣ ସୁଦ୍ଧା ମଧ୍ୟ ଅଟୋମୋବାଇଲ ସେକ୍ଟର କ୍ଷତିଗ୍ରସ୍ତ ହୋଇ ରହିବ। ବିକ୍ରି ୨୫% ହ୍ରାସ ହେବା ଆଶଙ୍କା ମଧ୍ୟ କରାଯାଇଛି।

ଆସନ୍ତା ସପ୍ତାହରେ ବାଣିଜ୍ୟିକ କୋଇଲା ଖଣିର ନିଲାମ ଆରମ୍ଭ

ନୂଆଦିଲ୍ଲୀ,୧୧।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ମାସରେ ବାଣିଜ୍ୟିକ କୋଇଲା ଖଣିର ନିଲାମ ପ୍ରକ୍ରିୟାକୁ ଶୁଭାରମ୍ଭ କରିବେ। ଭିଡିଓ କନଫରେନ୍ସିଂ ଯୋଗେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡିଛି। ଆତ୍ମନିର୍ଭର ଭାରତ କ୍ଷେତ୍ରରେ କୋଇଲା କ୍ଷେତ୍ରର ଯୋଗଦାନ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ଲକ୍ଷ୍ୟକୁ ହାସଲ କରିବା ଦିଗରେ ଭାରତ ସକ୍ଷମ ହୋଇପାରିବ ବୋଲି କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ନିକଟରେ ଘୋଷଣା ହୋଇଥିବା ଆତ୍ମନିର୍ଭର ଭାରତ ଯୋଜନାରେ କୋଇଲା ଏବଂ ଖଣି କ୍ଷେତ୍ରରେ ବିଭିନ୍ନ ସଂସ୍କାର ଧାରା ସରକାର ହାତକୁ ନେଇଛନ୍ତି। କୋଇଲା କ୍ଷେତ୍ରରେ ରହିଥିବା କଟକଣାକୁ ସରକାର କୋହଳ କରିବା ସହ ଘରୋଇ କ୍ଷେତ୍ରକୁ ସୁଯୋଗ ଦେବା ଲାଗି ନୂଆ ନିୟମ ଆଣିଛନ୍ତି। ଅଟୋମେଟିକ ରୁଟ୍‌ରେ ୧୦୦% ଏଫ୍‌ଡିଆଇ, ରେଭିନ୍ୟୁ ଶେୟାରିଂ ମଡେଲ ଭଳି ସୁବିଧା କରାଯିବାକୁ ପ୍ରସ୍ତାବ ରହିଛି। କମର୍ସିଆଲ କୋଲ ମାଇନିଂ ଲାଗି ୫୦ ବ୍ଲକ ନିଲାମ କରାଯିବାକୁ ଯୋଜନା ରଖାଯାଇଛି।

ରୋଡ୍ ମ୍ୟାପ୍ ପ୍ରସ୍ତୁତି ଲାଗି ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୧।୬

ଏଜିଆର ଦେୟ ପ୍ରଦାନ ପାପଲା

ଟେଲିକମ୍ କମ୍ପାନୀଗୁଡ଼ିକ ସରକାରଙ୍କୁ ପ୍ରଦାନ କରିବାକୁ ଥିବା ଆଡଜଷ୍ଟେଡ୍ ଗ୍ରସ୍ ରେଭିନ୍ୟୁ(ଏଜିଆର୍) ମାମଲା ଉପରେ ସୁପ୍ରିମକୋର୍ଟ ଗୁରୁବାର ଶୁଣାଣି କରିଥିଲେ। ଏହି ଦେୟ ପ୍ରଦାନ କରିବା ଲାଗି ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ଭୋଡାଫୋନ-ଆଇଡିଆ ଏୟାରଟେଲ ଭଳି କମ୍ପାନୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ସିକ୍ୟୁରିଟି ପଇଠ ସମୟରେ ଏଜିଆର୍ ଅର୍ଥ ପ୍ରଦାନ କରିବାକୁ କମ୍ପାନୀଙ୍କୁ ସମୟ ଦିଆଯିବା ଆବଶ୍ୟକ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଗୁରୁତ୍ୱାରୋପ କରିଛନ୍ତି। ଏଜିଆର୍ ଦେୟ ପ୍ରଦାନ ଲାଗି ଏହି ୨ କମ୍ପାନୀ ସମୟ ଲୋଡ଼ିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଦେୟ ପଇଠ ନ କଲେ ଲାଇସେନ୍ସ ବାତିଲ ହେବା ନେଇ ନିର୍ଦ୍ଦେଶ ରହିଥିଲା। ଭୋଡାଫୋନ ଆଇଡିଆ ଉପରେ ବର୍ତ୍ତମାନ ୫୦ ହଜାର କୋଟି ଟଙ୍କାର ଦେୟ ବକେୟା ରହିଛି। ଦେୟ ପଇଠ କରିବା ଲାଗି ପର୍ଯ୍ୟାପ୍ତ ଅର୍ଥ ନ ଥିବା ଏହି କମ୍ପାନୀ ଉତ୍ତରରେ କହିବା ସହ ଏଥିଲାଗି ସମୟ ଲୋଡ଼ିଛି। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକଠାରୁ ଟେଲିକମ୍ ବିଭାଗ ଏଜିଆର୍ ଦେୟ ଅସୁଲ କରିବା ଲାଗି ଯେଉଁ ପ୍ରକ୍ରିୟା ଚଳାଇଛି ତାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ ଉଠାଇଛନ୍ତି।

ଏଜିଆର୍ ଅର୍ଡରରେ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ କଥା ଉଠାଯାଇ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଟେଲିକମ୍ କମ୍ପାନୀ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ମଧ୍ୟରେ ରହିଥିବା ଲାଇସେନ୍ସ ପାର୍ଥକ୍ୟକୁ ସରକାର ମାନିଛନ୍ତି। ଏଣୁ କିଭଳି ଭାବେ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଠାରୁ ଏଜିଆର୍ ଅସୁଲ କରିବା ଲାଗି ଟେଲିକମ୍ ବିଭାଗ ଡିମାଣ୍ଡ ଜାରି କଲା। ଏହାର ଉତ୍ତର ୩ ଦିନ ମଧ୍ୟରେ ସ୍ପଷ୍ଟ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଟେଲିକମ୍ ଲାଇସେନ୍ସ ଯଦି ବାତିଲ କରାଯାଏ ତେବେ କମ୍ପାନୀଗୁଡିକ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇ ପାରିବେ କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଟେଲିକମ୍ କମ୍ପାନୀଙ୍କ ଉପରେ ପ୍ରାୟ ୧.୬ ଲକ୍ଷ କୋଟି ଟଙ୍କାର ବକେୟା ଦେୟ ରହିଛି। ଏହି ଦେୟ ପଇଠ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ମେ ୧୮ରେ ନିର୍ଦ୍ଦେଶ ରହିଥିଲା। ଏଜିଆର୍ ଦେୟର ପୁନଃ ଆକଳନ କରିବା ଲାଗି ଟେଲିକମ୍ ବିଭାଗ କମ୍ପାନୀଗୁଡିକୁ କହିବାରୁ ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୧୮ରେ ହେବ ବୋଲି ଜଣାପଡିଛି।

ନୀରବ ମୋଦିଙ୍କ ହାଜତ ମିଆଦ ବଢ଼ିଲା

ଲଣ୍ଡନ,୧୧।୬

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୩ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ପଳାତକ ଘୋଷିତ ବ୍ୟବସାୟୀ ନୀରବ ମୋଦିଙ୍କ ନାମରେ ବର୍ତ୍ତମାନ ପ୍ରତ୍ୟର୍ପଣ ମାମଲା ଜାରି ରହିଛି। ଉକ୍ତ ମାମଲାରେ ଲଣ୍ଡନ କୋର୍ଟଙ୍କ ପକ୍ଷରୁ ତାଙ୍କୁ ଜୁଲାଇ ୯ ଯାଏ ରିମାଣ୍ଡରେ ନିଆଯାଇଛି। ଏଥିଲାଗି ତାଙ୍କ ହାଜତ ମିଆଦ ବଢ଼ାଯାଇଥିବା ଜଣାପଡ଼ିଛି। ୪୯ ବର୍ଷୀୟ ଏହି ହୀରା ବ୍ୟବସାୟୀ ବର୍ତ୍ତମାନ ୱାଣ୍ଡସୱର୍ଥ ଜେଲରେ ରହୁଛନ୍ତି। ଗତ ବର୍ଷ ମାର୍ଚ୍ଚ ଆରମ୍ଭରେ ତାଙ୍କୁ ଗିରଫ କରାଯାଇଥିଲା। ରିମାଣ୍ଡ ଶୁଣାଣି ଲାଗି ସେ ୱେଷ୍ଟ ମିନଷ୍ଟର ମାଜିଷ୍ଟ୍ରେଟ କୋର୍ଟରେ ଭିଡିଓଲିଙ୍କ୍ ଜରିଆରେ ହାଜର ହୋଇଥିବା ଜଣାପଡିଛି।

ଏମ୍‌ଏସ୍‌ଏମ୍‌ଇଙ୍କୁ ୧୨,୨୦୧ କୋଟି ଟଙ୍କାର ଋଣ

ନୂଆଦିଲ୍ଲୀ,୧୧।୬

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଦେଶର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଙ୍କୁ ୧୨,୨୦୧ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ୩ ଲକ୍ଷ କୋଟି ଟଙ୍କାର ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍(ଇସିଏଲ୍‌ଜିଏସ୍) ଯୋଜନା ଅନ୍ତର୍ଗତ ଏହି ଋଣ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ଭାଇରସ୍ ପାଇଁ ହୋଇଥିବା ଲକ୍‌ଡାଉନ ଯୋଗୁ କ୍ଷୁଦ୍ର ଶିଳ୍ପଗୁଡ଼ିକ ସମସ୍ୟାରେ ରହିଛନ୍ତି। ଏହାକୁ ଧ୍ୟାନରେ ରଖି ସରକାର ଶିଳ୍ପଗୁଡ଼ିକ ଲାଗି ପୁଞ୍ଜି ବ୍ୟବସ୍ଥା କରିଥିବା ଜଣାପଡିଛି। ଜୁନ୍ ପହିଲାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବ୍ୟାଙ୍କଗୁଡ଼ିକ ୨୪,୨୬୦ କୋଟି ଟଙ୍କାର ଋଣ ଯୋଗାଣ ଲାଗି ବର୍ତ୍ତମାନ ସୁଦ୍ଧା ମଞ୍ଜୁରୀ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଯୋଜନାରେ ଘୋଷଣା କରାଯାଇଥିବା ୨୦ ହଜାର କୋଟି ଟଙ୍କାର ପ୍ୟାକେଜ ଅଧୀନରେ ଋଣ ଯୋଗାଣ ବ୍ୟବସ୍ଥା ସାମିଲ ହୋଇଛି। ମଞ୍ଜୁର ହୋଇଥିବା ୨୪,୨୬୦ କୋଟି ମଧ୍ୟରୁ ବ୍ୟାଙ୍କଗୁଡ଼ିକ ୧୨,୨୦୧ କୋଟି ଟଙ୍କା ବର୍ତ୍ତମାନ ସୁଦ୍ଧା ପ୍ରଦାନ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଟୁଇଟ ଯୋଗେ ସୂଚନା ଦେଇଛନ୍ତି।

ଖେଳ ଖବର

ଜୁନ୍-ଜୁଲାଇରେ ସିରିଜ ସମ୍ଭବ ନୁହେଁ: ଧୁମଲ

ନୂଆଦିଲ୍ଲୀ, ୧୧।୬(ପି.ଟି.)

ଭାରତର ଶ୍ରୀଲଙ୍କା ଗସ୍ତ

ସୀମିତ ଓଭର କ୍ରିକେଟ ସିରିଜ ଖେଳିବା ପାଇଁ ଭାରତୀୟ କ୍ରିକେଟ ଦଳ ଶ୍ରୀଲଙ୍କା ଗସ୍ତରେ ଯିବାର ଥିଲା। ମାତ୍ର କୋଭିଡ-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ସିରିଜ ସମ୍ଭବ ନୁହେଁ ବୋଲି ଉଭୟ ବୋର୍ଡ ଅନୁଭବ କରିଛନ୍ତି। ତେଣୁ ବର୍ତ୍ତମାନ ପାଇଁ ଏହି ସିରିଜକୁ ବାତିଲ କରାଯାଇଛି। ଭାରତୀୟ ଦଳ ୩ଟି ଲେଖାଏ ଏକଦିବସୀୟ ଓ ଟି୨୦ ମ୍ୟାଚ ଖେଳିବା ପାଇଁ ଚଳିତ ମାସ ଶେଷରେ ଶ୍ରୀଲଙ୍କା ଗସ୍ତରେ ଯିବାର ଥିଲା। ସିରିଜର କାର୍ଯ୍ୟସୂଚୀ ପ୍ରକାଶ ପାଇ ନ ଥିଲେ ହେଁ ଜୁଲାଇ ପର୍ଯ୍ୟନ୍ତ ଏହା ଚାଲିବାର ଥିଲା। ''ଜୁନ-ଜୁଲାଇରେ ସିରିଜ ସମ୍ଭବ ନୁହେଁ ବୋଲି ଆମେ ଶ୍ରୀଲଙ୍କା ବୋର୍ଡକୁ ବୁଝାଇଛୁ। ତେବେ ଭବିଷ୍ୟତରେ ଆମେ ଶ୍ରୀଲଙ୍କାରେ ସିରିଜ ଖେଳିବାକୁ ପ୍ରତିଶ୍ରୁତିବଦ୍ଧ'' ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କୋଷାଧ୍ୟକ୍ଷ ଅରୁଣ ଧୁମଲ ପ୍ରକାଶ କରିଛନ୍ତି। ଦେଶରେ ଦ୍ରୁତଗତିରେ କୋଭିଡ କେସ୍ ବଢ଼ି ଚାଲିଥିବାରୁ ଭାରତୀୟ ଖେଳାଳିମାନେ ଏପର୍ଯ୍ୟନ୍ତ ଅଭ୍ୟାସକୁ ଓହ୍ଲାଇପାରି ନାହାନ୍ତି। ତେଣୁ ଏହି ସିରିଜ ବାତିଲ ହେବା ସମ୍ଭାବନା ରହିଥିଲା। ଦେଶରେ ପାଖାପାଖି ୩ ଲକ୍ଷ କରୋନା ପଜିଟିଭ୍ ରହିଥିବାବେଳେ ୮,୦୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି। ମ୍ୟାଚ ଫିଟ୍‌ନେସ ପାଇଁ ଖେଳାଳିଙ୍କୁ ୪ରୁ ୬ ସପ୍ତାହ ପର୍ଯ୍ୟନ୍ତ ଟ୍ରେନିଂ କରିବା ଅତ୍ୟନ୍ତ ଜରୁରୀ। ତେବେ ଅଗଷ୍ଟରେ ସମ୍ଭବ ହେଲେ ଏହି ସିରିଜ ଆୟୋଜନ ପାଇଁ ଉଭୟ ବୋର୍ଡ ସମ୍ମତି ଜଣାଇଛନ୍ତି।

ଭାରତୀୟ ଦଳ ଏବେ ଅଭ୍ୟାସରୁ ଦୂରେଇ ରହିଛି। ଏହା ବ୍ୟତୀତ ଅନ୍ତର୍ଜାତୀୟ ଭ୍ରମଣ ଉପରୁ କେବେ କଟକଣା ଉଠିବ ତାହାକୁ ନେଇ ମଧ୍ୟ ଆମେ ନିଶ୍ଚିତ ନୋହୁ। ତେଣୁ ସିରିଜ ଜୁନ-ଜୁଲାଇରେ କେବେହେଲେ ସମ୍ଭବ ନୁହେଁ'' ବୋଲି ଧୁମଲ କହିଛନ୍ତି। ଶ୍ରୀଲଙ୍କା ବୋର୍ଡ଼ ପକ୍ଷରୁ ମଧ୍ୟ ଏକ ମିଡିଆ ରିଲିଜ ମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ଓଡ଼ିଶା ଏଫ୍‌ସି ଦଳରେ ବୋଡୋ, ପ୍ରେମଜିତ

ଭୁବନେଶ୍ୱର, ୧୧।୬(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ସପ୍ତମ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫସି ଦଳରେ ସାମିଲ ହୋଇଛନ୍ତି ଆସାମର ବୋରିଙ୍ଗଦାଓ ବୋଡୋ ଓ ମଣିପୁରର ଲୈସରାମ ପ୍ରେମଜିତ ସିଂ। ଉଭୟ ଖେଳାଳିଙ୍କ ସହ ଓଏଫସି ଗୁରୁବାର ଚୁକ୍ତି କରିଛି। ୨୦ ବର୍ଷୀୟ ବୋଡୋ ପୂର୍ବରୁ କେରଳ ବ୍ଲାଷ୍ଟର୍ସ ଓ ଚେନ୍ନାଇନ୍ ଏଫସି ପକ୍ଷରୁ ଆଇଏସଏଲ ଖେଳିବାର ଅଭିଜ୍ଞତା ରଖିଛନ୍ତି ଏବଂ ଇଣ୍ଡିଆନ ୟୁଥ୍ ଟିମ୍‌ର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ। କ୍ୟାରିୟରରେ ବେଙ୍ଗାଲୁରୁ ୟୁନାଇଟେଡ, ଗୋକୁଲମ କେରଳ, ମିନର୍ଭା ପଞ୍ଜାବ ସହିତ ଖେଳି ସାରିଥିବା ଏହି ଆସାମ ୱିଙ୍ଗର ଏବେ ଓଏଫସି ସହିତ ୨ ବର୍ଷ ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ଭିତ୍ତିକ କ୍ଲବ ଓଏଫସି ସହିତ ୪ ବର୍ଷ ପାଇଁ ଚୁକ୍ତିବଦ୍ଧ ହୋଇଥିବା ୧୮ ବର୍ଷୀୟ ପ୍ରେମଜିତ ପୂର୍ବରୁ ଆଇ-ଲିଗ୍‌ରେ ମଣିପୁରର ଟ୍ରାଉ ଏଫସି ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

ଉଭୟ ପ୍ରେମଜିତ ଓ ବୋଡୋଙ୍କୁ ସ୍ୱାଗତ କରିଛନ୍ତି ଓଏଫସି ସଭାପତି ରୋହନ ଶର୍ମା। ''ପ୍ରେମଜିତଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ସେ ଯଦି ଦକ୍ଷତା ଅନୁସାରେ ଖେଳିବେ ତେବେ ଆମ ଦଳରେ ଥିବା ଜେରୀଙ୍କ ସମକକ୍ଷ ୱିଙ୍ଗର ହୋଇପାରିବେ। ମାତ୍ର ୧୮ ବର୍ଷୀୟ ହୋଇଥିଲେ ହେଁ ତାଙ୍କ ସ୍କିଡ୍ ପ୍ରଭାବଶାଳୀ। ଆଗାମୀ ୪ ବର୍ଷ ମଧ୍ୟରେ ତାଙ୍କ ପ୍ରଦର୍ଶନରେ ଅଧିକ ଉନ୍ନତି ହେବା ଆଶା ରହିଛି'' ବୋଲି ରୋହନ ପ୍ରକାଶ କରିଛନ୍ତି। ବୋଡୋ ଭାରତର ଶ୍ରେଷ୍ଠ ଯୁବ ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ। ଏବେ ମଧ୍ୟ ସେ ସୁଯୋଗ ପାଇଲେ ଚମତ୍କାରିତା ଦେଖାଇବାର ଦକ୍ଷତା ରଖିଛନ୍ତି। ପ୍ରଦର୍ଶନର ଛାପ ଛାଡ଼ିବା ସହିତ ନିଜ ନାମକୁ ଚର୍ଚ୍ଚାରେ ରଖିବା ପାଇଁ ବୋଡୋ କଠିନ ପରିଶ୍ରମ କରିବା ଆଶା ରହିଛି ବୋଲି ରୋହନ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଏଫସି ସହିତ ଚୁକ୍ତି କରି ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ପ୍ରେମଜିତ ଓ ବୋଡୋ। ''ଓଡ଼ିଶା ଏଫସି ଯୁବ ଖେଳାଳିଙ୍କ ଉପରେ ବିଶ୍ୱାସ ସ୍ଥାପନ କରୁଛି। ମୋ ସହ ଚୁକ୍ତି ପାଇଁ ଏହି କ୍ଲବ ଆଗ୍ରହ ପ୍ରକାଶ କରିଥିବାରୁ ମୁଁ ଆନନ୍ଦିତ। ଏହି ଦଳ ପକ୍ଷରୁ ଆଇଏସଏଲ ଖେଳିବାକୁ ମୁଁ ପ୍ରସ୍ତୁତ। ପେସାଦାର କ୍ୟାରିୟରରେ ଆଗକୁ ବଢ଼ିବା ପାଇଁ ଏହା ମୋ ଲାଗି ବଡ଼ ସୁଯୋଗ'' ବୋଲି ପ୍ରେମଜିତ କହିଛନ୍ତି। '' ମୁଁ ଅତ୍ୟନ୍ତ ଉତ୍ସାହିତ ଏବଂ ଓଡ଼ିଶା ଏଫସି ପକ୍ଷରୁ ଅଭିଯାନ ଆରମ୍ଭ କରିବାକୁ ଅଧିକ ଦିନ ଅପେକ୍ଷା କରିବାକୁ ଚାହୁଁନାହିଁ। ମୋ ପ୍ରତି ବିଶ୍ୱାସସ୍ଥାପନ କରିଥିବାରୁ ମ୍ୟାନେଜମେଣ୍ଟକୁ ଧନ୍ୟବାଦ। ଯୁବ ଖେଳାଳିଙ୍କୁ ଅଧିକରୁ ଅଧିକ ସୁଯୋଗ ଦେଉଥିବା ଏକ ଦଳରେ ଯୋଗଦେଇଥିବାରୁ ମୁଁ ବହୁତ ଖୁସି। ଓଡ଼ିଆ ଦର୍ଶକଙ୍କ ସମ୍ମୁଖରେ ମୁଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ବ୍ୟଗ୍ର। ଆମ ଟିମ୍, ଆମ ଗେମ୍, ଆମ ଓଡ଼ିଶା'' ବୋଲି ବୋଡୋ ପ୍ରକାଶ କରିଛନ୍ତି।

ଲୈସରାମ ପ୍ରେମଜିତ ସିଂ

ବୋରିଙ୍ଗଦାଓ ବୋଡୋ

ଲକ୍‌ଡାଉନ ବୃଦ୍ଧି ଦୀନେଶଙ୍କୁ ଭ୍ରମରେ ପକାଇଥିଲା

କୋଲକାତା, ୧୧।୬ (ପି.ଟି.)

କୋଭିଡ୍-୧୯ ଲକ୍‌ଡାଉନ୍ ମିଆଦ କ୍ରମେ ବୃଦ୍ଧି ଯୋଗୁ ଭାରତୀୟ ଉକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକଙ୍କୁ ଭ୍ରମରେ ପକାଇଥିଲା। କେରୋନାଭାଇରସ୍ ବ୍ୟାପିବାରୁ ମାର୍ଚ୍ଚ ୨୫ରୁ ସମଗ୍ର ଦେଶରେ ଲକ୍‌ଡାଉନ୍ କାର୍ଯ୍ୟକାରୀ କରାଗଲା। ସମସ୍ତ କ୍ରିକେଟରଙ୍କ